


# ସକାଳ
## THE SAKALA


RNI REGD NO: 42041/83 PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ♦VOLUME- 44 ♦ISSUE-02 ♦FRIDAY ♦26 JUNE 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୦୨ ♦ଶୁକ୍ରବାର ♦୨୬ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ବିଜେଡିରେ ସୁଜାତା

## ନବୀନଙ୍କ ପାଦ ଛୁଇଁ ସାଧାରଣ କର୍ମୀ ଭାବେ ଦଳରେ ଯୋଗଦେଲେ

■ ଭୁବନେଶ୍ୱର, ୨୫।୬ (ସମିସ): ବିଜେଡିରେ ସାମିଲ ହୋଇଛନ୍ତି ପୂର୍ବତନ ଆଇଏଏସ୍ ସୁଜାତା ରାଉତ। ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସମାବେଶରେ ଦଳର ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ପାଦ ଛୁଇଁ ସୁଜାତା ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ନବୀନ ଉତ୍ତରୀୟ ପିନ୍ଧାଇ ସୁଜାତାଙ୍କୁ ଦଳରେ ସ୍ୱାଗତ କରିଛନ୍ତି।

### ଆସନ୍ତା ସାଧାରଣ ନିର୍ବାଚନରେ ମୁଁ ଦଳର ନେତୃତ୍ୱ ନେବି: ନବୀନ



ଗୁରୁବାର ଶଙ୍ଖ ଭବନରେ ସୁଜାତା ରାଉତଙ୍କୁ ଦଳରେ ମିଶାଇବା ପାଇଁ ଏକ ସ୍ୱତନ୍ତ୍ର ସମାବେଶରେ ନବୀନ କହିଛନ୍ତି ଯେ ସୁଜାତା ରାଉତ ଜଣେ ସାଧାରଣ ସଦସ୍ୟ ଭାବରେ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କୁ ଏପର୍ଯ୍ୟନ୍ତ କୌଣସି ପଦ ପଦବୀ ଦିଆଯାଇ ନାହିଁ। ତାଙ୍କୁ ଦଳ ଓ ଦଳୀୟ କାର୍ଯ୍ୟ ସହିତ ଅଭ୍ୟସ୍ତ ହେବାକୁ ଦିଆଯାଉ। ଆପଣମାନେ ଜାଣନ୍ତି, ସେ ଭାରତୀୟ ପ୍ରଶାସନିକ ସେବାରେ ଥିଲେ। ସେ ସେହି ପଦବୀରେ ଅନେକ ଦାୟିତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ସବୁଠାରୁ ବଡ କଥା ହେଉଛି ସେ ରାଜ୍ୟର ମହିଳାମାନଙ୍କ ପାଇଁ ବହୁତ କାର୍ଯ୍ୟ କରିଛନ୍ତି। ମୁଁ ନିଶ୍ଚିତ ଯେ, ଯେତେବେଳେ ସେ ବିଜୁ ଜନତା ଦଳରେ ହେଉଥିବା କାର୍ଯ୍ୟକ୍ରମ ସହିତ ଅଭ୍ୟସ୍ତ ହେବେ, ସେ ଦଳର ଜଣେ ଯୋଗ୍ୟ ସଦସ୍ୟ ଭାବରେ ପ୍ରମାଣିତ ହେବେ। ବିଶେଷକରି ମହିଳାମାନଙ୍କ ବିକାଶ ତଥା ▶ପୃଷ୍ଠା-୧୦

## ଦଳ ପାଇଁ ସମ୍ପୂର୍ଣ୍ଣ ନିଷ୍ଠା ଓ ସମର୍ପଣ ଭାବ ନେଇ କାମ କରିବି: ସୁଜାତା



■ ଭୁବନେଶ୍ୱର, ୨୫।୬ (ସମିସ): ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଥିଲେ ଯେ 'କର୍ମଣ୍ୟେ ବାଧିକାରସ୍ତେ, ମା ଫଳେଷୁ କଦାଚନ'। ଆଜି ବି ମୁଁ ସେଇ ଶ୍ଳୋକକୁ ମନେ ରଖିଛି। ପ୍ରତ୍ୟେକ କାମକୁ ନିଷ୍ଠା ଓ ସମର୍ପଣ ଭାବରେ କରି ଆସିଛି। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ, ବିଜେଡିର ସଦସ୍ୟମାନଙ୍କର ଆଶୀର୍ବାଦରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଗକୁ ବି ଅନୁରୂପ ନିଷ୍ଠା ଓ ସମର୍ପଣରେ ଦଳ ପାଇଁ କାମ କରିବି। ଦୀର୍ଘ ୨୪ ବର୍ଷ ଧରି ମୋତେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ମାଟି ଏବଂ ଜନସାଧାରଣଙ୍କ ସେବା କରିବା ପାଇଁ ସୁଯୋଗ ମିଳିଥିଲା। ଆଜି ଓଡ଼ିଶାର ସେବା କରିବାକୁ ପୁଣିଥରେ ନବୀନ ପଟ୍ଟନାୟକ ତାଙ୍କୁ ସୁଯୋଗ ଦେଇଛନ୍ତି ଓ ଏଥିପାଇଁ ସେ କୃତଜ୍ଞ ବୋଲି କହିଛନ୍ତି ସୁଜାତା ରାଉତ। ▶ପୃଷ୍ଠା-୧୦



ସକାଳ THE SAKALA



www.sakalaepaper.com

### ଗାଇଖାଇ ଇକୋ ଟୁରିଜମ ସାଇଟ୍ ମାର୍କେଟ କମ୍ପ୍ଲେକ୍ସ କାମରେ ଦୁର୍ନୀତି ଅଭିଯୋଗ

# ସୁଭଦ୍ରା ଶକ୍ତି କାଫେ ଆରମ୍ଭ ହୋଇନି; ଉନ୍ନତି ନାଁରେ ୧୦ ଲକ୍ଷ ଚଳୁ

ବଲାଙ୍ଗିର,୨୫ ।୬(ସମିସ)

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଲୁହୁରାମୁଣ୍ଡା ପଞ୍ଚାୟତର ଗାଇଖାଇ ଇକୋ ଟୁରିଜମ ସାଇଟରେ ନିର୍ମାଣ ହୋଇଥିବା ଏକ ମାର୍କେଟ କମ୍ପ୍ଲେକ୍ସ କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ଗୋଟିଏ ପ୍ରକଳ୍ପ ସ୍ଥଳରେ ଦୁଇଟି ସୂଚନା ଫଳକ ରହିଛି। ତିନୋଟି ପାଣ୍ଠିରୁ ୨୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ତେବେ ଗୁରୁତର ବିଷୟ ହେଉଛି ଏହି ସ୍ଥାନରେ କେବେ ବି ସୁଭଦ୍ରା ଶକ୍ତି କ୍ୟାଣ୍ଟିନ ଆରମ୍ଭ ହୋଇନି; ହେଲେ ତାହାର ଉନ୍ନତିକରଣ ନାଁରେ ବି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଫଳକରେ ଦର୍ଶାଯାଇଛି। ଏତେ ଟଙ୍କା ଖର୍ଚ୍ଚକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି।

ଗାଇଖାଇ ଡ୍ୟାମକୁ ୩ ବର୍ଷ ତଳେ ଇକୋ ଟୁରିଜିମ ସାଇଟ ଭାବେ ଗ୍ରହଣ କରାଯାଇଥିଲା। ବନ ବିଭାଗ ଅଧୀନରେ



ଏହି ପର୍ଯ୍ୟଟନ ସ୍ଥଳରେ ଅନେକ ଉନ୍ନତିମୂଳକ କାମ କରାଯାଇଥିଲା। ଏହା ହେବା ପରେ ଏହି ପର୍ଯ୍ୟଟନ ସ୍ଥଳରେ ଲୋକଙ୍କ ଭିଡ ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ଏହି ସ୍ଥଳକୁ ବୁଲିବାକୁ ଓ ଭୋଜି କରିବାକୁ ଆସୁଥିବା ଲୋକଙ୍କ ପାଇଁ ରହିଥିବା ଦୋକାନ ପାଇଁ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ପାଇଁ ସ୍ଥାନୀୟ ବ୍ଲକ୍ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏହାକୁ ନିର୍ମାଣ କରିବା ପାଇଁ



ବ୍ଲକ ପକ୍ଷରୁ ୨୦୨୪-୨୫ଆର୍ଥିକ ବର୍ଷରେ ୧୫ଦଶ ଆର୍ଥିକ କମିସନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

ଏହି କାମ ବିନା କୌଣସି ଟେଣ୍ଡରରେ କରାଯାଇଥିବା ବେଳେ ପୁଣି ୨୦୨୫-୨୬ ଆର୍ଥିକ ବର୍ଷରେ ବିକଶିତ ଗାଁ ବିକଶିତ ଓଡିଶା ପାଣ୍ଠିରୁ ଆଉ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଦୁଇ କାମର ସୂଚନା ଫଳକା ପ୍ରକଳ୍ପ ସ୍ଥଳରେ ରହିଛି; କିନ୍ତୁ ବ୍ଲକ ସହକାରୀ ଯନ୍ତ୍ରୀଙ୍କ କହିବା ଅନୁସାରେ ଦୁଇ ନୁହଁ; ତିନୋଟି ପାଣ୍ଠିରୁ ଟଙ୍କା ଖର୍ଚ୍ଚ ହୋଇଛି। ସେହି ପ୍ରକଳ୍ପରେ ଆହୁରି ୪ଲକ୍ଷ




ଟଙ୍କା ଖର୍ଚ୍ଚ ହୋଇଛି ଯାହାର ସୂଚନା ଫଳକ ସେଠାରେ ନାହିଁ। ତେବେ ତାହା କେଉଁ ପାଣ୍ଠି, କ'ଣ ପାଇଁ ଖର୍ଚ୍ଚ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ।

ବିକଶିତ ଗାଁ ବିକଶିତ ଓଡିଶା ପାଣ୍ଠିରୁ ଆସିଥିବା ଅନୁଦାନ ସୁଭଦ୍ରା ଶକ୍ତି କ୍ୟାଫେ ଉନ୍ନତିକରଣ ବାବଦକୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବ ଲେଖା ଯାଇଛି। ଅଥଚ ଆଜି ପର୍ଯ୍ୟନ୍ତ ସୁଭଦ୍ରା ଶକ୍ତି କାଫେ ଆରମ୍ଭ ହୋଇନାହିଁ। ତାହାର ପୁଣି କେମିତି ଉନ୍ନତିକରଣ କରାଗଲା ବୋଲି ପ୍ରଶ୍ନ ଉଠିଛି। ଏହି ମାର୍କେଟ କମ୍ପ୍ଲେକ୍ସ ପ୍ରକଳ୍ପରେ

**୩ ପାଣ୍ଠିରୁ ଖର୍ଚ୍ଚ, ୨ ପାଣ୍ଠିର ସୂଚନା ଫଳକ ଲାଗିଛି**

**ମନଇଚ୍ଛା ୨୪ ଲକ୍ଷ ଖର୍ଚ୍ଚ**

ଆଜବେଷ୍ଟସ ଲାଗିଥିବା ବେଳେ ଏତେ ଟଙ୍କା ଖର୍ଚ୍ଚକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ତେବେ ଏ ନେଇ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ସମ୍ବିତ ବିଶ୍ୱାଳଙ୍କୁ ପଚାରିବାରୁ ବୈଷୟିକ ଜ୍ଞାନ ନ ଥିବା ଲୋକ କେତେ ଟଙ୍କା ଖର୍ଚ୍ଚ ହୋଇଛି କେମିତି ଜାଣିବ? ଆପଣ ଯାହା ଲେଖିବା କଥା ଲେଖନ୍ତୁ। ସେହି କାମ ପାଇଁ ୨୦ ଲକ୍ଷ ନୁହଁ; ୨୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି କହିଛନ୍ତି।

## ଟାର୍ଗେଟ କମ୍ ପାଇଁ ଚାଷୀଙ୍କ ହୋହଲ୍ଲା



ମନମୁଣ୍ଡା,୨୫ ।୬(ସମିସ): ଚାଷୀଙ୍କ ମଣ୍ଡି ଟେନସନ ସରୁନି। ଧାନ କିଣିବା ପାଇଁ ପ୍ରଶାସନ ପାଖରେ ଟାର୍ଗେଟ ନାହିଁ। ୫ ଦିନ ପରେ ଟୋକନ ଅବଧି ସରିବ; ହେଲେ ମଣ୍ଡିରୁ ଚାଷୀଙ୍କ ଧାନ ଉଠୁନି। ଖୋଲାରେ ଧାନ ପଡିଛି। ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକର ଅନେକ ମଣ୍ଡିରେ ହାଜର ହଜାର କୁଇଣ୍ଟାଲ ଧାନ ପଡି ରହିଛି। ବର୍ଷା ଆସିଗଲାଣି। ଚାଷୀ ମୁଣ୍ଡରେ ହାତ ଦେଇ ବସି ରହିଛନ୍ତି। ଏହିପରି ଅବସ୍ଥା ମନମୁଣ୍ଡା ମଣ୍ଡିରେ ମଧ୍ୟ ଦେଖିବାକୁ ମିଳିଛି। ପ୍ରାୟ ୧୦ ହଜାର କୁଇଣ୍ଟାଲ ଧାନ ପଡି ରହିଛି। ଚାଷୀଙ୍କ ଧାନ ମଧ୍ୟ ଗଜା ହୋଇଗଲାଣି। ଆଉ କିଛି ଦିନ ପରେ ଜୁନ୍ ମାସ ସରିବ।

ଚାଷୀଙ୍କ ଟୋକନ ଅବଧି ମଧ୍ୟ ସରିବ। ଚାଷୀ କେବେ ଧାନ ବିକିବେ ଓ ଖରିଫ ଚାଷ ପାଇଁ ପ୍ରସ୍ତୁତ ହେବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଚାଷୀ ଧାନ ବିକ୍ରି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା କହିବା ସହ ଖାଲି ପ୍ରତିଶ୍ରୁତି ହିଁ ମିଳୁଛି ବୋଲି ଚାଷୀ। ମନମୁଣ୍ଡା ମଣ୍ଡିରେ ପ୍ରାୟ ୧୦ ହଜାର କୁଇଣ୍ଟାଲ ଧାନ ପଡି ରହିଛି। ୨୦୦୦ ଟାର୍ଗେଟ ଆସିଥିବା ପ୍ୟାକ୍ସ ସମ୍ପାଦକ ମୃତ୍ୟୁଞ୍ଜୟ ହୋତା କହିଛନ୍ତି। ଏ ନେଇ ଚାଷୀ ନେତା ବିଘ୍ନରାଜ ପଣ୍ଡା ସିଏସ୍ଓ ଶ୍ରୀନାଥ ହାଁସଦାଙ୍କୁ ପଚାରିବାରୁ ତାଙ୍କ ହାତରେ କିଛି ନାହିଁ। ଉପରୁ ଯାହା ଟାର୍ଗେଟ ଆସିଛି। କ'ଣ କରିପାରିବା ବୋଲି କହିଥିଲେ। ଚାଷୀ ନେତା ଶ୍ରୀ ପଣ୍ଡାଙ୍କ କହିବାନୁଯାୟୀ କୃଷି ବିଭାଗ, ଷ୍ଟାଟିଷ୍ଟିକ୍ସ ବିଭାଗ ଓ ପ୍ୟାକ୍ସ ତରଫରୁ ମିଳିତ ଭେରିଫିକେଶନ ରିପୋର୍ଟ ଦେବା କଥା; କିନ୍ତୁ ଷ୍ଟାଟିଷ୍ଟିକ୍ସ ବିଭାଗ କେବଳ ରିପୋର୍ଟ ଦେଇଥିବାରୁ ମନମୁଖୀ ହୋଇଛି। ଅନ୍ୟପକ୍ଷରେ ଏହି ସବୁ ଅସୁବିଧା ନେଇ ଚାଷୀମାନେ ବିକ୍ଷୋଭ କରିଛନ୍ତି। ସବୁ ଧାନ ନ ଉଠିଲେ ରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଛନ୍ତି।

## ୫ଦିନ ହେଲା ଟ୍ରାନ୍ସଫର୍ମର ପୋଡ଼ି ଅଚଳ, ଚିନ୍ତାରେ ଚାଷୀ

କଣ୍ଟାମାଲ,୨୫ ।୬ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ୍ ଆମ୍ବଗାଁ ପଞ୍ଚାୟତ ସଦର ମହକୁମାର ଉଠାଜଳ ସେଚନ ପ୍ରକଳ୍ପର ୨୫କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମ ଦୀର୍ଘ ୫ ଦିନ ହେଲାଣି ପୋଡ଼ି ଅଚଳ ଅବସ୍ଥାରେ ପଡ଼ିରହିଛି। ଏାହା ଫଳରେ ଚାଷୀ କରିଥିବା ଧାନ ମାରିବାକୁ ବସିଲାଣି। ଏହି ଟ୍ରାନ୍ସଫର୍ମରେ ୩୦ରୁ ଅଧିକ ଜଣ ଚାଷୀ ନିର୍ଭର କରୁଛନ୍ତି। ବର୍ତ୍ତମାନ ଧାନ ଚାଷ କରିଥିବାରୁ ପାଣି ଅଭାବରୁ ଧାନ ପଲହା ମାରିବାକୁ ବସିଲାଣି। ଏହାଫଳରେ ଚାଷୀ ଚିନ୍ତାରେ ହତାଶ ହୋଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଯଥା ଶୀଘ୍ର ବିଦ୍ୟୁତ ଟ୍ରାନ୍ସଫର୍ମ ଯୋଗାଇ ଦେବା ପାଇଁ ଚାଷୀ ଧ୍ରୁବା ରଣା, ରାଜୁ ରଣା, ନିତ୍ୟା ରାନା, ଭୁଲା ନାଗ, ଦୁଲେଶ୍ୱର ପୁଟେଲ, ଚନ୍ଦ୍ର ରଣା, ଯୁଧିଷ୍ଠିର ସାହୁ, ଲୋଚନ ପୁଟେଲ୍, ନେପାଳ ପୁଟେଲ ପ୍ରମୁଖ ଦାବୀ କରୁଛନ୍ତି।

## ୧୦ କୁଇଣ୍ଟାଲ ଖଇର କାଠ ଜବତ; ୬ ଜଣ ଗିରଫ



**ଖପ୍ରାଖୋଲ,୨୫ ।୬(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବନାଞ୍ଚଳ ଅଧୀନରେ ଥିବା ହରିଶଙ୍କର ବନଖଣ୍ଡର କର୍ଲାମାଳ ଗାଁ ନିକଟରେ ବନ ବିଭାଗ ୧୦ କୁଇଣ୍ଟାଲ ଖଇର କାଠ ଜବତ କରିଛି। ଏହି ଘଟଣାରେ ବେଲପଡା ଥାନା ଅଧୀନ ପାର୍ଲିମାଲ ଗ୍ରାମର କର୍ଣ୍ଣ ପୋଡ଼, ପୁଡୁ ବରିହା, ଲଳିତ ଥାପା, ଦୁର୍ଜେ ନିଆଲ, ସୋମନାଥ ବରିହା ଓ ଅଙ୍ଗଦ ବରିହା ଗିରଫ ହୋଇଛନ୍ତି। ସେମାନଙ୍କ ପାଖରୁ ଏକ ବାଇକ୍ ମଧ୍ୟ ଜବତ ହୋଇଛି। ଖପ୍ରାଖୋଲ ଫରେଷ୍ଟର ସୁଧୀର ଜେନାଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିଲା ବୋଲି ଖପ୍ରାଖୋଲ ଏସିଫ ତଥା ରେଞ୍ଜର ଅରବିନ୍ଦ ନାଏକ ସୂଚନା ଦେଇଛନ୍ତି।

# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବଲାଙ୍ଗିର,୨୫ ।୬(ସମିସ):** ବଲାଙ୍ଗିର ଜିଲ୍ଲାସ୍ତରୀୟ ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଜିଲ୍ଲାପାଳ ଗୌରଵ ଶିଵାଜୀ




ଇସଲଓ୍ୱାର ଏଥିରେ ଅଧକ୍ଷତା କରିଥିଲେ। ଏହି ଜିଲ୍ଲାସ୍ତରୀୟ କାର୍ଯକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ବୋର୍ଡର ଅଧକ୍ଷ ବଲ୍ଲଭ ଧରୁଆ, ସାଂସଦଙ୍କ ପ୍ରତିନିଧି ଦିନେଶ ଶର୍ମା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ଯୋଜନା ଓ ପରିସଂଖ୍ୟାନ ଉପ-ନିର୍ଦ୍ଦେଶକ ଅଙ୍କିତ ମହାକୁରଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯକ୍ରମରେ ଶ୍ରମ ବିଭାଗ ପକ୍ଷରୁ ମୃତ୍ୟୁକାଳୀନ ସହାୟତା ରାଶି ବାବଦକୁ ୨ ଜଣଙ୍କ ପରିବାର ବର୍ଗକୁ ୩ ଲକ୍ଷ ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସେହିପରି ବିବାହ ସହାୟତା ରାଶି ବାବଦକୁ ୫ ଜଣ ହିତାଧିକାରୀଙ୍କୁ ୫୦ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ୧୦ ଜଣ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ୍ ପ୍ରଦାନ କରାଯାଇଥିଲା। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅଧୀନରେ ୪ ଜଣ ଛାତ୍ରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଜୈବିକ ସାର ଉତ୍ପାଦନ କରୁଥିବା ୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଥିଲା। ସେହିପରି ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ପ୍ରଦାନ କରାଯାଇଥିଲା।

**ବୌଦ୍ଧ:** ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ ବନ୍ଧାପଥର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି।ସରପଞ୍ଚ ଲକ୍ଷ୍ମୀପ୍ରିୟା ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ପ୍ରଧାନ, ନାଏବ ସରପଞ୍ଚ ବସନ୍ତ ଭୋଇ, ସରସରା ରାଜସ୍ୱ ନିରୀକ୍ଷକ ଅନୀଲ୍ ପ୍ରଧାନ, କୃଷି ଗ୍ରାମ ସେବିକା କାମିନୀ ପ୍ରଧାନ, ଏଡିଇଓ ଆହ୍ଲାଦିନୀ ସାହୁ, ଗୌତମ ପ୍ରଧାନ, ଯୋଗାଣ ସହାୟକ ବିଶ୍ୱବନ୍ଦିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅର୍ନ୍ତପୂର୍ଣ୍ଣା ଯୋଜନାର ହିତାଧିକାରୀଙ୍କୁ କାର୍ଡ ଓ କିଛି ହିତାଧିକାରୀଙ୍କୁ ଜମି ପଟା ବର୍ଣ୍ଟନ କରାଯାଇଥିଲା।



## କଣ୍ଟାବାଞ୍ଜି ରେଳ ଷ୍ଟେସନରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ୍



କଣ୍ଟାବାଞ୍ଜି,୨୫ ।୬(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଳବାଇ ଷ୍ଟେସନ ପରିସରରେ ଯାତ୍ରୀ ଓ ସମ୍ପତ୍ତିର ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଷ୍ଟେସନ କିମ୍ବା ଚଳନ୍ତା ଟ୍ରେନରେ ଜରୁରୀକାଳୀନ ପରିସ୍ଥିତି କିମ୍ବା ଅଗ୍ନିକାଣ୍ଡ ଭଳି ଅଘଟଣ ଘଟିଲେ କିଭଳି ତତ୍କାଳ ଉଦ୍ଧାର କାର୍ଯ୍ୟ କରାଯିବ ଏବଂ ନିଆଁକୁ ଆୟତ୍ତ କରାଯାଇପାରିବ ସେ ନେଇ ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେଳବାଇ ପୁଲିସ ଫୋର୍ସ, ଜିଆରପି ଏବଂ ରେଳବାଇର ଅନ୍ୟାନ୍ୟ କର୍ମଚାରୀଙ୍କୁ ସାମିଲ କରାଯାଇ ସଚେତନ କରାଯାଇଥିଲା। ଅଗ୍ନିଶମ ବାହିନୀ ପକ୍ଷରୁ ଉପସ୍ଥିତ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାରର ଅଗ୍ନିନିର୍ବାପକ ଯନ୍ତ୍ରର ବ୍ୟବହାର ଏବଂ ଜରୁରୀ ସମୟରେ ପ୍ରାଥମିକ ପଦକ୍ଷେପ କିଭଳି ନିଆଯିବ ସେ ସମ୍ପର୍କରେ ଏକ ପ୍ରତ୍ୟକ୍ଷ ପ୍ରଦର୍ଶନ ଦେଖାଯାଇଥିଲା। ଏହି ସୁରକ୍ଷା ପ୍ରଶିକ୍ଷଣ ଓ ମକ ଡ୍ରିଲ୍ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ଅଗ୍ନିଶମ ବିଭାଗର ଅଧିକାରୀ ଶକ୍ତି ପ୍ରସାଦ ନାୟକଙ୍କ ସମେତ ବିଭାଗର ହାବିଲଦାର କଳାକାହ୍ନୁ ମେହେର, ଚୈତନ୍ୟ ମହାରଣା, ଫାୟାର ଫାଇଟର ଅନ୍ତର୍ଯ୍ୟାମୀ ବୁଡେକ, ଜନ୍ମେଜୟ ସାହୁ, ହେମପ୍ରସାଦ ଧରୁଆ, ରମାନନ୍ଦ ନାଏକ ସହ ଅନ୍ୟାନ୍ୟ କର୍ମଚାରୀ ଏବଂ ରେଳବାଇ ଅଧିକାରୀମାନେ ସାମିଲ ହୋଇ ଏହାକୁ ପରିଚାଳନା କରିଥିଲେ। ରେଳ ଷ୍ଟେସନ ଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଏଭଳି ସଚେତନତା ଜନସାଧାରଣ ଓ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବେଶ୍ ସହାୟକ ହେବ ବୋଲି ମତପ୍ରକାଶ ପାଇଛି।

## ବିଜୁଳି ସମସ୍ୟା ସମାଧାନ ପାଇଁ ନରସିଂହଙ୍କୁ ଅଭିଯୋଗ



ବଲାଙ୍ଗିର,୨୫ ।୬(ସମିସ): ଲୋଇସିଂହା ବ୍ଲକ୍ କୁସମେଲ ପଞ୍ଚାୟତ ଫଟାବାହାଲ ଗାଁର ସ୍କୁଲପଡା ବାସିନ୍ଦା ବିଜୁଳି ସମସ୍ୟା ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ପଡା ଯାହାକି ମୁଖ୍ୟ ରାସ୍ତାରୁ ୧୦୦ରୁ ୨୦୦ ମିଟର ଭିତରେ ଅବସ୍ଥିତ। ପଡାରେ ବିଜୁଳି ଅଛି; ହେଲେ ବାଉଁଶ ଯୋଗେ ତାର ଟଣା ଯାଇଥିବାରୁ କିନ୍ତୁ ଟିକିଏ ବର୍ଷା ପବନ ହେଲେ ସରବରାହ ବନ୍ଦ ହୋଇଯାଉଛି। ସେହିଭଳି ଗାଡି ମଟର ରାସ୍ତାରେ ଗଲେ ତାର ବାଜି ଛିଣ୍ଡି ଯାଉଛି। ବିଭାଗକୁ ଯେତେ ଅଭିଯୋଗ କଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁ ନାହାନ୍ତି। ଏଣୁ ଦିନ ଦିନ ଧରି ବିଜୁଳି ରହୁନାହିଁ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ପଡାର ମହିଳାମାନେ ଅଟଟକାଇ ସେମାନଙ୍କ ସମସ୍ୟା ଜଣାଇଛନ୍ତି। ଏହାକୁ ନେଇ ତୁରନ୍ତ ଶ୍ରୀ ମିଶ୍ର ବିଜୁଳି ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏବଂ ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଯେତେ ଶିଘ୍ର ହେବ ପୋଲ୍ ମାଧ୍ୟମରେ ବିଜୁଳି ସଂଯୋଗ କରିବାକୁ ଶ୍ରୀ ମିଶ୍ର ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ରିତା ବିଶ୍ୱାଳ, ମମତା ବିଶ୍ୱାଳ, ସନାତନ ବିଶ୍ୱାଳ, ସୁରଭି ବିଶ୍ୱାଳ, କୋ÷÷ଶଲ୍ୟା ବିଶ୍ୱାଳ, ରଏବାରି ବିଶ୍ୱାଳ, ସୁର ବେହେରା, ପ୍ରମିଳା ବଢେଇ, ଯଦୁମଣି ପ୍ରଧାନ ପ୍ରମୁଖ ନରସିଂହଙ୍କୁ ସମସ୍ୟା ଜଣାଇଥିଲେ।

## ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ଦେଓଗାଁ,୨୫ ।୬(ସମିସ): ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ରାଜ୍ୟ ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ପରିବର୍ତ୍ତନ କରାଯାଇଛି; ହେଲେ ଏବେ ସୁଦ୍ଧା ବିଭିନ୍ନ ବହିରେ ୨୬୦୦ଟି ଭୁଲ୍ ପରିଲକ୍ଷିତ ହେଲାଣି। ଏଣୁ ଏହି ବହିଗୁଡ଼ିକ ପ୍ରତ୍ୟାହାର କରି ନୂତନ ପାଠ୍ୟପୁସ୍ତକ ବିତରଣ କରିବା, ଗଣଶିକ୍ଷା ମନ୍ତ୍ରୀଙ୍କ ସମେତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବା, ବିଜ୍ଞାନସମ୍ମତ ପାଠ୍ୟକ୍ରମ ଭିତ୍ତିକ ନିର୍ଭୁଲ୍ ପାଠ୍ୟ ପୁସ୍ତକ ପ୍ରସ୍ତୁତ ନ ହେବା ଯାଏ ଗତ ବର୍ଷର ବହିରେ ଶିକ୍ଷା ଦାନ କରିବା, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷା ନୀତି-୨୦୨୦କୁ ସଂପୂର୍ଣ୍ଣ ବାତିଲ କରିବାକୁ ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ ଦେଓଗାଁ ବ୍ଲକ୍ ଆଞ୍ଚଳିକ କମିଟି ଦାବି କରିଛି। ଦେଓଗାଁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଓଗାଁ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ଉପ ସଭାପତି ସୁନିଲ ଭୋଇ, ଜିଲ୍ଲା ସମ୍ପାଦିକା ଗୌରି ରାଉତ, ଜିଲ୍ଲା ସଭାପତି ମଧୁସୂଦନ ବାଗ, ଜିଲ୍ଲା ଉପ ସଭାନେତ୍ରୀ ଅହଲ୍ୟା ସାହୁ, ପ୍ରଭାସିନୀ ଭୋଇ, ଜିଲ୍ଲା କମିଟି ସଭ୍ୟ ତଥା ଦେଓଗାଁ ବ୍ଲକ ସଂଗଠକ ତୁଳସୀକ ବାଗ, ନିରଞ୍ଜନ ରଣା, ରଜତ ପ୍ରଧାନ, ଶ୍ରୀତମ ରଣା, ଆଲୋକ ରଣା ଅଭିଭାବକ ପିଙ୍କି ରଣା, ରୀନା ରଣା, ସିମା ରଣା, ଉର୍ମିଳା ରଣାଙ୍କ ସହ ବହୁ ଛାତ୍ରଛାତ୍ରୀ ସାମିଲ ଥିଲେ।




### ଝାରସୁଗୁଡ଼ା ଜିଲ୍ଲାର ୪୧୪ ଘର ଉପରେ ସୋଲାର ପ୍ୟାନେଲ୍ ସ୍ଥାପନ ହେବ

## ଟିପିଡବ୍ଲୁଓଡିଏଲ୍ ଏବଂ ବେଦାନ୍ତ ଆଲୁମିନିୟମ ମଧ୍ୟରେ ଚୁକ୍ତି

ବୁର୍ଲା/ଝାରସୁଗୁଡ଼ା,୨୫ ।୬(ସମିସ): ପଶ୍ଚିମ ଓଡ଼ିଶାରେ ସବୁଜ ଶକ୍ତି ଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାର ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲଏ) ମଡେଲ୍ ଅଧୀନରେ ରୁଫ୍‌ଟପ୍ ସୋଲାର୍ ପ୍ରକଳ୍ପ କାର୍ଯକାରୀ କରିବା ପାଇଁ ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଆଲୁମିନିୟମ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ବେଦାନ୍ତ ଆଲୁମିନିୟମର ସିଏସଆର୍ ପାଣ୍ଠି ସହାୟତାରେ ଏହାର କାର୍ଯକ୍ଷମ କ୍ଷେତ୍ରରେ ଅବସ୍ଥିତ ଗ୍ରାମଗୁଡ଼ିକର ୪୧୪ ପରିବାର ତଥା ଘରର ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନ କରାଯାଇବାକୁ ସ୍ଥିର କରାଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯକ୍ରମରେ ଟିପିଡବ୍ଲୁଓଡିଏଲ୍‌ର ଆର୍ଥିକ ଏବଂ ଏବଂ ନିୟାମକ ବ୍ୟାପାର ବିଭାଗର ମୁଖ୍ୟ ମୋହିତ ଜୈନ ଏବଂ ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସି. ଚନ୍ଦ୍ରଙ୍କ ମଧ୍ୟରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି ସମାଜର ପ୍ରତ୍ୟେକ ବର୍ଗଙ୍କ ପାଖରେ ସୌର ଶକ୍ତିର ସୁବିଧା ପହଞ୍ଚାଇବା ପାଇଁ ଟିପିଡବ୍ଲୁଓଡିଏଲ୍ ପ୍ରତିବଦ୍ଧ। ବେଦାନ୍ତ ଆଲୁମିନିୟମ ସହିତ ଏହି ସହଯୋଗ ଗ୍ରାମୀଣ ପରିବାରମାନଙ୍କୁ ସୁଲଭ ଓ ସ୍ୱଚ୍ଛ ଶକ୍ତି ସମାଧାନ ପ୍ରଦାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୟୁଏଲଏ ମଡେଲ୍ ମାଧ୍ୟମରେ ରୁଫଟପ୍ ସୋଲାର ଗ୍ରହଣ ପ୍ରକ୍ରିୟାକୁ ସହଜ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଝାରସୁଗୁଡ଼ା




ଜିଲ୍ଲାର ଭୂର୍ଖାମୁଣ୍ଡା, ବଞ୍ଜାରୀ, ବୃନ୍ଦାମାଳ, ଚିତୁଆପଡ଼ା, କାଟିକେଲା, କୁରେବଗା, ସିରିଆପାଲି ଏବଂ ସୁନାରୀମୁଣ୍ଡା ଗ୍ରାମର ୪୧୪ ଜଣ ଯୋଗ୍ୟ ଗ୍ରାହକଙ୍କୁ ଚିହ୍ନଟ କରାଯାଇଛି। ପ୍ରଥମ ପର୍ଯ୍ୟାୟର ସଫଳ କାର୍ଯ୍ୟନ୍ୱୟନ ପରେ ଟିପିଡବ୍ଲୁଓଡିଏଲ୍ ଓ ବେଦାନ୍ତ ଆଲୁମିନିୟମ ଏହି ପଦକ୍ଷେପକୁ ଆହୁରି ବ୍ୟାପକ କରିବାକୁ ପ୍ରତିବଦ୍ଧତା ରହିଛି। ଏଥିପାଇଁ ଉଭୟ କମ୍ପାନୀ ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ଯୋଗ୍ୟ ପରିବାରଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି।

# ପେସା ଶିକ୍ଷୟିତ୍ରୀ; ନିଶା ଚିତ୍ରକଳା

**ବଲାଙ୍ଗିର,୨୫ ।୬(ସମିସ):** ଶିକ୍ଷାଦାନ ହେଉଛି ତାଙ୍କ ପେସା; କିନ୍ତୁ ଚିତ୍ରକଳା ହେଉଛି ତାଙ୍କ ନିଶା। ନିଜ କର୍ମବ୍ୟସ୍ତ ଜୀବନ ଭିତରେ ସମୟ ବାହାର କରି ରଙ୍ଗ ଓ ତୂଳୀ ମାଧ୍ୟମରେ ଆକର୍ଷଣୀୟ କଳାକୃତି ସୃଷ୍ଟି କରିଛନ୍ତି। ଏଭଳି ଜଣେ ପ୍ରତିଭା ହେଲେ ବଲାଙ୍ଗିର ଜିଲ୍ଲା ଗାନ୍ଧୀନଗରପଡ଼ା ବାସିନ୍ଦା ପୂଜାରାଣୀ ତ୍ରିପାଠୀ। ସେ ଜଣେ ଶିକ୍ଷୟିତ୍ରୀ ହୋଇଥିଲେ ମଧ୍ୟ ତାଙ୍କର ଅସାଧାରଣ ପ୍ରତିଭା ପାଇଁ ଆଜି ଅନେକଙ୍କ ମଧ୍ୟରେ ପରିଚିତ। ଛୋଟବେଳୁ ଚିତ୍ରକଳା ପ୍ରତି ଥିବା ତାଙ୍କର ଆଗ୍ରହ ଓ ଭଲପାଇବା ଆଜି ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ନିଜ ଦକ୍ଷତା ବଳରେ ସେ କେବଳ ନିଜ ପାଇଁ ନୁହେଁ; ବରଂ ଅନେକ କୁନି କୁନି ପିଲାଙ୍କ ପାଇଁ ମଧ୍ୟ ପ୍ରେରଣାର ଉତ୍ସ ପାଲଟିଛନ୍ତି। ପୂଜାରାଣୀଙ୍କ ଚିତ୍ରକଳା ଯାତ୍ରା ପିଲାବେଳୁ ଆରମ୍ଭ ହୋଇଥିଲା। ପାଠପଢ଼ା




ସହିତ ସେ ଖାଲି ସମୟରେ ବିଭିନ୍ନ ପ୍ରକାରର ଚିତ୍ର ଆଙ୍କିବାକୁ ଭଲ ପାଉଥିଲେ। ଧୀରେ ଧୀରେ ତାଙ୍କର ଏହି ରୁଚି ଏକ ନିଶାରେ ପରିଣତ ହୋଇଥିଲା। ପ୍ରକୃତି, ସାମାଜିକ ବାର୍ତ୍ତା, ଧାର୍ମିକ ଚିତ୍ର ଓ ବିଭିନ୍ନ ବ୍ୟକ୍ତିତ୍ୱଙ୍କ ପ୍ରତିକୃତି ଆଙ୍କିବାରେ ସେ ବେଶ୍ ପାରଙ୍ଗମ। ତାଙ୍କ ହାତରେ ଅଙ୍କିତ ଚିତ୍ରଗୁଡ଼ିକ ଦେଖିଲେ ଯେକୌଣସି ବ୍ୟକ୍ତି ଆକର୍ଷିତ ହୋଇଯାଆନ୍ତି। ଚିତ୍ରକଳା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ସେ ବଲାଙ୍ଗିରର "କଳାଧାମ ଏକାଡେମୀ'ରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ସେଠାରେ ଚିତ୍ରଶିଳ୍ପୀ ଦିଲୀପ ସିଂଦେଓଙ୍କଠାରୁ ଚିତ୍ରକଳାର ବିଭିନ୍ନ ଦିଗ ସମ୍ପର୍କରେ ଶିକ୍ଷା ଲାଭ କରିଥିଲେ। ଗୁରୁଙ୍କ ମାର୍ଗଦର୍ଶନ ଓ ନିଜର ଅକ୍ଲାନ୍ତ ପରିଶ୍ରମ ବଳରେ ସେ ଚିତ୍ରକଳା କ୍ଷେତ୍ରରେ ନିଜକୁ ସୁପ୍ରତିଷ୍ଠିତ କରିପାରିଛନ୍ତି। ପୂଜାରାଣୀ ବିଭିନ୍ନ ସମୟରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା ଓ କଳା ପ୍ରଦର୍ଶନୀରେ ଭାଗ ନେଇ ଅନେକ ପୁରସ୍କାର ଓ ସମ୍ମାନ ଅର୍ଜନ କରିଛନ୍ତି। ତାଙ୍କର ଚିତ୍ରକଳା ପ୍ରତିଭା ପାଇଁ ସେ ବିଭିନ୍ନ ମହଲରୁ ପ୍ରଶଂସା ମଧ୍ୟ ସାଉଁଟିଛନ୍ତି।

ତେବେ ସଫଳତା ପାଇଲା ପରେ ମଧ୍ୟ ସେ କେବେ ନିଜର ମୂଳ ଲକ୍ଷ୍ୟକୁ ଭୁଲିନାହାନ୍ତି। ଆଜି ମଧ୍ୟ ସେ ନିରନ୍ତର ଭାବେ ନୂତନ ନୂତନ ଚିତ୍ର ସୃଷ୍ଟି କରିବାରେ ଲାଗିପଡ଼ିଛନ୍ତି। ବର୍ତ୍ତମାନ ସେ ଧୂମାମରା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ଜଣେ ଶିକ୍ଷୟିତ୍ରୀ ଭାବେ ସେ ଯେପରି ପିଲାମାନଙ୍କୁ ଶିକ୍ଷା ଦେଉଛନ୍ତି ସେହିପରି ଚିତ୍ରକଳା ପ୍ରତି ଥିବା ତାଙ୍କର ଅନୁଭବ ଓ ଦକ୍ଷତାକୁ ମଧ୍ୟ ନୂତନ ପିଢ଼ି ନିକଟରେ ପହଞ୍ଚାଉଛନ୍ତି। ଅନେକ କୁନି କୁନି ପିଲାଙ୍କୁ ଶିଖାଉଛନ୍ତି। ତାଙ୍କର ଏହି ପ୍ରୟାସ ଦ୍ୱାରା ଅନେକ ପିଲା ନିଜ ଭିତରେ ଲୁଚି ରହିଥିବା କଳା ପ୍ରତିଭାକୁ ବିକଶିତ କରିବାର ସୁଯୋଗ ପାଉଛନ୍ତି। ପୂଜାରାଣୀଙ୍କ ମତରେ ଚିତ୍ରକଳା କେବଳ ଏକ କଳା ନୁହେଁ; ବରଂ ମନର ଭାବନାକୁ ପ୍ରକାଶ କରିବାର ଏକ ସୁନ୍ଦର ମାଧ୍ୟମ। ତେଣୁ ସେ ଚାହାନ୍ତି ଯେ ଅଧିକରୁ ଅଧିକ ପିଲା ଏହି କଳା ପ୍ରତି ଆକୃଷ୍ଟ ହୁଅନ୍ତୁ ଓ ନିଜର ସୃଜନଶୀଳତାକୁ ବିକଶିତ କରନ୍ତୁ।

## ଫେରିବାଲାଙ୍କୁ ଲୁଟ୍ ପରେ ବାଳକଙ୍କୁ ଧକ୍କା ଦେଇ ଦୁର୍ବୃତ୍ତଙ୍କ କାର୍ ଦୁର୍ଘଟଣାଗ୍ରସ୍ତ

# ଫେରାର୍ ବେଳେ ଜଣକୁ କାବୁକଲେ ଲୋକେ





ବାଳକ ଗୁରୁତର

ରାୟଗଡ଼, ୨୬।୬(ସମିସ): ରାୟଗଡ ଥାନା ଅନ୍ତର୍ଗତ ତଳଗୁମ୍ମା ଅଞ୍ଚଳର କିଆପୁଟ ମନ୍ଦିର ନିକଟରେ ଗୁରୁବାର ସକାଳେ ଜଣେ ଫେରିବାଲାଙ୍କୁ ଆକ୍ରମଣ କରି ନଗଦ ୮ ହଜାର ଟଙ୍କା ଓ ଏକ ମୋବାଇଲ ଫୋନ ଲୁଟ୍ କରାଯାଇଥିବା ବେଳେ ପଳାୟନ ସମୟରେ ଦୁର୍ବୃତ୍ତମାନଙ୍କ କାର ଓଲଟି ପଡିଥିଲା। ଏହି ଦୁର୍ଘଟଣାରେ ଜଣେ ୧୩ ବର୍ଷୀୟ ବାଳକ ଗୁରୁତର ଆହତ ହୋଇଥିବା ବେଳେ ଜଣେ ସନ୍ଦିଗ୍ଧଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୁଲିସ ହାତରେ ଦେଇଛନ୍ତି। ସୂଚନା ଅନୁଯାୟୀ, ଆଜି ସକାଳେ ନିଜ ବାଇକ ଯୋଗେ ରସିକ ହୁସେଖ ନାମକ ଜଣେ ଫେରିବାଲା ଆସୁଥିବା ବେଳେ କିୟାପୁଟ ନିକଟରେ ୪ରୁ ୫ ଜଣ ଦୁର୍ବୃତ୍ତ ଫେରିବାଲାଙ୍କୁ ଆକ୍ରମଣ କରି ତାଙ୍କଠାରୁ ଟଙ୍କା ଓ ମୋବାଇଲ ଲୁଟ୍ କରିଥିଲେ। ପରେ ସେମାନେ ଏକ କାରରେ ଦ୍ରୁତ ଗତିରେ ଘଟଣାସ୍ଥଳରୁ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ଆୟୁଷ ଡାଙ୍ଗରି ନାମକ ୧୩ ବର୍ଷୀୟ ଏକ ଶିଶୁଙ୍କୁ ଧକ୍କା ଦେଇଥିଲେ। ଧକ୍କା ପରେ କାରଟି ଶିଶୁର ଦୁଇ ଗୋଡ଼ ଉପରେ ଚଢ଼ିଯାଇଥିବା ଅଭିଯୋଗ ହୋଇଛି। ଦୁର୍ଘଟଣା ପରେ କାର ଚାଳକ ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଏହାପରେ କାରରେ ଥିବା କିଛି ବ୍ୟକ୍ତି ନିକଟସ୍ଥ ପାହାଡ଼ ଆଡ଼କୁ ପଳାଇ ଯାଇଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୁଲିସରେ ଜିମା ଦେଇଥିଲେ। ଗୁରୁତର ଆହତ ଆୟୁଷଙ୍କୁ ପ୍ରଥମେ ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ଏପଟେ ଲୁଟ୍‌ର ଶିକାର ହୋଇଥିବା ଫେରିବାଲା ରସିକ ହୁସେଖ ରାୟଗଡ଼ ଥାନାରେ ଏନେଇ ଅଭିଯୋଗ ଦାଖଲ କରିଛନ୍ତି। କୁମ୍ଭିକୋଟା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଫେରାର ଅନ୍ୟ ଅଭିଯୁକ୍ତମାନଙ୍କୁ ଯଥାଶୀଘ୍ର ଧରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି

# ସେମିଳିଗୁଡା ମହାବିଦ୍ୟାଳୟରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର



ସେମିଳିଗୁଡା, ୨୬।୬ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବଳର ମିଳିତ ଆନୁକୂଲ୍ୟରେ ବାତ୍ୟା, ବନ୍ୟା, ଭୂମିକମ୍ପ ପରି ପ୍ରାକୃତିର ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ ସି ସିଂହଙ୍କ ଅଧ୍ୟକ୍ଷତାରେ ଓ ଦେଶର ତୃତୀୟ ବାଟାଲିୟନ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବଳ(ଏନ୍‌ଡିଆର୍‌ଏଫ୍), ମୁଣ୍ଡଳୀ, କଟକର ପାଞ୍ଚଜଣିଆ ଦଳ ଇନ୍ସପେକ୍ଟର ପି. କେ. ଯାଦବଙ୍କ ନେତୃତ୍ୱରେ ସବ୍-ଇନ୍ସପେକ୍ଟର ସୁଖବିର ସିଂହ, ହାବିଲଦାର ଶ୍ରୀକାନ୍ତ ଦାଶ, ଭି. ତୁଳସୀ ଦାସୁ, ସିଟି. ଜିଡି ପ୍ରଭାତ ପଟେଲ, ୟୁ କେ. ମେହେର ଏବଂ ଆପଲା ରାଜୁଙ୍କ ମାଧ୍ୟମରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରତିକ୍ରିୟା ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ସଚେତନ କରାଯାଇଥିଲା। ବନ୍ୟା, ଭୂମିକମ୍ପ, ଘୂର୍ଣ୍ଣିଝଡ଼ ସହ ବଜ୍ରପାତ, ସାପ କାମୁଡ଼ା ଏବଂ ଅନ୍ୟାନ୍ୟ ପ୍ରାକୃତିକ ଓ ମାନବସୃଷ୍ଟ ବିପଦ ସମୟରେ କିପରି ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖାଯାଇପାରିବ, ସେ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା। ଏନଡିଆରଏଫ୍ ଦଳ ଦ୍ୱାରା ପ୍ରି-ହସ୍ପିଟାଲ ଟ୍ରିଟମେଣ୍ଟ, ପ୍ରାଥମିକ ଚିକିତ୍ସା, କାର୍ଡିଓ-ପଲ୍ମୋନାରୀ ରିସସିଟେସନ୍ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ପଦ୍ଧତି ଉପରେ ପ୍ରାୟୋଗିକ ପ୍ରଦର୍ଶନ କରାଯାଇଥିଲା। ଏହାସହ ବିପର୍ଯ୍ୟୟ ସମୟରେ ତ୍ୱରିତ ପ୍ରତିକ୍ରିୟା, ସୁରକ୍ଷିତ ସ୍ଥାନାନ୍ତରଣ ଏବଂ ସମୁଦାୟ ଭିତ୍ତିକ ବିପର୍ଯ୍ୟୟ ପ୍ରସ୍ତୁତିର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ରମେଶ କୁମାର ମଲ୍ଲିକ ଏବଂ ସ୍ନିଗ୍ଧା ପଟ୍ଟନାୟକ ଓ ସେମାନଙ୍କ ସ୍ୱେଚ୍ଛାସେବୀଙ୍କ ନେତୃତ୍ୱରେ ତିନିଶହ ବାଉନ ଛାତ୍ରଛାତ୍ରୀ ଏହି ପ୍ରଶିକ୍ଷଣ ଶିବିରରେ ଅଂଶ ଗ୍ରହଣ କରିଥିଲେ। ଶ୍ରୀ ହରପ୍ରସାଦ ପତି, ଶ୍ରୀ ଦେବରାଜ ନାୟକ, ହରେକୃଷ୍ଣ ସାହୁ, ଡ଼. ବିଦ୍ୟୁତପ୍ରଭା ରାଉତ, ସୁରେଶ ପାଇକରାୟ, ରିସବିତା ଖୋସ୍ଲା, ରୋନାଲି ନାୟକ, ଦିଗେଶ୍?ରୀ ଶିଖା, ଅମିତା ହୋତା, ବିଜୟଲକ୍ଷ୍ମୀ ଦଳେଇ, ରସ୍ମିତା ସାହୁ, ସୁମିତ୍ରା ଗିରି, ଅର୍ଚ୍ଚନା ବିଷୋୟୀ, ସତ୍ୟନାରାୟଣ ମିଶ୍ର, ଅଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଶେଷରେ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବଳର ପ୍ରଶିକ୍ଷକ ଦଳକୁ ଉପହାର ଏବଂ ଉପଢ଼ୌକନ ପ୍ରଦାନ କରି ସମ୍ମାନୀତ କରାଯାଇଥିଲା। ଶିବିରର ଅନ୍ତିମ ପର୍ଯ୍ୟାୟରେ ଅଧ୍ୟାପିକା ରିସବିତା ଖୋସ୍ଲା ଧନ୍ୟବାଦ ଜ୍ଞାପନ ସହ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରିଥିଲେ।

# ଲାଛନାଗୁଡ଼ା ସ୍କୁଲ୍‌ରେ ପୋଷାକ ବିତରଣ



କୁନ୍ଦୁରା, ୨୬।୬(ସମିସ): କୁନ୍ଦୁରା ବ୍ଲକ ବାଣୁଆଗୁଡ଼ା ପଞ୍ଚାୟତ ସ୍ଥିତ ଲାଛନାଗୁଡା ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସରୋଜ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନବମ ଏବଂ ଦଶମ ଶ୍ରେଣୀର ୨୧୦ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଥିଲା। ଅତିଥି ଭାବେ ସରପଞ୍ଚ ଦୂତୀ ଭୂମିଆ, ଏସଏମଡିସି ସଭାପତି ସୁନ୍ଦର ମାଳି ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ,ଆଲୁମିନି ସଭାପତି ଜଗନ୍ନାଥ ହାଲବା, ସରୋଜ ସାବତ,ଏବଂ ପ୍ରଫୁଲ ଆଚାର୍ଯ୍ୟ ପ୍ରମୂଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ ଦୁଇ ମାସ ପୂର୍ବରୁ ପ୍ରଦାନ କରାଯାଇଛି। ସ୍କୁଲ ଖୋଲିବା ସଙ୍ଗେ ସଙ୍ଗେ ପୋଷାକ ବଣ୍ଟନ ହୋଇ ଥିବାରୁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

# ପରିତ୍ୟକ୍ତ କୂଅରେ ପଡ଼ି ବଳଦ ଆହତ

ନନ୍ଦପୁର,୨୬।୬(ସମିସ): ନନ୍ଦପୁର ବ୍ଲକ ଅନ୍ତର୍ଗତ ଭେଜା ଗ୍ରାମ ନିକଟରେ ଥିବା ଏକ ପରିତ୍ୟକ୍ତ ଖୋଲା କୂଅରେ ପଡ଼ି ଏକ ବଳଦ ଗୁରୁତର ହୋଇଛି। ଭେଜା ଗ୍ରାମର ସୂର୍ଯ୍ୟ ଶୁକ୍ରିଙ୍କ ଏକ ବଳଦ ପୂର୍ବାହ୍ନରେପଡିଆ ରେ ଚରୁଥିବା ସମୟରେ କୌଣସି ପ୍ରକାରେ ନିକଟସ୍ଥ ଏକ ପରିତ୍ୟକ୍ତ ଓ ଅସୁରକ୍ଷିତ କୂଅ ଭିତରକୁ ଖସି ପଡ଼ିଥିଲା। ବଳଦଟି କୂଅ ଭିତରେ ଫସି ରହିଥିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇନଥିଲେ। ପରେ ନନ୍ଦପୁର ଅଗ୍ନିଶମ ବାହିନୀର ସହାୟତା ଲୋଡ଼ା ଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘ ସମୟର ପ୍ରୟାସ ପରେ ବଳଦଟିକୁ ସୁରକ୍ଷିତ ଭାବେ କୂଅରୁ ବାହାର କରାଯାଇଥିଲା। ପରିତ୍ୟକ୍ତ ଓ ଖୋଲା କୂଅଗୁଡ଼ିକୁ ତୁରନ୍ତ ସୁରକ୍ଷିତ କରିବା ପାଇଁ ଅନୁରୋଧ କରାଯାଇଛି।

## ● ଥୁଆଗୁଡା-ବଣ୍ଡେଲି ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ

# ପିଏମ୍ ଜନମନ ଯୋଜନା ରାସ୍ତା କାମରେ ପ୍ରଶ୍ନବାଚୀ



ରାୟଗଡ,୨୬।୬ (ସମିସ): ରାୟଗଡ ଜିଲ୍ଲା ବିଷମକଟକ ବ୍ଲକ କୁର୍ଲି ଗ୍ରାମ ପଞ୍ଚାୟତର ନିୟମଗିରି ପାହାଡଦେଶରେ ଥିବା ବଣ୍ଡେଲି ଗ୍ରାମବାସୀ ଥୁଆଗୁଡା ଠାରୁ ବଣ୍ଡେଲି ଗ୍ରାମ ପର୍ଯ୍ୟନ୍ତ ଚାଲିଥିବା ପିଏ ଜନମନ ଯୋଜନା ଅଧିନ ରାସ୍ତା କାମ ଅତି ନିମ୍ନମାନର ହୋଇଥିବା ଅଭିଯୋଗ କରି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀମାନେ ଉକ୍ତ ଯୋଜନାରେ ଚାଲିଥିବା କାମ ଅତି ନିମ୍ନମାନର ହେଉଥିବା ନେଇ ପୂର୍ବରୁ ଅଭିଯୋଗ କରିଆସିଥିଲେ। ରାସ୍ତାରେ ପିଚୁସ୍ତର ଠିକ୍ ଭାବେ ଦିଆଯାଇ ନ ଥିବା ବେଳେ ଘାଟି କଟିଙ୍ଗ ମଧ୍ୟ ଠିକ୍ ରୂପେ ହୋଇ ନ ଥିବାରୁ ଗ୍ରାମବାସୀମାନେ ଯାତାୟାତରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଗ୍ରାମବାସୀମାନେ ରାସ୍ତା କାମ କରୁଥିବା ଠିକାଦାରଙ୍କୁ ଯେତେ କହିଲେ ମଧ୍ୟ ଗ୍ରାମବାସୀଙ୍କ କଥାକୁ ଗୁରୁତ୍ୱ ଦେଇନାହିଁ ଠିକାଦାର ବୋଲି ଅଭିଯୋଗ କରିଛନ୍ତି। ନିୟମଗିରି ପାହାଡ ଦେଶରେ ବସବାସ କରୁଥିବା ଅଧିବାସୀମାନେ ବିଭିନ୍ନ ପ୍ରକାର ଚାଷ ଉପରେ ନିର୍ଭର କରୁଥିବା ବେଳେ ବିଶେଷ କରି ସପୁରୀ ପଣସ, ଅଦା, ହଳଦୀ, ଆମ୍ବ, ପଣସ ଏବଂ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରିବା ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଦୀର୍ଘ ବର୍ଷରେ ରାସ୍ତା କାମ ନିର୍ମାଣ ହେଉଥିବା ବେଳେ ଆରମ୍ଭରୁ ହିଁ ଠିକାଦାର ନିଜର ମୁନାଫା କମାଇବା ପାଇଁ ନିମ୍ନମାନର ରାସ୍ତା କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି ପଞ୍ଚାୟତବାସୀ। ସ୍ୱାଧୀନ ଭାତରରେ ପରାଧୀନ ଜୀବନ ବିତେଇବାକୁ ପଡୁଛି ବୋଲି ଗ୍ରାମବାସୀ ଉଲ୍ଲେଖ କରିଛନ୍ତି। ଏପରିକି ପିଏମ ଜନମନ ଯୋଜନାରେ ଗୃହ ନିର୍ମାଣ ପାଇଁ ଅନେକ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଖରାପ ରାସ୍ତା ଯୋଗୁଁ ସେମାନେ ନିଜ ଘର କାମ ମଧ୍ୟ ସଂପୂର୍ଣ୍ଣ କରି ପାରୁ ନ ଥିବା ଉଲ୍ଲେଖ କରିଛନ୍ତି। ଏହି ରାସ୍ତା କାର୍ଯ୍ୟର ତୁରନ୍ତ ତଦାରଖ କରି ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଏବଂ ଗାଁରେ ପିଇବା ପାଣି ସମସ୍ୟାର ସମାଧାନ, ବଣ୍ଡେଲି ଠାରୁ କିରିଡା ଗାଁ ପର୍ଯ୍ୟନ୍ତ ରାସ୍ତା ସଂଯୋଗ ଓ ବଣ୍ଡେଲି ଗାଁକୁ ବିଦ୍ୟୁତ ସଂଯୋଗିକରଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଥୁଆଗୁଡା ଠାରୁ ବଣ୍ଡେଲି (ଏଲ୧୨୪ ରାସ୍ତା ) ଗ୍ରାମ ପର୍ଯ୍ୟନ୍ତ ଦୀର୍ଘ ୨.୯୦୦କିମି ରାସ୍ତା (ପ୍ୟାକେଜ ନଂ-ଓଆର ୨୭-ଜେଏନଏମ-୧୪) ପାଇଁ ୨୭୫.୪୪ଲକ୍ଷ ଟଙ୍କା ଅଟକଳ ମୂଲ୍ୟ ରଖାଯାଇଥିବା ବେଳେ ୨୬୯.୭୪ ଲକ୍ଷ ଟଙ୍କା ବର୍ତ୍ତମାନ ସୁଦ୍ଧା ଖର୍ଚ୍ଚ ପ୍ରଦାନ କରାଯାଇଛି ଏବଂ ୨.୩୦୦କିମି ରାସ୍ତା ସଂପୂର୍ଣ୍ଣ ହୋଇଥିବା ବେଳେ ବଳକା ଚଳିତ ଜୁନ ମାସ ୩୦ ତାରିଖ ସୁଦ୍ଧା ସଂପୂର୍ଣ୍ଣ ହେବ ବୋଲି ଠିକାଦାର ଦର୍ଶାଇଛନ୍ତି। ଏହି ରାସ୍ତା ପ୍ରକଳ୍ପ କାମ ଗତ ୨୦୨୪ ମସିହା ଡିସେମ୍ବର ୧୨ତାରିଖରୁ ଆରମ୍ଭ ହୋଇ ଗତ ବର୍ଷ ୨୦୨୫ ସେପ୍ଟେମ୍ବର ୧୭ତାରିଖ ସୁଦ୍ଧା ସଂପୂର୍ଣ୍ଣ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଏହା ଆହୁରି ଏକ ବର୍ଷ ପାଖାପାଖି ସମୟ ଅତିବାହିତ ହେଲାଣି। ଫଳରେ ରାସ୍ତା କାମ ସଂପୂର୍ଣ୍ଣ ହେଉ ନ ଥିବାରୁ ଗ୍ରାମବାସୀମାନେ ନାନା ସମସ୍ୟାର ସମ୍ମୁଖୀନ ହେବା ସହ ରାସ୍ତା କାମ ଉଚ୍ଚକୋଟିର କରିବାକୁ ଦାବି କରୁଛନ୍ତି। ଏହି କାମକୁ ରଘୁ ନନ୍ଦନ ଅଗ୍ରୱାଲ ନାମକ ଠିକାଦାର କରୁଥିବା ବିଭାଗୀୟ ତଥ୍ୟରୁ ଜଣାପଡିଛି।

## ● 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ଉତ୍ତମ ପ୍ରଦର୍ଶନ

# ସମ୍ମାନିତ ହେଲା ତେନ୍ତୁଳିଖୁଣ୍ଟି ବ୍ଲକ୍



ତେନ୍ତୁଳିଖୁଣ୍ଟି,୨୬।୬(ସମିସ): 'ବିକଶିତ ଗାଁ, ବିକଶିତ ଓଡ଼ିଶା'ଯୋଜନାରେ ଉତ୍ତମ ପ୍ରଦର୍ଶନ କରି ସମ୍ମାନିତ ହୋଇଛି ତେନ୍ତୁଳିଖୁଣ୍ଟି ବ୍ଲକ୍। ନବରଙ୍ଗପୁର ଜିଲ୍ଲାର ୧୦ ବ୍ଲକ୍ ମଧ୍ୟରେ ତେନ୍ତୁଳିଖୁଣ୍ଟି ବ୍ଲକ୍ ଦ୍ୱିତୀୟସ୍ଥାନ ଅଧିକାର କରି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ଠାରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଗୋବିନ୍ଦ ଚନ୍ଦ୍ର କଅଁର ମାନପତ୍ର ଗ୍ରହଣ କରିଛନ୍ତି। ୨୦୨୫/୨୬ ଆର୍ଥିକ ବର୍ଷରେ ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧିନରେ ସର୍ବାଧିକ ଗୃହ ନିର୍ମାଣ ସମେତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ସାମଗ୍ରିକ ସଫଳତାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ସନ୍ତୋଷ ବ୍ୟକ୍ତ କରିବା ସହ ଏହାର ଶ୍ରେୟ ବ୍ଲକ୍‌ସ୍ତରୀୟ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଦାନ କରିଛନ୍ତି।

## ● ବାରିକ ସେବା ସଂଘର କର୍ମକର୍ତ୍ତା ଚୟନ

# ୧୫ ବର୍ଷ ପରେ ଏମ୍. ସୋନୁ ପୁଣି ସଭାପତି ନିର୍ବାଚିତ

ରାୟଗଡ଼,୨୬।୬(ସମିସ): ରାୟଗଡ଼ ମା' ମଝିଘରିଆଣୀ ବାରିକ ସେବା ସଂଘର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଗୁରୁବାର ସମ୍ପନ୍ନ ହୋଇଛି। ଦୀର୍ଘ ୧୫ ବର୍ଷ ପରେ ସଂଘରେ ନୂତନ ନେତୃତ୍ୱ ଚୟନ ହୋଇଥିବାରୁ ସଦସ୍ୟମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ୨୦୧୦ ମସିହାରେ ସ୍ଥାପିତ ମା ମଝିଘରିଆଣୀ ବାରିକ ସେବା ସଂଘର ଫାଉଣ୍ଡର ସଭାପତି ଏମ୍. ଶଙ୍କର ରାଓ ଆରମ୍ଭରୁ ସଂଘର ଦାୟିତ୍ୱ ତୁଲାଇ ଆସୁଥିଲେ। ସ୍ଥାନୀୟ ଗ୍ରାମଦେବୀ ମନ୍ଦିର ସମ୍ମିଳନୀ କକ୍ଷରେ ଆୟୋଜିତ ନିର୍ବାଚନରେ ସଭାପତି ପଦ ପାଇଁ ଏସ୍. ମୁରଲୀ ଓ ଏମ୍. ସୋନୁଙ୍କ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ମୋଟ ୧୩୬ ଜଣ ସଦସ୍ୟ ମତଦାନ କରିଥିବା ବେଳେ ଏମ୍. ସୋନୁ ୯୧ଟି ଭୋଟ ପାଇ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ଏସ୍. ମୁରଲୀ ୩୩ଟି ଭୋଟ ପାଇଥିଲେ ଏବଂ ୧୨ଟି ଭୋଟ ନାକଚ ହୋଇଥିଲା। ଏହା ସହ ଏମ୍. ସୋନୁ ସଂଘର ନୂତନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନୂତନ କାର୍ଯ୍ୟକାରିଣୀ କମିଟିରେ କେ. ଅନିଲ କୁମାର କାର୍ଯ୍ୟକାରୀ ସଭାପତି, କେ. ଆଦି ନାରାୟଣ ଉପ-ସଭାପତି, କେ. ଗୌରୀ ଶଙ୍କର ସମ୍ପାଦକ, ସିଏଚ୍. ରାଜେଶ କୁମାର ସହ-ସମ୍ପାଦକ ଓ ଏମ୍. ଈଶ୍ୱର ରାଓ କୋଷାଧ୍ୟକ୍ଷ ଭାବେ ଚୟନ ହୋଇଛନ୍ତି। ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ନିରପେକ୍ଷ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଆଇନଜୀବୀ ୟେନ୍ଦ୍ରୁ ଶ୍ରୀହରି ରାଓ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ନବନିର୍ବାଚିତ ସଭାପତି ଏମ୍. ସୋନୁ କହିଛନ୍ତି




ଯେ, ଆଗାମୀ ଦିନରେ ସଂଘର ସାଂଗଠନିକ ସୁଦୃଢ଼ୀକରଣ, ସମାଜର କଲ୍ୟାଣ ଓ ସଦସ୍ୟମାନଙ୍କ ସ୍ୱାର୍ଥରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ। ସମସ୍ତ ସଦସ୍ୟଙ୍କ ସହଯୋଗରେ ସଂଘକୁ ଆହୁରି ସକ୍ରିୟ ଓ ଶକ୍ତିଶାଳୀ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

# ସୁନାବେଡାରେ ସମ୍ବିଧାନ ହତ୍ୟା ଦିବସ ପାଳିତ




ସେମିଳିଗୁଡା,୨୬।୬(ସମିସ): ବିଜେପିର ସୁନାବେଡା ମଣ୍ଡଳ ତରଫରୁ ପ୍ରେସ କ୍ଲବ୍‌ର ଇ-ଲାଇବ୍ରେରୀରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡକ୍ଟର ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୂର୍ବତନ ଜିଲ୍ଲା ସଂପାଦକ ଦେବେନ୍ଦ୍ର ମହାନ୍ତି, ମଣ୍ଡଳ ସଭାପତି ଟୁନା ଖରା, ପୌରାଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର, ଜିଲ୍ଲା ସଂପାଦିକା ସନ୍ତୋଷିନୀ ଜେନା, ବରିଷ୍ଠ ବିଜେପି ନେତ୍ରୀ ତଥା ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ୧୯୭୫ ମସିହାର କଳଙ୍କମୟ ଜରୁରୀକାଳୀନ ପରିସ୍ଥିତିର କାହାଣୀ ବିଷୟରେ ଦେବେନ୍ଦ୍ର ମହାନ୍ତି ଓ ସ୍ନିଗ୍ଧାରାଣୀ ମିଶ୍ର ବିଷଦଭାବରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ଜେନା,ଗୋବିନ୍ଦ କଣ୍ଟା,ଲକ୍ଷ୍ମୀ ଖରା,ଗୋବିନ୍ଦ ନାୟକ, ମନୋଜ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପି ପକ୍ଷରୁ ସମ୍ବିଧାନ ହତ୍ୟା ଦିବସ




ରାୟଗଡ, ୨୬।୬(ସମିସ): ଭାରତୀୟ ଜନତା ପାର୍ଟି ରାୟଗଡ ଜିଲ୍ଲା ପକ୍ଷରୁ ଗୁରୁବାର ରାୟଗଡ ସହରର ସ୍ଥାନୀୟ କପିଳାସ ଛକ ଠାରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ୧୯୭୫ ମସିହା ଜୁନ ୨୫ ତାରିଖରେ ଦେଶରେ ଜରୁରୀକାଳୀନ ଘୋଷଣାକୁ ସ୍ମରଣ କରାଯାଇଥିଲା ଏବଂ ଏହାକୁ ଭାରତୀୟ ଗଣତନ୍ତ୍ର ଇତିହାସର ଏକ କଳା ଅଧ୍ୟାୟ ବୋଲି ବର୍ଣ୍ଣନା କରାଯାଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଶାସନ କାଳରେ ୨୫ ଜୁନ ୧୯୭୫ରେ ଜରୁରୀକାଳୀନ ଘୋଷଣା ଜାରି କରାଯାଇଥିଲା। ସେହି ସମୟରେ ମୌଳିକ ଅଧିକାର ଉପରେ କଟକଣା ଲାଗୁ ହୋଇଥିଲା, ଅନେକ ବିରୋଧୀ ଦଳର ନେତା ଓ କର୍ମୀଙ୍କୁ ଗିରଫ କରାଯାଇଥିଲା ଏବଂ ସାଧାରଣ ଲୋକ ଓ ସାମ୍ବାଦିକଙ୍କ ମତ ପ୍ରକାଶର ସ୍ୱାଧୀନତା ପ୍ରଭାବିତ ହୋଇଥିଲା। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରାଯାଇଥିବାରୁ ଦେଶବ୍ୟାପୀ ଭାବେ ଏହାକୁ ବିରୋଧ କରାଯାଇଥିଲା ବୋଲି କୁହାଯାଇଛି। ସେତେବେଳେ ଦେଶର ବିଭିନ୍ନ ପ୍ରାନ୍ତରେ ଗଣତନ୍ତ୍ର ରକ୍ଷା ପାଇଁ ବିରୋଧୀ ନେତା, ସାମାଜିକ କର୍ମୀ, ଛାତ୍ର ଓ ସାଧାରଣ ଜନତା ସଂଗ୍ରାମ କରିଥିଲେ। ଅନେକ ନେତା ଜେଲ୍ ଯାଇଥିଲେ ଏବଂ ଦେଶରେ ଗଣତାନ୍ତ୍ରିକ ଅଧିକାର ପୁନଃ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଚାଲିଥିଲା। ଜରୁରୀକାଳୀନ ବିରୋଧୀ ଆନ୍ଦୋଳନ ଭାରତୀୟ ଗଣତନ୍ତ୍ରର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ବୋଲି ସେମାନେ କହିଥିଲେ। ଆଗାମୀ ପିଢ଼ିକୁ ଜରୁରୀକାଳୀନ ସମ୍ପର୍କରେ ସଚେତନ କରିବା ସହ ସମ୍ବିଧାନିକ ମୂଲ୍ୟବୋଧ ଓ ଗଣତାନ୍ତ୍ରିକ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ଭାଜପାର ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ପଦ୍ମନାଭ ଦାସ, ବସନ୍ତ ଉଲାକା, ରଝିତା କୋରଡ଼ା,ରଜତ ମାଦଳା,ଦେବାଶିଷ ପଣ୍ଡା,ତରୁଣ ଗରଡ଼ିଆ,ବିରଜା ପାତ୍ରଙ୍କ ସମେତ ମଣ୍ଡଳ ଓ ବୁଥ୍ ସ୍ତରର ନେତୃବୃନ୍ଦ, କର୍ମୀ ଓ ସମର୍ଥକମାନେ ଉପସ୍ଥିତ ଥିଲେ।

## ପିଲାଚୋର ଗୁଜବ ଭିଡ଼ ହିଂସା ଘଟଣା

# ଇନ୍ତାଲିଗୁଡ଼ାରେ କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



> ସ୍ୱାମୀଙ୍କୁ ମୁକ୍ତ ନ କଲେ ଥାନା ସମ୍ମୁଖରେ ଆତ୍ମହତ୍ୟା କରିବାକୁ ମହିଳାଙ୍କ ଚେତାବନୀ
> ଘଟଣାକୁ ଅତ୍ୟନ୍ତ ନିନ୍ଦନୀୟ କହିଲେ ସାଂସଦ ସପ୍ତଗିରି

କଲ୍ୟାଣସିଂହପୁର,୨୬।୬(ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଇନ୍ତାଲିଗୁଡା ଗାଁରେ ଘଟିଥିବା ପିଲାଚୋର ଗୁଜବଜନିତ ଭିଡ଼ ହିଂସା ଓ ଯୁବତୀଙ୍କୁ ଅସଦାଚରଣ ଘଟଣାର ତଦନ୍ତ ପାଇଁ କଂଗ୍ରେସ ଦଳର ଏକ ୯ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗୁରୁବାର ଘଟଣାସ୍ଥଳ ପରିଦର୍ଶନ କରିଛି। ଏହି ଅବସରରେ ପୁଲିସ ଦ୍ୱାରା ଅଟକ ରଖାଯାଇଥିବା ଜଣେ ଯୁବକଙ୍କ ସ୍ତ୍ରୀ ରଜନୀ ହିକକା ସାଂସଦଙ୍କ ସମ୍ମୁଖରେ କାନ୍ଦିକାନ୍ଦି ନିଜ ସ୍ୱାମୀଙ୍କୁ ମୁକ୍ତ କରିବାକୁ ଦାବି କରିଥିଲେ। ସ୍ୱାମୀଙ୍କୁ ଛାଡ଼ା ନ ଗଲେ ସେ ନିଜର ଦୁଇ ସନ୍ତାନଙ୍କୁ ନେଇ ଥାନା ସମ୍ମୁଖରେ ବିଷପାନ କରି ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଥିଲେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଏହି ଦଳର ନେତୃତ୍ୱ ନେଇଥିଲେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା। ଦଳରେ ବିଷମକଟକ ବିଧାୟକ ନୀଳମାଧବ ହିକକା, ଜିଲ୍ଲା କଂଗ୍ରେସ ଉପଦେଷ୍ଟା ଶଙ୍କର୍ଷଣ ମଙ୍ଗରାଜ, ମହିଳା କଂଗ୍ରେସ ନେତ୍ରୀ ନନ୍ଦୀ ଗୌରୀ, ଏସ୍.ଜି.ଭି. ତେଜସ୍ୱର ରାଓ ଓ ଅନ୍ୟାନ୍ୟ ନେତା ଉପସ୍ଥିତ ଥିଲେ। ସେମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ଗ୍ରାମର ମହିଳାମାନେ ଅଭିଯୋଗ କରିଥିଲେ ଯେ, ଘଟଣା ପରେ ପୁଲିସ ଗିରଫ ଭୟରେ ଅନେକ ପୁରୁଷ ଗାଁ ଛାଡ଼ି ଚାଲିଯାଇଛନ୍ତି। ଫଳରେ ମହିଳାମାନେ ରାତିରେ ଭୟଭୀତ ଅବସ୍ଥାରେ ରହୁଛନ୍ତି ଏବଂ ପରିବାରଗୁଡ଼ିକ ଅନିଶ୍ଚିତତାରେ ଦିନ କାଟୁଛନ୍ତି। ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା ଘଟଣା ସମ୍ପର୍କରେ କହିଥିଲେ ଯେ, ଏହାର ଆରମ୍ଭ କଳାହାଣ୍ଡି ଜିଲ୍ଲାରୁ ହୋଇଥିଲା। ଏକ ସ୍କୁଟିରେ ଯାଉଥିବା ଜଣେ ଯୁବକ ଓ ଯୁବତୀ ରାସ୍ତାରେ କିଛି ପିଲାଙ୍କୁ ବିସ୍କୁଟ ଓ ଚକୋଲେଟ ଦେଇଥିବା ପରେ ପିଲାଚୋର ଗୁଜବ ବ୍ୟାପିଥିଲା। ଏହା ପରେ ଅନେକ ଲୋକ ସେମାନଙ୍କୁ ପିଛା କରି ଇନ୍ତାଲିଗୁଡା ପର୍ଯ୍ୟନ୍ତ ଆସିଥିଲେ। ସାଇନଗର ନିକଟରେ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ସାଂସଦଙ୍କ କହିବାନୁସାରେ, ଇନ୍ତାଲିଗୁଡା ଗାଁର ଦୁଇ ଯୁବକ ପୁରୁସୁ ହିକକା ଓ ବିଶ୍ୱନାଥ ଘଟଣା ସମ୍ପର୍କରେ ବୁଝିବାକୁ ଯାଇଥିବା ବେଳେ ଭିଡ଼ର ଆକ୍ରମଣର ଶିକାର ହୋଇଥିଲେ। ସେମାନେ ଯୁବତୀଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ କରିଥିବା ଦାବି କରାଯାଇଛି। ପରେ ପୁଲିସ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲା। ସାଂସଦ କହିଥିଲେ ଯେ, ଭିଡ଼ ହିଂସା ଓ ମହିଳା ଅସଦାଚରଣ ଘଟଣା ଅତ୍ୟନ୍ତ ନିନ୍ଦନୀୟ ଏବଂ ଏଥିରେ ସମ୍ପୃକ୍ତ ପ୍ରକୃତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ସେହିସହ ଗୁଜବ ପ୍ରଚାର କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଗିରଫ କରିବା ଓ ନିର୍ଦ୍ଦୋଷ ଲୋକଙ୍କୁ ହଇରାଣ ନ କରିବାକୁ ସେ ଦାବି କରିଥିଲେ। ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଘଟଣାର ସମସ୍ତ ଦିଗ ଅନୁଧ୍ୟାନ କରି ଏହାର ରିପୋର୍ଟ ପ୍ରଦେଶ କଂଗ୍ରେସ କମିଟିଙ୍କ ନିକଟରେ ଦାଖଲ କରିବ ବୋଲି ଜଣାପଡ଼ିଛି।

## ଶାଳୀ ବାହାଘରକୁ ଆସି କୂଅରେ ପଡ଼ି ଭିଣୋଇ ମୃତ

ତୁରୁମୁଙ୍ଗା, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ କୋଡ଼ଖମଣ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ବିବାହ ଉତ୍ସବ ଚାଲିଥିବା ବେଳେ ଘଟିଛି ଦୁଃଖଦ ଘଟଣା। ପରମ୍ପରା ଅନୁସାରେ କନ୍ୟାଙ୍କୁ ମହୁଲ ଗଛ ସହ ବିବାହ କରାଇବା ପାଇଁ ପରିବାର ଓ ସମ୍ପର୍କୀୟମାନେ ଯାଉଥିବା ସମୟରେ କନ୍ୟାଙ୍କ ଭିଣୋଇ ଅସାବଧାନତା ବଶତଃ ଏକ କୂଅରେ ଖସି ପଡ଼ିଥିଲେ। ପରିବାର ଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ଅଗ୍ନିଶମ ବାହିନୀ ତୁରନ୍ତ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପାଟଣା ମେଡିକାଲ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ମୃତକ ବାରିଆ ଥାନା ପାଣପୋଷି ଗ୍ରାମର ବିଶ୍ୱନାଥଙ୍କ ପୁଅ ଭାସ୍କର ମହାନ୍ତ (୩୮) ବୋଲି ଜଣାପଡ଼ିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ପରିବେଶ ସୃଷ୍ଟି ହୋଇଛି। କୋଡ଼ଖମଣ ଗ୍ରାମର ଗୋବର୍ଦ୍ଧନ ମହାନ୍ତଙ୍କ ଝିଅ ବାହାଘର ହରିହରପୁର ଗ୍ରାମରେ ହେଉଥିବା ବେଳେ ଭାସ୍କର ଖୁସି ମାହୋଲ ମଧ୍ୟରେ ଏଭଳି ଅଭାବନୀୟ ଘଟଣାର ଶିକାର ହୋଇଥିଲେ। ଏହା ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିବା ବେଳେ କୂଅରେ ଖସି ପଡ଼ି ଭିଣୋଇଙ୍କ ମୃତ୍ୟୁ ପରେ ଉଭୟ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ତୁରୁମୁଙ୍ଗା ପୁଲିସ ପାଟଣା ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ୩ ବାଲି ବୋଝେଇ ହାଇୱା ଜବତ



ତୁରୁମୁଙ୍ଗା, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୁଲିସ ବେଆଇନ ବାଲି ଚାଲାଣ ବିରୋଧରେ ଚଢ଼ଉ କରିଛି। ବିନା ଟ୍ରାନଜିଟ୍ ପାସ୍‌ରେ ବାଲି ପରିବହନ ହେଉଥିବା ସମୟରେ ୪୯ ନମ୍ବର ଜାତୀୟ ରାଜପଥ ଝାରବେଡା ଛକ ନିକଟରେ ଯାଞ୍ଚ କଡ଼ାକଡ଼ି କରିଥିଲା। ଯାଞ୍ଚ ବେଳେ ତିନୋଟି ବାଲି ବୋଝେଇ ହାଇୱାର କାଗଜପତ୍ର ଯାଞ୍ଚ କରାଯାଇଥିଲା। ଆବଶ୍ୟକ ଟ୍ରାନଜିଟ୍ ପାସ୍ ଦେଖାଇବାରେ ବିଫଳ ହେବା ପରେ ପୁଲିସ ତିନୋଟି ଗାଡ଼ିକୁ ଜବତ କରିଛି। ଜବତ ଗାଡ଼ିଗୁଡ଼ିକୁ ଥାନାକୁ ଅଣାଯାଇ ଖଣି ଓ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରାଯାଇଛି। ବେଆଇନ ଖଣିଜ ପରିବହନ ରୋକିବା ପାଇଁ ଆଗାମୀ ଦିନରେ ଏଭଳି ଚଢ଼ଉ ଜାରି ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ବିନା ଟିପିରେ ବାଲି ଚାଲାଣ ଅଭିଯୋଗ ପରେ ତୁରୁମୁଙ୍ଗା ପୁଲିସର ଏହି କାର୍ଯ୍ୟାନୁଷ୍ଠାନ ବେଆଇନ ଖଣିଜ ପରିବହନ କରୁଥିବା ମାଫିଆଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଛି।

## ଖଣି ବିଭାଗ ପକ୍ଷରୁ ଗଚ୍ଛିତ ଚୋରା ଲୁହାପଥର ଜବତ

ଯୋଡ଼ା, ୨୫।୬ (ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ଅଞ୍ଚଳରେ ବେଆଇନ ଖଣି କାର୍ଯ୍ୟକଳାପ ଓ ଲୁହାପଥର ଚୋରା ଚାଲାଣକୁ ନେଇ ବିଭାଗ ପକ୍ଷରୁ ଶୂନ୍ୟ ସହନଶୀଳତା ଦେଖିବାକୁ ମିଳିଛି। ଭୁବନେଶ୍ୱର ଖଣି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କାଙ୍କ ନିର୍ଦ୍ଦେଶକ୍ରମେ ଯୋଡ଼ା ଖଣି ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ଖଣି ବିଭାଗର ଏକ ଟିମ ନୟାଗଡ ସାଇଡିଙ୍ଗ ନିକଟରେ ଏକ ଘରୋଇ ସ୍ଥାନରେ ଗଚ୍ଛିତ ଥିବା ପ୍ରାୟ ୪.୫ କୋଟି ଟଙ୍କା ମୂଲ୍ୟର ଲୁହାପଥର ଜବତ କରିଥିବା ଖବର ମିଳିଛି।



ସୂଚନା ଅନୁସାରେ, ଦୀର୍ଘଦିନ ଧରି ଉକ୍ତ ଅଞ୍ଚଳରେ ବେଆଇନ ଭାବେ ଲୁହାପଥର ମହଜୁଦ ରହିବା ଓ ବେଆଇନ ଭାବେ ପରିବହନ ହେଉଥିବା ନେଇ ଅଭିଯୋଗ ଆସୁଥିଲା। ତେଣୁ କାଳ ବିଳମ୍ବ ନ କରି ଖଣି ବିଭାଗ ଉକ୍ତ ଖଣିଜକୁ ଜବତ କରିଛି। ଜବତ ଲୁହାପଥରର ବଜାର ମୂଲ୍ୟ ପ୍ରାୟ ୪.୫ କୋଟି ଟଙ୍କା ହେବ ବୋଲି ଖଣି ବିଭାଗ ପକ୍ଷରୁ ଅନୁମାନ କରାଯାଉଛି।

## ମହିଳାଙ୍କ ଆତ୍ମହତ୍ୟା

ତୁରୁମୁଙ୍ଗା, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅସନବାହଳି ଗ୍ରାମରେ ଜଣେ ବିବାହିତା ମହିଳା ବୁଧବାର ବିଳମ୍ବିତ ରାତିରେ ବାଡ଼ି ପଛରେ ଥିବା ଆମ୍ବ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ବୁଧୁରାମ ମୁଣ୍ଡାଙ୍କ ସ୍ତ୍ରୀ ସୀତା (୪୦)। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ତାଙ୍କ ମସ୍ତିଷ୍କ ବିକୃତ ଥିବା ଜଣାପଡ଼ିଛି। ଗୁରୁବାର ପାଟଣା ଥାନା ଏଏସଆଇ ଧନେଶ୍ୱର ପାତ୍ର ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସୁଧ କାରବାରକୁ ନେଇ ଆକ୍ରମଣ: ଗୁରୁତର ବ୍ୟକ୍ତିଙ୍କ ମୃତ୍ୟୁ, ୨ ଗିରଫ

# ନ୍ୟାୟ ଦାବିରେ ଶବ ରଖି ରାସ୍ତା ଅବରୋଧ

ହାଟଡିହୀ,୨୫ ।୬(ସମିସ)



କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ବଡ଼ରମ୍ପାସ ପଞ୍ଚାୟତ ନୂଆରମ୍ପାସ ଗ୍ରାମରେ ସୁଧ କାରବାରକୁ ନେଇ ହୋଇଥିବା ଆକ୍ରମଣ ଘଟଣାରେ ଗୁରୁତର ଥିବା ବିଶ୍ୱନାଥ ଓଝାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ବନ୍ଧକ ରଖିଥିବା ସୁନାଗହଣା ଫେରସ୍ତ ନକରିବାରୁ ବିଶ୍ୱନାଥ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ବାବୁଲିଙ୍କ ପରିବାର ଲୋକେ ଉତ୍ତ୍ୟକ୍ତ ହୋଇ ବିଶ୍ୱନାଥଙ୍କୁ ନୃଶଂସ ଭାବେ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲେ। ମୁମୂର୍ଷୁ ଅବସ୍ଥାରେ ପରିବାର ଓ ଗାଁଲୋକେ ମିଶି ବିଶ୍ୱନାଥଙ୍କୁ ହାଟଡ଼ିହୀ ସ୍ୱାସ୍ଥ୍ୟକେନ୍ଦ୍ର, ଆନନ୍ଦପୁର ଉପଖଣ୍ଡ ମେଡିକାଲ ଓ ପରେ କଟକ ନେଇଯାଇଥିଲେ। ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ବିଶ୍ୱନାଥଙ୍କ ମୃତ୍ୟୁ ଘଟିଥିଲା। ଘଟଣା ଘଟିବା ପରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଏବେ ସୁଦ୍ଧା ଫେରାର ଅଛନ୍ତି। ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ୍ ଏବଂ ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ବୁଧବାର ବିଳମ୍ବିତ ରାତିଯାଏ ମୃତ ବିଶ୍ୱନାଥଙ୍କ ପରିବାର ଲୋକେ ଏବଂ କିଛି ଗ୍ରାମବାସୀ ଅଣା-ବରାଙ୍ଗ ରାସ୍ତା ଅବରୋଧ କରିଥିଲେ। ଶାନ୍ତି ଫେରାଇ ଆଣିବା ପାଇଁ ଏଯାଏଁ ବ୍ୟାପକ ପୁଲିସ ବଳ ମୁତୟନ ରହିଛନ୍ତି। ଅଭିଯୁକ୍ତ ପ୍ରଦୀପକୁ ପୁଲିସ ଘଟଣାସ୍ଥଳକୁ ଆଣି ଅପରାଧର ପୁନଃଦୃଶ୍ୟାୟନ କରିଛି। ମୁଖ୍ୟ ଅଭିଯୁକ୍ତ ବାବୁଲି ପହି ଓ ତାଙ୍କ ବଡ଼ପୁଅ ଚଗୁଲୁ ଫେରାର ଅଛନ୍ତି।

ସୂଚନାଯୋଗ୍ୟ, ନୂଆରମ୍ପାସ ଗ୍ରାମର ବିଶ୍ୱନାଥ ଓଝା ତିନିବର୍ଷ ତଳେ ସେହି ଗ୍ରାମର ବାବୁଲି ପହିଙ୍କ ପତ୍ନୀ ରମାମଣିଙ୍କ ନିକଟରେ ୩ ଭରି ଓଜନର ସୁନାଗହଣା ବନ୍ଧା ରଖି ୧୫ ହଜାର ଟଙ୍କା ଧାର ନେଇଥିଲେ। ପରବର୍ତ୍ତୀ ସମୟରେ ସୁଧ ସହ ମୂଳ ଟଙ୍କା ଫେରସ୍ତ କରି ସୁନାଗହଣା ଫେରାଇବାକୁ କହିବାରୁ ବାବୁଲି ବନ୍ଧକ ସୁନା ଫେରସ୍ତ କରି ନଥିଲେ। ପଞ୍ଚାୟତରେ ବୈଠକରେ ସମାଧାନ ନହେବାରୁ ବିଶ୍ୱନାଥ ଥାନାରେ ଅଭିଯୋଗ କରିଥିଲେ। ଏନେଇ ବାବୁଲିଙ୍କ ପରିବାର ଲୋକେ ବିଶ୍ୱନାଥଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ମୃତ ବିଶ୍ୱନାଥଙ୍କ ପତ୍ନୀ କାଞ୍ଚନ ଓଝାଙ୍କ ଅଭିଯୋଗ ଆଧାରରେ ଏନେଇ ଏକ ମାମଲା ରୁଜୁ ହୋଇଛି। ଅତିରିକ୍ତ ଏସ୍‌ପି ପ୍ରତ୍ୟୁଷ ମହାପାତ୍ର, ଏସଡ଼ିପିଓ ପ୍ରଶାନ୍ତ ବେହେରା, ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ନନ୍ଦିପଦା ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

## କେଭିକେରେ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା

କେନ୍ଦୁଝର, ୨୫।୬(ସମିସ): କୃଷି ବିଜ୍ଞାନ କେନ୍ଦ୍ର ଜୁଡ଼ିଆ ସମ୍ମିଳନୀ କକ୍ଷରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରିଥୁରାଜ ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଅତିଥି ଭାବେ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ ଚନ୍ଦ୍ରଶେଖର ରଥ, ଆଞ୍ଚଳିକ ଗବେଷଣା ଓ କୃଷି କୌଶଳ ସମ୍ପ୍ରସାରଣ କେନ୍ଦ୍ରର ମୁଖ୍ୟ ଡ଼ କିଶୋରଚନ୍ଦ୍ର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ ସୁକାନ୍ତ କୁମାର ସାହୁ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ, କୃଷି ନିର୍ବାହୀଯନ୍ତ୍ରୀ ଇଂ ସମର ବିଶ୍ୱାଳ ମଞ୍ଚାସୀନ ଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସ୍ୱାଗତ ଭାଷଣ ଦେବା ସହ ଏହି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତବର୍ଷର ପାଣିପାଗର ପୂର୍ବାନୁମାନ ଅନୁଯାୟୀ, ଆଗୁଆ ଚାଷ, ସ୍ପ୍ରିଙ୍କଲର ଓ ବୁନ୍ଦା ଜଳସେଚନ ଆପଣାଇ ସଞ୍ଚିତ ଜଳର ସଦୁପଯୋଗ, ଫଳ ଚାଷ, ଛତୁ ଚାଷ ପ୍ରଭୃତି କରିବା ପାଇଁ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ମୁଖ୍ୟ, ଏଲନିନୋର ପ୍ରଭାବ, ମାଟିର ଜଳଧାରଣ ଶକ୍ତି, ଜୈବିକ କୃଷିର ଆବଶ୍ୟକତା ବିଷୟରେ ମତ ରଖିଥିଲେ। କୃଷି ଯନ୍ତ୍ରପାତିର ଉପଯୋଗ ବିଷୟରେ କୃଷି ନିର୍ବାହୀଯନ୍ତ୍ରୀ ଉପସ୍ଥିତ ଚାଷୀଭାଇଭଉଣୀଙ୍କୁ ପରାମର୍ଶ ଦେଇଥିଲେ। ଆପିକଲର ଜିଲ୍ଲା ସଂଯୋଜକ, ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଥିବା ରିଆତି ବିଷୟରେ ଆଲୋକପାତ କରିଥିଲେ। ସହକାରୀ କୃଷି ଯନ୍ତ୍ରୀ, କୃଷିଯନ୍ତ୍ରପାତି ପାଇଁ ସରକାରଙ୍କ ତରଫରୁ ମିଳୁଥିବା ରିହାତି ସମ୍ବନ୍ଧରେ ତଥ୍ୟ ରଖିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଏହି କର୍ମଶାଳାରେ କ୍ଷେତ ବଞ୍ଚାଅ ଅଭିଯାନ, ପ୍ରାକୃତିକ ଚାଷର ଉପକାରିତା, ଆବଶ୍ୟକତା ଓ ପଦ୍ଧତି ବିଷୟରେ ଆଲୋକପାତ କରିଥିଲେ। ସାଧନା ଟ୍ରଷ୍ଟର ମୁଖ୍ୟ ଅଜିତ ମହାଭୋଇ, ପ୍ରାକୃତିକ ଚାଷ ସମ୍ପର୍କରେ ତାଙ୍କର ଅଭିଜ୍ଞତା ଓ ପରିବର୍ତ୍ତିତ ଜଳବାୟୁ ଯୋଗୁଁ ପ୍ରାକୃତିକ ଚାଷର ଆବଶ୍ୟକତା ବିଷୟରେ ମତ ରଖିଥିଲେ। କର୍ମଶାଳାରେ ତେଲକୋଇ ବ୍ଲକର ରିଙ୍କି ବେହେରାଙ୍କୁ କୃଷି ସେବା କେନ୍ଦ୍ର ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ରିଆତି ରାଶି ୧୫ ଲକ୍ଷ ୫୯ ହଜାର ୫୧୬ ଟଙ୍କା ପ୍ରଦାନ କରାଯିବା ସହ ସଦର ବ୍ଲକର ପ୍ରମୋଦ କୁମାର ସାହୁ, ହରିଚନ୍ଦନପୁର ବ୍ଲକର ଦୁଃଶାସନ ସେଠୀ, ସଦର ବ୍ଲକର ଭାରତୀଲତା ଗିରି ଓ ସାହାରପଡା ବ୍ଲକର ସୁରେଶଚନ୍ଦ୍ର ମହାନ୍ତଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କୃଷି ଜିଲ୍ଲା ଅଧିକାରୀ ଘଟଗାଁ କବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ଶତାଧିକ ଚାଷୀ ଭାଇଭଉଣୀ, ସମ୍ପ୍ରସାରଣ କର୍ମୀ, ଅଧିକାରୀ ଓ ବୈଜ୍ଞାନିକ ଯୋଗ ଦେଇଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୨୫।୬ (ସମିସ): ଆନନ୍ଦପୁର ମହାବିଦ୍ୟାଳୟରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ଅଧ୍ୟକ୍ଷଙ୍କୁ ଷ୍ଟାଫ୍ ଆସୋସିଏସନ ତରଫରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଷ୍ଟାଫ ଆସୋସିଏସନର ସଭାପତି ଦୁର୍ଗାଶଙ୍କର ପରିଡା ଓ ସମ୍ପାଦିକା ଭାରତୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ନିମାଇଁ ଚରଣ ରାଉତ ଏବଂ ବିଦାୟୀ ଅତିଥି ତଥା ପ୍ରାକ୍ତନ ଅଧ୍ୟକ୍ଷ ଡ଼. ନାରାୟଣ ମିଶ୍ର ଉପସ୍ଥିତ ଥିଲେ। ବିଦାୟୀ ଅତିଥିଙ୍କ ଉଦ୍ଦେଶ୍ୟରେ ମହାବିଦ୍ୟାଳୟର ଏକାଡେମୀକ ମୁଖ୍ୟ ଡ଼. ଶକ୍ତିପ୍ରସାଦ ମିଶ୍ର, ପ୍ରଶାସକ ପ୍ରଫୁଲ୍ଲ କୁମାର ପଣ୍ଡା, ଅଧ୍ୟାପକ ପ୍ରିୟରଞ୍ଜନ ମହାପାତ୍ର, ପତିତପାବନ ମିଶ୍ର, ଅଧ୍ୟାପିକା ମିତାଶ୍ରୀ ବେହେରା, ଡିଇଓ ପୁଷ୍ପଲତା ରାମ ଅଭିଭାଷଣ ରଖିଥିଲେ। ସଭାରେ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକପ୍ରାଧ୍ୟାପିକା, ଅଧ୍ୟାପକଅଧ୍ୟାପିକା ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ରଘୁଦୀପ୍ତି ନାୟକ ମାନପତ୍ର ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ଯୁବତୀଙ୍କ ମୃତ୍ୟୁ ମାମଲାରେ ଯୁବକ ଅଟକ

ହାଟଡିହୀ,୨୫।୬(ସମିସ): ହାଟଡିହୀ ବ୍ଲକ ସୋସୋ ଥାନା ଅନ୍ତର୍ଗତ ବରୁଣପଦୀ-ବାଲିଆ ଗାଁ ମଝି ବିଲରୁ ଜଣେ ଅଜଣା ଯୁବତୀଙ୍କ ମୃତଦେହ ଉଦ୍ଧାର ହେବା ଘଟଣାରେ ପୁଲିସ ତଦନ୍ତ ଜୋରଦାର କରିଛି। ମଙ୍ଗଳବାର ସୋସୋ ପୁଲିସ ମୃତଦେହକୁ ଜବତ କରିଥିବା ବେଳେ ବୁଧବାର ଏକ ସ୍ୱତନ୍ତ୍ର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଆସି ଅଧିକ ତଦନ୍ତ କରିଥିଲା। ଏହି ଯାଞ୍ଚ ସମୟରେ ଅତିରିକ୍ତ ଏସପି, ଆନନ୍ଦପୁର ଏସଡ଼ିପିଓ ଏବଂ ସୋସୋ ଥାନାଧିକାରୀ ଉପସ୍ଥିତ ଥିଲେ। ପୁଲିସ ମୃତ ଯୁବତୀଙ୍କ ନିକଟରୁ ମିଳିଥିବା ଏକ ଭ୍ୟାନିଟ୍ ବ୍ୟାଗକୁ ଯାଞ୍ଚ କରି କିଛି ଗୁରୁତ୍ୱପୂର୍ଣ୍ଣ ସୁରାକ୍ ପାଇଛି। ବ୍ୟାଗରୁ ମିଳିଥିବା ଟ୍ରେନ୍ ଟିକେଟ୍ ଅନୁସାରେ, ଯୁବତୀ ଜଣକ କଲିକତାରୁ ଟ୍ରେନ୍ ଯୋଗେ ଭଦ୍ରକ ଆସିଥିଲେ। ଏହି ସୁରାକ୍ ଆଧାରରେ ସୋସୋ ପୁଲିସ ବୁଧବାର ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ବରପଦା ଅଞ୍ଚଳର ଅକ୍ଷୟ କୁମାର ଜେନାଙ୍କୁ ଉଠାଇ ଆଣି ପଚରାଉଚରା କରୁଛି। ପୁଲିସ ସେହି ଅଟକ ଯୁବକଙ୍କୁ ସାଙ୍ଗରେ ଧରି ବିଭିନ୍ନ ସ୍ଥାନକୁ ଯାଇ ତଥ୍ୟ ସଂଗ୍ରହ କରିଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୁଲିସ ଗଣମାଧ୍ୟମକୁ ଅଧିକ କିଛି ସୂଚନା ଦେଇ ନଥିବା ବେଳେ ମୃତ ଯୁବତୀଙ୍କ ପରିଚୟ ଏଯାଏଁ ଅସ୍ପଷ୍ଟ ରହିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏଯାଏଁ ଗିରଫ ହୋଇନାହିଁ।

## ଏସ୍‌ଆଇଆର୍ କାର୍ଯ୍ୟରେ ୧୦୦% ସଫଳତା ନେଇ ଉତ୍ସବ



**ଜିଲ୍ଲାରେ ପ୍ରଥମ**

ଚମ୍ପୁଆ, ୨୫।୬(ସମିସ): ଏସ୍‌ଆଇଆର୍ କାର୍ଯ୍ୟକ୍ରମରେ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ୧୦୦ ପ୍ରତିଶତ ଲକ୍ଷ୍ୟ ପୂରଣ କରି କେନ୍ଦୁଝର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ଉଲ୍ଲେଖନୀୟ ସଫଳତାକୁ ନେଇ ଗୁରୁବାର ଚମ୍ପୁଆ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସଭାଗୃହରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ଚମ୍ପୁଆ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଉମାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବିଏଲ୍ଓ ସୁପରଭାଇଜର ଏବଂ ନିର୍ବାଚନ କାର୍ଯ୍ୟରେ ସମ୍ପୃକ୍ତ କର୍ମଚାରୀମାନେ ଯୋଗଦେଇଥିଲେ। ସମସ୍ତଙ୍କ ସମ୍ମିଳିତ ପ୍ରୟାସ ଓ ନିଷ୍ଠାପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ଏହି ସଫଳତା ସମ୍ଭବ ହୋଇଥିବା ଉପଜିଲ୍ଲାପାଳ ଶ୍ରୀ ପରିଡ଼ା କହିଥିଲେ। ବୈଠକରେ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରାକେଶ ପଣ୍ଡା, ସ୍ମୃତିରଞ୍ଜନ ସାହୁ, ଡାନିଶ ବେହେରା, ସତ୍ୟବ୍ରତ ସାହୁ, ରମେଶଚନ୍ଦ୍ର ନାଏକ, ଜଗନ୍ନାଥ ବେହେରା, ଶ୍ୱେତପଦ୍ମା ଧାଲଙ୍କ ସମେତ ଆସିଷ୍ଟାଣ୍ଟ କଲେକ୍ଟର ଫୁଲରାଣୀ ବେଶ୍ରା ଓ ସୁଜିତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ସମସ୍ତ ଅଧିକାରୀ, ସୁପରଭାଇଜର ଓ କର୍ମଚାରୀ ପରସ୍ପରକୁ ଅଭିନନ୍ଦନ ଜଣାଇ କେକ୍ କାଟି ଏହି ସଫଳତାର ଉତ୍ସବ ପାଳନ କରିଥିଲେ।

## କେନ୍ଦୁଝର ସାଂସଦଙ୍କ ଜନସମ୍ପର୍କ ଅଭିଯାନ



ତୁରୁମୁଙ୍ଗା, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ମୁଖ୍ୟାଳୟ ସଅଁରାପଶି ଲକ୍ଷ୍ମୀ ପଣ୍ଡପରେ ଗୁରୁବାର କେନ୍ଦୁଝର ସାଂସଦ ଅନନ୍ତ ନାୟକ ନିର୍ବାଚନମଣ୍ଡଳୀର ବରିଷ୍ଠ ନାଗରିକଙ୍କ ସହ ଜନସଂପର୍କ ଅଭିଯାନରେ ସାମିଲ୍ ହୋଇ ବିଶିଷ୍ଟ ନାଗରିକ, ନାଗରିକ, ବୁଦ୍ଧିଜୀବୀ, ଅବସରପ୍ରାପ୍ତ ସେନା ଓ ଶିକ୍ଷକଙ୍କୁ କେନ୍ଦ୍ର ସରକାରଙ୍କ ଏବଂ ଓଡ଼ିଶା ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ପ୍ରଭାବୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସାଂସଦଙ୍କ ସହ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ, ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ସାଂସଦଙ୍କ ପ୍ରତନିଧି ପ୍ରହଲ୍ଲାଦ ପଲେଇ, ପାଟଣା ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ, ବଶିଷ୍ଠ ବିଜେପି ନେତା ଦୁର୍ଗାଚରଣ ନାୟକଙ୍କ ସହ ବରିଷ୍ଠ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

## ଆକାଂକ୍ଷୀ ବ୍ଲକ୍ ପାଇଁ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ

କେନ୍ଦୁଝର, ୨୫।୬(ସମିସ)



କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୀତି ଆୟୋଗଙ୍କ 'ଚାମ୍ପିଅନ୍ସ ଅଫ୍ ଚେଞ୍ଜ' ଅଭିଯାନ ଅନ୍ତର୍ଗତ କେନ୍ଦୁଝର ଜିଲ୍ଲାର ସମସ୍ତ ଆକାଂକ୍ଷୀ ବ୍ଲକଗୁଡ଼ିକର ସାମଗ୍ରିକ ବିକାଶ ଲକ୍ଷ୍ୟ ନେଇ ଏହି ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷା, କୃଷି ଓ ଆନୁଷଙ୍ଗିକ ସେବା, ମୌଳିକ ଭିତ୍ତିଭୂମି ଏବଂ ସାମାଜିକ ବିକାଶ ଭଳି କ୍ଷେତ୍ରଗୁଡ଼ିକରେ ବ୍ଲକସ୍ତରୀୟ ପ୍ରଗତିର ସମୀକ୍ଷା କରାଯାଇଥିଲା। ଆକାଂକ୍ଷୀ ବ୍ଲକଗୁଡ଼ିକରେ କିପରି ସରକାରୀ ଯୋଜନାକୁ ଅଧିକ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯାଇପାରିବ ଏବଂ ସାଧାରଣ ଜନତାଙ୍କ ପାଖରେ ସେବା ପହଞ୍ଚାଇ ହେବ, ସେ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ପ୍ରଥମେ ତାମିଲନାଡୁର ତିରୁଭଲୁର ଜିଲ୍ଲାରେ ଏକ ସି-ଫୁଡ୍ ପ୍ରକ୍ରିୟାକରଣ କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ହେବା ଫଳରେ ପ୍ରାଣ ହରାଇଥିବା ଶ୍ରମିକଙ୍କ ପାଇଁ ଶୋକ ପ୍ରକାଶ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ "ପଛୁଆ ଅଞ୍ଚଳ ବୋଲି ନ କହି 'ଆକାଂକ୍ଷୀ' ଅଞ୍ଚଳ ବୋଲି କହିବା ଅଧିକ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବା ସହ ସରକାରୀ ଯୋଜନାଗୁଡ଼ିକର ସଠିକ୍ ସମୟରେ 'ଫଲୋ-ଅପ୍' କରା ନ ଗଲେ ଲକ୍ଷ୍ୟ ହାସଲ କରିବା ପାଇଁ ଅଧିକ ସମୟ ଲାଗିବ ବୋଲି ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିବେକାନନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ଅଧିକାରୀ, କର୍ମଚାରୀ, ଅଙ୍ଗନବାଡ଼ି ଓ ଆଶାକର୍ମୀ ନିଜ ନିଜ କ୍ଷେତ୍ରରେ କିଭଳି ଅଧିକ ସଫଳତା ହାସଲ କରାଯାଇପାରିବ, ସେ ନେଇ ପରାମର୍ଶ ଗ୍ରହଣ କରିଥିଲେ।

## ଫିଜିଓଥେରାପି ସୋସାଇଟିର ବାର୍ଷିକ ସମ୍ମିଳନୀ




ଆନନ୍ଦପୁର, ୨୫।୬ (ସମିସ): କେନ୍ଦୁଝର ଫିଜିଓଥେରାପି ସୋସାଇଟିର ବାର୍ଷିକ ସମ୍ମିଳନୀ କେନ୍ଦୁଝର ସହରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲ୍ଲାର ବହୁ ସଂଖ୍ୟକ ଫିଜିଓଥେରାପିଷ୍ଟ ଯୋଗଦେଇ ଫିଜିଓଥେରାପି ପେସାର ଉନ୍ନତିକରଣ, ନିୟମିତତା ଏବଂ ସମାଜରେ ଏହାର ଗୁରୁତ୍ୱ ବୃଦ୍ଧି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସଭାରେ ଉପସ୍ଥିତ ସଦସ୍ୟମାନେ ଫିଜିଓଥେରାପି କ୍ଷେତ୍ରରେ ଏକ ସୁଦୃଢ଼ ନିୟାମକ ବ୍ୟବସ୍ଥା ଗଠନ, ପେସାଦାର ମାନଦଣ୍ଡର ପାଳନ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଆରୋପ କରିଥିଲେ। ରୋଗୀମାନଙ୍କୁ ଗୁଣାତ୍ମକ ଓ ବୈଜ୍ଞାନିକ ଚିକିତ୍ସା ସେବା ପ୍ରଦାନ ପାଇଁ ଫିଜିଓଥେରାପିଷ୍ଟମାନଙ୍କ ନିରନ୍ତର ଦକ୍ଷତା ବିକାଶ ଏବଂ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ବକ୍ତାମାନେ କହିଥିଲେ ଯେ ଆଧୁନିକ ଚିକିତ୍ସା ପ୍ରଣାଳୀରେ ଫିଜିଓଥେରାପିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାଂସପେଶୀ, ଅସ୍ଥି ଓ ସ୍ନାୟୁଜନିତ ସମସ୍ୟା ସହିତ ବିଭିନ୍ନ ଦୀର୍ଘସ୍ଥାୟୀ ରୋଗର ପୁନର୍ବାସନ କ୍ଷେତ୍ରରେ ଫିଜିଓଥେରାପି ଏକ ଅପରିହାର୍ଯ୍ୟ ସେବା ଭାବେ ପରିଗଣିତ ହେଉଛି। ଏହି ପେସାର ଯଥାଯଥ ସ୍ୱୀକୃତି ଏବଂ ନିୟମିତତା ସମୟର ଆବଶ୍ୟକତା ବୋଲି ମତ ପ୍ରକାଶ ପାଇଥିଲା। ସଭା ଶେଷରେ କେନ୍ଦୁଝର ଫିଜିଓଥେରାପି ସୋସାଇଟି ପକ୍ଷରୁ ଫିଜିଓଥେରାପି ପେସାର ସାମଗ୍ରିକ ବିକାଶ, ପେସାଦାର ସ୍ୱାର୍ଥ ସୁରକ୍ଷା ଏବଂ ଜନସାଧାରଣଙ୍କ ନିକଟରେ ଉତ୍ତମ ସେବା ପହଞ୍ଚାଇବା ପାଇଁ ଆଗାମୀ ଦିନରେ ବିଭିନ୍ନ ସଚେତନତା ଏବଂ ବୃତ୍ତିଗତ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଥିଲା।

# କାମରେ ଆସୁନି ଫୁଟ୍‌ପାଥ, ରାସ୍ତାରେ ଚାଲୁଛନ୍ତି ପଥଚାରୀ

ବାଲେଶ୍ୱର, ୨୫।୬ (ସମିସ)



ସହରରେ ପଥଚାରୀଙ୍କ ସୁବିଧା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଫୁଟପାଥ ଏବେ ଜଙ୍ଗଲ ପାଲଟିଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ପେଭର ବ୍ଲକ ଉପରେ ଘାସ ଓ ବଡ଼ ବଡ଼ ଗଛ ମାଡ଼ିଯାଇଥିବା ବେଳେ ଲୋକେ ବାଧ୍ୟ ହୋଇ ଜୀବନକୁ ବାଜି ଲଗାଇ ମୁଖ୍ୟ ରାସ୍ତା ଉପରେ ମର୍ଣ୍ଣିଂ ୱାକ୍ କରୁଛନ୍ତି। ବାଲେଶ୍ୱର ସହର ଓଟି ରୋଡ଼ ସ୍ଥିତ ଏସପି ଅଫିସ ନିକଟ ଫୁଟପାଥ ଏବେ ଜଙ୍ଗଲରେ ପରିଣତ ହୋଇଛି। ଲକ୍ଷାଧିକ ଟଙ୍କାରେ ବିଛା ଯାଇଥିବା ପେଭର ବ୍ଲକ ସମ୍ପୂର୍ଣ୍ଣ ଘାସ ବନ ପାଲଟିଛି। ଯାହାକୁ ନେଇ ପ୍ରତିଦିନ ମର୍ଣ୍ଣିଂ ୱାକ୍ କରୁଥିବା ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସହରର ବ୍ୟସ୍ତବହୁଳ ରାସ୍ତା କଡ଼ରେ କିଛି ବର୍ଷ ତଳେ ପୌରପାଳିକା ପକ୍ଷରୁ ଫୁଟପାଥ ନିର୍ମାଣ କରାଯାଇ ପେଭର ବ୍ଲକ ବିଛା ଯାଇଥିଲା। ସେହିପରି ପୌରପାଳିକାର ୯ ନମ୍ବର ୱାର୍ଡସ୍ଥିତ ପୁଲିସ ଲାଇନ୍ ପଡ଼ିଆରୁ ତମୁଲିଆ ପର୍ଯ୍ୟନ୍ତ ଫୁଟପାଥ ନିର୍ମାଣ ହୋଇଛି। ସେଥିପାଇଁ ପେଭର ବ୍ଲକ ମଧ୍ୟ ବିଛାଯାଇଛି। ଉଦ୍ଦେଶ୍ୟ ଥିଲା ପଥଚାରୀଙ୍କୁ ସୁରକ୍ଷିତ ଯୋଗାଇବା। ହେଲେ ନିର୍ମାଣ ପରେ ରକ୍ଷଣାବେକ୍ଷଣ କରାନଯିବାରୁ ଫୁଟପାଥ ସମ୍ପୂର୍ଣ୍ଣ ଘାସ ଓ ବୁଦା ତଳେ ଲୁଚିଯାଇଛି। କେଉଁଠି ପେଭର ବ୍ଲକ ଦିଶୁଛି ତ କେଉଁଠି ଅଳିଆ ଆବର୍ଜନା ଜମିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଫୁଟପାଥ ବ୍ୟବହାର ଯୋଗ୍ୟ ନଥିବାରୁ ସ୍କୁଲ ପିଲା, ବୃଦ୍ଧ ଓ ମହିଳା ଦ୍ରୁତଗାମୀ ଗାଡ଼ି ଚାଲୁଥିବା ରାସ୍ତା ଉପରେ ଚାଲୁଛନ୍ତି। ଦୁର୍ଘଟଣା ଆଶଙ୍କା ବଢ଼ିଛି। ଅନ୍ୟପଟେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଫୁଟପାଥ ତିଆରି ହେଲା, ହେଲେ ଜନସାଧାରଣ ତାର ସୁବିଧା ପାଉନାହାନ୍ତି। ନିୟମିତ ଘାସ କଟା ଓ ସଫେଇ ହେଉନାହିଁ। ବର୍ଷା ଦିନେ ସାପ ଓ ପୋକର ଭୟ ବି ରହିଛି। ସେହିପରି ସହରର ଫୁଟପାଥ ଏବେ ବ୍ୟବସାୟୀଙ୍କ ଅଧୀନରେ ରହୁଛି। ଫୁଟପାଥ ଉପରେ ପରିବା ଦୋକାନରୁ ଆରମ୍ଭ କରି ମାଛ, ମକା ଆଦି ବିଭିନ୍ନ ଦୋକାନ ଖୋଲୁଛି। ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି, 'ଫୁଟପାଥ ଅଛି କି ନାହିଁ ଜାଣିହେଉନି। ସବୁ ଜଙ୍ଗଲ ହୋଇଗଲାଣି। ବିଭିନ୍ନ ସ୍ଥାନରେ ପେଭର ବ୍ଲକ ସବୁ ଅବହେଳାରେ ଜଙ୍ଗଲ ହୋଇଗଲାଣି। ପୌରପାଳିକା କେବଳ ଟଙ୍କା ଖର୍ଚ୍ଚ କଲା, ଦେଖିବାକୁ କେହି ନାହାନ୍ତି।'

**ପେଭର ବ୍ଲକ ଉପରେ ମାଡ଼ିଗଲାଣି ଘାସ ଓ ଗଛଲତା**

ଏବାବଦରେ ୯ ନମ୍ବର ୱାର୍ଡ କାଉନସିଲର ସଞ୍ଜୀବ କୁମାର ଦାସଙ୍କୁ ପଚାରିବାରୁ କହିଛନ୍ତି, ଆମ ୱାର୍ଡର ପୁଲିସ ଲାଇନଠାରୁ ଆରମ୍ଭ କରି ମେଡିକାଲ ପର୍ଯ୍ୟନ୍ତ ରାସ୍ତାରେ ଲୋକମାନେ ସକାଳେ ଚାଲନ୍ତି। କିନ୍ତୁ ଫୁଟପାଥ୍ ଅବସ୍ଥା ଏବେ ଘାସ ବଣରେ ପରିଣତ ହୋଇଛି। ଫଳରେ ରାସ୍ତା ଉପରେ ଚାଲୁଛନ୍ତି। ଏ ନେଇ କାଉନସିଲର ବୈଠକରେ ମଧ୍ୟ ମୁଁ କହିଛି। ସଫା କରିବା ସହ ଅଧିକ ସଫେଇ କର୍ମଚାରୀ ଦେବାକୁ ଅନୁରୋଧ କରିଛି। ଏହାବ୍ୟତୀତ ଏହି ଫୁଟପାଥ ରେ ବିଭିନ୍ନ ଉଠା ଦୋକାନୀମାନେ ଜବରଦସ୍ତ ସକାଳେ ବସୁଛନ୍ତି। ପ୍ରଶାସନ କଥା ଶୁଣୁନାହାନ୍ତି। ମକା, ମାଛ, ଚିକେନ, ପରିବା ଆଦି ଦୋକାନ ଖୋଲିବା ସହ ଆବର୍ଜନା ପକାଉଛନ୍ତି। ଯାହାଫଳରେ ସଫେଇ ପାଇଁ ଆମକୁ କର୍ମଚାରୀ ନିଅଣ୍ଟ ହେଉଛି। ଆମକୁ ସେତିକି ସଫେଇ କର୍ମଚାରୀ ମିଳୁଛି ସେତିକିରେ ଓଟି ରୋଡ୍ ସଫେଇ ହୋଇପାରୁନାହିଁ। ତେଣୁ ଏହାକୁ ଦୃଷ୍ଟି ଦେଇ ଯଦି ପଦକ୍ଷେପ ନିଆଯିବ ତାହେଲେ ଏହା ସଫେଇ ହୋଇପାରିବ। ଫଳରେ ଫୁଟପାଥ୍ ସହରବାସୀଙ୍କ କାମରେ ଆସିପାରିବ' ଅନ୍ୟପଟେ ସହରବାସୀ ତୁରନ୍ତ ଫୁଟପାଥ ସଫା କରି ଚଲାପଥ ଯୋଗ୍ୟ କରିବାକୁ ଦାବି କରିଛନ୍ତି।

## ଛାତ୍ରୀଙ୍କୁ ଦୁଷ୍କର୍ମ, ଟିଉସନ ମାଷ୍ଟର ଗିରଫ

ବାଲେଶ୍ୱର(ଉତ୍ତର), ୨୫।୬(ସମିସ): ଶିକ୍ଷାଦାନ ଭଳି ଏକ ପବିତ୍ର ବୃତ୍ତିରେ ପୁଣି ଲାଗିଛି କଳଙ୍କ। ଛାତ୍ରୀଙ୍କୁ ସୁରକ୍ଷା ଓ ସଂସ୍କାର ଦେବା ବଦଳରେ ନିଜର ପୈଶାଚିକ ଚରିତ୍ର ଦେଖାଇଛନ୍ତି ଜଣେ କାମୁକ ଟିୟୁସନ ମାଷ୍ଟର। ନାବାଳିକା ତଥା ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ କମର୍ଦ୍ଦା ପୁଲିସ ସମ୍ପୃକ୍ତ ଟିଉସନ ମାଷ୍ଟରଙ୍କୁ ଗିରଫ୍ କରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଞ୍ଚଳରେ। କମର୍ଦ୍ଦା ଥାନା ଅନ୍ତର୍ଗତ ନାଚିନ୍ଦା ଗ୍ରାମର ଅନିଲ୍ କୁମାର ସାହୁ ଗାଁରେ ପିଲାମାନଙ୍କୁ ଟିୟୁସନ କରନ୍ତି। ଗତ ମଙ୍ଗଳବାର ପଢ଼ାଇବା ବାହାନାରେ ଜନୈକା ଅଷ୍ଟମ ଶ୍ରେଣୀରେ ପଢୁଥିବା ନାବାଳିକା ଛାତ୍ରୀଙ୍କୁ କୌଶଳକ୍ରମେ ଛାତ ଉପରକୁ ଡାକି ନେଇଥିଲେ। ସେଠାରେ ଛାତ୍ରୀ ଜଣଙ୍କର ଅସହାୟତାର ସୁଯୋଗ ନେଇ ଅନିଲ୍ ତାଙ୍କ ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ପୀଡ଼ିତାଙ୍କ ପରିବାର ଲୋକେ ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏ ନେଇ କମର୍ଦ୍ଦା ଥାନାରେ ଅଭିଯୋଗ ହେବା ପରେ ପୁଲିସ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ନେଇ କମର୍ଦ୍ଦା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଟିଉସନ ମାଷ୍ଟର ଅନିଲ୍‌କୁ ତାଙ୍କ ବାସଭବନରୁ ଉଠାଇ ନେବା ସହିତ ଗିରଫ୍ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଭାଷ୍ୟକାର ଶ୍ରୀପାଦ ବଳଦେବ ବିଦ୍ୟାଭୂଷଣଙ୍କ ପୁଣ୍ୟତିଥି

ରେମୁଣା, ୨୫।୬(ସମିସ): ଶ୍ରୀପାଦ ବଳଦେବ ସ୍ମୃତି କମିଟି ଆନୁକୂଲ୍ୟରେ ପ୍ରସିଦ୍ଧ ଭାଷ୍ୟକାର ଶ୍ରୀପାଦ ବଳଦେବ ବିଦ୍ୟାଭୂଷଣଙ୍କ ତିରୋଧାନ ପୁଣ୍ୟତିଥି ବିଦ୍ୟାଭୂଷଣଙ୍କ ସ୍ମୃତି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଡ଼. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କୃଷ୍ଣ ମୋହନ ଦାଶଜୀ ମହାରାଜ, ମୁଖ୍ୟ ବକ୍ତା ବିଦ୍ୟାଭୂଷଣଙ୍କ ଗବେଷକ ହରେକୃଷ୍ଣ ଗିରି, ଅତିଥି ଭାବେ ବନମାଳୀ ଦାଶଜୀ ମହାରାଜ, ବୈରାଗୀ ଚରଣ ଦାଶଜୀ ମହାରାଜ, ମନ୍ଦିର ପୁରହିତ ପୂର୍ଣଚନ୍ଦ୍ର ପଣ୍ଡା, ଯୋଗେଶ ଚନ୍ଦ୍ର ବେହେରା, ବୃନ୍ଦାବନ ବେହେରା, ଦୁଷ୍ମନ୍ତ ଦାସ, ପଦ୍ମଲୋଚନ ପ୍ରଧାନ, ହିରାଲାଲ ପାକଳ ପ୍ରମୁଖ ଯୋଗଦେଇ ବଳଦେବ ବିଦ୍ୟାଭୂଷଣଙ୍କ ଭାଷ୍ୟର ତତ୍ତ୍ୱ ଦର୍ଶନ, ଭକ୍ତିମତ୍ତା ସମ୍ପର୍କରେ ଆଲୋକପାତ କରି ତାଙ୍କର ମହନୀୟ ଗୁଣାବଳୀଙ୍କୁ ଜୀବନରେ ପାଥେୟ କରିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ପ୍ରଦୀପ କୁମାର ମିଶ୍ର ଅତିଥିଙ୍କ ପରିଚୟ ରଖିଥିଲେ। କୀର୍ତ୍ତନ କାର୍ଯ୍ୟକ୍ରମକୁ ଗୋପାଳ ଚନ୍ଦ୍ର ଦାସ, ଅଚ୍ୟୁତ କୁମାର ଦାସ, ସଚ୍ଚିଦାନନ୍ଦ ଦିବେଦୀ, ଭାଗ୍ୟଶ୍ରୀ ପଣ୍ଡା, ଦିବ୍ୟଶ୍ରୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ରଶ୍ମିତା ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବିଚିତ୍ରପୁରରେ ମା' ଶୀତଳାଙ୍କ ନବକଳେବର ମନ୍ଦିର ପ୍ରତିଷ୍ଠା



ଚନ୍ଦନେଶ୍ୱର, ୨୫।୬ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଥଭଉଁରୀ ପଞ୍ଚାୟତର ବିଚିତ୍ରପୁର ଗ୍ରାମ ଗତ କିଛି ଦିନ ଧରି ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାପିକ ଚେତନାର ଏକ ଅପୂର୍ବ ମହାତୀର୍ଥରେ ପରିଣତ ହୋଇଥିଲା। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ, ଲୋକବିଶ୍ୱାସର ଆଶ୍ରୟସ୍ଥଳୀ, ଜନଜୀବନର ମଙ୍ଗଳମୟୀ ଶକ୍ତି ସ୍ୱରୂପା ଶ୍ରୀ ଶ୍ରୀ ଶୀତଳା ମାତାଙ୍କ ନବନିର୍ମିତ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଆୟୋଜିତ ତ୍ରିଦିବସୀୟ ବୈଦିକ ଯଜ୍ଞ, ଚଣ୍ଡୀପାଠ ଓ ଧାର୍ମିକ ମହୋତ୍ସବ ଅତ୍ୟନ୍ତ ଆଡମ୍ବର ଓ ଭକ୍ତିମୟ ପରିବେଶ ମଧ୍ୟରେ ଶେଷ ହୋଇଯାଇଛି। ପ୍ରାୟ ଏକ ଶତାବ୍ଦୀ ଧରି ବିଚିତ୍ରପୁରର ଆସ୍ଥା, ବିଶ୍ୱାସ ଓ ଆଧ୍ୟାତ୍ମିକ ଜୀବନର କେନ୍ଦ୍ରବିନ୍ଦୁ ହୋଇ ରହିଥିବା ମାଆ ଶୀତଳାଙ୍କ ପ୍ରାଚୀନ ପୀଠ ଆଜି ନୂତନ ରୂପରେ ନବକଳେବର ଧାରଣ କରିଛି। ଏହି ପବିତ୍ର ମୁହୂର୍ତ୍ତରେ ଉପସ୍ଥିତ ହଜାର ହଜାର ଭକ୍ତଙ୍କ ଜୟଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଦେବୀଙ୍କ ମହାପ୍ରସାଦ ସେବନ ଓ ଅନ୍ନମହୋତ୍ସବ ଆୟୋଜିତ ହେବା ପରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଯେଉଁଥିରେ କାନ୍ଠଥଭଉଁରୀ, ଶ୍ରଦ୍ଧାପୁର ସମେତ ଆଖପାଖ ଅନେକ ଗ୍ରାମର ହଜାର ହଜାର ଭକ୍ତ ଅଂଶଗ୍ରହଣ କରିଥିଲେ। ବିଶେଷ ଉଲ୍ଲେଖଯୋଗ୍ୟ ଯେ, ପ୍ରାୟ ୨୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟରେ ନିର୍ମିତ ଏହି ଭବ୍ୟ ମନ୍ଦିର କୌଣସି ବ୍ୟକ୍ତି ବିଶେଷଙ୍କ ଅବଦାନ ନୁହେଁ; ବରଂ ସମଗ୍ର ଅଞ୍ଚଳବାସୀଙ୍କ ଭକ୍ତି, ଶ୍ରଦ୍ଧା, ଦାନଶୀଳତା ଓ ସାମୂହିକ ଏକତାର ପ୍ରତିଫଳନ। ଗ୍ରାମର ଯୁବକ, ବୃଦ୍ଧ, ମହିଳା, ପ୍ରବାସୀ ସନ୍ତାନ ଓ ଅସଂଖ୍ୟ ଭକ୍ତଙ୍କ ତ୍ୟାଗ ଓ ସହଯୋଗ ଏହି ମହତ୍ କାର୍ଯ୍ୟକୁ ସଫଳ ରୂପ ଦେଇଛି।

## କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱତନ୍ତ୍ର ବୈଠକ ଆହ୍ୱାନ

ବାଲେଶ୍ୱର, ୨୫।୬(ସମିସ): ଜିଲ୍ଲାରେ ସରକାରୀ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ଦାବିରେ ସରକାରୀ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୨୮ ତାରିଖରେ ବାଲେଶ୍ୱରର ପ୍ରମୁଖ ଗଣ ସଂଗଠନ ଓ ସମସ୍ତ ରାଜନୈତିକ ନେତୃବୃନ୍ଦଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରାଯାଇଛି। ଦୀର୍ଘ ୫ ବର୍ଷ ତଳେ ଏମ୍ସ ସାଟେଲାଇଟ୍ ସେଣ୍ଟର ଚିକିତ୍ସାଳୟ ସୌଧ ନିର୍ମାଣ କାର୍ଯ୍ୟ ସମାପ୍ତ ପରେ ସପ୍ତାହକୁ ମାତ୍ର ଦୁଇଦିନ ପାଇଁ ବହିର୍ବିଭାଗ କାର୍ଯ୍ୟ କରୁଛି। ସେଠାରେ ରୋଗ ନିରୂପଣ ନିମିତ୍ତ କୌଣସି ପରୀକ୍ଷା ନିରୀକ୍ଷାର ଉପକରଣ ଓ ବୈଷୟିକ କର୍ମଚାରୀ ନଥିବାରୁ ରୋଗୀମାନେ ହତାଶ ହେଉଛନ୍ତି। ଫଳରେ ରୋଗୀ ସଂଖ୍ୟା ହ୍ରାସ ପାଇଚାଲିଛି। ଗତ ଦୁଇବର୍ଷ ପୂର୍ବରୁ ବାଲେଶ୍ୱର ଏମ୍ ସାଟେଲାଇନ୍ ସେଣ୍ଟର ପୂର୍ଣ କାର୍ଯ୍ୟକ୍ଷମ ହେବ ବୋଲି ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶକ ବାଲେଶ୍ୱର ଗସ୍ତ ଅବସରରେ କ୍ରିୟାନୁଷ୍ଠାନ କମିଟିର ନେତୃତ୍ୱଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବାଲେଶ୍ୱର ସାଂସଦ ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏମ୍ସ ସାଟେଲାଇଟ୍ ସେଣ୍ଟରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ କହିଥିବାର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ବାଲେଶ୍ୱରବାସୀଙ୍କ ଦାବିପ୍ରତି ସରକାର ଗୁରୁତ୍ୱ ଦେଉନଥିବା ସମ୍ପର୍କରେ କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀ ବୈଠକରେ ମତ ପ୍ରକାଶ ପାଇଛି। ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ପ୍ରଦୀପ ଦାସ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ, ମେଡିକାଲ୍ କଲେଜ୍ ହସ୍‌ପିଟାଲ୍ ସମେତ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଆବଶ୍ୟକୀୟ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବରୁ ରୋଗୀମାନେ ଉନ୍ନତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବାର କହିଥିଲେ। ଆସନ୍ତା ରବିବାର ଦିନ ନଅଟାରେ ବାଲେଶ୍ୱର ଓକିଲ ସଂଘର ସଭାଗୃହରେ ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରାଯାଇଛି। ଏହି ବୈଠକରେ ପ୍ରଫୁଲ୍ଲ କୁମାର ଦାସ, ଡ. କେଶବ ଚରଣ ପଣ୍ଡା, ଲକ୍ଷ୍ମଣ ବିଶ୍ୱାଳ, ରବିନାରାୟଣ ଭୋଳ, ସୁରେନ୍ଦ୍ର ପ୍ରସାଦ ଦୀକ୍ଷିତ, ଅକ୍ଷୟ ତ୍ରିପାଠୀ, ମାୟାଧର ବିଶ୍ୱାଳ, ଡ. କ୍ଷିତୀଶ ଦାଶ, ଯୋଗେଶ ଚନ୍ଦ୍ର ପ୍ରଧାନ, ଡା. ତାରାକାନ୍ତ ନନ୍ଦ, ସାତରାମ ପ୍ରଧାନ ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୃହରକ୍ଷୀ ଆଶାୟୀଙ୍କ ବିକ୍ଷୋଭ




ବାଲେଶ୍ୱର, ୨୫।୬ (ସମିସ): ବାଲେଶ୍ୱର ଜିଲ୍ଲା ଗୃହରକ୍ଷୀ ନିଯୁକ୍ତି ପରୀକ୍ଷା ସମାପ୍ତ ହେବାର ଦୀର୍ଘ ଶହେ ଦିନରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପରୀକ୍ଷା ଫଳ ପ୍ରକାଶ ହୋଇନାହିଁ। ବିଗତ ଦୁଇ ମାସ ହେଲା ବାରମ୍ବାର ଆଶାୟୀ ଗୃହରକ୍ଷୀ ପ୍ରାର୍ଥୀମାନେ ଜିଲ୍ଲାପାଳ, ଏଡିଏମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନିଜେ ୩ରୁ୪ ଥର ପରୀକ୍ଷା ଫଳ ପ୍ରକାଶ କରିବାର ତାରିଖ ମଧ୍ୟ ଦେଇଥିଲେ କିନ୍ତୁ ସେ ତାରିଖ ଅତିକ୍ରମ କରିଛି ହେଲେ ପରୀକ୍ଷା ଫଳ ପ୍ରକାଶ ହୋଇନାହିଁ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଗୋଟିଏ କଥା ବାରମ୍ବାର କହୁଛନ୍ତି, ରେଜଲ୍ଟ କଟକସ୍ଥିତ ଡିଜି ଅଫିସକୁ ପଠା ହୋଇଛି, ଗୋଟିଏ ମାସରୁ ଅଧିକ ହେବ ମାତ୍ର କଟକ ସ୍ଥିତ ଡିଜି ଅଫିସରୁ ଆଜି ପର୍ଯ୍ୟନ୍ତ, ରେଜଲ୍ଟ ଅନୁମୋଦନ ହୋଇ କି ଆସି ନାହିଁ। ରେଜଲ୍ଟ ଯେବେ ଆସିବ ତାପରେ ବାହାରିବ, ଅପେକ୍ଷା କର କିନ୍ତୁ, ତାହାର କୋଣସି ନିର୍ଦ୍ଦିଷ୍ଟ ସମୟ ସୀମା ନାହିଁ। ପରୀକ୍ଷା ଫଳ ବିଳମ୍ବ ହେବା ଏବଂ ଏପର୍ଯ୍ୟନ୍ତ ପ୍ରକାଶ ନ ହେବା କେଉଁଠି ନା କେଉଁଠି ଦୁର୍ନୀତି ଏବଂ ରାଜନୈତିକ ଚାପର କାରଣ ଜଣାପଡୁଛି। ଓଡ଼ିଶାର ସମସ୍ତ ଜିଲ୍ଲାରେ ଗୃହରକ୍ଷୀ ପରୀକ୍ଷା ଫଳ ପ୍ରକାଶ ପାଇ ଯୋଗ୍ୟ ପ୍ରାର୍ଥୀମାନେ ଦୀର୍ଘ ଦିନରୁ ନିଯୁକ୍ତି ପାଇ ସାରିଲେଣି କିନ୍ତୁ ବାଲେଶ୍ୱରରେ ଗୃହରକ୍ଷୀ, ବାଲେଶ୍ୱର ପରୀକ୍ଷା ଫଳ ବିଳମ୍ବ ହେବା ଏବଂ ଏପର୍ଯ୍ୟନ୍ତ ପ୍ରକାଶ ନ ହେବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ କରାଯାଇଛି। ଏହାଛଡା ଗୃହରକ୍ଷୀ ପରୀକ୍ଷା ଫଳ ଅବିଳମ୍ବେ ପ୍ରକାଶ କରାଯାଉ, ସ୍ୱଚ୍ଛତା, ନିରପେକ୍ଷତା ଓ ଯୋଗ୍ୟତା ଆଧାରରେ ପ୍ରାର୍ଥୀ ଚୟନ କରାଯାଉ ବୋଲି ଦାବି କରାଯାଇଛି।

## ନବକୃଷ୍ଣ ଚୌଧୁରୀଙ୍କ ମହାପ୍ରୟାଣ ଦିବସ ପାଳିତ

ବାଲେଶ୍ୱର, ୨୫।୬ (ସମିସ): ମହାପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣି ପ୍ରାଣିତ ହୋଇ ତାଙ୍କର ସ୍ୱପ୍ନକୁ ସାକାର କରିପାରିଲେ ତାହା ସେମାନଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ନବକୃଷ୍ଣ ଚୌଧୁରୀଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ



କୁନ୍ତଳା କୁମାରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନସୀ ଜେନା ମତ ଦେଇଛନ୍ତି। ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ନିଳିଆବାଗ ସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଅଧ୍ୟକ୍ଷତା କରିଥିଲେ। 'ମନା'ର ମୁଖ୍ୟ ପରାମର୍ଶଦାତା ସୁବ୍ରତ କର ଓ ସାଧାରଣ ସମ୍ପାଦିକା ମମତା ମହାପାତ୍ର ୧୯୫୬ ମସିହାର ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବାକୁ ସରକାରଙ୍କ ଠାରେ ଦାବି କରିଥିଲେ। ପରାଧୀନ ଭାରତରେ 'ବ୍ରିଟିଶ୍ ହଟାଅ ଓ ନିଶା ହଟାଅ' ଆହ୍ୱାନ କେତେ ତେଦୂର କାର୍ଯ୍ୟକାରୀ ହୋଇଛି ତାହା ଆଜି ଅନୁଶୀଳନ କରିବା ଉଚିତ ବୋଲି ବକ୍ତାମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଗୌରାଙ୍ଗ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ଦାସ, ଡ. କ୍ଷିତୀଶ୍ୱର ଦାଶ, ଗୀତାଞ୍ଜଳି ସିଂହ, ଅର୍ଚ୍ଚନା ନନ୍ଦୀ, ଅକ୍ଷୟ ଷୟ କୁମାର ତ୍ରିପାଠୀ, ବ୍ୟଙ୍ଗକବି ପ୍ରଭାକର ସାହୁ, ବେଣୁଧର ସାହୁ, କଲ୍ୟାଣୀ ନନ୍ଦ, ଗଙ୍ଗାଧର ପୃଷ୍ଟି ଓ ଲକ୍ଷ୍ମଣ ଚରଣ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନୀତିନିଷ୍ଠ ନବକୃଷ୍ଣଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସଭାରେ ଯୋଗେଶ ଚନ୍ଦ୍ର ପ୍ରଧାନ, ଅନନ୍ତ କୁମାର ଦାସ, ରମେଶ ଚନ୍ଦ୍ର ଜେନା, ସଞ୍ଜୟ କୁମାର ପଣ୍ଡା, ଭାସ୍କର ଚନ୍ଦ୍ର ମିଶ୍ର, ଭାରତୀ ପଣ୍ଡା, ରବିନାରାୟଣ ନାରାୟଣ ଭୋଳ, କ୍ରିଷ୍ଣା ସାହା, ସ୍ନେହଲତା ପତି, ସନାତନ ଦାସ, ସୀତାରାମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ତ୍ରିଦିବ ନାୟକ ଧନ୍ୟବାଦ ଦେଇଥିଲେ।

● ଇଗ୍ନୋ ପକ୍ଷରୁ ଆୟୋଜିତ ଲୋକକଳା କର୍ମଶାଳା

## ବିଷୟ ବିଶେଷଜ୍ଞ ଭାବେ ପ୍ରଶିକ୍ଷଣ ଦେଲେ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁ



ବାଲେଶ୍ୱର, ୨୫।୬(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ତଥା ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କୁ ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପକ୍ଷରୁ ଆୟୋଜିତ ଲୋକକଳା କର୍ମଶାଳାରେ ବିଷୟ ବିଶେଷଜ୍ଞ ଭାବେ ଆମନ୍ତ୍ରଣ କରାଯାଇଥିଲା। ଜୁନ୍ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ତିନିଦିନିଆ 'ଭାରତୀୟ ପାରମ୍ପରିକ ଓ ଲୋକକଳା କର୍ମଶାଳା'ରେ ସେ ମାର୍ଗଦର୍ଶକ ଭାବେ ଯୋଗଦେଇ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କର୍ମଶାଳା ଅବସରରେ ଶ୍ରୀ ସାହୁ ଓଡ଼ିଶାର ପ୍ରସିଦ୍ଧ ପଟ୍ଟଚିତ୍ର ଶୈଳୀକୁ ଆଧାର କରି 'ରାଧା-ମାଧବ' ଶୀର୍ଷକ ଏକ ଆକର୍ଷଣୀୟ ଚିତ୍ରକଳା ସୃଷ୍ଟି କରିଥିଲେ। ତାଙ୍କର ଏହି ସୃଜନଶୀଳ କୃତିକୁ କର୍ମଶାଳାରେ ଉପସ୍ଥିତ ଅଧ୍ୟାପକ, କଳାବିତ୍ ଓ ଛାତ୍ରଛାତ୍ରୀମାନେ ଭୂୟସୀ ପ୍ରଶଂସା କରିଥିଲେ। ଏହି କର୍ମଶାଳାରେ ଶ୍ରୀ ସାହୁଙ୍କ ସମେତ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଅନ୍ୟ ଛଅଜଣ ବିଶିଷ୍ଟ ପାରମ୍ପରିକ କଳା ବିଶେଷଜ୍ଞ ଯୋଗ ଦେଇଥିଲେ। ବିଭିନ୍ନ ଭାରତୀୟ ଲୋକକଳା ସମ୍ପର୍କରେ ଅନୁଭୂତି ବିନିମୟ ଓ ଜ୍ଞାନ ଆହରଣ କରିବାର ସୁଯୋଗ ତାଙ୍କ ପାଇଁ ଅତ୍ୟନ୍ତ ସ୍ମରଣୀୟ ହୋଇଥିବା ସେ ପ୍ରକାଶ କରିଛନ୍ତି। ପ୍ରଥମ ଥର ପାଇଁ ଏକ ପ୍ରମୁଖ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ସର୍ବଭାରତୀୟ ସ୍ତରରେ ଆମନ୍ତ୍ରଣ ପାଇବା ସହ ଇଗ୍ନୋର କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଏବଂ ଭିଜୁଆଲ ଆର୍ଟ ବିଭାଗର ନିର୍ଦ୍ଦେଶକ ପ୍ରଫେସର ଲକ୍ଷ୍ମଣ ପ୍ରସାଦଙ୍କ ହାତରୁ ସମ୍ମାନିତ ହେବା ତାଙ୍କୁ ଅପାର ଆନନ୍ଦ ଦେଇଥିବା ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ଏଥିପାଇଁ ସେ ଇଗ୍ନୋ କର୍ତ୍ତୃପକ୍ଷଙ୍କ ପ୍ରତି କୃତଜ୍ଞତା ଜଣାଇବା ସହ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ପ୍ରତି ମଧ୍ୟ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନିତ୍ୟାନନ୍ଦ ସାହୁ ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ତୁଟାପଡ଼ା ଗ୍ରାମର ବାସିନ୍ଦା। ବର୍ତ୍ତମାନ ସେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ରହିବା ସହ ଚିତ୍ରକଳା ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ନିଜର ସୃଜନଶୀଳ ଅବଦାନ ଜାରି ରଖିଛନ୍ତି।

## ୧୨ତମ ପଟିଦିଅଁ ଅଙ୍କନ ଉତ୍ସବ ଉଦ୍‌ଘାଟିତ



ବାଲେଶ୍ୱର, ୨୫।୬(ସମିସ): ନୋସି କଲ୍‌ଚରାଲ ଏକାଡ଼େମୀ ଓ ବାଲେଶ୍ୱରୀ କଳା କେନ୍ଦ୍ରର ମିଳିତ ସହଯୋଗରେ ୧୨ତମ ପଟିଦିଅଁ ଅଙ୍କନ ଉତ୍ସବ ଉଦ୍‌ଘାଟନ ହୋଇଯାଇଛି। ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ୬ ଦିନ ଧରି ହେବାକୁ ଥିବା ଅଙ୍କନ ଉତ୍ସବକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିପିନ ମାରାଣ୍ଡି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବ୍ରତ କୁମାର ନାୟକ ଉପସଭାପତି, ନୋସି, ସାମାଜିକ ଅନୁଷ୍ଠାନ 'ଯୁବ ବିକାଶ' ଅଧ୍ୟକ୍ଷ ଗୋବିନ୍ଦ ଦଳାଇ ଓ ଅଗ୍ରଣି ସାଂସ୍କୃତିକ ଅନୁଷ୍ଠାନ 'ତାଲ ଦରବାର' ମୁଖ୍ୟ ଅଜିତାନନ୍ଦ ଦେବଗୋସ୍ୱାମୀ ଯୋଗ ଦେଇ ଜଗନ୍ନାଥଙ୍କ ପଟିଦିଅଁ ପରମ୍ପରା ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଶିଳ୍ପୀ କେଶୁ ଦାସ, ମୁଖ୍ୟ, ନୋସି କଲଚରାଲ ଏକାଡ଼େମୀ ଓ ଅନନ୍ତ ନାରାୟଣଙ୍କ ସ୍ୱୀକୃତି ପ୍ରାପ୍ତ ଚିତ୍ରକାର ଭାବରେ ଯୋଗ ଦେଇଥିବା ବେଳେ ଚିତ୍ରକର ଅରୁଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନ ୯ ଘଟିକାରୁ ଜଗନ୍ନାଥ ମନ୍ଦିରରୁ ସ୍ୱୀକୃତି ପ୍ରାପ୍ତ ଚିତ୍ରକର ଗଦାଧର ମହାନ୍ତି, ରୂପକ ଦାସ, ଶୁଭମ୍ ରାଉତ, ପ୍ରଦୀପ ବାଡ଼ି, ପପୁନ ପ୍ରଧାନ, ସମୀର ବେହେରା, ବିରେନ ବେହେରା ପ୍ରମୁଖ ଚିତ୍ରକାର ମାନେ ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ ଓ ମା ଭୁବନେଶ୍ୱରୀ ପଟିଦିଅଁ ଅଙ୍କନ ପାଇଁ ପଟିରେ ଖଡ଼ି ମରା କାର୍ଯ୍ୟକ୍ରମ ତୁଲାଇଥିଲେ। ସନ୍ଧ୍ୟାରେ ଶାସ୍ତ୍ରୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅମ୍ରିତା ବେହେରା ମାହିରୀ ନୃତ୍ୟ ପରିବେଷଣ କରିଥିବା ବେଳେ ଶୁଭଶ୍ରୀ ପତି ଓଡିଶୀ ନୃତ୍ୟ କରି ସମସ୍ତଙ୍କ ମନ ମୋହିଥିଲେ। ରଶ୍ମିରେଖା ମହାପାତ୍ର ଓ ନନ୍ଦିନୀ ନାୟକ ଜଗନ୍ନାଥ ଜଣାଣ ଗାଇଥିଲେ।

## କଲେଜ କର୍ମଚାରୀଙ୍କ ବିୟୋଗରେ ଶୋକସଭା

କାଳିପଦା, ୨୫।୬(ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜର ପୂର୍ବତନ ମୁଖ୍ୟ କିରାଣୀ ଲମ୍ବୋଦର ବିଶ୍ୱାଳଙ୍କ ବିୟୋଗରେ ଗୁରୁବାର କଲେଜ ସଭା ଗୃହରେ ଏକ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ପ୍ରଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକ ସଭାରେ ପ୍ରଧ୍ୟାପକ ଦେବବ୍ରତ ଦାସ, ସଂଗ୍ରାମ କେଶରୀ ନାୟକ, ନିର୍ମଳ କୁମାର ସାମଲ, ଡ଼ଃ ଶିବ ନାରାୟଣ ମହାପାତ୍ର, ବରିଷ୍ଠ ଅଧ୍ୟାପକ ଦେବେନ୍ଦ୍ର ସେଠୀ, ନଗେନ୍ଦ୍ର ନାଥ ପାତ୍ର, ତାପସ ତନୟ ନନ୍ଦୀ, ଅଜିତ କୁମାର ଭୂୟାଁ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ, ବଙ୍କିମ ଚନ୍ଦ୍ର ମୈକାପ, ସେକ ସବିର ହୋସେନ, ମୟୁଖ ମଣ୍ଡଳ, ପ୍ରକାଶ ବିଶ୍ୱାଳ, ମସାଙ୍ଗ ଟୁଡୁ, ମୁଖ୍ୟ କିରାଣୀ ଗୋପୀନାଥ ପଣ୍ଡା, ପ୍ରମଥ ମାନ୍ନା, ବଂଶୀଧର ନାୟକ ପ୍ରମୁଖ ଯୋଗ ଦେଇ ଦିବଂଗତ ଆବାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ପର୍ଶୁରାମ ଗିରି, ସନ୍ତୋଷ କୁମାର ସାହୁ, ମନୋଜ ସାମନ୍ତ, ଶଶିକାନ୍ତ ଜେନା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବୁଧବାର ସ୍ୱର୍ଗତ ବିଶ୍ୱାଳଙ୍କ ନିଜ ଗୁହାଳିପଦା ବାସ ଭବନରେ ଦେହାନ୍ତ ହୋଇ ଯାଇଥିଲା।

## ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସର୍ବଦଳୀୟ ବୈଠକ

ବାଲେଶ୍ୱର(ଉତ୍ତର), ୨୫।୬(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ପକ୍ଷରୁ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ନିର୍ବାଚନ ପଞ୍ଜୀକରଣ ଅଧିକାରିଣୀ ମନୋରମା ଭୂୟାଁ ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ ଏସଆଇଆର୍ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ବ୍ଲକ ସଭାପତି ପ୍ରବୀର କୁମାର ଗିରି, ପୂର୍ବତନ ବ୍ଲକ ସଭାପତି ଗଣପତି ଗିରି, ଅଂଶୁମାନ ମାନ ମହାନ୍ତି ଯୋଗ ଦେଇଥିଲେ। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ନିର୍ବାଚନ ମଣ୍ଡଳୀରେ ଚାଲିଥିବା ସ୍ୱତନ୍ତ୍ର ସଘନ ୨୦୨୬ ସଂଶୋଧନର ଅଗ୍ରଗତି ନେଇ ନେଇ ଆଲୋଚନା କରାଯାଇଥିଲା। ଜୁଲାଇ ୫ରେ ର ପ୍ରକାଶ ପାଇବାକୁ ଥିବା ଭୋଟ ଭୋଟର ତାଲିକାର ଚିଠା ସଂଶୋଧନ ପ୍ରକ୍ରିୟା ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକର ସୁପରିଚାଳନା ନେଇ ପ୍ରସ୍ତୁତ କରା କରାଯାଇଛି। ଏହି ପ୍ରକ୍ରିୟାରେ ସହଭାଗିତା ବୃଦ୍ଧି କରିବା ଓ କେହି ଜଣେ ବି ଯୋଗ୍ୟ ଭୋଟର ଯେମିତି ବାଦ ନ ପଡ଼ିବେ ସେ ଲାଗି ପ୍ରତ୍ୟେକ ବୁଥ୍‌ସ୍ତରୀୟ ଅଧିକାରୀ ଓ ବୁଥ୍ ସ୍ତରୀୟ ନେତାଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରସ୍ତୁତ ହେଉଥିବା ଚିଠା ଭୋଟର ତାଲିକାକୁ ନେଇ କୌଣସି ଆପତ୍ତି ଅଭିଯୋଗ ଥିଲେ ୫ ଜୁଲାଇ ୨୦୨୬ ରୁ ୪ ଅଗଷ୍ଟ ୨୦୨୬ ମଧ୍ୟରେ ଅଭିଯୋଗ ଦାଖଲ କରାଯାଇପାରିବ। ୫ ଜୁଲାଇ ପରେ ଯଦି ଚିଠା ଭୋଟର ତାଲିକାରେ କୈଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ି ପାରିବେ। ଫର୍ମ-୭ ତାଲିକାରୁ ବାଦ୍ ଓ ଫର୍ମ -୮ ମାଧ୍ୟମରେ କୈଣସି ପ୍ରକାର ସଂଶୋଧନ କରିପାରିବେ ବୋଲି ସୂଚନା ଦିଆଯାଇଥିଲା। ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଜି ସୁଦ୍ଧା ୧୦୦ ପ୍ରତିଶତ ଅର୍ଥାତ୍ ୨ଲକ୍ଷ ୩୨ହଜାର ୫୦୨ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ହୋଇଥିବା ବେଳେ ୧୦୦ ଶତକଡ଼ା ଭୋଟରଙ୍କ ଡିଜିଟାଇଜେସନର କରାଯାଇଛି। ଏଥିମଧ୍ୟରୁ ୪୬୦୪ ଜଣଙ୍କର ମେଚିଂ ହୋଇପାରିନାହିଁ। ଏହି ସର୍ବଦଳୀୟ ବୈଠକରେ ରେ ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧୁକାରୀ ତଥା ଭୋଗରାଇ ବିଡିଓ ପ୍ରଶାନ୍ତ କୁମାର ମହାରଣା, ତହସିଲଦାର ସୂର୍ଯ୍ୟ କୁମାର ନାୟକ ଓ ଅତିରିକ୍ତ ତହସିଲଦାର ପ୍ରଜ୍ଞାପାରମିତା ଉପସ୍ଥିତ ଥିଲେ।

## ବାଲେଶ୍ୱର ଷ୍ଟେସନର ପୁନଃବିକାଶ କାର୍ଯ୍ୟ ସମୀକ୍ଷା କଲେ ରେଳ ଜିଏମ୍

ବାଲେଶ୍ୱର, ୨୫।୬ (ସମିସ)



ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଅନିଲ କୁମାର ଜୈନ ମଙ୍ଗଳବାର ଶାଲିମାରଖଡ଼ଗପୁରବାଲେଶ୍ୱରରାଣୀତାଲ ସେକ୍ସନରେ ୱିଣ୍ଡୋ ଟ୍ରେଲିଂ ନିରୀକ୍ଷଣ କରିଛନ୍ତି। ସେକ୍ସନର ପରିଚାଳନା ଦକ୍ଷତା, ଭିତ୍ତିଭୂମି ବିକାଶ, ସୁରକ୍ଷା ମାନ ଓ ଯାତ୍ରୀ ସୁବିଧାର ସ୍ଥିତି ଅନୁଧ୍ୟାନ କରିବା ନିରୀକ୍ଷଣର ଉଦ୍ଦେଶ୍ୟ ଥିଲା। ନିରୀକ୍ଷଣ ସମୟରେ ଖଡ଼ଗପୁର ଡିଭିଜନାଲ ରେଳବାଇ ମ୍ୟାନେଜର ଲଳିତ ମୋହନ ପାଣ୍ଡେଙ୍କ ସମେତ ମୁଖ୍ୟାଳୟ ଓ ଡିଭିଜନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମହାପ୍ରବନ୍ଧକ ଶ୍ରୀ ଜୈନ ରାଣୀତାଲ ଷ୍ଟେସନ, ପ୍ୟାନେଲ ରୁମ୍ ଓ ୟାର୍ଡ ପରିଦର୍ଶନ କରି ପରିଚାଳନା, ରକ୍ଷଣାବେକ୍ଷଣ ଓ ଚାଲିଥିବା ବିକାଶ କାର୍ଯ୍ୟର ସମୀକ୍ଷା କରିଥିଲେ। ଅମୃତ ଷ୍ଟେସନ ଯୋଜନାରେ ବାଲେଶ୍ୱର, ଜଳେଶ୍ୱର ଓ ବେଲଦା ଷ୍ଟେସନର ପୁନଃବିକାଶ କାର୍ଯ୍ୟର ଅଗ୍ରଗତି ସେ ଅନୁଧ୍ୟାନ କରିଥିଲେ। ଯାତ୍ରୀ ସୁବିଧା, ସୌନ୍ଦର୍ଯ୍ୟକରଣ, ସୁଗମ୍ୟତା, ପ୍ରତୀକ୍ଷା ବ୍ୟବସ୍ଥା ଓ ପରିସଞ୍ଚରଣ ଅଞ୍ଚଳର ଉନ୍ନତି କାର୍ଯ୍ୟ ଗୁଣବତ୍ତା ସହ ଠିକ୍ ସମୟରେ ସାରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଲେଶ୍ୱର ଷ୍ଟେସନ ଗସ୍ତ ସମୟରେ ମହାପ୍ରବନ୍ଧକ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ମାନସ କୁମାର ଦତ୍ତଙ୍କ ସହ ଆଲୋଚନା କରିଥିଲେ। ନିର୍ବାଚନ ମଣ୍ଡଳୀର ରେଳ ସମସ୍ୟା, ଯାତ୍ରୀ ସୁବିଧା ଓ ଭବିଷ୍ୟତ ବିକାଶ ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା। ସ୍ଥାନୀୟ ପ୍ରତିନିଧିଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଏମ ପ୍ରତିଶ୍ରୁତି ଦେଇଥିଲେ। ସମଗ୍ର ନିରୀକ୍ଷଣରେ ସୁରକ୍ଷା, ଯାତ୍ରୀ ସେବାରେ ଉନ୍ନତି ଓ ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

● ଘୂର୍ଣ୍ଣିଝଡ଼ରେ ବ୍ୟାପକ କ୍ଷତି

## ଗଛ ଉପୁଡ଼ିଲା, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା; ରାସ୍ତା ଅବରୋଧ



ରାଜକନିକା, ୨୫।୬(ସମିସ): ଆଜି ଅପରାହ୍ନରେ ଘୂର୍ଣ୍ଣିଝଡ଼ରେ ରାଜକନିକାର ପୂର୍ବ କନିକା ଅଞ୍ଚଳରେ ଗଛ ଉପୁଡ଼ି, ବିଜୁଳି ଖୁଣ୍ଟ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ଆଜି ଅପରାହ୍ନ ୨ଟା ୪ ମିନିଟ ସମୟରେ ହଠାତ ପୂର୍ବ ଦିଗରୁ କଳାହାଣ୍ଡିଆ ମେଘ ଆକାଶରେ ଦେଖାଯିବା ସହ ନହୁଲିଆ ବାଦରଜା ରାସ୍ତାର ନନ୍ଦିମାହାରା ଗାଁ ନିକଟରେ ୧୨୦ରୁ ଅଧିକ ବେଗରେ ପବନ ବହିବା ଆରମ୍ଭ ହୋଇ ରାସ୍ତା କଡ଼ ଗଛ, ବିଜୁଳି ଖୁଣ୍ଟ ଭାଙ୍ଗି ଛାରଖାର କରିଦେଇଛି। ରାସ୍ତା ଉପରେ ଗଛ ଓ ଖୁଣ୍ଟ ପଡ଼ି ରହିବାରୁ ଯାନବାହନ ଅଟକି ରହିଥିଲା। ସ୍ଥାନୀୟ ଲୋକ ରାସ୍ତା ସଫା ପାଇଁ ଅଗ୍ନିଶମ ବାହିନୀକୁ ଫୋନ କଲେ ମଧ୍ୟ କେହି ଫୋନ ନ ଉଠାଇବାରୁ ଗ୍ରାମର ଯୁବକ ରାସ୍ତାରେ ପଡ଼ିଥିବା ଗଛ କାଟି ରାସ୍ତା ଅବରୋଧ ହଟାଇଛନ୍ତି। ସେହିପରି ନନ୍ଦିମାହାରା ଗ୍ରାମର ଠାକୁରାଣୀଙ୍କ ନିକଟରେ ଥିବା ଯଜ୍ଞ ଘର ମଧ୍ୟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଗାଁ ଭିତରେ ମଧ୍ୟ ଗଛ ଭାଙ୍ଗିଯାଇଛି। ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏପରି କ୍ଷୟକ୍ଷତି ହୋଇଥିଲେ ବି ପ୍ରଶାସନର ଏଥିପ୍ରତି ଦୃଷ୍ଟି ନ ରହିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର

ଡେରାବିଶ/ପଞ୍ଚୁପାଣ୍ଡବ, ୨୫।୬(ସମିସ): ଡେରାବିଶ ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକ ନିକଟସ୍ଥ ଏକ ତେଲ ଟାଙ୍କି ନିକଟରେ ଗୁରୁବାର ଅପରାହ୍ନରେ ଟ୍ରକ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଶିଶୁପୁତ୍ର ସମେତ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଞ୍ଚଳର ରାଜୁ ବେହେରା (୨୪) କେନ୍ଦ୍ରାପଡ଼ାରୁ ଘରକୁ ଏକ ସ୍କୁଟିରେ ତାଙ୍କର ଜଣେ ସମ୍ପର୍କୀୟ ମହିଳା ଓ ଏକ ଶିଶୁପୁତ୍ରକୁ ଧରି ଫେରୁଥିବା ବେଳେ ପଛପଟୁ ତାଙ୍କୁ ଏକ ଟ୍ରକ ଧକ୍କା ଦେଇଥିଲା। ଏଥିରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ ଶିଶୁପୁତ୍ର ଓ ମହିଳାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ରାଜୁଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। କେନ୍ଦ୍ରାପଡ଼ାରେ ରାଜୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଡେରାବିଶ ପୁଲିସ ପହଞ୍ଚି ଟ୍ରକ ଓ ସ୍କୁଟିକୁ ଜବତ କରିଛି।

## ବଜ୍ରପାତରେ ୩ ଗୁରୁତର

ରାଜକନିକା, ୨୫।୬(ସମିସ): ଆଜି ଅପରାହ୍ନରେ ବଜ୍ରପାତରେ ତିନିଜଣ ଗୁରୁତର ହୋଇଛନ୍ତି। ରାଜକନିକା ବ୍ଲକ ପାରିକୁଦପଡ଼ା ପଞ୍ଚାୟତ ହାବଳଖଣ୍ଡ ଗ୍ରାମର ବଚନ ମଲିକ ଓ ତାଙ୍କ ପରିବାର ଆଜି ମଧ୍ୟାହ୍ନରେ ପବନ ସାଙ୍ଗକୁ ବର୍ଷା ହେବାରୁ ସେମାନେ ବିଲରୁ ଘରକୁ ଫେରାଇ ଆସୁଥିଲେ। ଏ ସମୟରେ ବଜ୍ରପାତ ହେବାରୁ ବଚନ ମଲିକ, ତାଙ୍କ ପତ୍ନୀ ଓ ବଡ଼ଭାଉଜ ଚେତା ହରାଇ ପଡ଼ିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ଚିକିତ୍ସା ଜାରି ରହିଛି।

## ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟଣାରେ ଜଣେ ଅଟକ

ଗରଦପୁର, ୨୫।୬(ସମିସ): ଗରଦପୁର ବ୍ଲକର ଉଦାଳ ଅଞ୍ଚଳରେ କେନ୍ଦୁଝର ଜିଲ୍ଲାର ଆଦିବାସୀ ଯୁବକ ରଘୁନାଥ ନାୟକ(୪୯)ଙ୍କ ମୃତ୍ୟୁ ଘଟଣାର ତଦନ୍ତକୁ ଜୋରଦାର କରିଛି ପାଟକୁରା ପୁଲିସ। ପୁଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। କେନ୍ଦୁଝର ଜିଲ୍ଲା ଘଟଗାଁ ଅଞ୍ଚଳର ବାସିନ୍ଦା ରଘୁନାଥ ନାୟକ ଗତ ଚାରିମାସ ଧରି ଉଦାଳ ଅଞ୍ଚଳରେ ରହି କାମ କରୁଥିଲେ। ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିବାବେଳେ ପ୍ରାଥମିକ ଭାବେ ବିଷାକ୍ତ ପଦାର୍ଥ ସେବନ କରିଥିବା କୁହାଯାଉଥିଲା। ମୃତକଙ୍କ ଭାଇ କୁଳମଣି ନାୟକ ପାଟକୁରା ଥାନାରେ ଅଭିଯୋଗ କରିବା ପରେ ଘଟଣା ନୂଆ ମୋଡ଼ ନେଇଛି। ପୁଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ କରୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରିଛି। ପରେ ତାଙ୍କୁ ଦଣ୍ଡ ପ୍ରକ୍ରିୟା ସଂହିତା (ସିଆରପିସି) ଧାରା ୪୧ ଅନୁଯାୟୀ ଥାନାରୁ ଜାମିନରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ କରିବା ପାଇଁ ପୁଲିସ ଏବେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟ ଆସିବା ପରେ ଯଦି କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି କିମ୍ବା ଅପରାଧର ଦିଗ ସାମ୍ନାକୁ ଆସେ, ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କହିଛି।

## ବନବିହାରୀଜୀଉ ହାଇସ୍କୁଲରେ ଖୋଲିବ +୨ ବିଜ୍ଞାନ

ରାଜନଗର, ୨୫।୬(ସମିସ): ଗୁପ୍ତି ପଞ୍ଚାୟତର ଗୋପାଳପୁରଠାରେ ଥିବା ବନବିହାରୀଜୀଉ ସରକାରୀ ହାଇସ୍କୁଲରେ +୨ ବିଜ୍ଞାନ ଶ୍ରେଣୀ ଖୋଲିବ। ଦିଲ୍ଲୀରେ ପ୍ରୋଜେକ୍ଟ ଆପ୍ରୁଭାଲ ବୋର୍ଡ ବୈଠକରେ ଏ ନେଇ ମଞ୍ଜୁରି ମିଳିଥିବା ଜଣାପଡ଼ିଛି। ଓଡ଼ିଶା ସରକାରଙ୍କ ଓସେପାକୁ ଏ ନେଇ ଚିଠି ଆସିବା ପରେ ଗୁପ୍ତି ଓ ସାତଭାୟା ପଞ୍ଚାୟତରେ ଖୁସିର ଲହରି ଖେଳିଯାଇଛି। ଗୁପ୍ତି ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଦୂରତା ୨୪ କିଲୋମିଟର ହୋଇଥିବାବେଳେ ସାତଭାୟା ପଞ୍ଚାୟତର ଦୂରତା ୨୬ କିଲୋମିଟର। ମାଟ୍ରିକ ପରେ ଦୂରତା ଦୃଷ୍ଟିରୁ ଏହି ଦୁଇ ପଞ୍ଚାୟତର ଅଧିକାଂଶ ଛାତ୍ରଛାତ୍ରୀ ପଢ଼ାରେ ଡୋରୀ ବାନ୍ଧିଥା'ନ୍ତି। ଗୁପ୍ତି ପଞ୍ଚାୟତର ଗୋପାଳପୁରଠାରେ ଥିବା ବନବିହାରୀଜୀଉ ହାଇସ୍କୁଲରେ +୨ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ବିଦ୍ୟାଳୟ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଚିଠି କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଓ ଡିପିସିଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ କେଉଁ କାରଣ ପାଇଁ ଏହି ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଖୋଲିବା ଜରୁରୀ ତାହା ଦର୍ଶାଯାଇଥିଲା। ଦିଲ୍ଲୀରେ ଏହି ବିଷୟ ପ୍ରୋଜେକ୍ଟ ଆପ୍ରୁଭାଲ ବୋର୍ଡ ବୈଠକରେ ବନବିହାରୀଜୀଉ ସରକାରୀ ହାଇସ୍କୁଲରେ +୨ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ମଞ୍ଜୁରି ମିଳିଥିବା ଜଣାପଡ଼ିଛି। ଓଡ଼ିଶା ସରକାରଙ୍କ ଓସେପାକୁ ଏନେଇ ଚିଠି ଆସିବା ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ବନବିହାରୀଜୀଉ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୩୪୩ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ନବମ ଶ୍ରେଣୀରେ ୧୯୦ ଜଣ ଓ ଦଶମ ଶ୍ରେଣୀରେ ୨୦୯ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି।

ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା

# 'ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା ଗଠନ ପାଇଁ ସମନ୍ୱିତ ପ୍ରୟାସ ଜରୁରୀ'

କେନ୍ଦ୍ରାପଡ଼ା, ୨୫।୬(ସମିସ)



ଶିଶୁ ଶ୍ରମିକ ନିରାକରଣ ଓ ଶିଶୁ ଅଧିକାର ସୁରକ୍ଷା କ୍ଷେତ୍ରରେ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସ ଅତ୍ୟନ୍ତ ଜରୁରୀ ବୋଲି ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳାରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆନୁକୂଲ୍ୟ ଓ ଜିଲ୍ଲା ଶ୍ରମ ବିଭାଗ ସହଯୋଗରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ ୧୯୮୬ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳାରେ ଏହି ମତ ପ୍ରକାଶ ପାଇଛି।

ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା ଗଠନକୁ ସମସ୍ତଙ୍କ ସଂକଳ୍ପ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଶିଶୁମାନେ ଦେଶର ଭବିଷ୍ୟତ ହୋଇଥିବାରୁ ସେମାନଙ୍କୁ ଶିକ୍ଷିତ ଓ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ ଓ ମନସ୍ମିତା ଖୁଣ୍ଟିଆ ଯୋଗଦେଇ ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ ହୋଟେଲ, ଦୋକାନ, ଇଟାଭାଟି ଓ ଅନ୍ୟାନ୍ୟ କାର୍ଯ୍ୟସ୍ଥଳରେ ନିୟୋଜିତ ନ କରିବା, ସ୍କୁଲ ଛାଡୁଥିବା ପିଲାଙ୍କୁ ପୁନଃ ଶିକ୍ଷା ସହିତ ଯୋଡ଼ିବା, ୧୪ ବର୍ଷରୁ ଅଧିକ ବୟସର କିଶୋରଙ୍କୁ ବୈଷୟିକ ଓ ଧନ୍ଦାମୂଳକ ତାଲିମ ପ୍ରଦାନ କରିବା ଦିଗରେ ସମନ୍ୱିତ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂ, ସିଡବ୍ଲୁସି ଅଧକ୍ଷା ସ୍ୱାଗତିକା ପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ଓ ଆଇୟୁସିଏଡବ୍ଲୁ ଡିଏସପି ବବିତା ଦଳେଇ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ କହିଥିଲେ ଯେ, ଦାରିଦ୍ର୍ୟ,

**ଶିଶୁ ଶ୍ରମ ନିରାକରଣ ଅଭିଯାନ**

ଆର୍ଥିକ ଦୁର୍ବଳତା ଓ ଶିକ୍ଷାର ଅଭାବ ଯୋଗୁଁ ଅନେକ ଶିଶୁ ଶିଳ୍ପାଞ୍ଚଳ, ହୋଟେଲ, ଦୋକାନ ଓ କାରଖାନାରେ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରୁ ମଧ୍ୟ ବାହାର ରାଜ୍ୟକୁ ଶିଶୁ ଚାଲାଣ ଘଟଣା ଦେଖିବାକୁ ମିଳୁଛି। ଏହାକୁ ରୋକିବା ପାଇଁ ଅଙ୍ଗନବାଡ଼ି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ସ୍ୱେଚ୍ଛାସେବୀ ସଂଗଠନ ଓ ସରକାରୀ ବିଭାଗମାନଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ସେମାନେ ମତ ଦେଇଥିଲେ। ଶିଶୁ ଶ୍ରମିକ ଚିହ୍ନଟ ଓ ଉଦ୍ଧାର କ୍ଷେତ୍ରରେ ସାଧାରଣ ଲୋକଙ୍କ ସହଯୋଗ କାମନା କରାଯାଇଥିଲା। ଏଥିପାଇଁ ଚାଇଲ୍ଡ ହେଲ୍ପଲାଇନ ୧୦୯୮, ପୁଲିସ ହେଲ୍ପଲାଇନ ୧୧୨ ଓ ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୫୪୪୯୪ରେ ସୂଚନା ପ୍ରଦାନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟକେତନ ସାହୁଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି କର୍ମଶାଳାରେ ସିଡବ୍ଲୁସି ସଦସ୍ୟ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଜିଲ୍ଲା ଶ୍ରମ ବିଭାଗର ଅଧିକାରୀ, ସିଡିପିଓ, ବିଭିନ୍ନ ଥାନାର ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

ଆଳି, ୨୫।୬(ସମିସ): ଆଳି ଥାନା ପରିସର ମଧ୍ୟରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଧନେଶ୍ୱର ରାଉତଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଆଳି ଥାନା ଭାରପ୍ରାପ୍ତ ଅଧିକାରୀ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ, ସମ୍ମାନିତ ଅତିଥି ଭାବେ ଏସଆଇ ଲୀଳାବତୀ ସାମଲ, ଏସଆଓ ମାନସ ସାହୁ ଯୋଗ ଦେଇଥିଲେ। ଅତିଥିମାନେ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରିଥିଲେ। ପରେ ବରିଷ୍ଠ ନାଗରିକ ପରିଚୟ ପତ୍ରର ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବସ୍ ଭଡ଼ାରେ ବରିଷ୍ଠ ନାଗରିକ ଟିକେଟ୍ ମୂଲ୍ୟରେ ୨୫ ପ୍ରତିଶତ ରିହାତି ପାଇଥା'ନ୍ତି। ସରକାରୀ ହସ୍ପିଟାଲ ମାଧ୍ୟମରେ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ଓ ଅଗ୍ରାଧିକାର ମିଳିଥାଏ। ଆୟକର ରିଟର୍ଣ୍ଣ ଦାଖଲ ସମୟରେ ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ରିହାତି, ଅଧିକ ଆୟ ସୀମା ପର୍ଯ୍ୟନ୍ତ ଟ୍ୟାକ୍ସ ଛାଡ଼ ମିଳିଥାଏ। ଆଳି ଥାନା ଅଧୀନରେ ୬୨ ଜଣ ଆବେଦନ କରିଥିବାବେଳେ ଆଜି ବଣ୍ଟନ ସମାରୋହରେ ୫୨ ଜଣ ବରିଷ୍ଠ ନାଗରିକଙ୍କୁ ଏହି ପତ୍ର ବଣ୍ଟନ କରାଯାଇଛି। ଆଳି ବରିଷ୍ଠ ନାଗରିକ ସଂଘର ମଧୁସୂଦନ ଦାସ, ଜଗଦୀଶ ଧଳ, ଦାଶରଥି ପ୍ରଧାନ, ଗୋବିନ୍ଦ ନନ୍ଦ, କରୁଣାକର ସାମଲ, ସହଦେବ ସିଂହ, ମାୟାଧର ରାଉତ, ଦଶରଥ ମଳିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ସନ୍ତୋଷ ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ




ରାଜନଗର, ୨୫।୬(ସମିସ): ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ମିଶନ ଶକ୍ତି ଭବନରେ ମୁକୁଲ ମାଧବ ଫାଉଣ୍ଡେସନ୍ ଓ ଫିନୋଲେକ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ଆକ୍ସନଏଡ୍ ଆସୋସିଏସନର ଯୁବକ ଓ ମହିଳାଙ୍କ ପାଇଁ ଏକ ଆଇନଗତ ସଚେତନତା ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ୩୫ରୁ ଅଧିକ ସମ୍ପ୍ରଦାୟର ମହିଳା ଓ ଯୁବକ ଅଂଶଗ୍ରହଣ କରିଥିଲେ। ଏହି ତାଲିମର ଲକ୍ଷ୍ୟ ଥିଲା ଆଇନଗତ ଅଧିକାର, ସୁରକ୍ଷା ବ୍ୟବସ୍ଥା ଓ ଉପଲବ୍ଧ ସହାୟତା ସେବାର ପ୍ରବେଶ, ବିଶେଷକରି ମହିଳା ଓ ଯୁବକଙ୍କ ପାଇଁ ସଚେତନତାକୁ ସୁଦୃଢ଼ କରିବା। ଆଡଭୋକେଟ୍ ଦେବଦତ୍ତ ସେଠୀ ଆଇନଗତ ବ୍ୟବସ୍ଥା, ବିବାହ ଆଇନ, ଘରୋଇ ହିଂସା ଆଇନ, ଯୌନ ଅପରାଧରୁ ଶିଶୁ ସୁରକ୍ଷା ଆଇନ, ପରିବାର ଅଦାଲତର ଭୂମିକା ଓ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ସାଇବର ନିରାପତ୍ତା ଓ ସାଇବର ସେଲର କାର୍ଯ୍ୟକାରିତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମ ପ୍ରକଳ୍ପ ସଂଯୋଜିକା ସଙ୍ଗୀତା ବଳଙ୍କ ଦ୍ୱାରା ଉଦ୍ଦେଶ୍ୟମୂଳକ ଆଲୋଚନା ସହିତ ଆରମ୍ଭ ହୋଇଥିଲା। ସମ୍ପ୍ରଦାୟକୁ ସଶକ୍ତ କରିବା ଓ ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବାରେ ଆଇନଗତ ସାକ୍ଷରତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଆକ୍ସନଏଡ୍ ଦଳର ସଦସ୍ୟ ସବିତା ରାଉତ ଓ ସଞ୍ଜୁକ୍ତା ସ୍ୱାଇଁ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ



ମାର୍ଶାଘାଇ, ୨୫।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ପାଳନ ଅବସରରେ ମାର୍ଶାଘାଇ ବ୍ଲକସ୍ତରୀୟ ସରକାରୀ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ତୃପ୍ତି ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ଆଗାମୀ ଦିନରେ ମାର୍ଶାଘାଇ ଶିଳ୍ପ ବିକାଶ ମୁଖଶାଳା ହେବାକୁ ଯାଉଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ରଶ୍ମିରଞ୍ଜନ ରାଉତରାୟ, ବରିଷ୍ଠ ବିଜେପି ନେତା ସରୋଜ ସାହୁ, ବିକ୍ରମ କେଶରୀ ରାଉତରାୟ, ନିଗମ ପ୍ରସାଦ ରଥ, ପୂର୍ବତନ ସରପଞ୍ଚ ରାଜୀବ ପୃଷ୍ଟି, ସିଡିପିଓ ଶୈଳବାଳା ଚାଷୀ, ବ୍ଲକ କୃଷି ଅଧିକାରୀ ପ୍ରମୋଦିନୀ ପ୍ରଧାନ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ନିର୍ମାଣ ଶ୍ରମିକ କାର୍ଡ ୫ ଜଣ, ମଧୁବାବୁ ପେନସନ ଭତ୍ତା ହିତାଧିକାରୀ ୨୦ ଜଣ, ମୁଖ୍ୟମନ୍ତ୍ରୀ ଗୃହନିର୍ମାଣ କାର୍ଯ୍ୟାଦେଶ ୪ ଜଣ, ଅଙ୍ଗନବାଡ଼ି କର୍ମୀ ୧୦ ଜଣଙ୍କୁ ମୋବାଇଲ୍ ମୁଖ୍ୟଅତିଥି ଶ୍ରୀ ନାୟକ ବଣ୍ଟନ କରିଥିଲେ। ବିଶିଷ୍ଟ ଉଦ୍ୟୋଗପତି ରନେନ୍ଦ୍ର ସ୍ୱାଇଁ ଓ ଦୁଇଜଣ କୁମ୍ଭକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏବିଡିଓ ଇତିଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପଟ୍ଟାମୁଣ୍ଡାଇ କଲେଜରେ ଯୋଗ ଶିବିର

ପଟ୍ଟାମୁଣ୍ଡାଇ, ୨୫।୬(ସମିସ): ପଟ୍ଟାମୁଣ୍ଡାଇ କଲେଜ ଏନଏସଏସ, ଏନସିସି ଓ ୟୁଥ ରେଡକ୍ରସ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି। କଲେଜ ଅଧ୍ୟକ୍ଷ କ୍ୟାପଟେନ ମନୋଜ




ପରିଡ଼ାଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଓ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ୟୁଥ ରେଡକ୍ରସ କାଉନସେଲର ଅଧ୍ୟାପକ ସରୋଜକାନ୍ତ ନାୟକ, ଏନସିସି ଅଫିସର ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ. ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ସୁଭାଶିଷ ମିଶ୍ର, ଏନଏସଏସ ଅଫିସର ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ, ଅଧ୍ୟାପକ ଚିନ୍ମୟ ସାମଲ ପ୍ରମୁଖ ଯୋଗଦେଇ ଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୋଗ ଶିକ୍ଷକ କ୍ଷୀରୋଦ ମଲ୍ଲିକ ଛାତ୍ରଛାତ୍ରୀଙ୍କୁ ଯୋଗ ଶିକ୍ଷା ଦେଇଥିଲେ।

## ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବ ପାଳିତ

ପଟ୍ଟାମୁଣ୍ଡାଇ, ୨୫।୬(ସମିସ): ରାଜ୍ୟର ବିଜେପିର ସରକାରର ୨ ବର୍ଷ ପୂରଣ ହୋଇଛି। ସାରା ରାଜ୍ୟରେ ପୂର୍ତ୍ତି ଉତ୍ସବ ପାଳନ କରାଯାଉଛି। ଏହି କ୍ରମରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ୩ଟି ସ୍ଥାନରେ ପୂର୍ତ୍ତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ପକ୍ଷରୁ ମୁଖ୍ୟ ଉତ୍ସବ ପୌର ପରିଷଦ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ଉତ୍ସବ ଉଦଘାଟନ କରି ରାଜ୍ୟ ସରକାର ୨ ବର୍ଷରେ ଗ୍ରହଣ କରିଥିବା ବିଭିନ୍ନ



ପଦକ୍ଷେପ, ନୂତନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ନିର୍ବାହୀ ରଞ୍ଜନ ଦାଶ, ସହକାରୀ ଯନ୍ତ୍ରୀ ସୁଶୀଲ ବେହେରା, ଜନସ୍ୱାସ୍ଥ୍ୟ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ସିଡିପିଓ ଲକ୍ଷ୍ମୀମଣି ସିଂ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ, ୨ନଂ କାଉନସିଲର ସନ୍ତୋଷ ଦାସ, ୨୦ନଂ କାଉନସିଲର ରୀନାରାଣୀ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ପରିମଳ ବିଶାରଦ ପ୍ରଭଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମ ସମ୍ପର୍କ ସୂଚନା ଦେଇଥିଲେ। ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଳିକ, ସହକାରୀ ଯନ୍ତ୍ରୀ ବିନାୟକ ମିଶ୍ର ଓ ପ୍ରସନ୍ନ ରାଉତ ପ୍ରମୁଖ ଉପସ୍ଥିତ ଥିବାବେଳେ ସିପି ମନୋରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

## ତିଖିରି ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ମହାକାଳପଡ଼ା, ୨୫।୬(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରୀ ପଞ୍ଚାୟତରେ ଦୀର୍ଘଦିନ ଧରି ବହୁ ଉନ୍ନୟନମୂଳକ କାମ ଅଟକି ରହିଥିବାବେଳେ ଏହାକୁ ନେଇ ଏକ ରୁଦ୍ଧଦ୍ୱାର ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ଓ ଡେପୁଟି କଲେକ୍ଟରଙ୍କ ନେତୃତ୍ୱରେ ଏକ ପାଞ୍ଚଜଣିଆ ଟିମ୍ ମହାକାଳପଡ଼ା ବ୍ଲକରେ ପହଞ୍ଚି ତିଖିରୀ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ସ୍ଥିତିର ସମୀକ୍ଷା କରିଥିଲେ। ପ୍ରାୟ ଏକଘଣ୍ଟା ଧରି ଚାଲିଥିବା ବୈଠକରେ ସରପଞ୍ଚ ଚାମେଲୀ ଓଝା ପଞ୍ଚାୟତରେ ଅଧାପଡ଼ି ରହିଥିବା ରାସ୍ତା, ପାନୀୟଜଳ, ଗୃହ ନିର୍ମାଣ ଓ ଅନ୍ୟାନ୍ୟ ସରକାରୀ ଯୋଜନା ସମ୍ବନ୍ଧୀୟ କାର୍ଯ୍ୟରେ ଥିବା ଅନିୟମିତତା ଓ ବିଳମ୍ବ ସମ୍ପର୍କରେ ଅଧିକାରୀଙ୍କୁ ଅବଗତ କରାଇଥିଲେ। ପ୍ରଶାସନିକ ଟିମ୍ ବିଭିନ୍ନ ଫାଇଲ ଯାଞ୍ଚ କରିବା ସହ କାମ ଅଟକି ରହିବାର କାରଣ ନେଇ ତଦନ୍ତ କରିଥିଲେ। ବୈଠକ ପରେ ମଧ୍ୟ ତିଖିରୀ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ କେବେ ଗତି ପାଇବ ଓ ଅଟକିଥିବା ପ୍ରକଳ୍ପର ଭାଗ୍ୟ କ'ଣ ହେବ, ତାହାକୁ ନେଇ ଲୋକଙ୍କ ମନରେ ସନ୍ଦେହ ରହିଛି। କିଛିଦିନ ପୂର୍ବରୁ ଏହି ପ୍ରକଳ୍ପଗୁଡ଼ିକୁ ନେଇ ବ୍ଲକ ବିଡିଓ ଓ ସରପଞ୍ଚ ଚାମେଲୀ ଓଝାଙ୍କ ମଧ୍ୟରେ ଘଟିଥିବା ବିବାଦ ଓ ଉତ୍ତେଜନା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମୟରେ ପ୍ରଶାସନ ପକ୍ଷରୁ ଏଭଳି ତଦନ୍ତମୂଳକ ବୈଠକ ଆୟୋଜନ ହେବା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ବୈଠକରେ ବିଡିଓ ରବିନାରାୟଣ ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ମୁକ୍ତିକାନ୍ତ ସାହୁ ଓ ତିଖିରୀ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବେଶ କୁମାର ଉପସ୍ଥିତ ଥିଲେ। ଦୀର୍ଘଦିନ ଧରି ଅଟକି ରହିଥିବା ଉନ୍ନୟନ କାର୍ଯ୍ୟ ଓ ଅଭିଯୋଗର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ଦାବି କରିଛନ୍ତି ତିଖିରୀ ଗ୍ରାମବାସୀ। ବର୍ତ୍ତମାନ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

## ପଟ୍ଟାମୁଣ୍ଡାଇରେ ଆଧ୍ୟାତ୍ମିକ ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ, ୨୫।୬(ସମିସ): ଆଧ୍ୟାତ୍ମିକ ଭାବନା କେବଳ ବ୍ୟକ୍ତିଙ୍କୁ ମାନସିକ ଶାନ୍ତି ପ୍ରଦାନ କରେନାହିଁ ଅଧିକନ୍ତୁ ବିଶ୍ୱରେ ମାନବିକତାର ପ୍ରତିଷ୍ଠାରେ ସହାୟକ ହୋଇଥାଏ। ପ୍ରକୃତ ଆଧ୍ୟାତ୍ମିକତା ବ୍ୟକ୍ତିଙ୍କୁ ବହୁ ସଂକୀର୍ଣ୍ଣତାରୁ ମୁକ୍ତ କରେ। ବରିଷ୍ଠ ନାଗରିକ ମଞ୍ଚ ପଟ୍ଟାମୁଣ୍ଡାଇ ଚିତ୍ତବିନୋଦନ କକ୍ଷରେ ଅନୁଷ୍ଠିତ ଆଧ୍ୟାତ୍ମିକ ଆଲୋଚନାଚକ୍ରରେ ଯୋଗଦେଇ ଆଲୋଚକ



ମତ ଦେଇଛନ୍ତି। ମଞ୍ଚର ସାଂସ୍କୃତିକ ସମ୍ପାଦକ କଥାକାର ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ବିଶ୍ୱ ନିୟନ୍ତା ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ବୃନ୍ଦାବନରୁ ଆସିଥିବା ରାମ ଚରିତ ପ୍ରବକ୍ତା ଅନୁପମ କୃଷ୍ଣ ଦାସ ସାରଗର୍ଭକ ଆଧ୍ୟାତ୍ମିକ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସଭାପତି କସ୍ତୁରି ଚରଣ ସ୍ୱାଇଁ, ପ୍ର. କୈଳାସ ପାତ୍ର, ପାବନି ରାଉତ, ବିଜୟ ରାଉତ, ଶିକ୍ଷାବିତ ପ୍ରମୋଦ ନାୟକ, ନାଟ୍ୟକାର ଗୋଲକ ମହାରଣା, ପଣ୍ଡିତ ତ୍ରୈଲୋକ୍ୟ ମିଶ୍ର, ବଂଶୀଧର ନାୟକ, ତୀର୍ଥାନନ୍ଦ ଭଦ୍ର, ଇଂ ତପନ ପାତ୍ର, ପ୍ରସନ୍ନ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

ଦୃଷ୍ଟିବାଧିତଙ୍କ ନାମରେ ଋଣ ଉଠାଣ ଅଭିଯୋଗ

# ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଦମ୍ପତି

କେନ୍ଦ୍ରାପଡ଼ା, ୨୫।୬(ସମିସ)




ଦୃଷ୍ଟିବାଧିତ ଦମ୍ପତିଙ୍କ ସରଳତା ଓ ଅସହାୟତାର ସୁଯୋଗ ନେଇ ଲକ୍ଷାଧିକ ଟଙ୍କାର ଋଣ ଉଠାଣ ହୋଇଥିବା ଅଭିଯୋଗ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚିଛି। ମାର୍ଶାଘାଇ ଥାନା ଅନ୍ତର୍ଗତ ପଳାସପୁର ଗ୍ରାମର ଦୃଷ୍ଟିବାଧିତ ଦମ୍ପତି ସୋନୁ ମଲ୍ଲିକ ଓ ରୀନା ମଲ୍ଲିକ ନ୍ୟାୟ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ସ୍ଥାନୀୟ ୨୫ ନମ୍ବର ଜୋନ୍‌ର ମଣ୍ଡଳ ସଭାପତି ରଶ୍ମିରଞ୍ଜନ ରାଉତଙ୍କ ନାମରେ ଏକ ଜନସେବା କେନ୍ଦ୍ର ରହିଛି। ସୋନୁ ମଲ୍ଲିକ ନିୟମିତ ଭାବେ ଉକ୍ତ କେନ୍ଦ୍ରରୁ ନିଜ ଭତ୍ତା ଟଙ୍କା ଉଠାଉଥିବାରୁ ତାଙ୍କ ଟିପଚିହ୍ନ, ଆଧାର କାର୍ଡ ଓ ଅନ୍ୟାନ୍ୟ ଦସ୍ତାବିଜ ସେଠାରେ ଉପଲବ୍ଧ ଥିଲା। ଏହାର ସୁଯୋଗ ନେଇ ତାଙ୍କ ନାମରେ ଏକ ଫାଇନାନ୍ସ କମ୍ପାନୀରୁ ଋଣ ଉଠାଯାଇଥିବା ଅଭିଯୋଗ କରିଛନ୍ତି ଦମ୍ପତି। ସୋନୁ ମଲ୍ଲିକଙ୍କ କହିବା ଅନୁଯାୟୀ, ଋଣ ସମ୍ପର୍କରେ ସେମାନେ କିଛି ଜାଣି ନ ଥିଲେ। ପରେ ସମ୍ପୃକ୍ତ ଫାଇନାନ୍ସ କମ୍ପାନୀ ପକ୍ଷରୁ ଋଣ ପରିଶୋଧ ପାଇଁ କୁହାଯିବା ପରେ ସେମାନେ ଘଟଣା ବିଷୟରେ ଅବଗତ ହୋଇଥିଲେ। ଏହାପରେ ସେମାନେ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଦମ୍ପତି ଅଭିଯୋଗ କରିଛନ୍ତି। ସେମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ଘଟଣା ସମ୍ପର୍କରେ ସ୍ୱର ଉଠାଇବା ପରେ ସେମାନଙ୍କୁ ଧମକ ଦିଆଯାଉଛି। ଏପରିକି ଜୀବନ ପ୍ରତି ବିପଦ ଥିବା ନେଇ ମଧ୍ୟ ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏ ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ନିକଟରେ ନିରପେକ୍ଷ ତଦନ୍ତ, ଋଣ ଠକେଇର ପ୍ରକୃତ ସତ୍ୟ ଉଦ୍‌ଘାଟନ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି ଦୃଷ୍ଟିବାଧିତ ଦମ୍ପତି। ଘଟଣାକୁ ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଥିବାବେଳେ ପ୍ରଶାସନ କି ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ପ୍ରଶାସନର ଅବହେଳା, ବାସନ୍ତୀଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା



କେନ୍ଦ୍ରାପଡ଼ା, ୨୫।୬(ସମିସ): ଜୀବନର ସାୟାହ୍ନରେ ଜଣେ ଅସହାୟ ବୃଦ୍ଧା ଭତ୍ତାରୁ ବଞ୍ଚିତ ଅଛନ୍ତି। ରୋଗରେ ପୀଡ଼ିତା କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁରର ୭୮ ବର୍ଷୀୟା ବାସନ୍ତୀ ପାଣି ଚାରିବର୍ଷ ଧରି ବାର୍ଦ୍ଧକ୍ୟ ଭତ୍ତା ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହୋଇପଡ଼ିଛନ୍ତି। ୨୦୨୨ ଅକ୍ଟୋବର ୧୦ ତାରିଖରେ ବାସନ୍ତୀ ପାଣି ଶେଷଥର ପାଇଁ ଭତ୍ତା ପାଇଥିଲେ। ତା'ପରଠାରୁ ଆଜି ପର୍ଯ୍ୟନ୍ତ ତାଙ୍କ ଖାତାକୁ ଆଉ ଭତ୍ତା ଟଙ୍କା ଆସିନାହିଁ। ଭତ୍ତା ପୁନଃ ଚାଲୁ କରିବା ପାଇଁ ସେ ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ଯାଇଥିଲେ ମଧ୍ୟ ପ୍ରତ୍ୟେକ ଥର କେବଳ ଆଶ୍ୱାସନା ମିଳିଛି। ଆଜି ହେବ, କାଲି ହେବ କହି କହି ଚାରିବର୍ଷ ବିତିଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ। ବୟସର ଭାରରେ ନଇଁ ପଡ଼ିଥିବା ଏହି ବୃଦ୍ଧା ବର୍ତ୍ତମାନ ରୋଗାକ୍ରାନ୍ତ ଅବସ୍ଥାରେ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି। ନିୟମିତ ଔଷଧ କିଣିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଥିବାବେଳେ ବାର୍ଦ୍ଧକ୍ୟ ଭତ୍ତା ତାଙ୍କର ଏକମାତ୍ର ଭରସା ବୋଲି ସେ କହିଛନ୍ତି। ସେହି ସାମାନ୍ୟ ସହାୟତାରୁ ମଧ୍ୟ ସେ ଦୀର୍ଘ ଚାରି ବର୍ଷ ଧରି ବଞ୍ଚିତ ରହିଛନ୍ତି। ବାସନ୍ତୀ ପାଣିଙ୍କ ଏହି ଦୁଃଖଭରା କାହାଣୀ କେବଳ ଜଣେ ବୃଦ୍ଧାଙ୍କ ବ୍ୟକ୍ତିଗତ ସମସ୍ୟା ନୁହେଁ, ବରଂ ସାମାଜିକ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା ଓ ପ୍ରଶାସନିକ ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜୀବନର ଶେଷ ପର୍ଯ୍ୟାୟରେ ଜଣେ ଅସହାୟ ବୃଦ୍ଧା ଯଦି ତାଙ୍କ ହକ୍‌ର ସରକାରୀ ସହାୟତା ପାଇପାରୁନାହାନ୍ତି, ତେବେ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ବାସ୍ତବ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଆଜି ବି ବାସନ୍ତୀ ପାଣିଙ୍କ ଆଖିରେ ରହିଛି ଗୋଟିଏ ଆଶା। ତାଙ୍କ କହିବା କଥା, ଯଦି ଭତ୍ତା ଟଙ୍କା ମିଳିଥା'ନ୍ତା, ଔଷଧ ଖାଇଥା'ନ୍ତି, ଆଉ କିଛିଦିନ ବଞ୍ଚିଥା'ନ୍ତି। ଏବେ ଦେଖିବାକୁ ବାକି ରହିଲା, ଜଣେ ୭୮ ବର୍ଷୀୟା ବୃଦ୍ଧାଙ୍କ ଏହି ଆର୍ତ୍ତନାଦ ପ୍ରଶାସନର କାନରେ ପହଞ୍ଚୁଛି କି ନାହିଁ।

# କଟକ ସିଟି



## ଅଘୋଷିତ ଘାଟରୁ ବେଧଡ଼କ ବାଲି ଚୋରି

# ବର୍ଷା ପୂର୍ବରୁ ସକ୍ରିୟ ବାଲି ମାଫିଆ

କଟକ,୨୬।୬(ସମିସ)

ବର୍ଷା ଋତୁରେ ସାଧାରଣତଃ ଜୁନରୁ ଅକ୍ଟୋବର ପର୍ଯ୍ୟନ୍ତ ବାଲି ଉତ୍ତୋଳନ ଉପରେ କଟକଣା ଲାଗିଥାଏ; ହେଲେ ଏଭଳି ନିଷେଧାଜ୍ଞା ସତ୍ତ୍ୱେ କଟକ ଜିଲ୍ଲାରେ ଚୋରା ବାଲି ଚାଲାଣ ସୀମା ଲଂଘିଥିବା ଦେଖିବାକୁ ମିଳିଲାଣି। ଅନ୍ୟପଟରେ ଏହାକୁ ରୋକିବାକୁ ପ୍ରଶାସନ ସକ୍ଷମ ହୋଇନାହିଁ। ଜିଲ୍ଲା ଦେଇ ପ୍ରବାହିତ ହେଉଥିବା ବିଭିନ୍ନ ନଦୀରୁ ଦୈନିକ ଲକ୍ଷାଧିକ ଟଙ୍କାର ବାଲି ରାତି ବେଳା ଚୋରା ଚାଲାଣ କରାଯାଉଛି। ବିଶେଷକରି ଆଗକୁ ବର୍ଷା ଋତୁ ପାଇଁ ବାଲି ମାଫିଆମାନେ ଅଧିକ ସକ୍ରିୟ ହୋଇଛନ୍ତି। ଏବେଠାରୁ ବାଲି ଉତ୍ତୋଳନ କରି ବିଭିନ୍ନ ଖୋଲା ସ୍ଥାନରେ ଗଦା କରି ଏହାକୁ ଚଢ଼ା ଦରରେ ବିକ୍ରି କରିବା ପାଇଁ ପ୍ରସ୍ତୁତି କରିଛନ୍ତି ବ୍ୟବସାୟୀ। ଜିଲ୍ଲା ଖଣି ବିଭାଗ ନିକଟରେ ଏହି ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉନି। ଜିଲ୍ଲାରେ ସମୁଦାୟ ୧୫ଟି ତହସିଲ୍ ଅଧୀନରେ ମୋଟ ୧୦୭ଟି ବାଲିଘାଟ ରହିଥିଲେ ମଧ୍ୟ ତନ୍ମଧ୍ୟରୁ ପ୍ରାୟ ୭୦ଟି ସ୍ୱୀକୃତୀପ୍ରାପ୍ତ ବାଲିଘାଟ ନିଲାମ କରାଯାଇଛି। ନିଲାମ ହୋଇ ନଥିବା ବାଲିଘାଟ ସହ ଅନ୍ୟାନ୍ୟ ଅଘୋଷିତ ବାଲିଘାଟକୁ ବାଲି ମାଫିଆମାନେ ବ୍ୟବହାର କରି ବାଲି ଚୋରା ଚାଲାଣ କରୁଛନ୍ତି। ଜିଲ୍ଲା ଦେଇ ପ୍ରବାହିତ ହେଉଥିବା ମହାନଦୀ, କାଠଯୋଡି, ଦେବୀ, ବିରୂପା, ଲୁଣା, ଚିତ୍ରୋତ୍ପଳା ଆଦି କେତେକ ନଦୀରେ ୫୦ରୁ ଅଧିକ ଅଘୋଷିତ ଘାଟ ଚାଲୁଛି। ରାତି ସମୟରେ ଚୋରା ବାଲିଚାଲାଣ ହୋଇଆସୁଥିବା ଜଣାପଡିଛି। ସାଧାରଣତଃ ଜୁନ ମାସରେ ବାଲି ଉତ୍ତୋଳନ ଓ ପରିବହନ ଦ୍ୱାରା ନଦୀବନ୍ଧ ଦୁର୍ବଳ ହେଉଥିବା ଅଭିଯୋଗ ହେଉଛି। ପୂର୍ବରୁ ଯେଉଁଠି ଗୋଟିଏ ଟ୍ରାକ୍ଟର ଟ୍ରିପ ବାଲିର ଦାମ ୭୦୦ରୁ ୮୦୦ଟଙ୍କାରେ ମିଳିଯାଉଥିଲା ତାହା ଏବେ ୧୫୦୦ଟଙ୍କା ହୋଇଛି। ଏପରିକି ଚୋରା ବାଲିକୁ ବିଭିନ୍ନ ସ୍ଥାନରେ ଜମା କରି ଏହାକୁ ବିକ୍ରି କରାଯାଉଛି । ଯାହା ଖଣିଜ ନିୟମର ଉଲ୍ଲଙ୍ଘନ କରୁଛି। ଏମାନେ ମନଇଚ୍ଛା ଦର କଷୁଥିବା ବେଳେ ଲୋକଙ୍କ ପାଖରେ ବାଲି ପହଞ୍ଚାଇବାକୁ ଟ୍ରାକ୍ଟର ଓ ହାଇୱା ମାଲିକମାନେ ଅଧିକ ଅର୍ଥ ଦାବି କରୁଛନ୍ତି। ନିକଟ ଅତୀତରେ ଜିଲ୍ଲାର ବିଭିନ୍ନ ତହସିଲ୍ ଓ ଖଣି ବିଭାଗ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ଉ କରି ହାଇୱାକୁ ଜବତ କରିଥିବାର ନଜିର ରହିଛି। ତଥାପି ବାଲି ମାଫିଆ ମାନେ ହାଇୱା ,ଟ୍ରାକ୍ଟରରେ ନିୟମିତ ବାଲି ପରିବହନ କରୁଛନ୍ତି। ମେସିନ ସାହାଯ୍ୟରେ ବାଲି ଖନନ ଉପରେ ହାଇକାର୍ଟଙ୍କ କଟକଣାକୁ ମଧ୍ୟ ଉଲ୍ଲଙ୍ଘନ କରାଯାଇଆସୁଛି। ନଦୀପଠାକୁ ଖୋଳି ବାଲି ଚୋରି କରି ନେବାରୁ ନଦୀ ବନ୍ଧ ଦୁର୍ବଳ ହେଉଛି। ଏହି ବାଲି ଚୋରିକୁ ରୋକା ନଯାଏ ତେବେ ସ୍ଥାନୀୟ ତଳି ଅଞ୍ଚଳ ନଦୀରେ ପାଣି ଆସିଲେ ଜଳାର୍ଣ୍ଣବ ହେବ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ସେହିପରି ହାଇୱା ଚଳାଚଳ ପାଇଁ ରାସ୍ତା ମରଣଯନ୍ତା ପାଲଟିଛି। ବାଲିକୁଦା-ତ୍ରିଶୁଳିଆ ମୁଖ୍ୟ ରାସ୍ତାଠାରୁ ବାରଙ୍ଗ ଗୋଲେଇଛକ ଏବଂ ହାଇକୋର୍ଟକୁ ସଂଯୋଗ କରୁଥିବା ସୁବାସସେତୁ ବାଲିର ମୋଟା ଆସ୍ତରଣ ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ବାଇକ ଚାଳକ ଯାତାୟତ କରୁଥିବାରୁ ସେମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିନା ପାଲରେ ଶହ ଶହ ହାଇୱା ଯୋଗେ ବାଲିନେଇ ଚାଳକାମନେ ରାସ୍ତାରେ ଯାତାୟତ କରୁଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ବାଲି ଖସି ଗଦା ହୋଇରହୁଛି। ଫଳରେ ଅନେକ ସମୟରେ ଏହା ଦୁର୍ଘଟଣାର କାରଣ ପାଲଟୁଛି।

# ସୁଜାତାଙ୍କୁ ସ୍ୱାଗତ ଜଣାଇଲେ ମେୟର



**କଟକ,୨୬।୬(ସମିସ):** ଓଡ଼ିଶା ପ୍ରଶାସନିକ ସେବାକ୍ଷେତ୍ରର ଜଣେ ପରିଚିତ ଏବଂ ଦକ୍ଷ ଅଧିକାରୀ ଭାବେ ପରିଚିତ ପୂର୍ବତନ ଆଇଏଏସ୍ ଅଧିକାରୀ ସୁଜାତା ରାଉତ ଆଜି ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଦଳର ବରିଷ୍ଠ ନେତୃତ୍ୱଙ୍କ ଉପସ୍ଥିତିରେ ତାଙ୍କର ଯୋଗଦାନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଅବସରରେ କଟକ ମହାନଗର ନିଗମର ମେୟର ସୁବାସ ସିଂହ, ମେୟର ସୁଲୋଚନା ଦାସ ଏବଂ ରାଜ୍ୟସଭା ସାଂସଦ ସୁଲତା ଦେଓ ସୁଜାତା ରାଉତଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଭବ୍ୟ ସ୍ୱାଗତ ଜଣାଇଥିଲେ। ନେତୃବୃନ୍ଦ କହିଥିଲେ ଯେ ସୁଜାତା ରାଉତଙ୍କର ଦୀର୍ଘ ପ୍ରଶାସନିକ ଅଭିଜ୍ଞତା, ଜନସେବା ପ୍ରତି ନିଷ୍ଠା ଏବଂ ଉନ୍ନୟନମୂଳକ ଦୃଷ୍ଟିଭଙ୍ଗୀ ବିଜୁ ଜନତା ଦଳକୁ ଆହୁରି ସଶକ୍ତ କରିବ। ରାଜ୍ୟର ସାମଗ୍ରିକ ବିକାଶ, ମହିଳା ସଶକ୍ତୀକରଣ ଓ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଦଳ ପାଇଁ ଏକ ମୂଲ୍ୟବାନ ସମ୍ପଦ ସାବ୍ୟସ୍ତ ହେବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ସୁଜାତା ରାଉତ କାର୍ତ୍ତିକେୟନ ବିଜୁ ଜନତା ଦଳରେ ଯୋଗଦେଇ ଦଳର ଆଦର୍ଶ ଓ ଜନମୁଖୀ କାର୍ଯ୍ୟଧାରାକୁ ଆଗକୁ ନେବା ପାଇଁ ସମର୍ପିତ ଭାବରେ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନେତା, ଜନପ୍ରତିନିଧି, ଦଳୀୟ କର୍ମକର୍ତ୍ତା ଏବଂ ଶତାଧିକ କର୍ମୀ ଉପସ୍ଥିତ ରହି ନୂତନ ସଦସ୍ୟାଙ୍କୁ ସ୍ୱାଗତ ଜଣାଇଥିଲେ।

# ଦୁଇ ଅନାଥଙ୍କୁ ବୟାଳିଶ ମୌଜା ବିକାଶ ପରିଷଦର ସହାୟତା



**କଟକ, ୨୬।୬(ସମିସ):** ଦୁଇ ବର୍ଷ ତଳେ କଟକ ସଦର ୪୨ ମୌଜା ଝାରକଟା ପଞ୍ଚାୟତ ଝାରକଟା ଗ୍ରାମରେ ସ୍ୱାମୀ ଇନ୍ଦ୍ରମଣି ସାହୁଙ୍କ ମୃତ୍ୟୁ ପରେ ସ୍ତ୍ରୀ ମିନତୀ ୧୫ ବର୍ଷର ଝିଅ ଓ ୯ ବର୍ଷର ପୁଅକୁ ଧରି ବହୁତ କଷ୍ଟରେ ପରିବାର ପ୍ରତିପୋଷଣ କରୁଥିଲେ। ୧୫ ଦିନ ତଳେ ମିନତୀ ସାହୁଙ୍କର ମୃତ୍ୟୁ ହୋଇଯାଇଛି। ଏବେ ବେସାହାରା ଅବସ୍ଥାରେ ଝିଅ ବୈଶାଖୀ ସୁଦର୍ଶନ ମହାବିଦ୍ୟାଳୟରେ +୨ ପ୍ରଥମ ବର୍ଷର ଛାତ୍ରୀ, ପୁଅ ସନ୍ତୋଷ ପିଏମ୍‌ଶ୍ରୀ ବିଦ୍ୟାପୀଠରେ ଅଧ୍ୟୟନରତ। ଏଭଳି ସ୍ଥିତିରେ ୪୨ ମୌଜା ବିକାଶ ପରିଷଦର ସଭ୍ୟମାନେ ତାଙ୍କ ଝାରକଟାସ୍ଥିତ ବାସଭବନରେ ପହଞ୍ଚି ଭବିଷ୍ୟତ ସହାୟତାର ପ୍ରତିଶ୍ରୁତି ଦେଇ ଜରୁରୀ କଲ୍ୟାଣ ପାଣ୍ଠିରୁ ୫ ହଜାର ଟଙ୍କା ପ୍ରଦାନ କରଛନ୍ତି। ସଭାପତି ଆଡ଼ଭୋକେଟ୍ କେଶବଚନ୍ଦ୍ର କରଙ୍କ ତତ୍ତ୍ୱାବଧାନରେ ସଂପାଦକ ସନ୍ତୋଷ ପତି, ଉପସଭାପତି ଗୌରୀ ପରିଡ଼ା, ସହସଂପାଦକ ସୁରେଶ ଦେବତା, ସୁଭାଷ ସାହୁ, ଜ୍ୟୋତିରଞ୍ଜନ ଭୋଳ, ପରେଶ ମହାନ୍ତି, ସୁଧାକର ଦେବତା, ରବିନ୍ଦ୍ର ଦେବତା, ବିଜୟ ଦାସ, ସଂଯୋଜକ ନିକୁଞ୍ଜ ସ୍ୱାଇଁ, ସନ୍ତୋଷ ସାହୁ, ବସନ୍ତ ଦେବତା, ଅଶୋକ ମୁଦୁଲି, ସଞ୍ଜୟ ବେହେରା, ଜରୁରୀ କଲ୍ୟାଣ ପାଣ୍ଠିକୁ ଦାନ କରିଥିବା ହିମାଂଶୁ ଶେଖର ପାଣି, ନାରାୟଣ ଭୋଇ, ସତ୍ୟଜିତ ପ୍ରଧାନ, ସ୍ମୃତିରଂଜନ ଜେନା ସାମିଲ୍ ଥିଲେ।

# ରୋଗୀ ଅଧିକାର ମଞ୍ଚର ବୈଠକ

**କଟକ,୨୬।୬(ସମିସ):** ଓଡିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ପ୍ରତିଷ୍ଠାତା ସଭାପତି ଆଇନଜୀବୀ ଅମୀୟଭୂଷଣ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗଣ୍ଡରପୁରସ୍ଥିତ ଉତ୍କଳ ସେବକ ସମାଜ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ରୋଗୀଙ୍କ ଅଧିକାର ସୁରକ୍ଷା ସମ୍ବନ୍ଧୀୟ ମାମଲାରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲାର ପ୍ରଗତୀ ଓ ନ୍ୟାୟାଳୟକୁ କରିଥିବା ଆବେଦନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରୋଗୀମାନେ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ସମ୍ମୁଖୀନ ହେଉଥିବା ଦୁର୍ବ୍ୟବହାର ଓ ନିର୍ଯାତନାକୁ ବନ୍ଦ କରିବା



ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍ତରଦାୟିତ୍ୱ ବୃଦ୍ଧି ପାଇଁ ଏକ ଦାବିପତ୍ର ଆର୍‌ଡିସିଙ୍କ ସମେତ ଅନ୍ୟାନ୍ୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ପ୍ରଦାନ କରିବାକୁ ମଞ୍ଚ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତି ଜିଲ୍ଲାରେ ପାଞ୍ଚରୁ ସାତ ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ନେଇ ନାଗରିକ ତଦାରଖ କମିଟି ଗଠନ କରାଯାଇ ସମସ୍ତ ଅଭିଯୋଗର ସମାଧାନ କରାଯାଉ ବୋଲି ମଞ୍ଚ ଦାବି କରିଛି। ବୈଠକରେ ମଞ୍ଚର ଉପଦେଷ୍ଟା ସଚ୍ଚିକାନ୍ତ ନାଥ, ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ଭାଗୀରଥି ସାହୁ, ପ୍ରତାପ ଜେନା, ବିଷ୍ଣୁଚରଣ ପରିଡା, ବିଜୟଲକ୍ଷ୍ମୀ ମହାପାତ୍ର, ଡଃ ରିତା ସାହୁ, ପ୍ରିୟମ୍ବଦା ନାୟକ, ବିଦ୍ୟୁତଲତା ସାହୁ, ସଲିଲ ସ୍ୱାଇଁ, ମହେନ୍ଦ୍ର ନନ୍ଦ, ଦେବଯାନୀ ସେଠୀ, ସନ୍ତୋଷ ଜେନା ଯୋଗ ଦେଇଥିଲେ। ଙ୍ଗ ଅନ୍ୱୟ ଅଭିନବ ସଂଯୋଜନା କରିଥିବାବେଳେ ମଳୟ ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କେବେ ଚେତିବେ ଅମାନିଆ?

# ରିଂବନ୍ଧ ରାସ୍ତାରେ ଶୋଉଛନ୍ତି ବସ୍ତିବାସିନ୍ଦା

**କଟକ,୨୬।୬(ସମିସ):** କମିସନରେଟ୍ ପୁଲିସର ଚିନ୍ତା ବଢ଼ାଇଛନ୍ତି ମଦ୍ୟପ ଡ୍ରାଇଭର ଓ ରାସ୍ତା କଡରେ ଶୋଉଥିବା ଅମାନିଆ ପଥଚାରୀ। ରିଂବନ୍ଧରେ ରାତି ୧୦ଟା ବାଜିଲେ ସଂଖ୍ୟାଧିକ ବଞ୍ଜାରା, ବସ୍ତି ବାସିନ୍ଦା, ଭିକାରି ଏବଂ ମଦ୍ୟପମାନେ ଶୋଉଥିବାର ଦେଖିବାକୁ ମିଳୁଛି। ବିନା ଭୟରେ ରାସ୍ତା କଡ଼, ଫୁଟ୍‌ପାଥ୍ ଏବଂ ରିଂବନ୍ଧ ଉପରେ ଏମାନେ ରାତିସାରା ଶୋଇ ରହୁଛନ୍ତି। ଏଭଳି ଦୃଶ୍ୟ ମଣିମନ୍ଦିର ଛକଠାରୁ ଚହଟା ଛକ ପର୍ଯ୍ୟନ୍ତ ଏବଂ ଚହଟା ଛକଠାରୁ ମାଲଗୋଦାମ ଥାନା ପର୍ଯ୍ୟନ୍ତ ରିଂବନ୍ଧ କଡରେ ପ୍ରତ୍ୟେକ ଦିନ ରାତିରେ ଦେଖିବାକୁ ମିଳୁଛି। ଯେହେତୁ ରିଂବନ୍ଧରେ ବିଳମ୍ବିତ ରାତ୍ରିରେ ମାଲବାହୀ ଗାଡି ଏବଂ ବାଲି ବୋଝେଇ ହାଇୱାଗୁଡ଼ିକ ଦ୍ରୁତ ଗତିରେ ଯିବା ଆସିବା କରୁଛନ୍ତି, ତେଣୁ ଏମାନଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଛି। ଏବେ ନେତାଜୀ ବସ୍ ଟର୍ମିନାଲ କଡ ୬ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ହେଉଛି। ଏଥିପାଇଁ ମଲାଚଣ୍ଡିଆ ଛକରେ ରିଂବନ୍ଧକୁ ଖୋଳି ଦିଆଯାଇଛି। ଏଠାରେ ୫୦ରୁ ଅଧିକ ବସ୍ତି ବାସିନ୍ଦା ରାସ୍ତା କଡ଼ରେ ରାତି କଟାଉଛନ୍ତି। ଏଭଳି ବିପଦପୂର୍ଣ୍ଣ ସ୍ଥାନରେ ରାତିରେ ଶୋଇବା ଆଦୌ ନିରାପଦ ନୁହେଁ। ଯଦି କୌଣସି ମାଲବୋଝେଇ ଗାଡ଼ି ରାସ୍ତା କଡ଼କୁ ମାଡିଯାଏ, ତେବେ ଅକାରଣେ ଜୀବନ ହାନି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହି ସମସ୍ୟା ବାବଦରେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପ୍ରଶ୍ନ କରିବାରୁ ସେ କହିଛନ୍ତି, ପୂର୍ବରୁ ରାସ୍ତା କଡ଼ରେ ବିପଦପୂର୍ଣ୍ଣ ଭାବେ ନଶୋଇବାକୁ ପ୍ରଚାର କରାଯାଇଥିଲା। କିନ୍ତୁ ବଞ୍ଜାରା, ବସ୍ତି ବାସିନ୍ଦା ଏସବୁକୁ କର୍ଣ୍ଣପାତ କରୁନାହାନ୍ତି। ଏଣିକି ପ୍ରତ୍ୟେକ ଦିନ ରାତିରେ ପିସିଆର୍ ଭ୍ୟାନ୍ ବୁଲି ଉଭୟ ବାଦାମବାଡ଼ି ଥାନା ଏବଂ ପୁରୀଘାଟ ଥାନା ଅଞ୍ଚଳରେ ଯେଉଁମାନେ ରାସ୍ତା କଡରେ

## ଆଶ୍ରୟସ୍ଥଳୀ ଫାଙ୍କା: ପୁଲିସ ସଚେତନତାର ଫଳ ଶୂନ

ଶୋଉଛନ୍ତି, ସେମାନଙ୍କୁ ବାରଣ କରିବ। ତା'ପରେ କୌଣସି ଲୋକ ଅମାନିଆଁ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ସହରରେ ୫ଟି ରାତ୍ର ଆଶ୍ରୟସ୍ଥଳୀ ରହିଛି। ମହାନଗର ନିଗମ ପକ୍ଷରୁ ଏହି ରାତ୍ର ଆଶ୍ରୟସ୍ଥଳୀକୁ ପରିଚାଳନା କରାଯାଉଛି। ସହରରେ କୌଣସି ଲୋକ ଯେମିତି ରାସ୍ତା କଡରେ ନଶୋଇବେ, ସେମାନଙ୍କୁ ରାତ୍ର ଆଶ୍ରୟସ୍ଥଳରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ସତୀଚଉରା, କାଠଗଡ଼ା ସାହି, ଶିଶୁ ଭବନ, ଜଗତପୁର ଏବଂ ଦେଉଳସାହିରେ ଆଶ୍ରୟସ୍ଥଳୀ ଖୋଲାଯାଇ ଅସହାୟ ଲୋକଙ୍କୁ ଆଶ୍ରୟ ଦିଆଯାଉଛି। ସେହିପରି ୨ଟି ଆନନ୍ଦାଳୟ ଖୋଲାଯାଇ ଭିକାରୀ ଏବଂ ବଞ୍ଜାରାଙ୍କୁ ରଖାଯାଉଛି। ପ୍ରଶାସନ ଏଭଳି ଉତ୍ତମମାନର ବ୍ୟବସ୍ଥା କରିଥିବା ବେଳେ ରାସ୍ତା କଡରେ ଶହ ଶହ ଅମାନିଆ ଶୋଉଛନ୍ତି। ଅନ୍ୟପଟେ ମାଲଗୋଦାମ ଥାନା ସାମ୍ନା, ହାୱାର୍ଡମୋଟର ଛକ, କ୍ୟାଣ୍ଟନମେଣ୍ଟ ଥାନା ସମ୍ମୁଖ, ଗୋରାକବର ପର୍ଯ୍ୟନ୍ତ ରିଂବନ୍ଧ ଉପରେ ବେପରୁଆ ଭାବେ ବଞ୍ଜାରା ଓ ବସ୍ତିବାସିନ୍ଦାମାନେ ରାତିରେ ରିଂବନ୍ଧ କଡରେ ଶୋଉଛନ୍ତି। ଯଦି ଦୁର୍ଘଟଣା ଘଟେ ତେବେ ଦାୟୀ ରହିବ କିଏ? ଏଭଳି ପ୍ରଶ୍ନ କରଛନ୍ତି ମଲାଚଣ୍ଡିଆଛକସ୍ଥିତ ପାନ ଦୋକାନ କରିଥିବା ସ୍ଥାନୀୟ ବାସିନ୍ଦା ଟଙ୍କଧର ବେହୁରା। ଏଥିପ୍ରତି ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ଉଠିଛି। ଏହା ଉପରେ କାହାର ନିୟନ୍ତ୍ରଣ ରହୁନାହିଁ। ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ କ୍ଷୟକ୍ଷତି ଘଟୁଛି। ଅନ୍ୟପକ୍ଷରେ ହାଇୱା ଚାଳକମାନେ ବେଗରେ ନିୟନ୍ତ୍ରଣ ନରଖି ବେପରୁଆ ଭାବେ ଗାଡି ଚାଳନା କରୁଛନ୍ତି। ଏବେ ଦ୍ରୁତଗତିରେ ହାଇୱା ଚଳାଚଳ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ ହୋଇଛି। ବହୁ ଭାରୀଯାନରେ ବିନା ନମ୍ବର ପ୍ଲେଟ୍‌ରେ ମଧ ଚଳାଚଳ କରୁଛି। ତେଣୁ ଭାରୀଯାନର ଚଳାଚଳରେ ସମସ୍ତ ନିୟମ ପାଳନ କରାଯିବା ଲାଗି ପରିବହନ ତଥା ଟ୍ରାଫିକ ପୁଲିସ ପ୍ରଶାସନ କଡା ପଦକ୍ଷେପ ଗ୍ରହଣ କରିବା ଲାଗି ଦାବି ହେଉଛି।

# କାଠଯୋଡ଼ିରୁ ଗୁରୁତର ଯୁବକ ଉଦ୍ଧାର

**କଟକ,୨୬।୬(ସମିସ):** ଖାନନଗର ନିକଟ କାଠଯୋଡି ନଦୀରୁ ଜଣେ ଯୁବକଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କୁ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଖାନନଗର ରିଂବନ୍ଧ ପାର୍ଶ୍ୱର୍ କାଠଯୋଡି ନଦୀରେ କେହି ଜଣେ ଭାସୁଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ବାଦାମବାଡି ଥାନା ପୁଲିସ ପହଞ୍ଚି ଅଗ୍ନିଶମ ଟିମ ସହାୟତାରେ ନଦୀ କୂଳଠାରୁ କିଛି ଦୂରରୁ ଜଣେ ଯୁବକକୁ ଉଦ୍ଧାର କରିଥିଲା। ଅଚେତ ଅବସ୍ଥାରେ ଥିବା ଯୁବକର ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ତେଣୁ ସଂଗେ ସଂଗେ ତାଙ୍କୁ ଆମ୍ବୁଲାନ୍ସରେ ମେଡିକାଲ ପଠାଯାଇଥିଲା। ଉକ୍ତ ଯୁବକର ପରିଚୟ ଜଣାପଡିନାହିଁ। ବୟସ ପ୍ରାୟ ୧୦ ବର୍ଷ ହେବ। ଘଟଣାସ୍ଥଳର ଠିକ ଉପରେ ରେଳ ଧାରଣା ରହିଛି। ତେଣୁ ଯୁବକ ଜଣକ କୌଣସି ଏକ ଚଳନ୍ତା ଟ୍ରେନରୁ ଗଳିପଡିଥିବା ଆଶଙ୍କା କରାଯାଉଛି। ସୁସ୍ଥ ହେବା ପରେ ଏନେଇ ତାଙ୍କୁ ପଚରାଉଚରା କରାଯିବ ବୋଲି ପୁଲିସ କହିଛି।

# ଦେଶବାସୀ ଆଜି ବି ଅଘୋଷିତ ଜରୁରୀ ସ୍ଥିତିର ସାମ୍ନା କରୁଛନ୍ତି



**କଟକ,୨୬।୬(ସମିସ):** ବ୍ୟକ୍ତି କିମ୍ବା ଶାସନର ପରିବର୍ତ୍ତନରେ ସମ୍ପୂର୍ଣ୍ଣ କ୍ରାନ୍ତି କେବେ ବି ସଫଳ ହେବ ନାହିଁ, ବରଂ ପ୍ରକୃତ ବ୍ୟବସ୍ଥାର ପରିବର୍ତ୍ତନ ହିଁ କ୍ରାନ୍ତିର ମୂଳ ଲକ୍ଷ୍ୟ। ପଚାଶ ବର୍ଷ ତଳେ ଅର୍ଥାତ୍ ୧୯୭୫ ମସିହା ଜୁନ୍ ୨୫ ତାରିଖ ସନ୍ଧ୍ୟାରେ ଦିଲ୍ଲୀର ଏକ ବିଶାଳ ଜନସଭାରେ ଲୋକନାୟକ ଜୟପ୍ରକାଶ ନାରାୟଣ ଏହି ଐତିହାସିକ ଆହ୍ୱାନ ଦେଇଥିଲେ। ଏହି ଆହ୍ୱାନକୁ ଆଳ କରି ସେହିଦିନ ମଧ୍ୟରାତ୍ରିରେ ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି କରାଯାଇଥିଲା। ଦେଶବାସୀ ଆଜି ସେତେବେଳର ଜରୁରୀ ସ୍ଥିତିଠାରୁ ଆହୁରି ଭୟଙ୍କର ଓ ଅଘୋଷିତ ଜରୁରୀ ପରିସ୍ଥିତିର ସାମ୍ନା କରୁଛନ୍ତି ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି। କଟକସ୍ଥିତ ଗାନ୍ଧୀ ଭବନରେ ସନ୍ଧ୍ୟାରେ ଅନୁଷ୍ଠିତ ଏହି ସଭାରେ ମଞ୍ଚର ସଭାପତି ପ୍ରତାପ ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଶିଶିର ଦାସ ଉଦବୋଧନ ଦେଇଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ସମାଜସେବୀ ଚିତ୍ତରଞ୍ଜନ ମହାନ୍ତି ଓ ଧନ୍ୟବାଦ ଅର୍ପଣ କରିଥିଲେ ଡାକ୍ତର ରବିରଞ୍ଜନ ସାହୁ।

## ସମ୍ପୂର୍ଣ୍ଣ କ୍ରାନ୍ତି ମଞ୍ଚରେ ମତ ପ୍ରକାଶ

କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ମଞ୍ଚର ସାଧାରଣ ସମ୍ପାଦକ କୃଷ୍ଣକେଶବ ମିଶ୍ର। ଏହି ଆଲୋଚନା ସଭାରେ ସତ୍ୟ ରାୟ, ଖଗେଶ୍ୱର ସେଠୀ, ସୁବ୍ରତ ନନ୍ଦ, ସୁକାନ୍ତ ନାୟକ, ଦିଗମ୍ବର ମହାପାତ୍ର, ଡାଲି ଦାଶ, ପ୍ରଦୀପ ପଟ୍ଟନାୟକ, ଅଜୟ ମିଶ୍ର, ଅରବିନ୍ଦ ମଲ୍ଲିକ, ରଞ୍ଜନ ମିତ୍ର, ବଳରାମ ମହାନ୍ତି, ଲୋକନାଥ ସାମଲ, ରୁଦ୍ରନାରାୟଣ ସାହୁ, ନସିଫା ବେଗମ, ସୁବୋଧ ସେଠୀ, ରତିକାନ୍ତ ରଣା, ବିକାଶ ଦାସ ଓ ଶ୍ରୀମାନ ଆଦିତ୍ୟ ବକ୍ତବ୍ୟ ରଖିଥିଲେ।

## କବି ଅନନ୍ତଙ୍କ ସ୍ୱର ଥିଲା ସାଧାରଣ ଜନତାର ସ୍ୱର

# ୩୯ତମ ସ୍ମୃତିସଂଧ୍ୟାରେ ଅନନ୍ତ ମହାପାତ୍ରଙ୍କୁ ସୃଜନ ସମ୍ମାନ



**କଟକ, ୨୬।୬ (ସମିସ):** କବି ଅନନ୍ତ ପଟ୍ଟନାୟକଙ୍କ ସ୍ୱର ଥିଲା ସାଧାରଣ ଜନତାର ସ୍ୱର। ଏହି ସ୍ୱର ସ୍ୱାଧୀନତା ପୂର୍ବର ସଂଗ୍ରାମକୁ ପ୍ରଭାବିତ କରିଥିଲା ବେଳେ ସ୍ୱାଧୀନତା ପରବର୍ତ୍ତୀ ସମାଜ ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା ବୋଲି କବିଙ୍କ ୩୯ତମ ସ୍ମୃତିସଂଧ୍ୟାରେ ଅତିଥିମାନେ ମତପ୍ରକାଶ କରିଥିଲେ।

ଓଡିଶାର ପ୍ରାଚୀନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ' ଓ 'ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦ' ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ସୌମ୍ୟରଂଜନ ପଟ୍ଟନାୟକ କହିଲେ, କବି ଅନନ୍ତ ପଟ୍ଟନାୟକଙ୍କ 'ନବୀନ ଯୁଗର ତରୁଣ ଜାଗରେ' କବିତାର ପ୍ରାସଙ୍ଗିକତା ଆଜି ଅଧିକ ଗୁରୁତ୍ୱ ବହନ କରେ। ଉତ୍ସବରେ ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଅନନ୍ତ ମହପାତ୍ରଙ୍କୁ 'ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ' ପ୍ରଦାନ କରାଯାଇଥିଲା। ଡକ୍ଟର ସଂଜିତା ମିଶ୍ର 'କବି ଅନନ୍ତ ପଟ୍ଟନାୟକଙ୍କ ଦୃଷ୍ଟିରେ କବିତା' ଶୀର୍ଷକ ସ୍ମାରକୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଜଗନ୍ନାଥ ରଥ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନନ୍ତ ପଟ୍ଟନାୟକଙ୍କ ଗଳ୍ପ ସଂକଳନ 'ଚଢ଼ା ଉତ୍ତରା'କୁ ଉନ୍ମୋଚନ କରାଯାଇଥିଲା। କବିଙ୍କ କବିତା ପାଠ କରିଥିଲେ କବି ପିନାକୀ ସିଂହ, ସୁଶାନ୍ତ ମହାପାତ୍ର, ସଂଜୟ ପରିଜା ଓ ସୁଚେତା ନନ୍ଦ। ସ୍ମୃତି ସଂସଦର ସଂପାଦକ ବିଜୟ କୁମାର ପଢ଼ିହାରୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡଙ୍ଗୀ। ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ। କବିଙ୍କ ଜୀବନ ଓ ସାଧନା ସଂପର୍କରେ ଆଲୋକପାତ କରିଥିଲେ ଡକ୍ଟର ଶୁଭ୍ରାଂଶୁ ଭୂଷଣ ରାୟ। ମାନପତ୍ର ପାଠ କରିଥିଲେ ସରୋଜିନୀ ମିଶ୍ର (ପଣ୍ଡା)। ସ୍ମୃତି ସଂସଦ ପକ୍ଷରୁ ବର୍ଷୀୟାନ୍ ସାରସ୍ୱତ ସାଧକ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ କବିପୁତ୍ର କବି ଅମରେଶ ପଟ୍ଟନାୟକ, ଉତ୍କଳ ସାହିତ୍ୟ ସମାଜର ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଆଦିତ୍ୟ ପ୍ରତାପ ଧଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଧନ୍ୟବାଦ ପ୍ରଦାନ କରିଥିଲେ ଅନୁଷ୍ଠାନର କାର୍ଯ୍ୟନିର୍ବାହିକା ସମିତି ସଦସ୍ୟା ମୀରା ବେଉରା।

# କାମ ସରିବା ପୂର୍ବରୁ ଧୋଇଗଲାଣି ରାସ୍ତା; ତଦନ୍ତ ଦାବି

ଭଦ୍ରେଶ୍ୱର, ୨୬।୬(ସମିସ)

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଉଥିବାର ଅଭିଯୋଗ ହୋଇଛି। ଏହ ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।


ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ ଅଧୀନରେ ରହିଛି ନିଶ୍ଚିନ୍ତକୋଇଲି-ଡିଗୋପ ୮ନମ୍ବର କେନାଲବନ୍ଧ ରାସ୍ତା; ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ କରାଯାଇ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ୮.୫୦୦ମିଟର ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ମାଧ୍ୟମରେ ଏମ/ଏସଏଓ ଏସଏସ କନଷ୍ଟ୍ରକସନ ନାମକ ଠିକାଦାର ଚୟନ କରାଯାଇଛି। ବିଭାଗ ପକ୍ଷରୁ ୧୨କୋଟି ୬ଲକ୍ଷ ୨ହଜାର ଟଙ୍କା ନିର୍ମାଣ କାର୍ଯ୍ୟପାଇଁ ବ୍ୟୟ ବରାଦ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱର୍ ୩ଫୁଟ ଲେଖାଏ ଖୋଳାଯାଇ ଡଷ୍ଟ ଓ ଗୋଡି ପକାଇ ରାସ୍ତାକୁ ଓସାର କରାଯିବା ପରେ ୧୮ଫୁଟ ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା ହୋଇଛି; ଯାହାର କିଛି ଉଲ୍ଲଂଘନ କରାଯାଉଛି। ସେହିପରି ରାସ୍ତାର ମୋଟୋଇ ପାଇଁ ବ୍ୟବହୃତ ଜିଏସପି ଓ ଡବ୍ଲୁବିଏମ ସଠିକ୍ ଢଙ୍ଗରେ ବିଛାଯାଇନାହିଁ। ୫ ଇଞ୍ଚରୁ କମ ମୋଟେଇ



ଗୋଡ଼ି ପଡୁଥିବା ଅଭିଯୋଗ ହୋଇଛି। ଅପରପକ୍ଷେ, ୭୦ ଏମଏମ ମୋଟେଇ ପରିବର୍ତ୍ତେ ଅଧିକାଂଶ ସ୍ଥାନରେ ୫୦-୬୦ ଏମଏମ ମୋଟେଇ ପିଚୁକାର୍ଯ୍ୟ କରାଯାଉଛି।

ତଥ୍ୟ ଅନୁଯାୟୀ, ରାସ୍ତା କଡ଼ରେ ନିର୍ମାଣ ହୋଇଥିବା ସୁରକ୍ଷା ପାଚେରି ମଧ୍ୟରୁ ଜଳ ନିଷ୍କାସନ ନିମନ୍ତେ ୧୬୭୭ଟି ପାଇପ (ଉଇପ ହୋଲ) ଲଗାଯିବାର ବ୍ୟବସ୍ଥା ହୋଇଥିଲେ ମଧ୍ୟ ଗୋଟିଏ ହେଲେ ବି ଉଇପହୋଲ କରାଯାଇ ନଥିବାର ଅଭିଯୋଗ ହୋଇଛି। ଏଥିପାଇଁ ବ୍ୟୟବରାଦ ପାଇଁ ହୋଇଥିବା ୧ଲକ୍ଷ ୧୧ହଜାର ଟଙ୍କା ସମ୍ପୂର୍ଣ୍ଣ ଆତ୍ମସାତ କରାଯାଇଥିବା ଅଭିଯୋଗ ହେଉଛି। ସେହିପରି ରାସ୍ତାକଡ ଜମିକୁ ଜଳସେଚନ ପାଇଁ ୧୧ଟି ହ୍ୟୁମପାଇପ ବସାଇବା ସହ ଉଭୟ ପାର୍ଶ୍ୱର୍ କଂକ୍ରିଟ ଗାର୍ଡୱାଲ ବ୍ୟବସ୍ଥା ରହିଛି। ଯାହାର ମୂଲ୍ୟ ୫ଲକ୍ଷ ୯୨ଜହାର ଟଙ୍କା ରହିଛି। ଠିକାଦାରଙ୍କ ପକ୍ଷରୁ ଏବେ ସୁଦ୍ଧା କୌଣସି ଗୋଟିଏ ସ୍ଥାନରେ ହୋମ ପାଇପ ପକା ନଯାଇଥିବା ବେଳେ ପୂର୍ଣ୍ଣାଙ୍ଗ କାର୍ଯ୍ୟ ଚାଲିଛି। ସେହିପରି ଭାବେ ରାସ୍ତାର ଉଭୟ ପାର୍ଶ୍ୱର୍‌ରେ ମାଟିକାମ ବାବଦକୁ ୧୧ଲକ୍ଷ ୭୩ହଜାର ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ନାମକୁ ମାତ୍ର ମାଟି ପକାଯାଇଛି। ଯାହାକି ଅଧିକାଂଶ ସ୍ଥାନରୁ ବର୍ଷାପାଣିରେ ଧୋଇହୋଇ ଖାଲଖମା ସୃଷ୍ଟି ହୋଇଛି। ଜୁନ ମାସଠାରୁ ଡିସେମ୍ବର ମଧ୍ୟରେ ରାସ୍ତାର କୌଣସି ପୂର୍ଣ୍ଣାଙ୍ଗ କାର୍ଯ୍ୟ କରାନଯିବାର ବିଭାଗୀୟ ନିର୍ଦ୍ଦେଶାନାମା ରହିଛି। ସରକାରୀ ନିୟମକୁ ଉଲଘଂନ କରାଯାଇ ଝିପି ଝିପି ବର୍ଷାରେ ପିଚୁ ନିର୍ମାଣ କାର୍ଯ୍ୟ ଚାଲିଛି। ବର୍ଷା ଦିନରେ ଏହି ରାସ୍ତାରେ ହେଉଥିବା ପିଚୁ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବାର ଦେଖିବାକୁ ମିଳିଛି। ତେବେ ନିର୍ମାଣାଧୀନ ଏହି ରାସ୍ତାରେ ପିଚ କାର୍ଯ୍ୟରେ ବ୍ୟବହୃତ ପ୍ରାଇମର ମାନ ସଠିକ୍ ରହୁନଥିବା ବେଳେ ଆବଶ୍ୟକତାଠାରୁ କମ ପରିମାଣର ରାସ୍ତାରେ ସିଞ୍ଚନ ହେଉଛି ପ୍ରାଇମର। ଯାହାଫଳରେ ରାସ୍ତାର ସ୍ଥାୟିତ୍ୱ ଉପରେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ଯେଉଁଠି ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ପୋତାଯାଇଛି, ତା'ର ମୂଲ୍ୟ ୧ଲକ୍ଷ ୧୭ହଜାର ୩୫୪ଟଙ୍କା ବୋଲି ଜଣାପଡିଛି। ବାସ୍ତବରେ ପୋତାଯାଇଥିବା ସୂଚନା ଫଳକଟିର ଆନୁମାନିକ ମୂଲ୍ୟ ୧୦ହଜାର ମଧ୍ୟରେ ରହିବ ବୋଲି ଆଲୋଚନା ହେଉଛି। ଏହି କାର୍ଯ୍ୟ ଦାୟିତ୍ୱରେ ଥିବା ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଉର୍ମୀ ପ୍ରିୟଦର୍ଶିନୀ ଦାସ ବଦଳି ସତ୍ତ୍ୱେ ଏବେ ସୁଦ୍ଧା ପୂର୍ବ କାର୍ଯ୍ୟାଳୟରେ ଅବସ୍ଥାପିତ ଥିବାରୁ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ ଦୃଢ଼ୀଭୂତ ହେଉଛି।

# ବରିଷ୍ଠ ମୁରବୀଙ୍କ ପରଲୋକ



**କଟକ,୨୬।୬(ସମିସ):** ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟିର ପୂର୍ବତନ ସଦସ୍ୟ ତଥା ଅଞ୍ଚଳର ବରିଷ୍ଠ ମୁରବୀ କୁଳମଣି ଦାସଙ୍କ ୮୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଚାନ୍ଦିନୀଚୌକସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ବେଳେ ମୃତ୍ୟୁ ଶଯ୍ୟା ନିକଟରେ ପୁଅ ରାଜୁ, ବିଶୁ, ବୁଲୁ, କାବୁଲି, ଚାଇନା, ବିଜୁ, ମିନୁ, ଲୋକା ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବିରଞ୍ଚି ନାରାୟଣ ମହାନ୍ତି, ଶୁଭକାନ୍ତ ମହାନ୍ତି, ବିଶ୍ୱନାଥ ମହାରଣା, ଚାନ୍ଦିନୀଚୌକ ଦୁର୍ଗା ପୂଜା କମିଟିର ସମ୍ପାଦକ ସୁଶାନ୍ତ କୁମାର ପାଣି ପ୍ରମୁଖ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବଡ଼ପୁଅ ରାଜୁ ମୁଖାଗ୍ନି ଦେଇଥିଲେ।

# ଷ୍ଟ୍ରିଟ୍ ଲାଇଟ ଘୋଟାଲାରେ ଜିଲ୍ଲାବ୍ୟାପୀ ଭିଜିଲାନ୍ସ ଚଢ଼ଉ

ଯାଜପୁର,୨୫।୬(ସମିସ)




ଓଡ଼ିଶାରେ ଷ୍ଟ୍ରିଟ୍‌ଲାଇଟ ଘୋଟାଲା ମାମଲାରେ ରାଜ୍ୟ ଭିଜିଲାନ୍ସ ବଡ଼ଧରଣର ତଦନ୍ତ ଆରମ୍ଭ କରିଛି। ଭିଜିଲାନ୍ସର ୨୪ ଟି ଟିମ୍ ୮୧ଜଣ ଅଧିକାରୀଙ୍କୁ ନେଇ କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାର ପ୍ରାୟ ୫୦ଟି ସ୍ଥାନରେ ଚଢ଼ଉ ଓ ଯାଞ୍ଚ ଚାଲିଛି। ତଦନ୍ତ ଅନୁଯାୟୀ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ଗ୍ରାମ ପଞ୍ଚାୟତ ଗୁଡ଼ିକରେ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ ସ୍ଥାପନ ପ୍ରକଳ୍ପରେ ସରକାରୀ ଅର୍ଥର ଦୂରୁପଯୋଗ, ଅନିୟମିତତା ଓ କାମରେ ଗଡ଼ବଡ଼ ହୋଇଥିବା ଅଭିଯୋଗ ରହିଛି। ଭିଜିଲାନ୍ସ ଅଧିକାରୀମାନେ ପ୍ରକଳ୍ପ ସମ୍ବନ୍ଧୀୟ ଦଲିଲ, ଖର୍ଚ୍ଚ ବିବରଣୀ, କାର୍ଯ୍ୟନିର୍ବାହ ରିପୋର୍ଟ ଏବଂ ଠିକାଦାରଙ୍କ ଭୂମିକା ଯାଞ୍ଚ କରୁଛନ୍ତି। ପ୍ରାଥମିକ ତଦନ୍ତରେ ଖର୍ଚ୍ଚ ଓ କାର୍ଯ୍ୟନିର୍ବାହରେ ଅସଙ୍ଗତି ଦେଖାଯାଇଥିବା ସୂଚନା ମିଳିଛି। ଯାଜପୁର ଜିଲ୍ଲାର ବିଞ୍ଝାରପୁର, ଦଶରଥପୁର, କୋରେଇ, ବଡ଼ଚଣା ଆଦି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଚଢ଼ଉ କରାଯାଇଛି। କୋରେଇ ବ୍ଲକ୍‌ର ପ୍ରଥମେ ପାଣିକୋଇଲି ପଂଚାୟତର ମଣିପୁର ଗ୍ରାମ ଓ ପଥରପଦା ପଂଚାୟତର ବଡବରୁଣାଇପଦା ଗ୍ରାମରେ ଚଢାଉ ଓ ଯାଂଚ କରିଥିଲେ। ଏହି କ୍ରମରେ ସମସ୍ତ ଅଧିକାରୀ ପ୍ରଥମେ ପଞ୍ଚାୟତ ଅଫିସ ଓ ପରେ ଗ୍ରାମ ଗୁଡ଼ିକକୁ ଯାଇ ଯାଞ୍ଚ କରିଥିଲେ। ଭିଜିଲାନ୍ସ ଡିଏସ୍‌ପି ଅନସୂୟା ସେନାପତିଙ୍କ ସହ ସୁଜିତ କୁମାର ନାୟକ, ଆଶୁତୋଷ ମିଶ୍ରଙ୍କ ତତ୍ତ୍ୱାବଧାରେ ୪ଜଣିଆ ଟିମ ଯାଞ୍ଚ ପାଇଁ ଆସିଥିଲା। ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ନାଏବ ସରପଞ୍ଚ ଦେବେନ୍ଦ୍ର ସ୍ୱାଇଁ, ଜେଇ ଦିବ୍ୟଲୋଚନ ସାମଲ, ପିଇଓ ରଶ୍ମୀରେଖା ସାହୁ, ପଥରପଦା ସରପଞ୍ଚ ମଧୁସ୍ମିତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ବିଞ୍ଝାରପୁର ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ୨୦୨୧-୨୨ ଆର୍ଥିକ ବର୍ଷରେ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ ରାସ୍ତା ଆଲୋକୀକରଣ ପାଇଁ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯିବାକୁ ଯୋଜନା ହୋଇଥିଲା। ହେଲେ ଅନେକ ସ୍ଥାନରେ ଲାଇଟ୍ ସ୍ଥାପନ ନକରି ସରକାରୀ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ଦୀର୍ଘଦିନ ଧରି ଉଠିଆସୁଥିଲା।

ଏହି ଅଭିଯୋଗର ତଦନ୍ତ ପାଇଁ ରାଜ୍ୟ ସରକାର ଭିଜିଲାନ୍ସ ବିଭାଗକୁ ଦାୟିତ୍ୱ ଦେଇଥିବା ବେଳେ ଗୁରୁବାର ଏକ ଚାରିଜଣିଆ ଭିଜିଲାନ୍ସ ଟିମ୍ ବିଞ୍ଝାରପୁର ବ୍ଲକରେ ପହଞ୍ଚି ମାଇଦାନୀ ଯାଞ୍ଚ କରିଥିଲେ। ଏହି ଦଳରେ ଡିଏସପି ପ୍ରଦୀପ ସାମଲ, ଏସ୍‌ଆଇ ହେମନ୍ତ ସାମଲ, ଇଲେକ୍ଟ୍ରିକାଲ କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ବେହୁରିଆ ଏବଂ ବ୍ଲକ କର୍ମକର୍ତ୍ତା ସୁରେନ୍ଦ୍ର ସାହୁ ସାମିଲ ଥିଲେ। ସେହିପରି ବିଂଝାରପୁର ବ୍ଲକର ବରପଦା, ଉତ୍ତଙ୍ଗରା, ଉତ୍ତଙ୍ଗ ଓ ଉତ୍ତରକୂଳ ଗ୍ରାମ ପଞ୍ଚାୟତରେ ପହଞ୍ଚି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନର ବାସ୍ତବ ସ୍ଥିତି, ଖର୍ଚ୍ଚ ହୋଇଥିବା ଅର୍ଥ ଏବଂ ସମ୍ପୃକ୍ତ ଦସ୍ତାବିଜଗୁଡ଼ିକର ଯାଞ୍ଚ କରିଥିଲେ। ତଦନ୍ତ ସମୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ପ୍ରମାଣ ସଂଗ୍ରହ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।ଭିଜିଲାନ୍ସ ତଦନ୍ତ ପରେ ପ୍ରକୃତ ସ୍ଥିତି ସ୍ପଷ୍ଟ ହେବା ସହ ଯଦି ଦୁର୍ନୀତି ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ବ୍ୟକ୍ତି ଓ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି।

ବଡଚଣା ବ୍ଲକ୍‌ରେ ଭିଜିଲାନ୍ସ ବିଭାଗ ପକ୍ଷରୁ ୮ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୋଗ ହୋଇଥିବା ଗ୍ରାମ ପଞ୍ଚାୟତ ଉପରେ ଚଢାଉ କରାଯାଇଛି। ଫଳରେ ଏହି ଆର୍ଥିକ ଅନିୟମିତତାରେ ସଂପୃକ୍ତ ଥିବା ସରପଞ୍ଚ, ପିଓ, ଠିକାଦାର ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଭିଜିଲାନ୍ସ ଟିମ୍ ଆସିବା ଖବର ପାଇ କେତେକ ସରପଞ୍ଚ, ପିଓ ସମେତ ଠିକାଦାରମାନେ କାର୍ଯ୍ୟାଳୟ ବନ୍ଦ କରି ଲୁଚି ରହି ଥିବା ଜଣାପଡ଼ିଛି। କେତୋଟି ପଞ୍ଚାୟତ ଅଫିସ୍‌ରୁ ଯାଞ୍ଚ ପରେ ଟେଣ୍ଡର ନିୟମାବଳୀ ରେ ଉଲଂଘନ, ବିଦ୍ୟୁତ୍ ମିଟର, ୫ଶହ ମିଟର କେବୁଲ୍, ଏମ୍‌ସିସିବି, ଆଇ ହୁକ୍, ସସ୍ପେନ୍ସ କ୍ଲାମ୍ପ, ସ୍‌?ିଚ ଟାଇମର ଭଳି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ନ ଲଗାଇ ବିଲ୍ କରି ଅର୍ଥ ଉଠାଇଥିବା ଜଣା ପଡିଛି। ଫଳରେ ସରକାରୀ ଅର୍ଥର ବ୍ୟାପକ ଅର୍ଥ ହଡ଼ପ ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ବଡଚଣା ବ୍ଲକ୍ ଅନ୍ତର୍ଗତ ଅଚ୍ୟୁତବସନ୍ତ, ଅଣକା, ଛଡିଆ, ବନ୍ତଲା, ଧାନମଣ୍ଡଳ, ଚମ୍ପାପୁର୍, ଦର୍ପଣ, ବୈରୀ, ମାଣ୍ଡୁକା, ଓ ଅଭୟପୁର୍, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ରେ ଚଢ଼ଉ କରାଯାଇଛି। ସେପଟେ ରାଜ୍ୟର ୩ ଟି ଜିଲ୍ଲାରେ ଭିଜିଲାନ୍ସ ଦ୍ୱାରା ହୋଇଥ?ବା ଚ?ାଉରେ ମୋଟ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ପାଖାପାଖି ୩ କୋଟି ଟଙ୍କାର ହେରଫେର ହୋଇଥ?ବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରେଲର୍ ପଛରେ କାର୍ ଧକ୍କା; ବାପ ଓ ଝିଅ ଗୁରୁତର



**ପାଣିକୋଇଲି,୨୫।୬(ସମିସ):** ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ନିକଟରେ ଟ୍ରେଲର୍ ପଛରେ କାର୍ ଧକ୍କା ହେବାରୁ କାର୍‌ଟି ଚୁରମାର ହେବା ସହ କାର୍ ମଧ୍ୟରେ ଥିବା ବାପ ଓ ଝିଅ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ ଭଦ୍ରକରୁ (ଏକ କାର୍ ୨୪ ବିଏଚ୍ ୩୮୪୧ ଏଲ୍) ଭୁବନେଶ୍ୱର ଯାଉଥିବା ବେଳେ ବ୍ରଜନଗର ଠାରେ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଟ୍ରେଲର (ଏନ୍‌ଏଲ୍ ୦୧ ଏନ୍ ୭୦୭୪) ପଛରେ ଧକ୍କା ଖାଇଥିଲା। ଫଳରେ କାର୍‌ର ସମ୍ମୁଖଭାଗ ସମ୍ପୂର୍ଣ୍ଣ ଚୁରମାର ହେବା ସହ କାର ମଧ୍ୟରେ ଥିବା ବାପ ଓ ଝିଅ ଗୁରୁତର ଆହତ ହୋଇଥିଲେ। ଖବରପାଇ ରାଜପଥ ପାଟ୍ରୋଲିଂ ଓ ପାଣିକୋଇଲି ଥାନା ପୁଲିସ ପହଞ୍ଚି ଆହତ ଦ୍ୱୟଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ଟ୍ରେନ୍ ଦୁର୍ଘଟଣାରେ ଅପରିଚିତ ବୃଦ୍ଧାଙ୍କ ମୃତ୍ୟୁ

**ଦାନଗଦି,୨୫।୬(ସମିସ):** ବୈତାରୀ-ପାରାଦୀପ ଟ୍ରେନ୍ ଲାଇନ୍‌ର ବାଘୁଆପାଳ-ଟମକା ଷ୍ଟେସନ ନିକଟ ଗମ୍ଭାରୀପାଟିଆ ଗାଁ ନିକଟରେ ଏକ ମାଳବାହୀ ଟ୍ରେନ୍ ଧକ୍କାରେ ଜଣେ ଅପରିଚିତ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ମୃତ ବୃଦ୍ଧାଙ୍କ ବୟସ ପ୍ରାୟ ୬୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ ଯାଜପୁରରୋଡ୍ ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରିବା ପରେ ଚିହ୍ନଟ ପାଇଁ ଶବଘର ମଧ୍ୟରେ ରଖିଛନ୍ତି।

# ୨ଟି ସ୍ଥାନରୁ ଦେଶୀ ମଦ ଜବତ, ୨ ବେପାରୀ ଗିରଫ

**ପାଣିକୋଇଲି,୨୫।୬(ସମିସ):** ପାଣିକୋଇଲି ଥାନାରେ ନୂଆ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ଯୋଗଦେବା ପରେ ପ୍ରଥମେ ଷଠିପୁର ଓ ପାଣିକୋଇଲିସ୍ଥିତ ଦୁଇ ଠିପି ବନ୍ଦ ମଦ ଦୋକାନ ନିକଟରେ ଥିବା ସମସ୍ତ ଚାଖଣା ଦେକାନକୁ ବନ୍ଦ କରିବା ପରେ ଚୋରା ମଦ ବେପାରୀଙ୍କ ଉପରେ ଚଢ଼ଉ ଜାରି ରହିଛି। ପ୍ରତିଦିନ ସନ୍ଧ୍ୟାରେ ଚୋରା ମଦ ବ୍ୟବସାୟୀଙ୍କୁ ଧରାଯାଉଛି। ସନ୍ଧ୍ୟା ପାଟ୍ରୋଲିଂ ସମୟରେ ଚୋରା ମଦ ବିକ୍ରିର ଖବର ପାଇ ପାଣିକୋଇଲି ପୁଲିସ ପକ୍ଷରୁ ସବ୍‌ଇନ୍ସପେକ୍ଟର ସୁମିତ କୁଜୁର ସଦଳବଳ ଚଢ଼ଉ କରିଥିଲେ। ଜାତୀୟ ରାଜପଥ ୧୬ର ସାହାପୁର ବ୍ରିଜ ନିକଟରେ ମଦ ବିକ୍ରିର ଖବର ପାଇ ଚଢ଼ଉ କରି ମସୁଦପୁର ଗ୍ରାମର ତ୍ରିଲୋଚନ ନାୟକ(୫୬)ଙ୍କୁ ଧରିବା ସହ ତା' ନିକଟରୁ ଏକ ବ୍ୟାଗରେ ଥିବା ୨୫ ବୋତଲ ଆସ୍କା ୪୦(୫ଲିଟର) ଜବତ କରାଯାଇଥିଲା। ଏ ନେଇ ଏକ ମାମଲା ୨୪୭/୨୬ ରୁଜୁ କରାଯାଇ ତାକୁ ଗିରଫ କରାଯାଇଛି। ସେହିପରି ଏଏସ୍‌ଆଇ ନିର୍ମଳ ଚୌଧୁରୀ ପାଣିକୋଇଲି ଶର୍ମା ପେଟ୍ରୋଲ ପମ୍ପରେ ଚଢ଼ଉ କରିଥିଲେ। ସେଠାରେ ଉତ୍ତରପ୍ରଦେଶ ରାଜ୍ୟ ଚାନ୍ଦୁଲି ଜିଲ୍ଲା ବିଷ୍ଣୁପୁରମ୍ ଗୋରାଇ ଗ୍ରାମର ଜୟହିନ୍ଦ ଯାଦବ(୨୬) ମଦ ବିକ୍ରି କରୁଥିବା ବେଳେ ତାକୁ ଧରିବାରେ ସକ୍ଷମ ହୋଇଥିଲେ। ତା' ନିକଟରୁ ମଧ ଏକ ବ୍ୟାଗରେ ଥିବା ୨୫ ବୋତଲ ଆସ୍କା ୪୦(୫ଲିଟର) ଜବତ କରାଯାଇଥିଲା। ତାକୁ ଥାନାକୁ ଆଣିବା ପରେ ଏକ ମାମଲା ୨୪୮/୨୬ ରୁଜୁ କରାଯିବା ସହ ଉଭୟ ତ୍ରିଲୋଚନ ଓ ଜୟହିନ୍ଦ୍‌କୁ ୫୨(ଏ) ଓଡ଼ିଶା ଏକ୍ସାଇଜ୍ ଆକ୍ଟରେ ଗିରଫ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

# ଶିକ୍ଷକ କର୍ମଚାରୀ ମିଳିତ ସମନ୍ୱୟ ସମିତିର ଆନ୍ଦୋଳନ ପ୍ରସ୍ତୁତି



**ବଡ଼ଚଣା,୨୫।୬(ସମିସ):** ବଡ଼ଚଣା ଓଷ୍ଟାର ଏକ ଜରୁରିକାଳୀନ କାର୍ଯ୍ୟକାରୀ କମିଟି ବୈଠକ ସଭାପତି ସୁବାଷ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୯ ତାରିଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ଆହ୍ୱାନ କ୍ରମେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଓଡ଼ିଶା ସରକାରଙ୍କ ଶିକ୍ଷକ କର୍ମଚାରୀଙ୍କ ସାମ୍ବିଧାନିକ ଅଧିକାର ଓ ବିଭିନ୍ନ ପ୍ରତିଶ୍ରୁତି ପାଳନରେ ତଞ୍ଚକତା, କୋର୍ଟ କଚେରିର ଆଦେଶ ପାଳନରେ ନକରାତ୍ମକ ମାନସିକତା ବିରୋଧରେ ପ୍ରତିବାଦ ସଭାକୁ ସଫଳ କରିବା ପାଇଁ ବିଭିନ୍ନ ଆଲୋଚନା କରାଯାଇଥିଲା।ଏଥିସହିତ ବଡଚଣା ବ୍ଲକ୍ ରେ ପଦୋନ୍ନତି ପାଇ ପ୍ରଧାନ ଶିକ୍ଷକ ରୁପେ ଯୋଗଦାନ କରିଥିବା ୨୧ଜଣ ନୂତନ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଓଷ୍ଟା ତରଫରୁ ସମ୍ବର୍ଦ୍ଧନା କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମ୍ପାଦକ ସତ୍ୟବାଦୀ ପଣ୍ଡା, ସହ ସମ୍ପାଦକ ନିର୍ମଳ ଚନ୍ଦ୍ର ଦଳେଇ, ଉପସଭା ନେତ୍ରୀ ନିଝୁମ ମହାନ୍ତି, ବସନ୍ତ ପ୍ରଧାନ, ପ୍ରକାଶ ଚନ୍ଦ୍ର ପାଲ୍, ଅନୀଲ କୁମାର ପ୍ରଧାନ, ମାନସ ବେହେରା, ଉପଦେଷ୍ଟା ଦୟାନିଧି ସାମଲ, ଅଜିତ୍ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜାତୀୟ ରାଜପଥ କଡ଼ରେ ଥିବା ବିଶ୍ରାମାଗାର ଜବରଦଖଲରେ

**ଯାଜପୁର ୨୫।୬(ସମିସ):** ଯାତ୍ରୀଙ୍କ ସୁବିଧା ପାଇଁ ପ୍ରତ୍ୟେକ ଜାତୀୟ ରାଜପଥ କଡରେ ବିଶ୍ରାମାଗାର ପ୍ରତିଷ୍ଠା କରାଯାଇଛି। କିନ୍ତୁ ସଠିକ ସ୍ଥାନରେ ଏହା ନିର୍ମାଣ ହୋଇନଥିବାରୁ ଏହା ଜବରଦଖଲକାରୀଙ୍କ କବଜାରେ ରହିଥିବା ଜଣାପଡିଛି। ୧୬ ନମ୍ବର ଜାତୀୟ ରାଜପଥ ର କୁଆଖିଆ ବଜାରର ୫୦୦ ମିଟର ଦୂର ତଥା ରସୁଲ ପୁର ବ୍ଲକ ସମ୍ମୁଖରେ ଥିବା ଏକ ଯାତ୍ରୀ ବିଶ୍ରାମାଗରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏଠାରେ ବର୍ଜ୍ୟବସ୍ତୁରେ ପରିପୂର୍ଣ୍ଣ ଏକ ଭୂତକୋଠି ସଦୃଶ ପରିଣତ ହୋଇଛି। କେନ୍ଦ୍ର ସରକାରଙ୍କ ରାଜପଥ ବିଭାଗର ପରିବହନ କ୍ଷେତ୍ରରେ ବହୁ ଯୋଜନା ପ୍ରଣୟନ ହେଉଛି। ଗାଡ଼ି ମଟରର ଚାଳକ ଓ ଯାତ୍ରୀ ମାନଙ୍କ ସୁବିଧା ନିମନ୍ତେ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ହେଲେ ଏହା ସୁଫଳ ଯାତ୍ରୀମାନଙ୍କୁ ମିଳୁନାହିଁ। ରସୁଲ ପୁର ବ୍ଲକ ସମ୍ମୁଖରେ ନିର୍ମିତ ହୋଇଥିବା ଯାତ୍ରୀ ବିଶ୍ରାମାଗାରର ଭୌଗଳିକ ଅବସ୍ଥିତିକୁ ଦେଖିଲେ ଜଣାପଡ଼େ ଏହା କୁଆଖିଆ ବଜାରରେ ଥିବା ବସ୍ ରହଣି ସ୍ଥାନରୁ ପ୍ରାୟ ୫୦୦ ମିଟର ଦୂରତାରେ ଅବସ୍ଥିତ। ତେଣୁ ଯାତ୍ରୀମାନେ ଖରାରେ ସିଝୁଥିବା ସହ ବର୍ଷାରେ ଭିଜୁଛନ୍ତି ହେଲେ କୌଣସି ଯାତ୍ରୀ ସେଠାକୁ ଯିବାର ଦେଖାଯାଇନି। ତେବେ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି କାହା ଉଦ୍ଦେଶ୍ୟରେ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଏହି ଠାରୁ ଦୈନନ୍ଦିନ ହଜାର ହଜାର ଯାତ୍ରୀ ରାଜ୍ୟ ତଥା ରାଜ୍ୟ ବାହାରକୁ ଯିବାବେଳେ ବହୁ ଯାତ୍ରୀ ବିଭିନ୍ନ ଦେଶ ବିଦେଶକୁ ଯିବାକୁ ହେଲେ କୁଆଖିଆ ବସ୍ ଷ୍ଟପେଜ୍ ଉପରେ ନିର୍ଭର କରନ୍ତି। ସରକାର ତୁରନ୍ତ ଏକ ଯାତ୍ରୀ ବିଶ୍ରାମାଗାର ସହ ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା କରିବାକୁ ବିଭିନ୍ନ ଅଞ୍ଚଳରୁ ଯାତାୟାତ କରୁଥିବା ଯାତ୍ରୀ ଓ ସାଧାରଣରେ ଦାବି ହେଉଛି।




# କ୍ରୋମାଇଟ୍ ଡିପୋରେ ଚଢ଼ଉ; ୯୦ଟନ୍‌ରୁ ଉର୍ଦ୍ଧ୍ୱ କ୍ରୋମାଇଟ୍ ଜବତ



**ସୁକିନ୍ଦା,୨୪।୬(ସମିସ):** ୫୩ ନମ୍ବର ଜାତୀୟ ରାଜପଥ ସୁକିନ୍ଦା ଛକରୁ କିଛି ଦୂରରେ ବେଆଇନ ୱେ-ବ୍ରିଜ୍ ସହ କ୍ରୋମାଇଟ୍ ଡିପୋ ଉପରେ ଚଢ଼ଉ କରାଯାଇଛି। ଚଢ଼ଉବେଳେ ୯୦ ଟନ୍‌ରୁ ଉର୍ଦ୍ଧ୍ୱ କ୍ରୋମାଇଟ୍ ଜବତ ହୋଇଥିବା ଜଣାପଡ଼ିଛି। ଆଜି ଅପରାହ୍ଣରେ ଯାଜପୁର ରୋଡ୍ ଡିଡିଏମ୍ ପବିତ୍ର କୁମାର ସାହୁ ସଦଳବଳ ସୁକିନ୍ଦାର କେନ୍ଦୁଡିପ ଗ୍ରାମ ନିକଟରେ ଥିବା ବେଆଇନ ୱେ-ବ୍ରିଜରେ ଚଢ଼ଉ କରିଥିଲେ। ୪ ଟି ହାଇୱାରେ ଜବତ କ୍ରୋମାଇଟ୍ ଡିଡିଏମଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିବା ଜଣାପଡ଼ିଛି। ଏହି ଚଢ଼ଉରେ ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଥାନା ଅଧିକାରୀ ରମାକାନ୍ତ ମୁଦୁଲି, ରେଞ୍ଜର ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ବେଆଇନ କାର୍ଯ୍ୟରେ ସଂପୃକ୍ତ ଗୋଟିଏ ଜେସିବି ଜବତ ହୋଇଥିବା ସୁକିନ୍ଦା ଥାନା ଅଧିକାରୀ ଶ୍ରୀ ମୁଦୁଲି ସୂଚନା ଦେଇଛନ୍ତି।

ପ୍ରକାଶ ଥାଉକି,ସୁକିନ୍ଦା ପଞ୍ଚାୟତର କେନ୍ଦୁଡିପ ଗ୍ରାମ ନିକଟରେ କିଛି କ୍ରୋମାଇଟ୍ ମାଫିଆ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ୱେ-ବ୍ରିଜ ନିର୍ମାଣ କରିବା ସହ କୋଟି କୋଟି ଟଙ୍କାର ବେଆଇନ୍ କ୍ରୋମାଇଟ୍ ଡିପୋ କରିଥିବା ସମ୍ପର୍କରେ ପ୍ରଶାସନ ନଜରକୁ ଆସିଥିଲା। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶକ୍ରମେ ସୁକିନ୍ଦା ତହସିଲଦାର ଶ୍ରୀ ତ୍ରିପାଠୀ, ରାଜସ୍ୱ ନିରୀକ୍ଷକ ସ୍ନିଗ୍ଧା ରାଣୀ ନନ୍ଦୀ ଘଟଣାସ୍ଥଳକୁ ଯାଇ ବେଆଇନ ନିର୍ମାଣ କାର୍ଯ୍ୟ ଉପରେ ଚଢ଼ଉ କରିଥିଲେ। ସେତେବେଳେ ସେଠାରୁ ଏକ ଜେସିବି ମଧ୍ୟ ଜବତ କରି ସୁକିନ୍ଦା ଥାନାକୁ ନେଇଥିଲେ। ଆଜି ପୁଣି ସେହି ସ୍ଥାନରୁ ବିପୁଳ ପରିମାଣର ଚୋରା କ୍ରୋମାଇଟ ଜବତ ହୋଇଥିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏକ ବଡ଼ ଧରଣର ଗ୍ୟାଙ୍ଗ ଏହି କାରବାରରେ ଥିବା ସନ୍ଦେହ କରାଯାଉଛି।

# ଆସିଲେନି ଅଧିକାରୀ; ଖରାରେ ସିଝି ଫେରିଲେ ହିତାଧିକାରୀ

**ପାଣିକୋଇଲି,୨୫।୬(ସମିସ):** ସରକାରୀ ଅଧିକାରୀ ବା ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କ ପାଇଁ ଦାୟିତ୍ୱ ନେଇଥିବା ସଂସ୍ଥାର ମନମାନୀ ଯୋଗୁ ଆଜି ପଥରପଦା ପଞ୍ଚାୟତର ଶହ ଶହ ହିତାଧିକାରୀ ଖରାରେ ହତାଶ ହୋଇ ଘରକୁ ଫେରିବାକୁ ବାଧ୍ୟ ହୋଇଛନ୍ତି। କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତରେ ରାସନକାର୍ଡ କେୱାଇସି ଓ ନୂଆ ଆୟୁଷ୍ମାନ କାର୍ଡ ବଣ୍ଟନ ପାଇଁ ଆଜି ତାରିଖ ସ୍ଥିର ହୋଇଥିଲା। ଅଙ୍ଗନବାଡ଼ି କର୍ମୀଙ୍କ ଜରିଆରେ ହିତାଧିକାରୀଙ୍କୁ ଜଣାଯାଇଥିଲା। ସକାଳ ୯ଟା ସମୟରେ ପଥରପଦା ପଂଚାୟତ କାର୍ଯ୍ୟାଳରେ ପହଞ୍ଚିବାକୁ କୁହାଯାଇଥିଲା। ତଦନୁଯାୟୀ ଯେଉଁମାନଙ୍କର ରାସନ କାର୍ଡ କେୱାଇସି ହୋଇନାହିଁ ଓ ଯୋଉଁମାନେ ଆୟୁଷ୍ମାନ କାର୍ଡ ପାଇନାହାନ୍ତି ସେମାନେ ମହିଳା ଓ ପୁରୁଷ ଶହ ଶହ ସଂଖ୍ୟାରେ ଆସି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ଖୋଲାଥିଲେ ବି ଦାୟିତ୍ୱ ନେଇଥିବା ସଂସ୍ଥା ପକ୍ଷରୁ କେହି ଆସିନଥିଲେ। ପଞ୍ଚାୟତ ପକ୍ଷରୁ ଉକ୍ତ ସଂସ୍ଥାକୁ ଫୋନ କରାଯାଇଥିଲେ ମଧ୍ୟ ତାଙ୍କ ମୋବଇଲ ସୁଇଚ୍ ଅଫ ଥିଲା। ଫଳରେ ଶହ ଶହ ସଂଖ୍ୟାରେ ମହିଳା ପୁରୁଷ ମଧ୍ୟାହ୍ନ ପର୍ଯ୍ୟନ୍ତ ଅପେକ୍ଷା କରି ପାଣି ଟୋପାଏ ନପାଇ ଘରକୁ ଫେରିଥିଲେ। ଦାୟିତ୍ୱରେ ଥିବା ସଂସ୍ଥାର ଏଭଳି ମନମୁଖି କାର୍ଯ୍ୟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହିତାଧିକାରୀଙ୍କ ପକ୍ଷରୁ ଦାବି ହୋଇଛି।

# ବୁଥ୍‌ସ୍ତରୀୟ ଅଧିକାରୀ ଓ ଏଜେଣ୍ଟଙ୍କ ମିଳିତ ବୈଠକ

**ବଡ଼ଚଣା,୨୫।୬(ସମିସ):** ବଡ଼ଚଣା ବ୍ଲକ୍ ଖୋସାଲିପୁରସ୍ଥିତ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଠାରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ବିଷୟରେ ଏକ ବୁଥ୍‌ସ୍ତରୀୟ ଅଧିକାରୀ ଓ ଏଜେଣ୍ଟଙ୍କ ମିଳିତ ବୈଠକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବିଏଲ୍‌ଓ ନବ କିଶୋର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ଆରମ୍ଭ ହୋଇ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ଉପରେ ଆଲୋଚନା ହୋଇଥିଲା। ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ଅନୁଯାୟୀ ବୁଥ୍‌ସ୍ତରୀୟ ଅଧିକାରୀ ବିଏଲ୍‌ଓ, ସୁପର୍‌ଭାଇଜରଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ ଓ ଘରକୁ ଘର ଯାଞ୍ଚ୍ କରାଯାଇ ପରିଗଣନା ଫର୍ମ ବଣ୍ଟନ କରାଯାଇଥିଲା। ସଠିକ୍ ପୂରଣ ହୋଇଥିବା ଫର୍ମ ଗୁଡ଼ିକୁ ମତଦାତାଙ୍କ ଠାରୁ ପୁନଃଗ୍ରହଣ କରାଯାଇ ସଂପୂର୍ଣ୍ଣ ତଥ୍ୟ ଉକ୍ତ ବୈଠକରେ ଉପସ୍ଥାପନ କରାଯାଇଥିଲା। ତଥ୍ୟ ଅନୁସାରେ ସମୁଦାୟ ପରିଗଣନା ଫର୍ମ ସଂଖ୍ୟା ୭୩୧, ଗ୍ରହଣ କରାଯାଇଥିବା ପରିଗଣନା ଫର୍ମ ସଂଖ୍ୟା ୫୯୭, ଗ୍ରହଣ ହୋଇ ନଥିବା ପରିଗଣନା ସଂଖ୍ୟା ୧୩୪, ଅନୁପସ୍ଥିତ ମତଦାତାଙ୍କ ସଂଖ୍ୟା ୨୮, ସ୍ଥାନାନ୍ତରିତ ମତଦାତାଙ୍କ ସଂଖ୍ୟା ୬୪, ମୃତ ମତଦାତାଙ୍କ ସଂଖ୍ୟା ୪୧, ନକଲି ମତଦାତାଙ୍କ ସଂଖ୍ୟା ୧। ଏହି ମିଳିତ ବୈଠକ ରେ ସୁପର୍‌ଭାଇଜର୍ ସୁବର୍ଣ୍ଣ କେଶରୀ ମିଶ୍ର, ସହକାରୀ ଶିକ୍ଷୟିତ୍ରୀ ସ୍ୱୋପ୍ନାଞ୍ଜଳି ବିଶ୍ୱାଳ ସୁଜାତା ମାଣିକ, ପ୍ରମୋଦ କୁମାର ଜେନା ବିଜେପି ପକ୍ଷରୁ ଏଜେଣ୍ଟ ପ୍ରସନ୍‌ଜିତ ଜେନା, ବିଜେଡି ଏଜେଣ୍ଟ ମହେନ୍ଦ୍ର କୁମାର ଜେନା, କଂଗ୍ରେସ୍ ପକ୍ଷରୁ ସୁକାନ୍ତ ମଲ୍ଲିକ, ୱାର୍ଡ ସଭ୍ୟା ଗୀତାଞ୍ଜଳି ଜେନା ଅଙ୍ଗନବାଡ଼ି କର୍ମୀ ସୁଷମା ପରିଡ଼ା, ଆଶା କର୍ମୀ ପି ଭାନୁମତୀ ରାୟ, ଅଙ୍ଗନବାଡ଼ି ସହାୟିକା ସୁମିତ୍ରା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସିଂହପୁରରେ ରକ୍ତଦାନ ଶିବିର



**ସିଂହପୁର,୨୫।୬(ସମିସ):** ବିଂଝାରପୁର ବ୍ଲକ୍ ସିଂହପୁରସ୍ଥିତ ସାଇ ମଣ୍ଡପରେ ହେମପ୍ରଭା ବୃଦ୍ଧାଶ୍ରମ ପକ୍ଷରୁ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜରେ ରକ୍ତର ଅଭାବକୁ ଦୂର କରିବା ସହିତ ମାନବ ସେବାର ଉଦ୍ଦେଶ୍ୟ ନେଇ ଆୟୋଜିତ ଏହି ଶିବିରରେ ବହୁ ସଂଖ୍ୟକ ଯୁବକ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଶିବିରରୁ ୪୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଆବାହକ ଆଲୋକ ବଳିଆରସିଂହଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଡ. ଅନୁରାଧା ଶର୍ମା, ବିଶ୍ୱରଞ୍ଜନ ଓଝା, ମହେଶ୍ୱର ବେହେରା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ନିରଞ୍ଜନ ବେଉରିଆ ଓ ବୁଦ୍ଧିଜୀବୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାନ କରିବାକୁ ସମସ୍ତଙ୍କୁ ଆଗକୁ ଆସିବାକୁ ଆହ୍ୱାନ ଦେଇଥିଲେ।

# ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଣ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର

ଯାଜପୁର,୨୫।୬(ସମିସ)



ଚଳିତ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ବର୍ତ୍ତମାନ ଯାଏ ଆସିଥିବା ୨୧୨୫ଟି ତ୍ରୁଟି କେବଳ ବନାନଗତ, ବ୍ୟାକରଣଗତ ନୁହେଁ, ଏଥିରେ ବହୁ ଗୁରୁତର ତଥ୍ୟଗତ ଏବଂ ମୌଳିକ ଧାରଣାଗତ ତ୍ରୁଟି ରହିଛି। ଏହା ଛଡ଼ା ବହୁ ଅବୈଜ୍ଞାନିକ ବିଷୟବସ୍ତୁ ମଧ୍ୟ ସ୍ଥାନିତ ହୋଇଛି। ଏପରିକି ଯୋଗାଇ ଦିଆଯାଇଥିବା ସଂଶୋଧିତ ପୁସ୍ତିକା ମଧ୍ୟରେ ବି ବହୁ ଭୁଲ୍ ରହିଛି। ଏହି ବିକୃତ ପାଠ୍ୟପୁସ୍ତକ ଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନୂତନ ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇଦେବାକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇ ଜିଲ୍ଲା ସମ୍ପାଦକ ତଥା ରାଜ୍ୟ କମିଟି ସଭ୍ୟ ସୁରେନ୍ଦ୍ର ମଲ୍ଲିକ, ରାଜ୍ୟ କମିଟି ସଭ୍ୟ କ୍ଷୀରୋଦ କର, ନୃସିଂହ ପଣ୍ଡା, ଜିଲ୍ଲା କମିଟି ସଦସ୍ୟା ସୁଲୋଚନା ପ୍ରଧାନ, ସଂଗଠିକା ସଂଯୁକ୍ତା ନାୟକ, ରାଜଶ୍ରୀ ମହାନ୍ତି, ସରୋଜ ମହାପାତ୍ର,ଶିକ୍ଷକ ନେତା ବିଷ୍ଣୁଚରଣ ବେହେରା, ଆଡଭୋକେଟ୍ ସୁରେଶ ଦାସ ଆଦିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଯାଜପୁର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଠାରେ ପ୍ରକାଶ ଥାଉକି ରାଜ୍ୟରେ ପ୍ରତିଷ୍ଠିତ ଡବଲ ଇଞ୍ଜିନ ସରକାର ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଏନ୍‌ଇପି ୨୦୨୦ ଆଧାରରେ ପ୍ରକାଶ କରିଥିବା ପାଠ୍ୟପୁସ୍ତକ ଗୁଡ଼ିକରେ ପରିଲକ୍ଷିତ ତ୍ରୁଟି "ସ୍ୱାଭାବିକ ଓ ସାମାନ୍ୟ' ବୋଲି ଗଣଶିକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟ ଅତ୍ୟନ୍ତ ଦାୟିତ୍ୱହୀନ ଓ ଚରମ ଶିକ୍ଷାବିରୋଧୀ ନୀତିର ପରିଚୟ ବୋଲି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡିଶା ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତ ଏକ ବିବୃତ୍ତିରେ କହିଛନ୍ତି।

ସାମାଜିକ ବିଜ୍ଞାନ ପୁସ୍ତକରେ 'ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ ମାଧ୍ୟମରେ ମାଟି ପବିତ୍ର ହୁଏ' ଭଳି ବହୁ ଅବୈଜ୍ଞାନିକ ବିଷୟ ସ୍ଥାନିତ ହୋଇଛି। ସେମିତି ଭୂଗୋଳରେ ଭୌଗୋଳିକ ଜ୍ଞାନର ଭିତ୍ତିଭୂମି 'ପ୍ରାକୃତିକ ଭୂଗୋଳ'କୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି। ବିଜ୍ଞାନ ବହିରେ ମହାନ ବୈଜ୍ଞାନିକ ସାର ଆଇଜାକ ନ୍ୟୁଟନଙ୍କୁ 'ଶ୍ରେଷ୍ଠ ପାଇଲଟ' କୁହାଯାଇଛି। ଗଣିତ ବହିରୁ ଜ୍ୟାମିତି, ତ୍ରିକୋଣମିତି, ପରିମିତି, ସେଟ୍, ପଲିନୋମିଆଲ୍, ବ୍ୟବସାୟିକ ଗଣିତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଉଠାଇ ଦିଆଯାଇଛି। ଏଥିସହିତ ଓଡ଼ିଶାର ନିୟମଗିରି ପାହାଡ଼ ଝାଡ଼ଖଣ୍ଡର ବୋଲି ବହୁ ତଥ୍ୟଗତ ତ୍ରୁଟି ରହିଛି। ଏହା ହିଁ ବିଜେପି ଦଳର ଓଡ଼ିଆ ଅସ୍ମିତାର ପରିଚୟ ଓ ଗୁଣାତ୍ମକ ଶିକ୍ଷାର ନମୁନା। ଏପରିକି ୩ୟ ଶ୍ରେଣୀରୁ 'ବାଂଶୁରୀ-୧' ବହିରେ ୨୦ଟି ଚ୍ୟାପ୍ଟର, ଖେଳ ଯୋଗ ବହିରେ ୭ଟି ଚ୍ୟାପ୍ଟର ନୂତନ ଭାବେ ପ୍ରଚଳନ କରାଯାଇଛି। ଏହା ଦ୍ୱାରା ପିଲାମାନଙ୍କ ଉପରେ ଅନାବଶ୍ୟକ ବୋଝ ଲଦି ଦିଆଯାଇଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ମୌଳିକ ବିଷୟକୁ ହଟାଇ ଦିଆଯାଇଛି, ଯାହାକି ପିଲାମାନଙ୍କ ଜ୍ଞାନାର୍ଜନର ମୂଳଦୁଆକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବ। ତେଣୁ ସଂଶୋଧିତ ଚିଠା ଶିକ୍ଷକ ମାନଙ୍କ ହାତରେ ଧରାଇଦେଇ କାମ ଚଳାଇ ଦେବା ନ୍ୟାୟରେ ଛାତ୍ର-ଛାତ୍ରୀଙ୍କ ଭବିଷ୍ୟତ ନେଇ ଖେଳ ଖେଳିବା ବନ୍ଦକରି ଉତ୍ଥାପିତ ହୋଇଥିବା ନ୍ୟାୟସଙ୍ଗତ ଦାବିକୁ ମାନିନେବା ସହିତ ଏନ୍‌ଇପି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ପାଇଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଦୃଢ଼ ଦାବି କରାଯାଇଛି।

# କପିଳାସରେ ରୋପୱେ ନିର୍ମାଣକୁ ନେଇ ପ୍ରଶ୍ନବାଚୀ

**ଢେଙ୍କାନାଳ,୨୫।୬(ସମିସ):** ରାଜ୍ୟର ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ କପିଳାସ ପୀଠରେ ରୋପୱେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ନିର୍ମାଣ କାର୍ଯ୍ୟ ନିମନ୍ତେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ କାର୍ଯ୍ୟରେ କୌଣସି ଅଗ୍ରଗତି ହୋଇପାରୁନାହିଁ। କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠ ୧୩୫୨ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶର ରାଜା ପ୍ରଥମ ନରସିଂହଦେବଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଛି। ସମୁଦ୍ର ପତ୍ତନଠାରୁ ୨ ହଜାର ୨୩୯ ଫୁଟ ଉଚ୍ଚରେ ଏହି ପୀଠ ରହିଥିବା ବେଳେ ମନ୍ଦିର ଉଚ୍ଚତା ୬୦ଫୁଟ। ପୀଠରେ ବାବା ଚନ୍ଦ୍ରଶେଖର ଓ ମାତା ପାର୍ବତୀଙ୍କ ମନ୍ଦିର ରହିଛି। ଏଥିସହ ଗଣେଶ, କାର୍ତ୍ତିକ, ଗଙ୍ଗାଦେବୀଙ୍କ ସହ ମନ୍ଦିର ପାଶ୍ୱର୍ ଦେବତା ଭାବେ ଶ୍ରୀଜଗନ୍ନାଥ ବିଜେ କରିଛନ୍ତି। ପ୍ରତିଦିନ ଏହି ପୀଠକୁ ରାଜ୍ୟ ତଥା ଦେଶବିଦେଶରୁ ହଜାର ହଜାର ଭକ୍ତଙ୍କ ସହ ପର୍ଯ୍ୟଟକଙ୍କ ସମାଗମ ହେଉଥିବା ବେଳେ





ଶ୍ରାବଣ ମାସ ସୋମବାର, ମାଘ ମାସ ଏବଂ ଶିବରାତ୍ରି ସମୟରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ନଭେମ୍ବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ପର୍ଯ୍ୟଟନ ଋତୁରେ ପ୍ରତିଦିନ ଭକ୍ତଙ୍କ ସମାଗମ ହେଉଥିବା ବେଳେ ମୃଗବିହାର, ବିଜ୍ଞାନ କେନ୍ଦ୍ରକୁ ମଧ୍ୟ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ପର୍ଯ୍ୟଟକମାନେ ଏଠାରେ ପ୍ରକୃତିର ନୈସର୍ଗୀକ ଶୋଭା ପରିଦର୍ଶନ କରିବା ସହ ବଣଭୋଜିର ମଜା ଉଠାଇଥାନ୍ତି। ଏହାସହ ଗତ ୧ ବର୍ଷହେବ ବନବିଭାଗ ତରଫରୁ ଆରମ୍ଭ ହୋଇଥିବା ଜଙ୍ଗଲ ସଫାରୀ ଅଧିକ ଆକର୍ଷଣୀୟ ହୋଇଛି।

**ବାରମ୍ବାର ଘୋଷଣା ପ୍ରହସନ ପାଲଟିଛି**

କପିଳାସ ପୀଠକୁ ଭକ୍ତଙ୍କ ସମାଗମ ହେଉଥିବା ବେଳେ ଉପରକୁ ଯିବାକୁ ହେଲେ ୧୩୫୨ ପାହାଚ ଚଢ଼ି କିମ୍ବା ବାଉବାଙ୍କ ରାସ୍ତାଦେଇ ଯିବାକୁ ହୁଏ। ଏହା ପରେ କପିଳାସର ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ପୀଠରୁ ପ୍ରାୟ ୨ କିଲୋମିଟର ଉଚ୍ଚତାରେ ରହିଛି ପୁରାଣ ବର୍ଣ୍ଣିତ ସୀତା ଅନ୍ତୁଡ଼ିଶାଳ। ଏହା ସହ କପିଳାସରେ ରହିଛି ଶ୍ରୀଧରସ୍ୱାମୀଙ୍କ ସ୍ମୃତି। କପିଳାସ ପୀଠକୁ ଅଧିକ ଆକର୍ଷଣୀୟ ଏବଂ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ତତ୍କାଳୀନ ଜିଲ୍ଲାପାଳ ଏଠାରେ ରୋପୱେ ନିର୍ମାଣ ପାଇଁ ୧୯୯୨ ଏବଂ ୨୦୦୪ରେ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ସରକାର ପ୍ରସ୍ତାବକୁ ଗୁରୁତ୍ୱର ସହ ଗ୍ରହଣ କରି ୨୦୧୮-୧୯ରେ କପିଳାସରେ ରୋପୱେ କରାଯିବ ବୋଲି ଘୋଷଣା କରିଥିଲା। ପରେ ସ୍ୱାଧୀନତା ଦିବସ ଅବସରରେ ତତ୍କାଳୀନ ସାମାଜିକ ସୁରକ୍ଷା ମନ୍ତ୍ରୀ ଢେଙ୍କାନାଳ ଗସ୍ତରେ ଆସିଥିବା ବେଳେ କପିଳାସ ପୀଠରେ ରୋପୱେ ହେବବୋଲି ଘୋଷଣା କରିବା ସହ ଏହି କାର୍ଯ୍ୟ ୧୬ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାର ଡିପିଆର୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ମାତ୍ର ଇତିମଧ୍ୟରେ ୮ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏଠାରେ ରୋପୱେ ନିର୍ମାଣ କରାଗଲେ ଆବାଳବୃଦ୍ଧବନିତା ସହଜରେ ଚନ୍ଦ୍ରଶେଖରଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ ଦର୍ଶନ କରବା ସହ କପିଳାସ ଚତୁଃପାଶ୍ୱର୍ରେ ଥିବା ସବୁଜିମା ଉପଭୋଗ କରିପାରିବେ। ଏଠାକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ହେବ। ଫଳରେ ଅଞ୍ଚଳର ବିକାଶ ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଏଠାରେ ରୋପ୍‌ୱେ ନିର୍ମାଣ କରିବାକୁ ଦାବି ହେଉଛି।

# ହନୁମାନ ମନ୍ଦିର ପ୍ରତିଷ୍ଠା ଓ ଭଜନ ସନ୍ଧ୍ୟା



**ଢେଙ୍କାନାଳ,୨୫।୬(ସମିସ):** ସ୍ଥାନୀୟ ବାଜିଚୌକସ୍ଥିତ ରାମକୃଷ୍ଣ ବିହାର ହାଉସିଂ ବୋର୍ଡ କଲୋନୀରେ ରାମେଶ୍ୱର ମହାଦେବ ମନ୍ଦିରରେ ନୂତନ ଭାବେ ନିର୍ମିତ ହୋଇଥିବା ପ୍ରଭୁ ହନୁମାନ ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ବ୍ରାହ୍ମଣୀ ନଦୀରୁ କଳସଯାତ୍ରାରେ ଜଳ ଆଣି ଜୀବନ୍ୟାସ କାର୍ଯ୍ୟକ୍ରମ ହୋଇଥିଲା। ମନ୍ଦିର କମିଟି ସଭାପତି ଦେବପ୍ରସାଦ ମିଶ୍ର ଓ ତାଙ୍କ ସହଧର୍ମିଣୀ ଗୀତାଞ୍ଜଳି ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପରେ ସଭାପତି ପ୍ରଫେସର ହରେକୃଷ୍ଣ କରଙ୍କ ସଭାପତିତ୍ୱରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନଗର ପରିକ୍ରମା ସମୟରେ ନୃତ୍ୟ ପ୍ରଦର୍ଶନ କରିଥିବା ଛୋଟ ଝିଅମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅତିଥି ଭାବେ ସୁନାମଧନ୍ୟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ଦୁର୍ଗାପ୍ରସାଦ ମିଶ୍ର, ସ୍ନିଗ୍ଧା ନନ୍ଦ, କମଳ କୁମାର ନନ୍ଦ, ଗୋବିନ୍ଦ ଚନ୍ଦ୍ର, ବିମଳ ସାହୁ, ଅକ୍ଷୟ ନାୟକ, ଐଶ୍ୱର୍ଯ୍ୟ ସାହୁ, ଲକ୍ଷ୍ମୀପ୍ରିୟା ମହାରଣା ଓ ବ୍ରଜବନ୍ଧୁ ରଣସିଂ ଯୋଗଦେଇଥିଲେ। କର୍ମକର୍ତ୍ତା ଅକ୍ଷୟ ପଟ୍ଟନାୟକ, ପଞ୍ଚାନନ ମହାରଣା, ଦୀପକ ସାହୁ, ଶ୍ରୀପତି ରାଜ୍, ସାତ୍ୱିକ୍ ପତି, ଦିବ୍ୟରଞ୍ଜନ ସାହୁ, ଅନିତା ପୃଷ୍ଟି, ଟୁକୁଲତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଚେକ୍ ବାଉନ୍ସ ମାମଲାରେ ୨ ବର୍ଷ ଜେଲ୍‌ଦଣ୍ଡ

**୨୦ ଲକ୍ଷ ଟଙ୍କା ଜରିମାନା ଆଦେଶ**

**ଢେଙ୍କାନାଳ,୨୫।୬(ସମିସ):** ଏକ ଚେକ୍ ବାଉନ୍ସ ମାମଲାର ଶୁଣାଣି କରି ସ୍ଥାନୀୟ ଏସଡିଜେଏମ ଅଭିଯୁକ୍ତଙ୍କ ୨ ବର୍ଷ କାରାଦଣ୍ଡ ସହ ୨୦ ଲକ୍ଷ ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି। ସ୍ଥାନୀୟ କୈବଲ୍ୟ ବଜାର ରଥଗଡ଼ା ଅଞ୍ଚଳର ସୁଜିତ ରଞ୍ଜନ ପଣ୍ଡା ନିଜ ବ୍ୟବସାୟିକ କାର୍ଯ୍ୟ ନିମନ୍ତେ ପ୍ରଦ୍ୟୁମ୍ନ କୁମାର ନାଥଙ୍କଠାରୁ ୨୦୧୮ ଫେବୃଆରୀ ୨୬ରେ ଆର୍‌ଟିଜିଏସ୍ ମାଧ୍ୟମରେ ୧୮ ଲକ୍ଷ ୪୦ ହଜାର ଟଙ୍କା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଟଙ୍କା ଫେରସ୍ତ ପାଇଁ ପ୍ରଦ୍ୟୁମ୍ନ ବାରମ୍ବାର ଦାବି କରିବାରୁ ସୁଜିତ ୨୦୨୨ ଫେବୃଆରୀ ୨୫ରେ ନିଜ ଏସ୍‌ବିଆଇ ଆକାଉଣ୍ଟର ଏକ ଚେକ୍ ସୁଜିତଙ୍କୁ ପ୍ରଦାନ କରିଥିଲେ। ମାତ୍ର ବ୍ୟାଙ୍କରେ ଚେକ୍ ଦାଖଲ କରିବା ପରେ ଆବଶ୍ୟକ ଅର୍ଥ ନ ଥିବାରୁ ତାହା ବାଉନ୍ସ ହୋଇଥିଲା। ଏ ନେଇ ପ୍ରଦ୍ୟୁମ୍ନ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଏକ ମାମଲା ଦାଖଲ କରିଥିଲେ। ମାମଲାର ଶୁଣାଣି କରି ଏସ୍‌ଡିଜେଏମ୍ ରେଶମା ଧଳ ବିଶୋୟୀ ରାୟ ପ୍ରକାଶ କରିଛନ୍ତି। ସୁଜିତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶୁତୋଷ କାନୁନଗୋ ମାମଲା ପରିଚାଳନା କରିଥିଲେ।

# ନିଶାମୁକ୍ତ ଭାରତ ଅଭିଯାନ ସଚେତନତା




**ଗଁଦିଆ,୨୫।୬(ସମିସ):** ସ୍ଥାନୀୟ କୁଞ୍ଜକାନ୍ତସ୍ଥିତ ସାଇକୃପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ ଢେଙ୍କାନାଳ ଓ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। କଲେଜର ଛାତ୍ର ବଳରାମ ସାହୁ ଓ ଅମ୍ଲାନ ଶୁଭ୍ରପ୍ରକାଶ ପାଣି ପ୍ରମୁଖ ନିଶାମୁକ୍ତ ଭାରତ ନିମନ୍ତେ ନିଜ ବକ୍ତବ୍ୟ ପ୍ରଦାନ କରି ଯୁବସମାଜ ନିଶାରୁ ମୁକ୍ତି ହେବାକୁ ଆହ୍ୱାନ ଦେଇଥିଲେ। ଐରା ଅନୁଷ୍ଠାନର ସଂଯୋଜକ ସମାଜସେବୀ ପ୍ରଦ୍ୟୁମ୍ନ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ନିଶାମୁକ୍ତ ଅଭିଯାନ ସମ୍ପର୍କରେ ଅଭିଭାଷଣ ରଖିଥିଲେ। କଲେଜ ଅଧ୍ୟକ୍ଷ ଡ. ତୁଷାର ମହାନ୍ତି, ଅଧ୍ୟାପକ ଡ. ପ୍ରସନ୍ନ କୁମାର ପଣ୍ଡା, ପ୍ରକାଶ କୁମାର ଜେନା, ଶରତ କୁମାର ସାହାଣୀ, ଅନୁଷ୍ଠାନର ସୀତାଂଶୁ କୁମାର ପଣ୍ଡା, ଅରବିନ୍ଦ ପାଣିଗ୍ରାହୀ, ଅନୁସୟା ସାହୁ, ଚିନ୍ତାମଣି ମୁଦୁଲି ଓ ହେମାଙ୍ଗିନୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥପାଠ ହୋଇଥିଲା। ଏଥିସହ ଦସ୍ତଖତ ଅଭିଯାନରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



**ଗଁଦିଆ,୨୫।୬(ସମିସ):** ନୂଆଗଡ଼ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରେ ଯୋଗଦାନ କରିଥିବା କନ୍ୟାକୁମାରୀ ଭୂତିଆଙ୍କୁ ସ୍କୁଲ ପରିଚାଳନା ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ସଭ୍ୟ ତଥା ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଜୟ କୁମାର ସାମନ୍ତ, ପଞ୍ଚସଖା ଶିକ୍ଷାସେତୁ ସଭାପତି ତୁଷାରକାନ୍ତ ବରାଳଙ୍କ ନେତୃତ୍ୱରେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପହାର ଦେଇ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ, ବରିଷ୍ଠ ସଭ୍ୟ ସାମନ୍ତ ପବିତ୍ର ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ରଶ୍ମିବାଳା ସାମଲ, ଦୀପିକା ପଡ଼ିଆରୀ, ତପସ୍ୱିନୀ ସାହୁ, ପ୍ରଜ୍ଞାସିନୀ ଶତପଥୀ, ଶିକ୍ଷକ ଅଭୟ କୁମାର ଶତପଥୀ, ଅରୁଣ ଧରୁଆ, ଅମୂଲ୍ୟ ବେହେରା, କର୍ମଚାରୀ ଗୋବର୍ଦ୍ଧନ ବେହେରା ପ୍ରମୁଖ ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିଥିଲେ।

# ରମେଇ ଖମାର ଗ୍ରାମରେ ପାଣି ପାଇଁ ଲମ୍ବା ଧାଡ଼ି



**ଗଁଦିଆ,୨୫।୬(ସମିସ):** ପିଇବା ପାଣି ମୁନ୍ଦେ ପାଇବା ପାଇଁ ଗଁଦିଆ ବ୍ଲକ ସୋରିଶିଆପଦା ପଞ୍ଚାୟତ ରାମେଇ ଖମାର ଗ୍ରାମବାସୀ ଡହଳବିକଳ ହେଉଛନ୍ତି। ପଡ଼ା ଗ୍ରାମ ଦେଓଝର ଓ ଚାଉଳିଆକୁ ନେଇ ରାମେଇ ଖମାର ରାଜସ୍ୱ ଗ୍ରାମ। ଏହାର ଜନସଂଖ୍ୟା ଏକ ହଜାରରୁ ଊର୍ଦ୍ଧ୍ୱ। ତେବେ ଗ୍ରାମରେ ଦେଖାଦେଇଛି ପାନୀୟ ଜଳ ସଙ୍କଟ। ଗ୍ରାମରେ ୫ଟି ନଳକୂପ ରହିଛି। ତେବେ ନଳକୂପଗୁଡ଼ିକରୁ ବାହାରୁଥିବା ପାଣି ନାଲି ରଙ୍ଗର ଓ ବ୍ୟବହାର ପାଇଁ ଉପଯୁକ୍ତ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଏକ ଓଭର ହେଡ୍ ଟାଙ୍କି ବ୍ୟବସ୍ଥା ରହିଛି। ସେଠାରୁ ଗ୍ରାମର ବିଭିନ୍ନ ଛକ ଜଗାଗୁଡ଼ିକୁ ପାଇପ ମାଧ୍ୟମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ସୁଦ୍ଧା ଗତ ରଜପର୍ବଠାରୁ ଏହି ପ୍ରକଳ୍ପର ମୋଟର ଖରାପ ହୋଇଯାଇଥିବାରୁ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ପାଣି ଟିକକ ପାଇଁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପର ପକ୍ଷରେ ପିଇବା ପାଣି ପାଇଁ ଅଙ୍ଗନବାଡ଼ି କେନ୍ଦ୍ରଠାରେ ଥିବା ଟାଙ୍କିରୁ ପାଣି ନେବାକୁ ମହିଳାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ମହିଳାମାନେ ଲମ୍ବା ଧାଡ଼ିରେ ଠିଆ ହୋଇ ପାଣି ସଂଗ୍ରହ କରୁଛନ୍ତି। ତେବେ ବିଦ୍ୟୁତ ଯୋଗାଣ ବନ୍ଦ ହେଲେ ପାଣି ଯୋଗାଣ ବନ୍ଦ ରହେ। କେବଳ ଲାଇନ ଥିଲେ ଉକ୍ତ ସ୍ଥାନରୁ ପାଣି ମିଳିଥାଏ। ଏହି ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ




**ଢେଙ୍କାନାଳ,୨୫।୬(ସମିସ):** ଓଡ଼ିଶା ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଜନହିତକରୀ ଯୋଜନା ଏବଂ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳତାକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଓଡ଼ାପଡ଼ା ବ୍ଲକ ଖୁଣ୍ଟୁଝରୀ ଗ୍ରାମପଞ୍ଚାୟତ ଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବରୁଣ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମଳା ଦେଇ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ପରିଦର୍ଶିକା ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବାବେଳେ ଅନ୍ୟତମ ଅତିଥିଭାବେ ଗ୍ରାମସେବକ ସୁକାନ୍ତି ପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ଜନପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀର ମହିଳା ସଦସ୍ୟ, ମହିଳା ଅଙ୍ଗନୱାଡ଼ି କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଯଥା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ଆୟୁଷ୍ମାନ ବାୟୋ ବନ୍ଦନା, ସୁଭଦ୍ରା ଶକ୍ତି, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଓ ଭିବିଜି ରାମ ଜି ଯୋଜନା ସମ୍ପର୍କରେ ଅତିଥିମାନେ ଜନ ସାଧାରଣଙ୍କୁ ସଚେତନତା କରିଥିଲେ। ଏହା ପରେ ହିତାଧିକାରୀଙ୍କୁ,ଭତା,ରାସନ୍ କାର୍ଡ,ଅନ୍ତୋଦୟ ଗୃହ ପ୍ରଦାନ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୟନ୍ତ କୁମାର ସାମଲ ସମସ୍ତ ଗ୍ରାମ ସାଥୀ ଓ ୱାର୍ଡ ସଭ୍ୟ ସଭ୍ୟାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।


# ବ୍ୟାଡ୍‌ମିଣ୍ଟନ ଖେଳାଳି ବିଭାସିନ୍ଧୁଙ୍କୁ ସମ୍ବର୍ଦ୍ଧନା



**ଢେଙ୍କାନାଳ,୨୫।୬(ସମିସ):** ତୁର୍କୀଠାରେ ଆୟୋଜିତ ବିଶ୍ୱ ଯୁବ କ୍ରୀଡ଼ାରେ ଅଂଶଗ୍ରହଣ କରି ତିନିଟି ବିଭାଗରେ ପଦକ ହାସଲ କରି ଜିଲ୍ଲା, ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣି ଦେଇଛନ୍ତି ଢେଙ୍କାନାଳର ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ବିଭାସିନ୍ଧୁ ବାରିକ। ବିଭାସିନ୍ଧୁ ସ୍ଥାନୀୟ ରାମେଶ୍ୱରପୁର ଅଞ୍ଚଳର ଆଇନଜୀବୀ ବେଣୁଧର ବାରିକଙ୍କ ପୁଅ। ଏହି ସଫଳତା ପାଇଁ ପୂର୍ବତନ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ତାଙ୍କ ଆବାସିକ କାର୍ଯ୍ୟାଳୟରେ ବିଭାସିନ୍ଧୁଙ୍କୁ ଅଭିନନ୍ଦନ ଜଣାଇବା ସହ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ବିଭାସିନ୍ଧୁଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବିଭାସିନ୍ଧୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରଭୁ ଶ୍ରୀଚନ୍ଦ୍ରଶେଖରଙ୍କ ନିକଟରେ କାମନା କରିଛନ୍ତି। ଆଗାମୀ ଦିନରେ ମଧ୍ୟ ବିଭାସିନ୍ଧୁଙ୍କୁ ସମସ୍ତ ସହଯୋଗ କରିବା ପାଇଁ ପୂର୍ବତନ ବିଧାୟକ ସାମଲ ପ୍ରତିଶ୍ରୁତି ଦେଇଛନ୍ତି।

# କପିଳାସ ହୁଣ୍ଡିରୁ ମିଳିଲା ୧ଲକ୍ଷ ୪୩ହଜାର ୯୪୨ ଟଙ୍କା

**ଗଁଦିଆ,୨୫।୬(ସମିସ):** ପ୍ରସିଦ୍ଧ ଶୈବପୀଠ କପିଳାସ ବିଜେ ବାବା ଚନ୍ଦ୍ରଶେଖରଙ୍କ ହୁଣ୍ଡିରେ ଭକ୍ତମାନେ ଦାନ ସୂତ୍ରରେ ଯେଉଁ ଅର୍ଥ ପ୍ରଦାନ କରିଥାନ୍ତି ତାହାକୁ ଆଜି କଡ଼ା ସୁରକ୍ଷା ବଳୟରେ ଖୋଲାଯାଇଛି। ଗଣତି ସମୟରେ ଗଁଦିଆ ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି, ଅତିରିକ୍ତ ଦେବୋତ୍ତର ଅଧିକାରୀ ରାଜେଶ କୁମାର ସୁବୁଦ୍ଧିଙ୍କ ଉପସ୍ଥିତ ଥିଲେ। ଦାନ ଅର୍ଥରାଶିକୁ ହୁଣ୍ଡିକୁ ବାହାର କରାଯାଇ ଦେବୋତ୍ତର କର୍ମଚାରୀଙ୍କ ଦ୍ୱାରା ଗଣତି ହୋଇଥିଲା। ହୁଣ୍ଡିରୁ ମୋଟ ୧ ଲକ୍ଷ୍ୟ ୪୩ ହଜାର ୯୪୨ଟଙ୍କା ସଂଗ୍ରହ ହୋଇଛି। ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇଙ୍କ ନେତୃତ୍ୱରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପରେ ଉକ୍ତ ଅର୍ଥରାଶିକୁ ସୁରକ୍ଷା ବଳୟରେ ଏକ ଗାଡ଼ିରେ ଦେବୋତ୍ତର ବିଭାଗ ମୁଖ୍ୟ କାର୍ଯ୍ୟାଳୟକୁ ନିଆଯାଇଛି।



# ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ରୁକ୍ମିଣୀ ବିବାହ ନୀତି

**ଢେଙ୍କାନାଳ,୨୫।୬(ସମିସ):** ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିରରେ ଜ୍ୟେଷ୍ଠ ମାସର ନିର୍ଜଳା ଏକାଦଶୀ ଓ ରୁକ୍ମିଣୀ ବିବାହ ନୀତି ପାଳନ କରାଯାଇଛି। ପ୍ରାତଃ ସମୟରୁ ମଙ୍ଗଳ ଆଳତି ମହାସ୍ନାନ,ବସ୍ତ୍ର, ତୁଳସୀ ହାର ଓ ଫୁଲହାର,ବଲ୍ଲଭ ଭୋଗ ଲାଗି କରାଯାଇଥିଲା, ସକାଳ ୧୦ ଟା ସମୟରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି ରାତ୍ରଧୂପ ପରେ ଏକାଦଶୀ ବେଢ଼ା ମହାଦୀପ ମନ୍ଦିର ଉପରକୁ ଉଠିଥିଲା। ରୀତି ନୀତି ଅନୁସାରେ ବିବାହ ନୀତି ସମ୍ପନ୍ନ ହୋଇଛି। ପୂଜକ ମଳୟ କର, ଶ୍ରୀବତ୍ସ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ସମସ୍ତ ନୀତି ଅନୁଷ୍ଠିତ ହୋଇଥଲା।



# ଦେଶୀମଦ ଓ କାର୍ ଜବତ; ୩ ଗିରଫ




**ଭୁବନ,୨୫।୬(ସମିସ):** ଢେଙ୍କାନାଳ ଜିଲ୍ଲାପାଳ ଓ ଅବକାରୀ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଭୁବନ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ବେଳେ ଭୁବନ-ନୀଳକଣ୍ଠପୁର ରାସ୍ତାରେ ୨୧୦ ଲିଟର ଦେଶୀମଦ ଓ ଏକ କାର ଜବତ କରି ୩ଜଣଙ୍କୁ ଗିରଫ କରିଛି। ଗିରଫ ତିନିଜଣ ହେଲେ ଆଠଗଡ଼ ଅଞ୍ଚଳର କୃଷ୍ଣଚନ୍ଦ୍ର ପ୍ରଧାନ, କମଳ ସାହୁ ଓ ଗଁଦିଆର ଜିତେନ୍ଦ୍ର ସାହୁ। ଏମାନେ ଭୁବନ ଅଞ୍ଚଳକୁ କାରରେ ଦେଶୀମଦ ବିକ୍ରି କରିବାକୁ ଆଣୁଥିଲେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଚାଷୀଙ୍କ ପାଇଁ କ୍ଷେତ୍ର ପରିଦର୍ଶନ ଓ ପ୍ରଶିକ୍ଷଣ ଶିବିର

**ଢେଙ୍କାନାଳ,୨୫।୬(ସମିସ):** ସାରର ସନ୍ତୁଳିତ ବ୍ୟବହାର ଉପରେ ଗୁରୁତ୍ୱ ଦେଇ କ୍ଷେତ ବଞ୍ଚାଅ ଅଭିଯାନ ଅଧୀନରେ ଜୈବସାର ନବସୃଜନକୁ ପ୍ରୋତ୍ସାହିତ କରୁଛି। ଜୈବସାର ଉପରେ ଏକ ପ୍ରଭାବଶାଳୀ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ସହ ଜୈବସାର ପ୍ରୟୋଗ ଉପରେ ଚାଷୀ ଉତ୍ପାଦକ କମ୍ପାନୀଗୁଡ଼ିକୁ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗଁଦିଆ ବ୍ଲକ ଚିରୁଳେଇ ଓ ସଦର ବ୍ଲକ ତରାଭା ଗ୍ରାମରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶାର ଧାନ ଆଧାରିତ ଫସଲ, କୃଷି ପ୍ରଣାଳୀରେ ଗୁଣାତ୍ମକ ଉତ୍ପାଦନ, ଲୋକପ୍ରିୟତା ଏବଂ ଯୋଗାଣ ରାଜ୍ୟ ନିଧିକୃତ ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହି କାର୍ଯ୍ୟକ୍ରମଗୁଡ଼ିକ ଜିଲ୍ଲା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ସହଯୋଗରେ ସମନ୍ୱିତ ହୋଇଥିଲା। ଏହି ବୈଷୟିକ ଅଧିବେଶନଗୁଡ଼ିକ କୃଷି ବିଶେଷଜ୍ଞ ଏବଂ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଏକତ୍ରିତ କରି ଆଞ୍ଚଳିକ ମାଟି ଜୈବିକ ସ୍ୱାସ୍ଥ୍ୟ ସଂରକ୍ଷଣ ପାଇଁ ସ୍ଥାୟୀ ସମାଧାନ ପ୍ରଦାନ କରିଥିଲେ। ଡ. କୁତୁବୁଦ୍ଦିନ ଅଲି ମୋଲ୍ଲା ସନ୍ତୁଳିତ ସାର ବ୍ୟବହାରର ଦୀର୍ଘକାଳୀନ ଲାଭ ଏବଂ ଆଜୋଲାର ଲାଭ ବିଷୟରେ ବ୍ୟାଖ୍ୟା କରିଥିଲେ। ବୈଜ୍ଞାନିକ ଡ. ରୋଜାଲିନ୍ ମହାନ୍ତ, ଆଞ୍ଚଳିକ କୃଷିପଦ୍ଧତି ବିଷୟରେ ଆଲୋଚନା କରିଥିଲେ। ମାଟିର ଉର୍ବରତାକୁ ବ୍ୟବସ୍ଥିତ ଭାବେ ଉନ୍ନତ କରିବା ପାଇଁ ଜୈବସାର ସୁପାରିସ କରିଥିଲେ। ଉଭୟ କାର୍ଯ୍ୟକ୍ରମକୁ ଡିଏଫପିସିଏଲର ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦ୍ର ମଲ୍ଲ ଏବଂ ଶୋଭନ ଦିବ୍ୟଦର୍ଶନ ପରିଚାଳନା କରିଥିଲେ।




# ଜୈବସାର ପ୍ରୟୋଗ ସମ୍ପର୍କିତ କୃଷି କର୍ମଶାଳା

**ଗଁଦିଆ,୨୫।୬(ସମିସ)**

ଗଁଦିଆ ବ୍ଲକ ଚିରୁଳେଇ ଗ୍ରାମ ଅକ୍ଷୟ ଗାର୍ଡେନ ସଭାଗୃହରେ ଦିନିକିଆ ଜୈବିକ ସାର ପ୍ରୟୋଗ ସମ୍ପର୍କିତ କୃଷକମାନଙ୍କ କର୍ମଶାଳା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଆୟୋଜନରେ ଅନୁଷ୍ଠିତ ଏହି କର୍ମଶାଳାରେ କମ୍ପାନୀ ନିର୍ଦ୍ଦେଶକ ଅମରେନ୍ଦ୍ର ମଲ୍ଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କଟକର ବରିଷ୍ଠ ବୈଜ୍ଞାନିକ ସୁଦୀପ୍ତ ପାଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ କୃଷି ବୈଜ୍ଞାନିକ ଡ. କୁତୁବୁଦ୍ଦିନ ଅଲିମୋରା, ଡ. ସାଇକ୍ରିଷ୍ଣା ରେପାଲି ଓ ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ରୋଜାଲିନ ମାହନ୍ତ ଯୋଗଦେଇ କୃଷକ ମାନଙ୍କୁ ଜୈବିକ ସାର ବ୍ୟବହାରର ଆବଶ୍ୟକତା, ଜୈବିକ ସାର ପ୍ରସ୍ତୁତି ଓ ପ୍ରୟୋଗ ବିଧି ସମ୍ପର୍କରେ ବିଶଦ୍ ଭାବେ ବୁଝାଇଥିଲେ। ଏହି ଅବସରରେ ମୃତିକା ପରୀକ୍ଷାର ଆବଶ୍ୟକତା ଓ ଉପକାର ସମ୍ପର୍କରେ ଶ୍ରୀମତୀ ମାହନ୍ତ ବୁଝାଇଥିଲେ। ଶତାଧିକ ଚାଷୀଙ୍କୁ ବୈଜ୍ଞାନିକ ଡ. ସାଇ କ୍ରିଷ୍ଣା ନଡାରୁ କିପରି ଜୈବିକ ସାର ପ୍ରସ୍ତୁତି ହେବ ତାହା ପ୍ରଦର୍ଶନ କରି ଦେଖାଇଥିଲେ। ବୈଜ୍ଞାନିକ ଚାଷୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତର ପ୍ରଦାନ କରିଥିଲେ। ଲମ୍ବୋଦର ପରିଡା, ସୌମ୍ୟରଞ୍ଜନ ରାଉତ, ସାରଙ୍ଗଧର ରାଉତ,ଆଭାସ ପରିଡା,ଅନୀଲ ରାଉତ, ଗଙ୍ଗାଧର ପରିଡା, ସୁଶିଲ ପରିଡା, ବିଷ୍ଣୁଚରଣ ଜେନା, ପବିତ୍ର ମୋହନ ରାଉତ ପ୍ରମୁଖ ବ୍ଲକର ବିଭିନ୍ନ ପଞ୍ଚାୟତର ଅଗ୍ରଣୀ ଚାଷୀମାନେ କୃଷି ବୈଜ୍ଞାନିକମାନଙ୍କୁ ବିଭିନ୍ନ କୃଷି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ମିଳନ ମଲ୍ଲ, ନିମାଇଁ ଚରଣ ବେହେରା, ନନ୍ଦକିଶୋର ମହାନ୍ତି, ଆନନ୍ଦ ଚନ୍ଦ୍ର ମହାନ୍ତି, କବୀର ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଟାଟା ଷ୍ଟିଲ୍ ମେରାମଣ୍ଡଳୀ ସମ୍ପ୍ରସାରଣ ପାଇଁ ଜନଶୁଣାଣି

ବଅଁରପାଳ,୨୫ ।୬(ସମିସ):

ଅନୁଗୋଳ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତତ୍ତ୍ୱାବଧାନରେ ବଅଁରପାଳ ବ୍ଲକ ନୂଆହତା ଗ୍ରାମରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ କାରଖାନାର ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଜନଶୁଣାଣି ସଫଳତାର ସହ ଅନୁଷ୍ଠିତ ହୋଇଛି । ଅନୁଗୋଳ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜନଶୁଣାଣିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଗୋଳ ଆଞ୍ଚଳିକ ଅଧିକାରୀ ଡ. ରମେଶ କୁମାର ଏକ୍କାଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀ, ସ୍ଥାନୀୟ ଜନସାଧାରଣ, ଜନପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗଦେଇଥିଲେ ।

ଟାଟା ଷ୍ଟିଲ୍ ମେରାମଣ୍ଡଳୀର ପ୍ରକଳ୍ପ ଓ ନିର୍ମାଣ



ବିଭାଗ ମୁଖ୍ୟ ବିଭାସ ପଟ୍ଟନାୟକ ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପ, ପରିବେଶ ପରିଚାଳନା ବ୍ୟବସ୍ଥା ଏବଂ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । କର୍ପୋରେଟ ସେବା ବିଭାଗ ମୁଖ୍ୟ ଶୁଭ୍ରାଂଶୁ ଶେଖର ପଣ୍ଡା ସ୍ଥାନୀୟ ଲୋକଙ୍କ ମତାମତ ଉପରେ କମ୍ପାନୀର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ବର୍ତ୍ତମାନ ମେରାମଣ୍ଡଳୀ ପ୍ଲାଣ୍ଟର ବାର୍ଷିକ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ୫.୬ ମିଲିୟନ ଟନ୍ ଥିବା ବେଳେ ସମ୍ପ୍ରସାରଣ ପରେ ଏହା ୭.୧ ମିଲିୟନ ଟନକୁ ବୃଦ୍ଧି ପାଇବ । ସେହିପରି ପ୍ରସ୍ତୁତ ଇସ୍ପାତ ଉତ୍ପାଦନ କ୍ଷମତା ୮.୩ ମିଲିୟନ ଟନକୁ ବୃଦ୍ଧି ପାଇବ । ଏହି ସମ୍ପ୍ରସାରଣ ଓଡ଼ିଶାକୁ ଏକ ପ୍ରମୁଖ ଇସ୍ପାତ ଉତ୍ପାଦନ କେନ୍ଦ୍ର ଭାବେ ଆହୁରି ସୁଦୃଢ଼ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ପ୍ରକଳ୍ପରେ "ଜିରୋ ଏଫ୍ଲୁଏଣ୍ଟ ଡିସଚାର୍ଜ' (ଜେଡ୍ଇଡି) ବ୍ୟବସ୍ଥା ଜାରି ରହିବ । ଏହା ଅନୁଯାୟୀ କାରଖାନାରୁ ନିର୍ଗତ ସମସ୍ତ ବର୍ଜ୍ୟଜଳକୁ ପୁନଃ ପ୍ରକ୍ରିୟାକରଣ କରାଯାଇ କାରଖାନା ଭିତରେ ପୁନର୍ବ୍ୟବହାର କରାଯିବ । ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଶକ୍ତି ଦକ୍ଷତା ବୃଦ୍ଧି ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିର ବ୍ୟବହାର କରାଯିବ ବୋଲି କମ୍ପାନୀ ସୂଚନା ଦେଇଛି । ସେହିପରି ସର୍କୁଲାର ଇକୋନୋମି ନୀତି ଅନୁସାରେ ୱେଷ୍ଟ ହିଟ୍ ରିକଭରୀ, ସ୍ଲାଗ୍ ପ୍ରୋସେସିଂ, ମେଟାଲ୍ ରିକଭରୀ ଏବଂ ଉପଜାତ ଦ୍ରବ୍ୟର ପୁନଃଚକ୍ରଣ ଭଳି ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ଏହା ଦ୍ୱାରା ଶକ୍ତି ଦକ୍ଷତା ବୃଦ୍ଧି ସହ କାର୍ବନ ନିର୍ଗମନ ହ୍ରାସ ପାଇବ ବୋଲି ଆଶା କରାଯାଉଛି । ଏହି ସମ୍ପ୍ରସାରଣ ପ୍ରକଳ୍ପ ମୁଖ୍ୟତଃ ବର୍ତ୍ତମାନର ପ୍ଲାଣ୍ଟ ପରିସର ମଧ୍ୟରେ କାର୍ଯ୍ୟକାରୀ ହେବ । ପ୍ରକଳ୍ପ ପାଇଁ କରାଯାଇଥିବା ପରିବେଶ ପ୍ରଭାବ ଆକଳନରେ ବାୟୁ, ଜଳ, ଶବ୍ଦ ଓ ମୃତ୍ତିକାର ଗୁଣବତ୍ତା ନିୟାମକ ସୀମା ମଧ୍ୟରେ ଥିବା ଜଣାପଡ଼ିଛି । ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ନିର୍ମାଣ ଓ ପରିଚାଳନା ପର୍ଯ୍ୟାୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ପାନୀୟ ଜଳ, କ୍ରୀଡ଼ା ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର କାର୍ଯ୍ୟକ୍ରମ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଏହି ଜନଶୁଣାଣିର ସଫଳ ଆୟୋଜନ ପ୍ରସ୍ତାବିତ ପ୍ରକଳ୍ପର ପରିବେଶ ମଞ୍ଜୁରୀ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି ।

## ମା' ଲୋଭୀ ଠାକୁରାଣୀ ମନ୍ଦିର ବିକାଶ ପାଇଁ ୨.୨୬ କୋଟି ମଞ୍ଜୁର



ବଅଁରପାଳ,୨୫ ।୬(ସମିସ): ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲୋଭୀ ଠାକୁରାଣୀ କାହିଁ କେଉଁ କାଳରୁ ଗଡ଼ସନ୍ତ୍ରୀ ଗ୍ରାମରେ ଆବିର୍ଭାବ ହୋଇଛନ୍ତି । ମା'ଙ୍କ ପୀଠ ଓ ମନ୍ଦିରର ଉନ୍ନତୀକରଣ ପାଇଁ ସ୍ଥାନୀୟ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନଙ୍କୁ ଅବଗତ କରଯାଇଥିଲା । ଗୁରୁବାର ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଗଡ଼ସନ୍ତ୍ରୀ ଗ୍ରାମକୁ ଆସିଥିଲେ । ମନ୍ଦିର ପରିଦର୍ଶନ କରି ମନ୍ଦିର ଏହାର ଉନ୍ନତୀକରଣ ପାଇଁ ୨ କୋଟି ୨୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସେ କହିଥିଲେ । ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ସମାଜସେବୀ ସରୋଜ ସାହୁ, ସୁନୀଲ ମାଝି, ଭଜମନ ମହାନ୍ତିଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ପାଲଲହଡ଼ା ବ୍ଲକ କଂଗ୍ରେସ କମିଟି ପୁନର୍ଗଠିତ

ପାଲଲହଡ଼ା,୨୫ ।୬(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଲଲହଡ଼ା ବ୍ଲକ କଂଗ୍ରେସ କମିଟିର ପୁନର୍ଗଠନ କରାଯାଇଛି । ରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନ ଏହି କମିଟି ଘୋଷଣା କରିଛନ୍ତି । ବ୍ଲକ ସଭାପତି ଭାବେ ସରୋଜ କୁମାର ସାହୁ ଉପସଭାପତି ଭାବେ ପ୍ରତାପ କୁମାର ସାହୁ, ଅଭିମନ୍ୟୁ ନାଏକ, ଅକ୍ଷୟ ସାହୁ, ଗଣେଶ୍ୱର ବିଶ୍ୱାଳ, ନବଘନ କିଷାନ, ଯୁଧିଷ୍ଠିର ଦେହୁରୀ ମନୋନୀତ ହୋଇଛନ୍ତି । ସେହିପରି ପଙ୍କଜ ବେହେରା, ରୋହିତ ସାହୁ, ରାମକୃଷ୍ଣ ବେହେରା, ଶରତ ଗଡ଼ନାୟକ, କୁବେର ସାହୁ, କୃଷ୍ଣ ନାଏକ ସାଧାରଣ ସମ୍ପାଦକ, ପ୍ରଶାନ୍ତ କୁମାର ସାହୁଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି । ଭକ୍ତବନ୍ଧୁ ପ୍ରଧାନ, ବୁଦ୍ଧଦେବ ସାହୁ, ବବୁଲୁ ପ୍ରଧାନ ୩ ଜୋନ୍‌ର ସଭାପତି ରହିଥିବା ବେଳେ ୧୭ ଜଣ ସମ୍ପାଦକ, ୮ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଓ ୭ ଜଣ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ବ୍ଲକ ସଭାପତି ସରୋଜ ସାହୁ ରାଜ୍ୟ ସଭାପତିଙ୍କୁ କୃତଜ୍ଞତା ଜ୍ଞାପନ କରି ଆଗାମୀ ଦିନରେ ପାଲଲହଡ଼ା ବ୍ଲକରେ ସମସ୍ତ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ଆଶୀର୍ବାଦ ଓ ସହଯୋଗରେ ଦଳକୁ ସୁଦୃଢ଼ ଭାବେ ଗଢ଼ିବାକୁ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି ।

## ସାନ ଭାଇକୁ ଅନ୍ଧାରରେ ରଖି ବଡ଼ଭାଇ ହାତେଇଲେ ସମ୍ପତ୍ତି

ତାଳଚେର,୨୫ ।୬(ସମିସ): ତାଳଚେର ଘଣ୍ଟପଡ଼ା ଆରଆଇ ସର୍କଲ ଅଧୀନ ଶର୍ମାଛକ ୧୭ନଂ ୱାର୍ଡ ରାସ୍ତାକଡ଼ରେ ଦର୍ଶନ କୋର (୪୦)ଙ୍କ ସ୍ୱାମୀ ବିଟୁ ସିଂହ (୫୫) ତାଙ୍କ ପରିବାର ସହ ଦୀର୍ଘବର୍ଷରୁ ପୈତୃକ ଜମିରେ ରହି ଆସୁଥିଲେ । ମାତ୍ର ବିଟୁଙ୍କ ବଡ଼ଭାଇ ୨୦୧୩ରେ ଲିଗାଲ ହେୟାର ସାର୍ଟିଫିକେଟରେ ବାପାଙ୍କର ରହିଥିବା ୮ଜଣ ଉତ୍ତରାଧିକାରୀଙ୍କ ନାମକୁ ତଞ୍ଚକତାର ସହ ବାଦ୍ କରି ଉକ୍ତ ମୂଲ୍ୟବାନ ଜମିକୁ ନିଜ ନାମରେ କରିନେଇଥିବା ବିଟୁ ଅଭିଯୋଗ କରିଛନ୍ତି । ୩/୪ ମାସ ପୂର୍ବରୁ ଏହି ଘଟଣା ବିଟୁଙ୍କ ଦୃଷ୍ଟିକୁ ଆସିଥିଲା । ଆଶ୍ଚର୍ଯ୍ୟର



କଥା ହେଉଛି ଜାଲିଆତି କରିଥିବା ବଡ଼ଭାଇ ନିଜ ଭାଇ ଭଉଣୀଙ୍କୁ ମୃତ ଘୋଷଣା କରି ଲିଗାଲ ହେୟାର ସାର୍ଟିଫିକେଟ ବାହାର କରି ଅନ୍ୟ କାହାକୁ ନ ବିକି ନିଜ ନାମରେ ଜମି ପଟା କରିନେଇଛନ୍ତି । ନିୟମ ଅନୁଯାୟୀ ବାପା ଅଜିତ ସିଂହ ମୃତ୍ୟୁ ପରେ ତାଙ୍କ ପୁଅ ଓ ଝିଅ ଜମିର ପ୍ରକୃତ ଅଧିକାରୀ । ଏହି ଜମିର ସୁକଚାନ୍ଦ ସିଂହ, ବଲରାଜ ସିଂହ, ହରେନ୍ଦ୍ରପାଲ ସିଂହ, ଯୋଗେନ୍ଦ୍ର ସିଂହ, ବିଟୁ ସିଂହ, ବଲଜିନ୍ଦର କୋର, ସୁରେନ୍ଦ୍ର କୋର, ବଲବିନ୍ଦର କୋର ମାଲିକ ହୋଇଥିଲେ ମଧ୍ୟ ଯୋଗେନ୍ଦ୍ର ସିଂହ ଭାଇ ଓ ଭଉଣୀଙ୍କୁ ନ ଜଣାଇ ଜମିକୁ ତହସିଲ କାର୍ଯ୍ୟାଳୟରେ କିପରି ପଞ୍ଜିକୃତ କରିଦେଲେ ତାହା ସନ୍ଦେହ ସୃଷ୍ଟି କରିଛି । ତେବେ ଏହି ଘଟଣା ପରେ ତାଳଚେର ଉପଜିଲ୍ଲାପାଳ, ତହସିଲ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏ ସମ୍ପର୍କରେ ଅଭିଯୋଗ ହୋଇଛି । ବଡ଼ଭାଇ ନିଜ ନାମରେ ଜମି କରାଇ ନେବା ପରେ ସେଠାରୁ ସାନଭାଇକୁ ବାହାରି ଯିବାକୁ ବାରମ୍ବାର ଚାପ ପକାଉଥିଲେ । ମାତ୍ର ପୈତୃକ ଜମି ଉପରେ ସବୁ ଭାଇ ଓ ଭଉଣୀଙ୍କ ଅଧିକାର ରହିଛି ବୋଲି ବିଟୁ ପ୍ରକାଶ କରିବାରୁ ଉତ୍ତେଜନାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି । ଏ ନେଇ ବିଟୁ ସିଂହ ତାଳଚେର କୋଲିୟାରୀ ଥାନାରେ ଅଭିଯୋଗ କରିଛନ୍ତି ।

## ନିର୍ମାଣାଧୀନ ୧୪୯ ନଂ ଜାତୀୟ ରାଜପଥର ସ୍ଥାୟିତ୍ୱ ଉପରେ ପ୍ରଶ୍ନ

ଅନୁଗୋଳ,୨୫ ।୬(ସମିସ): ୧୪୯ନଂ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣାରେ ମୃତ୍ୟୁ ନେଇ ଗଭୀର ଉଦବେଗ ପ୍ରକାଶ ପାଇଆସୁଥିଲା । ଦୀର୍ଘବର୍ଷ ଅପେକ୍ଷା ପରେ ସରକାର ଏହାକୁ ୪ଲାଇନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର କଲେ । ଠିକାଦାର ଆଜକୁ ୬ମାସ ହେବ ତାଳବେଡ଼ାଠାରୁ ପ୍ରଥମେ ଡ୍ରେନ୍ କାର୍ଯ୍ୟ ଆରମ୍ଭ କରି ରାସ୍ତା ଉପରେ ମାଟି ବିଛାଇ ଠାଏ ଠାଏ କଙ୍କ୍ରିଟ ରାସ୍ତା କାର୍ଯ୍ୟ ଆରମ୍ଭ କରିଛନ୍ତି । ମାତ୍ର ନିର୍ମାଣାଧୀନ ଡ୍ରେନଗୁଡ଼ିକରେ ଆବଶ୍ୟକ ପାଣି ଦିଆଯାଉ ନ ଥିବାରୁ ତାହାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେବାସହ ନିର୍ମାଣାଧୀନ କଙ୍କ୍ରିଟ ରାସ୍ତାରେ ମଧ୍ୟ ପାଣିଟୋପାଏ ପକାଯାଉ ନ ଥିବା ଅଭିଯୋଗ ହେଉଛି । ଠିକାଦାର ଦିନ



ସମୟରେ କଙ୍କ୍ରିଟ ରାସ୍ତା ନିର୍ମାଣ କରିବା ପରିବେର୍ତ୍ତ ଅତି ତରବରିଆ ଭାବେ ରାତାରାତି ନିମ୍ନମାନର କାମ କରୁଥିବା ଅଭିଯୋଗ ଉଠିଛି । ଏନଏଚଏଆଇ ପକ୍ଷରୁ ଏହାର ତଦାରଖ ଦାୟିତ୍ୱ ଥିଲେ ମଧ୍ୟ କାର୍ଯ୍ୟ ହେଉଥିବା ସମୟରେ କୌଣସି କର୍ମଚାରୀ ରହୁ ନ ଥିବା ଦେଖିବାକୁ ମିଳିଛି । ଏହି ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ପାଣିପରି ଖର୍ଚ୍ଚ ହେଉଥିଲେ ମଧ୍ୟ ଏଥିପ୍ରତି କାହାର ଖାତିର ନ ଥିବା ପରି ମନେ ହେଉଛି । ଗୁରୁବାର ଠିକାଦାର ରାସ୍ତା ନିର୍ମାଣ କରିବାକୁ ବାଇପାସ୍ ଛକରେ ଏକ ୩ଫୁଟର ଗାତ ଖୋଳିଦେଇଥିବାରୁ ଏକ ବାଇକ ଗାତରେ ଗଳିପଡ଼ିବା ଘଟଣାକୁ ନେଇ ଉଦବେଗ ପ୍ରକାଶ ପାଇଛି । ତେବେ ବାଇକ୍ ଆରୋହୀ ଜଣକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି । କର୍ତ୍ତୃପକ୍ଷ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ




ଅନୁଗୋଳ,୨୫ ।୬(ସମିସ): ଗୁରୁବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମେ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା । ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ମେ ମାସରେ ଜିଲ୍ଲାରେ ମୋଟ ୪୪ ଦୁର୍ଘଟଣା ଘଟିଥିବାବେଳେ ୧୮ ଜଣଙ୍କ ମୃତ୍ୟୁ ଓ ୨୨ଜଣ ଆହତ ହୋଇଛନ୍ତି । ଏପ୍ରିଲ ମାସର ମୋଟ ଦୁର୍ଘଟଣା ତୁଳନାରେ ମେ ମାସରେ ଦୁର୍ଘଟଣା ହାର ବୃଦ୍ଧି ପାଇଛି । ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁଁ ୧୦୨୪, ଦ୍ରୁତ ଗାଡ଼ି ଚାଳନା ପାଇଁ ୧୨୩୧, ମଦ୍ୟପାନ କରି ଗାଡ଼ି ଚାଳନା ନିମନ୍ତେ ୩୮, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୪୮ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି । ୪୮୬ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି । ବୈଠକରେ ଆଇଏଏସ ପ୍ରୋବେସନର ଅଭି ଜୈନ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ୍ କୁମାର, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁ, ତାଳଚେର ମୋଟରଯାନ ନିରୀକ୍ଷକ ତପନ କୁମାର ବେଟୀଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।

## ଜୁଆ ଆଡ୍ଡାରେ ଚଢ଼ଉ; ୧୩ ଗିରଫ

କଣିହାଁ,୨୫ ।୬(ସମିସ): ଅନୁଗୋଳ ଜିଲ୍ଲା ରେଙ୍ଗାଳି ଡ୍ୟାମ ସାଇଟ ଥାନା ଅନ୍ତର୍ଗତ କଦଳୀପାଳ ଜଙ୍ଗଲରେ ବେଆଇନ ଭାବେ ଚାଲିଥିବା ଜୁଆ ଆଡ୍ଡାରେ ବୁଧବାର ସନ୍ଧ୍ୟାରେ ପୁଲିସ ଚଢ଼ଉ କରି ୧୩ ଜଣଙ୍କୁ ଗିରଫ କରିଥିଲା । ଘଟଣାସ୍ଥଳରୁ ୪୪,୯୧୦ ଟଙ୍କା, ୧୩ଟି ମୋବାଇଲ ଫୋନ, ଜୁଆ ଖେଳରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ସହ ୧୩ଟି ଗାଡ଼ି ଜବତ କରାଯାଇଥିଲା । ଏହି ଘଟଣାରେ ଥାନାରେ ଏକ ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ବସନ୍ତ କୁମାର ମହାପାତ୍ର, ସୁମଦ ଚନ୍ଦ୍ର ନାୟକ, ଦୁଃଶାସନ ସାହୁ, କାଶୀନାଥ ବେହେରା, ମାନସ କୁମାର ରାଜହଂସ, କାଳୀଚରଣ ଜିତ, ବିଜୁ ବେହେରା, ବିଜୟ କୁମାର ସାହୁ, ହେମନ୍ତ ଗଡ଼ନାୟକ, ଦୁଶିଆ ନାୟକ, ରାସାନନ୍ଦ ପ୍ରଧାନ, ରଞ୍ଜନ କୁମାର ଗୋଛାୟତ ଓ ଭଗବାନ ନାୟକ । ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଇ ଥାନାରୁ ଜାମିନରେ ଛାଡ଼ି ଦିଆଯାଇଛି । ଏ ନେଇ ତଦନ୍ତ ଜାରି ରହିଥିବା ପୁଲିସ ସୂଚନା ଦେଇଛି ।

### ଚଢ଼ଉ ବେଳେ ନଦୀକୁ ଡେଇଁ ଯୁବକଙ୍କ ମୃତ୍ୟୁ

ରେଙ୍ଗାଳି ଡ୍ୟାମ ନିମ୍ନଭାଗ କଦଳୀପାଳ ନିକଟ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଖାମାର ଗ୍ରାମର ରାଜେଶ ଗୋଛାୟତ । ସୂଚନା ଅନୁସାରେ, କଦଳୀପାଳ ଅଞ୍ଚଳରେ କେତେକ ବ୍ୟକ୍ତି ଜୁଆ ଖେଳୁଥିବା ବେଳେ ପୁଲିସ ଚଢ଼ଉ କରିଥିଲା । ଏହି ସମୟରେ ରାଜେଶ ଭୟଭୀତ ହୋଇ ନଦୀ ଆଡ଼କୁ ଦୌଡ଼ି ଯାଇ ଗଭୀର ପାଣିକୁ ଡେଇଁ ପଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଙ୍ଗାଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆମ୍ବୁଲାନ୍ସ ଯୋଗେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ରେଙ୍ଗାଳି ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ଏନଟିପିସି ତାଳଚେର ଥର୍ମାଲ ପକ୍ଷରୁ ସୁରକ୍ଷା ତାଲିମ



ତାଳଚେର,୨୫ ।୬(ସମିସ): ଏକ ନିରାପଦ ଏକ ସୁସ୍ଥ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଏନଟିପିସି ତାଳଚେର ଥର୍ମାଲ ପାୱାର ପ୍ରଜେକ୍ଟ ୨୦୨୩ ଜୁନ ୨୦୨୬ରେ ଉଚ୍ଚତାରେ କାର୍ଯ୍ୟ ଏବଂ ସୁରକ୍ଷାଭ୍ୟାସ ଉପରେ ଏକ ବ୍ୟାପକ ତାଲିମ ଅଧିବେଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ଉପନିର୍ଦ୍ଦେଶକ ଡ. ରମେଶ ବେହେରା ପରିଚାଳନା କରିଥିଲେ । ଆରମ୍ଭରେ ମହାପ୍ରବନ୍ଧକ ପ୍ରଦୀପ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଡ. ବେହେରାଙ୍କୁ ସମ୍ମାନିତ କରିଥିଲେ । ପିଡି/ଜିଏମ ବିଏଚଟିଏଲ ଟିଟିପିପି ବି ମାଝୀ କାରଖାନାର ସହକାରୀ ନିର୍ଦ୍ଦେଶକ ମାଧବ ଚନ୍ଦ୍ର ମଲ୍ଲିକଙ୍କୁ ସ୍ୱାଗତ କରିଥିଲେ । ଡ. ବେହେରା ଉଚ୍ଚତାରେ କାର୍ଯ୍ୟ କରିବା ସହ ବିଭିନ୍ନ ବିପଦ ଉପରେ ଆଲୋକପାତ କରିଥିଲେ ଏବଂ ପ୍ରକଳ୍ପ ସ୍ଥାନଗୁଡ଼ିକରେ କୋଠର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଏବଂ ପ୍ରତିଷ୍ଠିତ ସର୍ବୋତ୍ତମ ସୁରକ୍ଷା ଅନୁସରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ତାଲିମ କାର୍ଯ୍ୟରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ କର୍ମଚାରୀ, କାର୍ଯ୍ୟନିର୍ବାହୀ ଏବଂ ଠିକା କର୍ମଚାରୀ ଉପସ୍ଥିତ ଥିଲେ । ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରକଳ୍ପ ମୁଖ୍ୟ ବିଜୟଚାନ୍ଦଙ୍କ ନେତୃତ୍ୱ ଏବଂ ମାର୍ଗ ଦର୍ଶନରେ ସମସ୍ତ କର୍ମଚାରୀ ଓ ଠିକାକର୍ମଚାରୀଙ୍କ ପାଇଁ ସୁରକ୍ଷା, ସ୍ୱାସ୍ଥ୍ୟ ଓ କଲ୍ୟାଣ ସର୍ବୋଚ୍ଚ ମାନଦଣ୍ଡ ସୁନିଶ୍ଚିତ କରିବା ସହ ଏନଟିପିସି ତାଳଚେର ଥର୍ମାଲର ମୂଳଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ ।

## ସଙ୍କଟରେ କୁମ୍ଭକାରଙ୍କ କୌଳିକ ବୃତ୍ତି

କଣିହାଁ,୨୫ ।୬(ସମିସ):

ପୁରାତନ କାଳରୁ ମାଟି ସହ ମଣିଷର ସମ୍ପର୍କ ଅତୁଟ ରହିଆସିଛି । ମାଟିରୁ ବିଭିନ୍ନ ଉପକରଣ ତିଆରି କରି ମଣିଷ ନିଜ ଜୀବନକୁ ସହଜ କରିଥିଲା । ଚକର ଆବିଷ୍କାର ପରେ କୁମ୍ଭକାରମାନେ ହାଣ୍ଡି, ମାଠିଆ, ସୁରେଇ, କଳସ, ଦୀପ ଭଳି ଅନେକ ଆବଶ୍ୟକ ସାମଗ୍ରୀ ତିଆରି କରି ସମାଜକୁ ସେବା ଯୋଗାଇ ଆସୁଥିଲେ । ଏହି କାରଣରୁ କୁମ୍ଭକାରଙ୍କୁ ପୃଥିବୀର ପ୍ରଥମ ଇଞ୍ଜିନିୟର ଏବଂ ମାଟିର ଚକକୁ ପ୍ରଥମ ଇଞ୍ଜିନ ବୋଲି କୁହାଯାଏ । କିନ୍ତୁ ସମୟର ପରିବର୍ତ୍ତନ ସହ ଏହି ପାରମ୍ପରିକ କୌଳିକ ବୃତ୍ତି ଆଜି ସଙ୍କଟରେ ପଡ଼ିଛି । କଣିହାଁ ବ୍ଲକ ରେଙ୍ଗାଳି ଥାନା ପୋଡ଼ାଗଡ଼ ଅଞ୍ଚଳର କୁମ୍ଭକାର ପରିବାରଗୁଡ଼ିକ ବର୍ତ୍ତମାନ ଦୁର୍ଦ୍ଦିନ ମଧ୍ୟରେ ଜୀବନ କାଟୁଛନ୍ତି ।

ମାଟି ପାତ୍ରର ଚାହିଦା ହ୍ରାସ ପାଇଥିବା ବେଳେ କଞ୍ଚାମାଲ ଓ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇବାରୁ ଏହି ବୃତ୍ତି ଆଉ ଲାଭଦାୟକ ହୋଇ ରହିନାହିଁ । ଫଳରେ ନୂଆ ପିଢ଼ିର ଯୁବକମାନେ ଏହି ବୃତ୍ତି ଛାଡ଼ି ଜୀବିକା ଅନ୍ୱେଷଣରେ ଦାଦନ ଖଟିବାକୁ ବାହାର





ରାଜ୍ୟକୁ ପଳାୟନ କରୁଛନ୍ତି । ମାଟି ସଂଗ୍ରହ, ପ୍ରସ୍ତୁତି, ଚକରେ ଆକୃତି ଦେବା ଓ ଭାଟିରେ ପୋଡ଼ିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ଅତ୍ୟନ୍ତ ପରିଶ୍ରମସାଧ୍ୟ । କରତଗୁଣ୍ଡ, କୋଇଲା, କାଠ, ଝାଟି ଡାଳ ଓ କିରାସିନି ଭଳି ଆବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପାଇଥିବା ବେଳେ ମାଟି ମଧ୍ୟ ପୂର୍ବଭଳି ସହଜରେ ଉପଲବ୍ଧ ହେଉନାହିଁ । ଅନ୍ୟପକ୍ଷରେ ବଜାରରେ ପ୍ଲାଷ୍ଟିକ, ଷ୍ଟିଲ ଓ ପିତ୍ତଳ ସାମଗ୍ରୀର ବ୍ୟବହାର ବଢ଼ିବାରୁ ମାଟି ପାତ୍ରର ଚାହିଦା ଦ୍ରୁତ ହ୍ରାସ ପାଇଛି । ବର୍ଷର ଅଧିକାଂଶ ସମୟ ବିକ୍ରି ନଥିବା ବେଳେ କେବଳ ଗଣେଶ ପୂଜା, ଦୁର୍ଗା ପୂଜା, କାଳୀ ପୂଜା ଓ ଅନ୍ୟାନ୍ୟ ପାର୍ବଣ ସମୟରେ ହାଣ୍ଡି, ମାଠିଆ, ଦୀପ, ଧୂପଦାନି, କୁଣ୍ଡ, ସରା ଓ ଘୋଡ଼ା ଭଳି ସାମଗ୍ରୀର କିଛି ଚାହିଦା ରହିଥାଏ । ତଥାପି ଏହି ଆୟ ପରିବାର ଚଳାଇବା ପାଇଁ ପର୍ଯ୍ୟାପ୍ତ ହେଉନାହିଁ । ଫଳରେ ଅନେକ କୁମ୍ଭକାର ପରିବାର ଆର୍ଥିକ ସଙ୍କଟରେ ପଡ଼ି ପିଲାଙ୍କ ଶିକ୍ଷା, ବାସଗୃହ ନିର୍ମାଣ ଓ ଦୈନନ୍ଦିନ ଜୀବନ ନିର୍ବାହରେ ହୀନସ୍ତା ଭୋଗୁଛନ୍ତି । କୁମ୍ଭକାରମାନଙ୍କ କହିବା ଅନୁସାରେ, ଦେଶର ଅନେକ ରାଜ୍ୟରେ ମାଟି କଳା ବୋର୍ଡ ଗଠନ କରାଯାଇ ଶିଳ୍ପୀମାନଙ୍କୁ ପ୍ରଶିକ୍ଷଣ, ଆର୍ଥିକ ସହାୟତା ଓ ବଜାର ସୁବିଧା ଯୋଗାଇ ଦିଆଯାଉଛି । କିନ୍ତୁ ଓଡ଼ିଶାରେ ଏଭଳି ସୁବିଧା ନଥିବାରୁ ମାଟି ଶିଳ୍ପ ଧୀରେ ଧୀରେ ବିଲୁପ୍ତି ଆଡ଼କୁ ଗତି କରୁଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିଳ୍ପୀମାନେ ରାଜ୍ୟ ସରକାରଙ୍କୁ ଏହି ପାରମ୍ପରିକ କଳା ଓ କାରିଗର ପରିବାରମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ, ଆର୍ଥିକ ସହାୟତା, କଞ୍ଚାମାଲ ଯୋଗାଣ, ପ୍ରଶିକ୍ଷଣ ଓ ବିପଣନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି । ସମୟୋପଯୋଗୀ ପଦକ୍ଷେପ ଗ୍ରହଣ ନ କରାଗଲେ ରାଜ୍ୟର ଏହି ପ୍ରାଚୀନ ମାଟି ଶିଳ୍ପ ଇତିହାସର ପୃଷ୍ଠାରେ ସୀମିତ ହୋଇ ରହିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ନିଜର କୂଳ ବେଉସା ବୁଡିବା ଦୁଃଖ ସହ ଆଧୁନିକ ଯୋଗରେ ଷ୍ଟିଲ ସିଲଭର ବାସନ କୁସନର ଚାହିଦା ବଢିବା ଯୋଗୁଁ ମାଟି ପତ୍ର ଆଗ୍ରହ କମୁଛି । ପିଲାଙ୍କ ଭବିଷ୍ୟତ ଓ ପରିବାର ପ୍ରତିପୋଷଣ ପାଇଁ ସରକାରଙ୍କ ସହାୟତା ମିଳିଲେ ବୃତ୍ତିକୁ ଜୀବିତ ରଖିବା ପାଇଁ କୁମ୍ଭକାର ସମାଜର ଜିଲ୍ଲା ସଭାପତି ନବଘନ ବେହେରା, ଅଙ୍ଗଦ ବେହେରା, କୁମ୍ଭକାର ପ୍ରତିମା ମୁଦୁଲି, ଯାତ୍ରାକର ମୁଦୁଲି, କୁନି ବେହେରା, ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ମତ ପ୍ରକାଶ କରିଛନ୍ତି ।

### ସରକାରୀ ସହାୟତା ଅପେକ୍ଷାରେ ପୋଡ଼ାଗଡ଼ର ଶିଳ୍ପୀ ପରିବାର

## ଚଣ୍ଡିଖମଣ-ଅଙ୍ଗାରବନ୍ଧ ହାଟ ରାସ୍ତାର ଶିଳାନ୍ୟାସ

● ଖର୍ଚ୍ଚ ହେବ ୩.୬୦ କୋଟି ଟଙ୍କା



ଅନୁଗୋଳ,୨୫ ।୬(ସମିସ): ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଅଙ୍ଗାରବନ୍ଧ ପଞ୍ଚାୟତ ଚଣ୍ଡିଖମଣଠାରୁ ଅଙ୍ଗାରବନ୍ଧ ହାଟ ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ କରିଛନ୍ତି ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ । ୩.୬୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତାର ଭୂମିପୂଜନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଧାନ ଯୋଗଦେଇ ଉକ୍ତ ରାସ୍ତା ନିର୍ମାଣ ହେଲେ ସ୍ଥାନୀୟ ଲୋକଙ୍କ ଗମନାଗମନର ସୁବିଧା ହେବା ସହ ଗ୍ରାମାଞ୍ଚଳର ସାମୂହିକ ବିକାଶ ହୋଇପାରିବ ବୋଲି କହିଥିଲେ । ଦୀର୍ଘ ବର୍ଷରୁ ଅବହେଳିତ ଅବସ୍ଥାରେ ଥିବା ଏ ରାସ୍ତାକୁ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିବାରୁ ବିଧାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ ଧନ୍ୟବାଦ ଜଣାଇଥିଲେ । ବହୁ ଚେଷ୍ଟା କରି ଏହିସବୁ ରାସ୍ତାଗୁଡ଼ିକୁ ମଞ୍ଜୁର କରାଇଥିବାରୁ ବିଧାୟକଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଥିଲେ । ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗାରବନ୍ଧ ସରପଞ୍ଚ ସୁଜାତା ସାହୁ, ସମିତି ସଭ୍ୟା ସୁଜାତା ସ୍ୱାଇଁ, ନାଏବ ସରପଞ୍ଚ ସୁରତି ଶୂଳ, ଚଣ୍ଡିଖମଣ ସଭାପତି କୁଳମଣି ଦାସ, ସମ୍ପାଦକ ସୁନୀଲ ସାହୁ, ଗିରୀଶ ସ୍ୱାଇଁ, ବିରଞ୍ଚି ସାହୁ, ରଞ୍ଜନ ସାହୁ, ହାଡ଼ିବନ୍ଧୁ ସାହୁ, ଅଶୋକ ସ୍ୱାଇଁ, ଜୀବନ ସାହୁ, ଶଙ୍କର ସାହୁ, ଦୀନେଶ ସାହୁ ଓ କୃଷ୍ଣ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।



## ମାଳିସାହିରେ ବିଏମସି-ପୁଲିସର ଜବରଦଖଲ ଉଚ୍ଛେଦ

# ମାଟିରେ ମିଶିଲା କୁଖ୍ୟାତ ଲୁଟେରାର ଘର

ଭୁବନେଶ୍ୱର, ୨୫।୬ (ସମିସ)

ରାଜଧାନୀରେ ସରକାରୀ ସମ୍ପତ୍ତି ଲୁଟ୍ କରି ବେଆଇନ କାରବାର ଚଳାଇବା ୨ ଲୁଟେରା ଭାଇଙ୍କୁ ମହଙ୍ଗା ପଡ଼ିଛି।

**■ ଜନପଥରେ ସ୍ମାର୍ଟସିଟି ଲଗାଇଥିବା ଲାଇଟ୍ ଓ ଖୁଣ୍ଟ ଚୋରି କରିଥିଲେ**

ଖାରବେଳ ନଗର ଥାନା ଅଧୀନ ମାଳିସାହି ଅଞ୍ଚଳରେ ଶେଷରେ ପ୍ରଶାସନର ବୁଲଡୋଜର ବୁଲିଛି। ଭୁବନେଶ୍ୱର ସ୍ମାର୍ଟସିଟି କର୍ତ୍ତୃପକ୍ଷ ଜନପଥରେ ଲଗାଇଥିବା ଲାଇଟ ଓ ବିଦ୍ୟୁତ୍ ଖୁଣ୍ଟ ଚୋରି କରି ଏହି ୨ ଭାଇ କବାଡ଼ିଆରେ ବିକ୍ରି କରୁଥିଲେ। ଏମାନେ ପେଷାଗତ ଲୁଟେରା ହୋଇଥିବାବେଳେ ଲୁଟ ସାମଗ୍ରୀକୁ କବାଡ଼ିଆ ଦୋକାନରେ ରଖି ବିକ୍ରି କରୁଥିବା ନେଇ ପୁଲିସ ତଥ୍ୟ ହାସ କରିବା ପରେ ଜଣଙ୍କୁ ଗିରଫ କରିବା ସହ ଏବେ ବି ଜଣେ ଫେରାର ଅଛି। ୨ ଭାଇ ହେଲେ ସେଖ ହମିଦ ଓ ସେଖ ହାଇଜୁର। ପୂର୍ବରୁ ଏ ଦୁହିଁଙ୍କୁ ଖାରବେଳ ନଗର ଥାନା ପୁଲିସ୍ ଓ କମିଶନରରେଟ୍ ପୁଲିସର ଅନ୍ୟ ଥାନା ଗିରଫ ପରେ ଜେଲ ପଠାଇଥିବାବେଳେ ନିଜ ଅଭ୍ୟାସ ନବଦଳାଇବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ସହ ମିଶି କମିଶନରେଟ୍ ପୁଲିସ ଏହି ଉଚ୍ଛେଦ କରିଛି। ଜୋନ ୧ ଏସିପି ରମେଶ ଚନ୍ଦ୍ର ବିଶୋୟୀଙ୍କ ତତ୍ତ୍ୱାବଧାନତାରେ ହୋଇଥିବା ଏହି ଉଚ୍ଛେଦରେ ବିଏମସି ଓ ଖାରବେଳ ନଗର ଥାନା ପୁଲିସ୍ ଉପସ୍ଥିତ ଥିଲେ। ବାରମ୍ବାର ତାଗିଦା ପରେ ବି ୨ ଭାଇ ସୁଧୁରୁ ନଥିଲେ। ନିୟମିତ ଲାଇଟ ଓ ବିଦ୍ୟୁତ୍ ଖୁଣ୍ଟ ଚୋରି କରୁଥିଲେ। ନିକଟରେ ଜଣକୁ ଖାରବେଳ ନଗର ଥାନା ପୁଲିସ୍ ଗିରଫ କରିବା ପରେ ପୁଲିସ୍ ତା ଘର ଭାଙ୍ଗିଥିବା ଜୋନ୍ ୧ ଏସିପି କହିଛନ୍ତି। ସୂଚନାଥାଉ କି, ରାଜଧାନୀର ଜନପଥରେ ଭୁବନେଶ୍ୱର ସ୍ମାର୍ଟସିଟି ପକ୍ଷରୁ ଲଗାଯାଇଥିବା ଲକ୍ଷ ଲକ୍ଷ ଟଙ୍କାର ଇଲେକ୍ଟ୍ରି ପୋଲ୍ ଏବଂ ଷ୍ଟ୍ରିଟ୍ ଲାଇଟ୍ ଚୋରି କରି ଏହି ଦୁର୍ବୃତ୍ତମାନେ ଦୀର୍ଘ ଦିନ ହେବ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଥିଲେ। ଚୋରି ସାମଗ୍ରୀକୁ ରଖିବା ପାଇଁ ସେମାନେ ମାଳିସାହିରେ ଏକ ବେଆଇନ ଗୋଦାମ ତିଆରି କରିଥିଲେ। ଗୁରୁବାର ସେହି ଗୋଦାମ ଘରକୁ ପୁଲିସ ଭାଙ୍ଗିଛି। ଆଗରେ ଗୋଦାମ ଦିଶୁଥିବା ଏହି ସ୍ଥାନ ଭାଙ୍ଗିବା ପରେ ଭିତରେ ଅପରାଧୀଙ୍କ ୨ ମହଲା କୋଠା ବି ନଜରକୁ ଆସିଛି।

## ପରକୀୟା ପ୍ରୀତି ଲୁଚାଇବାକୁ ଚାଲ୍

# ସ୍ୱାମୀର ମୋବାଇଲ୍ ଚୋରି ପାଇଁ ସ୍ତ୍ରୀ ଦେଲା ସୁପାରି

ଭୁବନେଶ୍ୱର, ୨୫।୬ (ସମିସ): ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ମୋବାଇଲ ଚୋରି ମାମଲାର ତଦନ୍ତ କରୁଥିବା ତମାଣ୍ଡୋ ଥାନା ପୁଲିସ ସୁପାରି ଘଟଣାର ପର୍ଦ୍ଦାଫାସ କରିଛି। ଘଟଣାରେ ଚୋରକୁ ଗିରଫ କରିବା ସହ ପତ୍ନୀ ଓ ପୁରୁଷ ବନ୍ଧୁଙ୍କ ସମ୍ପୃକ୍ତ ଥିବା ପ୍ରମାଣ ପାଇଛି। ଗିରଫ ଅଭିଯୁକ୍ତ ହେଉଛି ଅରିଶଳରେ ରହୁଥିବା ଅନୁଗୋଳ ଖମାରର ଲିପୁନ କୁମାର ବେହେରା (୨୬)। ତା' ଠାରୁ ଗୋଟିଏ ମୋବାଇଲ୍ ଫୋନ୍, କୋରିଅର ରସିଦ, ବୁକିଂ ବିବରଣୀ ଓ ଅନ୍ୟାନ୍ୟ ଦସ୍ତାବିଜ ଜବତ କରିଛି।



ପୁଲିସ ସୂଚନାନୁସାରେ, ନିଆଳି ଅଞ୍ଚଳର ଆଲୋକ ଜେନା ଠିକାଦାର ରମେଶ ନାୟକ ଅଧୀନରେ ସୁପର ଭାଇଜର ଭାବେ କାମ କରୁଥିଲେ। ରମେଶ ଓ ଆଲୋକଙ୍କ ପତ୍ନୀଙ୍କ ମଧ୍ୟରେ ସମ୍ପର୍କ ରହିଥିବା ସ୍ୱାମୀ ଜାଣିବାକୁ ପାଇଥିଲେ। ପତ୍ନୀଙ୍କ ଏଭଳି କାରନାମାକୁ ଆଲୋକ ବିରୋଧ କରି ଆସୁଥିବା ବେଳେ ଏ ସମ୍ପର୍କିତ ଫଟୋ ଓ କଲ୍ ରେକର୍ଡିଂ ହାତେଇ ନେଇଥିଲେ। ସେପଟେ ପରକୀୟା ପ୍ରୀତି ଲୁଚାଇବାକୁ ସ୍ୱାମୀର ମୋବାଇଲ ଚୋରି କରିବାକୁ ରମେଶ ସହ ମିଶି ପତ୍ନୀ ଷଡ଼ଯନ୍ତ୍ର କରିଥିଲେ। ପୂର୍ବ ଯୋଜନା ମୁତାବକ, ଆଲୋକଙ୍କ ସାଙ୍ଗ ଲିପୁନକୁ ମୋବାଇଲ ଚୋରି କରିବାକୁ ସୁପାରି ଦେଇଥିଲେ। କାମ ସରିଲେ ୧୦ ହଜାର ଟଙ୍କା ଦେବାକୁ କହିଥିଲେ।

ଲିପୁନ ଗତ ୨୧ ତାରିଖ ଦିନ ଛତାବର ଛକରେ ଆଲୋକଙ୍କୁ ଦେଖା ହୋଇଥିଲା ଖିଆପିଆ କରିଥିଲେ।ରାତି ହୋଇଯାଇଥିବାରୁ ଲିପୁନ ତାଙ୍କୁ ହୋଟେଲରେ ରହିବାକୁ ପରାମର୍ଶ ଦେଇଥିଲା। କଥାବାର୍ତ୍ତା ମୁତାବକ, ଲିପୁନ୍, ଆଲୋକ ଓ ଅନ୍ୟ ଜଣେ ବନ୍ଧୁ ବଳରାମ ଦାସ ମିଶି ଭଗବାନପୁର ସ୍ଥିତ ଏକ ହୋଟେଲରେ ରହିଥିଲେ। ଲିପୁନ୍ ଭୋର୍ ୪ଟା ବେଳେ ଉଠି ଆଲୋକଙ୍କ ମୋବାଇଲ ଚୋରି କରି ଫେରାର ହୋଇ ଯାଇଥିଲା। ସକାଳୁ ଉଠିବା ବେଳକୁ ଆଲୋକ ତାଙ୍କ ମୋବାଇଲ ପାଇନଥିଲେ। ପତ୍ନୀ ଓ ଠିକାଦାର ରମେଶ କଥାରେ ପଡ଼ି ଲିପୁନ ତାଙ୍କ ମୋବାଇଲ ଚୋରି କରିଥିବା ଆଲୋକ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରିବା ଲିପୁନକୁ ଗିରଫ କରିଥିଲା। ସେ ଆଲୋକଙ୍କ ପତ୍ନୀ ଓ ରମେଶ ଠାରୁ ସୁପାରି ନେଇ ମୋବାଇଲ ଚୋରି କରିଥିବା ଲିପୁନ ପୁଲିସ ଆଗରେ ସ୍ୱୀକାର କରିଥିଲା। ମୋବାଇଲ ଚୋରି କରିବା ପରେ କୋରିଅର ମାଧ୍ୟମରେ ରମେଶ ପାଖକୁ ପଠାଇ ଦେଇଛି ବୋଲି ତଦନ୍ତ ବେଳେ ଜଣାପଡ଼ିଥିଲା।

## ପ୍ରଭାତ ହତ୍ୟାକାଣ୍ଡ ଘଟଣାରେ ଆଉ ଜଣେ ଗିରଫ

ହଂସପାଳ, ୨୫।୬(ସମିସ): ପ୍ରଭାତ ହତ୍ୟାକାଣ୍ଡ ଘଟଣାରେ ପ୍ରଭାତଙ୍କ ପିତା ବିଷ୍ଣୁ ଚରଣ ବେହେରାଙ୍କ ଲିଖିତ ରିପୋର୍ଟ ଆଧାରରେ ପାହାଳ ଥାନା ପୋଲିସ ଫୁଲନଖରା ଖାରବେଳ ଇଷ୍ଟେଟରେ ରହୁଥିବା ପୁରୀ ଜିଲ୍ଲା ଚାରିଛକ ଥାନା ଚନିଜଙ୍ଗ ଜନର ଗ୍ରାମର ରୁଦ୍ରନାରାୟଣ ବାରିକ ଓରଫ୍ ରାହୁଲ(୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଗତ ତାରିଖ ରାତିରେ ଟେନିସ ପାତ୍ର, ପ୍ରୀତିଶ ପାତ୍ର ଓ ସେମାନଙ୍କ ସହଯୋଗୀମାନେ ଅଭିଯୋଗକାରୀଙ୍କ ଘରକୁ ଆସି ତାଙ୍କ ପୁଅ ପ୍ରଭାତ ବେହେରା ଉର୍ଫ ଜଗାଙ୍କୁ ପୂର୍ବ କାର୍ଯ୍ୟସ୍ଥଳରେ ପୁନର୍ବାର କାମରେ ଯୋଗଦେବା ଏବଂ ବକେୟା ଦରମା ପାଇବା ସମ୍ପର୍କରେ ଆଲୋଚନା କରିବା ବାହାନାରେ ସାଙ୍ଗରେ ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ପ୍ରଭାତ ବେହେରାଙ୍କ ମୃତଦେହ ସିନର୍ଜି କଲେଜ ନିକଟସ୍ଥ କେନାଲ ପାର୍ଶ୍ୱରୁ ଉଦ୍ଧାର ହୋଇଥିବା ଜଣାପଡ଼ିଥିଲା। ମୃତଦେହର ପଞ୍ଚନାମା କରାଯାଇ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଘଟଣା ରାତ୍ରିରେ ମୃତକ ପ୍ରଭାତ ବେହେରା ସାକ୍ଷୀ କୁନୁ ଭୋଇଙ୍କ ସହ ଥିଲେ ଏବଂ ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଆଦି, ଜିତ, ରାଜା ଓ ଲୋକନାଥଙ୍କ ସଂସ୍ପର୍ଶରେ ଆସିଥିଲେ। ସମସ୍ତେ ମିଶି ସିନର୍ଜି କଲେଜ ବ୍ରିଜ ନିକଟକୁ ଯାଇ ମଦ୍ୟପାନ କରିଥିଲେ। ସେହି ସମୟରେ ଏକ ଭିଡିଓ କଲ୍ କଥାବାର୍ତ୍ତା ପରେ ଅଭିଯୁକ୍ତ ଆଦି ଏକ ବିୟର ବୋତଲରେ ମୃତକଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରେ ଅଭିଯୁକ୍ତ ଜିତ, ରାଜା ଓ ଲୋକନାଥ ମଧ୍ୟ ଆକ୍ରମଣରେ ସାମିଲ ହୋଇ ମୃତକଙ୍କୁ ବାରମ୍ବାର ମାଡ଼ ମାରି ଗୁରୁତର ଆଘାତ ଦେଇଥିଲେ।

## ପିଲା କାନ୍ଦିବା ଗୁଜବ, ୩ ଘଣ୍ଟା ପୁଲିସ ନାକେଦମ୍

ଭୁବନେଶ୍ୱର, ୨୫।୬ (ସମିସ): ଚନ୍ଦ୍ରଶେଖରପୁର ନିଳାଦ୍ରୀବିହାର ୨୦୦ଫୁଟିଆ ରାସ୍ତା କଡ଼ ଜଙ୍ଗଲ ଭିତରେ ଛୋଟ ପିଲା କାନ୍ଦିବାକୁ ନେଇ ଗୁଜବ ସୃଷ୍ଟି ହୋଇଛି। କୌଣସି ଏକ ପିଲାକୁ କେହି ପରିତ୍ୟକ୍ତ ଅବସ୍ଥାରେ ଜଙ୍ଗଲ ଭିତରେ ଫୋପାଡ଼ି ଚାଲି ଯାଇଥିବା ସ୍ଥାନୀୟ ଲୋକେ ଅନୁମାନ କରି ପୁଲିସକୁ ଖବର ଦେଇଥିଲେ। ପିଲାକୁ ଖୋଜିବାକୁ ପୁଲିସ ନାକେଦମ୍ ହୋଇଯାଇଥିଲା। ୩ଘଣ୍ଟା ପରେ ଜଣାପଡ଼ିଥିଲା ଯେ, କେହି ଗୁଜବ ସୃଷ୍ଟି କରିଛି। ନିକଟସ୍ଥ ଅପାର୍ଟମେଣ୍ଟ କିମ୍ବା ବସ୍ତିରେ ପିଲା କାନ୍ଦୁଥିବା ଅନୁମାନ କରି ପୁଲିସ ଶେଷରେ ଫେରିଯାଇଥିଲା। ମିଳିଥିବା ସୂଚନା ମୁତାବକ ସ୍ଥାନୀୟ ଅଞ୍ଚଳ ଜଣେ ଯୁବକ ଜଙ୍ଗଲରେ ନବଜାତ ଶିଶୁକୁ କେହି ଫୋପାଡି ଚାଲି ଯାଇଥିବା ଗୁଜବ ସୃଷ୍ଟି କରିଥିଲା। ଚାହୁଁ ଚାହୁଁ ୨୦୦ ଫୁଟିଆ ରାସ୍ତାରେ ବହୁ ଲୋକଙ୍କ ଭିଡ଼ ଜମିଥିଲା। ପୁଲିସ ଆସି ପ୍ରତ୍ୟେକଟି ଗଛମୂଳ ଖୋଜିଥିଲା। ଏହା ଗୁଜବ ବୋଲି ଜଣାପଡ଼ିବା ପରେ ପୁଲିସ ଫେରିଯାଇଥିଲା।

## ଓଏଚଆରସିରେ ପହଞ୍ଚିଲା ଡ୍ରେନ୍‌ରେ ପଡ଼ି ଯୁବ ଆଇଜୀବୀ ମୃତ ମାମଲା

ଭୁବନେଶ୍ୱର, ୨୫।୬ (ସମିସ): ଗତ କିଛିଦିନ ତଳେ ଟଙ୍କପାଣି ରୋଡରେ ଚାଲୁ ରହିଥିବା ନିର୍ମାଣାଧୀନ ଡ୍ରେନରେ ଜଣେ ଯୁବ ଆଇନଜୀବୀଙ୍କ ମୃତ୍ୟୁ ଘଟଣାକୁ ସ୍ଥାନୀୟ ପୋଲିସ୍ ଦ୍ୱାରା ଚପାଇ ଦିଆଯାଇଥିବାବେଳେ ଆଇନଜୀବୀ ମନିଷାଦାସ ପଟ୍ଟନାୟକ ଏନେଇ ଓଡ଼ିଶା ମାନବାଧିକାର କମିସନଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ୨୮ ରୁ ବିଏମ୍‌ସିରେ ପୋଲିଓ ଟିକାକରଣ

ଭୁବନେଶ୍ୱର, ୨୫।୬ (ସମିସ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ହେବ ବ୍ୟାପକ ପଲ୍ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ-୨୦୨୬। ୦-୫ ବର୍ଷ ମଧ୍ୟରେ ଶିଶୁମାନଙ୍କୁ ଦିଆଯିବ ପଲ୍ସ ପୋଲିଓ ବୁନ୍ଦା। ଏହି କାର୍ଯ୍ୟକ୍ରମ ଜୁନ ୨୮ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ସମଗ୍ର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ଟୀକା କେନ୍ଦ୍ର, ଡାକ୍ତରଖାନା ଆଦିରେ କରାଯିବ। ପ୍ରତ୍ୟେକ ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଟୀକା ଦିଆଯିବ। ଏନେଇ ଗୁରୁବାର ବିଏମ୍‌ସି ଚତୁର୍ଥ ମହଲା ସମ୍ମିଳନୀ କକ୍ଷରେ ସିଟି ହେଲ୍ଥ ସୋସାଇଟ ପକ୍ଷରୁ, ସିଟି ଟାସ୍କଫୋର୍ସ ଏବଂ ସିଟି କୋଅର୍ଡିନେସନ କମିଟିର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁନ୍ ୨୮ ତାରିଖ ରବିବାର ଦିନ ବିଭିନ୍ନ ବୁଥରେ ଟୀକାକରଣ କରାଯିବ। ୨୯ ଓ ୩୦ ତାରିଖ, ଦୁଇଦିନ ଘରକୁ ଘର ବୁଲି ୦ରୁ ୫ ବର୍ଷ ମଧ୍ୟରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦେବେ। ଜନ ସଚେତନତା ସୃଷ୍ଟି କରିବା ପାଇଁ ବ୍ୟାପକ ପ୍ରଚାର ପ୍ରସାର କରାଇବାକୁ ନିଷ୍ପତ୍ତି ହୋଇଛି। ଜନ ସଚେତନତା ସହ ଆଶା ଓ ଅଙ୍ଗନଓ୍ୱାଡି କର୍ମୀଙ୍କୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସାମିଲ କରିବା ପାଇଁ ସମସ୍ତ ସିଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପୋଲିଓ ବୁନ୍ଦା ବିଏମ୍‌ସି ଏବଂ କ୍ୟାପିଟେଲ ହସପିଟାଲରେ ମହଜୁଦ୍ ରହିଥିବା ନେଇ ମେଡିକାଲ ଅଧିକାରୀମାନେ ସୂଚନା ଦେଇଛନ୍ତି।

## ଏକାମ୍ର କ୍ଷେତ୍ରରେ ଚନ୍ଦନ ଉତ୍ସବ



ଭୁବନେଶ୍ୱର, ୨୫।୬(ସମିସ): ଏକାମ୍ର କ୍ଷେତ୍ରରେ ଚନ୍ଦନ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ଯୁଗ ଯୁଗରୁ ମହା ଦେବ ପାର୍ବତୀଙ୍କୁ ଏହି ମାସ ରେ ବିଭାହ କରିଥିଲେ। ଓଡ଼ିଆ ନୀତି ଅନୁସାରେ ବିବାହ ଶେଷ ହେଇ ଥିବା ବେଳେ ଶୁକ୍ରବାର ମାଉସୀ ମା ମନ୍ଦିର ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବାଜା ରୋଷଣୀ କରାଯାଇ ଭକ୍ତ ମାନଙ୍କୁ ସ୍ୱାଗତ କରାଯାଇଛି। ଭକ୍ତଙ୍କର ଦେହରେ ଚନ୍ଦନ ତିଳକ ମଲି ଫୁଲ ଗଜରା ସହିତ ବାଣରେ ଏକାମ୍ର କ୍ଷେତ୍ର କମ୍ପି ଉଠିଥିଲା। ଏହି କାର୍ଯ୍ୟକ୍ରମରେ ସୁର ରାଉତରାୟ, ଡ଼. ଅରବିନ୍ଦ ଢ଼ାଲି. ସହିତ ବହୁ ରାଜ ନେତା ବୁଦ୍ଧି ଯିବି ଯୋଗଦେଇ ଏହି ଉତ୍ସବକୁ ଉପଭୋଗ କରିଥିଲେ। ଏହାସହିତ ଭଜନ ସମାରୋହ ସହିତ ପ୍ରସାଦ ସେବନ ହେଇଥିଲା ଏହାକୁ ଦେବ ଯୁଗ ପରିବାରର ପ୍ରତିଷ୍ଠାତା ଦେବ ବ୍ରତ ନାୟକଙ୍କ ସହଯୋଗରେ ଏହା ଆୟୋଜନ ହେଇଥିଲା।

## ସୋଆ ସେଣ୍ଟର ଫର୍ ଡାଟା ସାଇନ୍ସ ବାର୍ଷିକ ସମାଚାର ପତ୍ରର ୨ୟ ଖଣ୍ଡ ପ୍ରକାଶିତ



ଭୁବନେଶ୍ୱର, ୨୫।୬(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ସ୍ଥିତ ସେଣ୍ଟର ଫର୍ ଡାଟା ସାଇନ୍ସ (ସିଡିଏସ୍)ର ବାର୍ଷିକ ସମାଚାରପତ୍ର 'ଡିଏସ୍ ବୁଲେଟିନ୍'ର ଦ୍ୱିତୀୟ ଖଣ୍ଡ ଉନ୍ମୋଚିତ ହୋଇଯାଇଛି। ଏହି ପ୍ରକାଶନର ମୁଖ୍ୟ ସମ୍ପାଦକ ପ୍ରଫେସର ମନୋରଞ୍ଜନ ପାଢ଼ୀଙ୍କ ଉପସ୍ଥିତିରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡା. ମନୋଜରଞ୍ଜନ ନାୟକ ଏହି ନ୍ୟୁଜଲେଟରକୁ ଉନ୍ମୋଚିତ କରିଥିଲେ। ନ୍ୟୁଜଲେଟରର ସହଯୋଗୀ ସମ୍ପାଦକ ଡ. ସାୟନ୍ତନ ଗୁହା, ସହଯୋଗୀ ସମ୍ପାଦକ ଡା. ଆଶିଷ କୁମାର ପତି, ସହଯୋଗୀ ସମ୍ପାଦକ ମୀନାକ୍ଷୀ ଦାସଙ୍କ ପ୍ରୟାସକୁ ଉଚ୍ଚ ପ୍ରଶଂସା କରାଯାଇଛି।

## ଉଠା ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ୪ ଆକ୍ରମଣକାରୀ ଗିରଫ; ଅସ୍ତ୍ରଶସ୍ତ୍ର ଜବତ

ଭୁବନେଶ୍ୱର, ୨୫।୬ (ସମିସ): ୟୁନିଟ୍ ୯ରେ ଥିବା ଜଣେ ଉଠା ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଗୁରୁବାର ୪ ଜଣ ଆକ୍ରମଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳର ଜ୍ଞାନଜିତ ସାମଲ (୨୩), ୟୁନିଟ୍-୪ର ଦେବାଶିଷ ଦାଶ ଓରଫ ମୂଷା (୨୩), ୟୁନିଟ୍ ୮ର ଦିବ୍ୟରଞ୍ଜନ ପ୍ରଧାନ ଓରଫ ରାପି (୨୧) ଓ ସାଳିଆସାହିର ରାକେଶ ସାହୁ ଓରଫ ମୁନା (୨୨)। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୁଲିସ କଟୁରୀ, ଚାପଡ଼, ୧୨ ହଜାର ଟଙ୍କା, ୬ଟି ମୋବାଇଲ ଫୋନ ଜବତ କରିଛି। ଏନେଇ ମଦନ ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ସୂଚନାଯୋଗ୍ୟ ଯେ, ଗତ ୨୪ ତାରିଖ ରାତି ୮ଟା ସମୟରେ ଅଭିଯୋଗକାରୀ ତାଙ୍କ ୟୁନିଟ୍-୯ ସ୍ଥିତ ମାଷ୍ଟରଚେଫ୍ ଓପେଲଫେଡ୍ ଦୋକାନରେ ଥିବା ବେଳେ ୫ରୁ ୬ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ଦୋକାନ ଭିତରକୁ ପ୍ରବେଶ କରିଥିଲେ। ଅଭିଯୁକ୍ତ ମୁସା ଓରଫ ଦେବାଶିଷ ଦାଶ ଅଭିଯୋଗକାରୀଙ୍କ ବେକରେ ମାରଣାସ୍ତ୍ର ଲଗାଇ ଧମକ ଦେବା ସହ ଟଙ୍କା ଦାବି କରିଥିଲେ। ଅଭିଯୋଗକାରୀ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରି ୧୨ ହଜାର ଟଙ୍କା ନଗଦ, ଏକ ହାତଘଡ଼ି, ଲକେଟ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଛଡ଼ାଇ ନେଇଥିଲେ। ସେମାନେ ଦୋକାନର ଚେୟାର, ଟେବୁଲ, ପ୍ଲେଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା ମଧ୍ୟ କରିଥିଲେ। ଅଭିଯୋଗକାରୀ ଅଭିଯୁକ୍ତ ମୁସା ଏବଂ ଜ୍ଞାନଜିତଙ୍କୁ ଚିହ୍ନଟ କରିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତମାନେ ନିଜ ସହଯୋଗୀମାନଙ୍କ ସହ ମିଶି ମାରଣାସ୍ତ୍ର ଧରି ଏକ ବେଆଇନ ସମାବେଶ ଗଠନ କରି ଏହି ଡକାୟତି କରିଥିଲେ। ଘଟଣା ପରେ ସେମାନେ ୟୁନିଟ୍-୩, ୟୁନିଟ୍-୪ ଓ ୟୁନିଟ୍-୯ ଅଞ୍ଚଳର ବିଭିନ୍ନ ସ୍ଥାନକୁ ଯାଇ ସମାନ ପ୍ରକାରର ଅପରାଧ ଘଟାଇବା ସହ କିଛି ବ୍ୟକ୍ତିଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଜଣେ ବ୍ୟକ୍ତିଙ୍କୁ ଅପହରଣ କରିଥିଲେ ଏବଂ ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲେ। ପୁଲିସ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ଅସ୍ତ୍ରଧାରୀ ଅସାମାଜିକ ବ୍ୟକ୍ତିମାନଙ୍କ ଗତିବିଧି ସମ୍ପର୍କରେ ବିଶ୍ୱସ୍ତ ସୂଚନା ପାଇ ଖାରବେଳନଗର ଥାନା ପୁଲିସ ଆଜି ଚଢ଼ାଉ କରି ଚାରି ଜଣ ଅଭିଯୁକ୍ତଙ୍କୁ କାବୁ କରିଥିଲା। ବ୍ୟକ୍ତିଗତ ତଲାସୀ ସମୟରେ ସେମାନଙ୍କ ନିକଟରୁ ମାରଣାସ୍ତ୍ର, ଲୁଟ୍ ହୋଇଥିବା ନଗଦ ଟଙ୍କା, ଚୋରି ସାମଗ୍ରୀ, ମୋବାଇଲ ଫୋନ ଏବଂ ଘଟଣାରେ ବ୍ୟବହୃତ ଗାଡ଼ି ଜବତ କରାଯାଇଥିଲା। ଅନ୍ୟ ଜଣେ ସହଯୋଗୀ ଅଭିଯୁକ୍ତ ଗୁଟ୍ ଓରଫ ସୋହେବ ସୁନ୍ଦର ପ୍ରଧାନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।



## ନିର୍ମାଣାଧୀନ ଡ୍ରେନ୍‌ରେ ପଡ଼ି ୨ ଗୁରୁତର

ଭୁବନେଶ୍ୱର, ୨୫।୬ (ସମିସ): ବମିଖାଲ ଅଞ୍ଚଳରେ ଅଧାପନ୍ତରିଆ ଡ୍ରେନରେ ପଡ଼ି ୨ ଜଣ ଗୁରୁତର ହୋଇଛନ୍ତି। ଅନ୍ୟ କେଉଁଠି ନୁହେଁ ବରଂ ରାଜଧାନୀ ଭୁବନେଶ୍ୱରରେ ଏହି ଘଟଣା ସାମ୍ନାକୁ ଆସିଛି। ଖବର ନେବାରୁ ଜଣାପଡ଼ିଛି ଯେ, ଡ୍ରେନ୍ ପାର୍ଶ୍ୱରେ ଥିବା ଏକ ଘରୋଇ କ୍ଲିନିକକୁ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ଯିବାବେଳେ ୨ ଜଣ ଖସିପଡ଼ିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି।

## ମୋରମ ଟ୍ରକ୍ ଜବତ; ଚାଳକ ଗିରଫ



ଯାଁଳା, ୨୫।୬(ସମିସ): ଗୁରୁବାର ବିଳମ୍ବିତ ରାତିରେ ଇନଫୋଭ୍ୟାଲି ଥାନା ପୁଲିସ ଗଙ୍ଗପଡ଼ା ଠାରେ ରାତ୍ରି କାଳିନ ପାଟ୍ରୋଲିଂ ଓ ଯାଞ୍ଚ କରୁଥିବା ବେଳେ ଏକ ମୋରମ ବୋଝେଇ ଟ୍ରକକୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ଟ୍ରକ ଚାଳକ ଜଣକ ଗାଡି ମଡାଇ ପୁଲିସ କର୍ମଚାରିଙ୍କୁ ମାରିବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଅଭିଯୁକ୍ତ ଚାଳକକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଇନଫୋଭ୍ୟାଲି ଥାନା ଓଗାଳପଡ଼ାର ନିରଞ୍ଜନ ତ୍ରିପାଠୀ। ମିଳିଥିବା ସୂଚନା ଅନୁସାରେ ଇନ୍‌ଫୋଭ୍ୟାଲି ଥାନାର ଏଏସଆଇ ସି. ନାରାୟଣ ରାଓ ରାତ୍ରି ପ୍ରାୟ ୧.୪୫ ମିନିଟ୍ ସମୟରେ ପାଟ୍ରୋଲିଂ ଟିମ୍ ସହ ଗଙ୍ଗାପଡ଼ା ଛକ ନିକଟରେ ବେଆଇନ ଭାବେ ସରକାରୀ କ୍ଷୁଦ୍ର ଖଣିଜ ପଦାର୍ଥ ଖନନ ଓ ପରିବହନ ରୋକିବା ପାଇଁ ଗାଡ଼ି ଯାଞ୍ଚ କରୁଥିଲେ।ସେହି ସମୟରେ ଖୋର୍ଦ୍ଧା ପଟୁ ଏକ ହାଇୱା ମୋରମ ବୋଝେଇ କରି ଆସୁଥିବା ଦେଖିଥିଲେ। ପୁଲିସ ଯାଞ୍ଚ ପାଇଁ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିବା ବେଳେ ଚାଳକ ଗାଡ଼ିକୁ ଦ୍ରୁତ ଗତିରେ ପୁଲିସ କର୍ମଚାରୀଙ୍କ ଆଡ଼କୁ ଚଳାଇଥିଲେ। ଫଳରେ ପୁଲିସ କର୍ମଚାରୀମାନେ ନିଜ ଜୀବନ ରକ୍ଷା ପାଇଁ ରାସ୍ତାରୁ ସାଇଡ ହେବାକୁ ବାଧ ହୋଇଥିଲେ। ଏହାପରେ ଚାଳକ ଗାଡ଼ି ନେଇ ଫେରାର ହେବାକୁ ଉଦ୍ୟମ କରିଥିଲେ।

ପୁଲିସ ପକ୍ଷରୁ ଗାଡ଼ିକୁ ପିଛା କରାଯାଇ ଯାଁଳା ଛକ ନିକଟରେ ଅଟକାଯାଇଥିଲା। ସେଠାରେ ଚାଳକ ଗାଡ଼ି ଛାଡ଼ି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କୁ କାବୁ କରାଯାଇଥିଲା। ତଦନ୍ତ ସମୟରେ ଜବତ ହୋଇଥିବା ହାଇୱା ଓ ମୋରମ ଯାଞ୍ଚ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତଙ୍କ ପାଖରେ ମୋରମ ପରିବହନ ପାଇଁ କୌଣସି ବୈଧ ଟ୍ରାନ୍‌ଜିଟ୍ ପାସ୍, ଖଣି ଅନୁମତିପତ୍ର, ରୟାଲଟି ରସିଦ, ଇ ଚାଲାଣ କିମ୍ବା ଅନ୍ୟ କୌଣସି ଆଇନ ସମ୍ମତ ଦସ୍ତାବିଜ ନଥିଲା। ଅଭିଯୁକ୍ତ ଜାଣିଶୁଣି ଭାରୀ ମୋରମ ବୋଝେଇ ହାଇୱାକୁ କର୍ତ୍ତବ୍ୟରତ ପୁଲିସ କର୍ମଚାରୀଙ୍କ ଆଡ଼କୁ ଚଳାଇ ସେମାନଙ୍କ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଏଭଳି କାଣ୍ଡ କରିଥିଲେ।

# ବାଟ ଓଗାଳୁଛି ବିଜୁଳି ଖୁଣ୍ଟ

## ରାସ୍ତା ମଝିରେ ବିପଦସଂକୁଳ ଅବସ୍ଥାରେ ଯାତାୟତ କରୁଛନ୍ତି ଚାଳକ

ଭୁବନେଶ୍ୱର, ୨୫।୬(ସମିସ):ରାଜଧାନୀକୁ ସରସ ସୁନ୍ଦର କରିବାକୁ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଉଛି। ଲୋକମାନେ ଯେଭଳି ସୁରକ୍ଷିତ ଓ ନିରାପଦରେ ରହିବେ ସେଥିପ୍ରତି ମଧ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପମାନ ନିଆଯାଉଛି। ହେଲେ ଏବେବି ବିଭିନ୍ନ ସ୍ଥାନରେ ବିପଦଶଙ୍କୁଳ ଭାବେ ଜୀବନ ବିତାଉଛନ୍ତି ରାଜଧାନୀବାସୀ। ଯାହାକି ପ୍ରାଶସନ ଆଡୁଆଳରେ ରହିଯାଇଛି। ଫଳରେ ସାଧାରଣ ଲୋକେ ଦୁର୍ଦ୍ଦଶାର ଶିକାର ହେଉଛନ୍ତି। କାରଣ ରାସ୍ତା ମଝିରେ ଛିଡ଼ା ହୋଇଥିବା ବିଦ୍ୟୁତ ଖୁଣ୍ଟ କେବଳ ସ୍ଥାନୀୟ ବାସିନ୍ଦା ନୁହେଁ ବରଂ ଗାଡ଼ି ଚାଳକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ ବଡ଼ ବଡ଼ ମାଲବୁହା ଟ୍ରକ୍ କିମ୍ବା ଟ୍ରାକ୍ଟର ଯିବାକୁ ନାକେବଦମ୍ ହେଉଛନ୍ତି ଚାଳକ। କଳିଙ୍ଗନଗର ପାତ୍ରପଡ଼ା ସ୍ଥିତ ଭଗବାନପୁରରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ।



ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୬୫ ଅଧୀନରେ ରହିଛି ଅଞ୍ଚଳ। ଏଠାରେ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଏକ ଲେନ୍ ବା ଗଳି ରାସ୍ତା ମଝିରେ ରହିଛି ଏହି ବିଦ୍ୟୁତ ଖୁଣ୍ଟ। ଯାହାକୁ ଦେଖି ଯେ କେହି ବି ଆଶ୍ଚର୍ଯ୍ୟ ହେଉଛନ୍ତି। କାରଣ ଗୋଟିଏ କି ଦୁଇଟି ନୁହେଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ରହିଛି ଏଭଳି ବିଦ୍ୟୁତ ଖୁଣ୍ଟ। ଯାହାକି ବାଇକ୍, କାର କିମ୍ବା ଅଟୋ ଚାଳକଙ୍କ ପାଇଁ ବିପଦ ସୃଷ୍ଟି କରିବା ସହ ଭାରିଯାନ ଗୁଡ଼ିକ ଯିବାଆସିବା ବି ଅସମ୍ଭବ ହୋଇପଡୁଛି। ଏହି ଖୁଣ୍ଟଟି ଏଭଳି ସ୍ଥାନରେ ରହିଛି ଯେ, ଯଦି ଦ୍ରୁତ ଗତିରେ ବାଇକ, ସାଇକଲ କିମ୍ବା ଅନ୍ୟ କୌଣସି ଗାଡ଼ି ଆସୁଥିବା ଟିକେ ଅନ୍ୟମନସ୍କ ହେବା ମାତ୍ରେ ଦୁର୍ଘଟଣାର ସମ୍ମୁଖୀନ ହେବା ସୁନିଶ୍ଚିତ। ପୂର୍ବରୁ ଏଭଳି ଘଟଣା ମଧ୍ୟ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ଅଞ୍ଚଳଟି ଏକ କଲୋନୀ ସଦୃଶ ହୋଇଥିବା ବେଳେ ଏହି ଲେନ୍‌ର ଉଭୟ ପାର୍ଶ୍ୱରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଘର ରହିଛି। ତେଣୁ ଏଠାକୁ କୌଣସି ଆବଶ୍ୟକସ୍ଥଳେ ଟ୍ରକ୍ କିମ୍ବା ଟ୍ରାକ୍ଟର ଆସିବା ସମ୍ଭବ ହେଉନାହିଁ। ତେଣୁ ଏହି ଖୁଣ୍ଟକୁ ସ୍ଥାନାନ୍ତର କରାଯିବାକୁ ଅଞ୍ଚଳବାସୀ ଦାବୀ କରିଆସୁଥିଲେ ବି ତାହା କରାଯାଉ ନଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ୱାର୍ଡର କର୍ପୋରେଟଙ୍କ ସହ ଆଲୋଚନା ହୋଇଥିଲା। ତାଙ୍କ କହିବା ଅନୁସାରେ, ଏହି ରାସ୍ତାଟି ପୂର୍ବରୁ ଅଣଓସାର ରହିଥିଲା। ଏବଂ ବିଜୁଳି ଖୁଣ୍ଟଟି ମଧ୍ୟ ଅନେକ ପୁରୁଣା। ତେଣୁ ରାସ୍ତା ନିର୍ମାଣ ସମୟରେ ଏହାକୁ ସ୍ଥାନାନ୍ତର କରାଯିବାକୁ ବିଦ୍ୟୁତ ବିଭାଗ ସହ ଆଲୋଚନା ହୋଇଥିବା ବେଳେ ବିଏମ୍‌ସି ଏଥିପାଇଁ ଅର୍ଥ ଜମା କରିବା ପରେ ଯାଇ ଏହା ସ୍ଥରାନାନ୍ତର କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। କେବଳ ଏହି ଏକମାତ୍ର ଖୁଣ୍ଟ ନୁହେଁ ଅଞ୍ଚଳରେ ପ୍ରାୟ ଅଧିକାଂଶ ସ୍ଥାନରେ ରାସ୍ତା ମଝିରେ ରହିଥିବା ଏଭଳି ଖୁଣ୍ଟକୁ ଚିହ୍ନଟ କରାଯାଇ ସେଗୁଡ଼ିକର ସ୍ଥାନାନ୍ତର କରାଯିବାକୁ ଯୋଜନା ରହିଥିବା କହିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ତାହା ହୋଇପାରି ନାହିଁ। ତେବେ କଳିଙ୍ଗ ବିହାର ଅଣ୍ଡରପାସ୍‌ଠାରୁ ଆରମ୍ଭ କରି ଆଳୁଗୋଦାମ ମଧ୍ୟରେ ମଧ୍ୟ ପ୍ରାୟ ୩ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ରାସ୍ତା ମଝିରେ ରହିଛି। ଏହି ରାସ୍ତାରେ ନିୟମିତ ବାଇକ୍, ଅଟୋ ଓ କାର୍ ଇତ୍ୟାଦି ଯାନ ଯିବା ଆସିବା କରୁଥିବା ବେଳେ ଭାରୀଯାନ ଯାତାୟାତ କରିବା ସମ୍ଭବ ନୁହେଁ। ଗାଡ଼ି ଚାଳକମାନେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିବା ଭଅିଯୋଗ କରିଛନ୍ତି।





### ଏକାମ୍ର କ୍ଷେତ୍ରରେ ରଥଯାତ୍ରା ପ୍ରସ୍ତୁତି

# ଏଥର ରାଜଧାନୀରେ ଗଢ଼ିବ ୫୦ ରଥ

ଭୁବନେଶ୍ୱର, ୨୫।୬(ସମିସ): ଆଉ ମାତ୍ର ଦିନ କେଇଟା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା। ଏଥିପାଇଁ ସଜେଇ ହେବାକୁ ଲାଗିଲାଣି ଏକାମ୍ରକ୍ଷେତ୍ରର ଛୋଟବଡ଼ ଜଗନ୍ନାଥ ମନ୍ଦିର ସହ ମହାବାହୁଙ୍କ ରଥ। ଚାରିଆଡ଼େ ଭକ୍ତିମୟ ପରିବେଶ ସାଙ୍ଗକୁ ଜାତି ଧର୍ମ ନିର୍ବିଶେଷରେ ରଥ, ପଥ ଓ ଭକ୍ତ ସମସ୍ତେ ହେବେ ଏକାକାର। ବଡ଼ ଦେଉଳରୁ ପ୍ରଭୁ ବାହାରି ଚକା ଚକା ଆଖିରେ ଦର୍ଶନ ଦେବେ ଭକ୍ତଙ୍କୁ। କେବଳ ରଥ ନୁହେଁ ପଥ ବି ପାଲଟିଯିବ ଭଗବାନଙ୍କ ସ୍ୱରୂପ।



### ■ ରଥ ଗଢ଼ାରେ ନିମଗ୍ନ କାରିଗର

ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ମହାପ୍ରଭୁ ଯିବେ ମାଉସୀ ଘର। ଚଳିତ ବର୍ଷ ଏକାମ୍ରକ୍ଷେତ୍ରରେ ଛୋଟ ବଡ଼ ମିଶି ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ରଥ ଗଢ଼ିବ ବୋଲି ସୂଚନା ରହିଛି। ଯଦିଓ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇନାହିଁ ତଥାପି ବିଶେଷ ସୂତ୍ରରୁ ଏହା ଜଣାପଡ଼ିଛି। ରାଜଧାନୀରେ ଥିବା ବିଭିନ୍ନ ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ କାରିଗର। ଭକ୍ତି ଓ ଭାବରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ।

### ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ ଇସ୍କନରେ ଘୋଷଯାତ୍ରା

ଭୁବନେଶ୍ୱରର ପ୍ରସିଦ୍ଧ ଇସ୍କନ୍ ମନ୍ଦିରରେ ଆନନ୍ଦ ଉଲ୍ଲାସରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ। ପୁରୀ ଜଗନ୍ନାଥ ମନ୍ଦିରର ସମରୀତିନୀତି ଅନୁଯାୟୀ ଏଠାରେ ସକାଳ ୭ଟାରେ ଗୁରୁ ପୂଜା ଏବଂ ଆଳତି, ୮ଟା ୩୦ରେ ରଥ ପ୍ରତିଷ୍ଠା ହେବ। ପୂର୍ବାହ୍ନ ୧୦ଟା ୩୦ରେ ତିନି ଠାକୁରଙ୍କ ପହଣ୍ଡି ବିଜେ କରାଯିବ। ମଧ୍ୟାହ୍ନ ଆଳତି ହେବାପରେ ଛେରାପହଁରା କରାଯିବ। ୩ଟାରେ ରଥଟଣା ଆରମ୍ଭ ହେବ। ସିଆରିପି ଛକ ଦେଇ ସନ୍ଧ୍ୟା ସୁଦ୍ଧା ସମସ୍ତ ରଥ ୟୁନିଟ୍-୮ସ୍ଥିତ ମାଉସୀମା’ ମନ୍ଦିରରେ ପହଞ୍ଚିବ ବୋଲି ଇସ୍କନର ରାଜ୍ୟ ପ୍ରଚାର ଅଧିକାରୀ ରାଧାକାନ୍ତ ଦାସ କହିଛନ୍ତି।

### ସୁଭଦ୍ରାଙ୍କ ରଥ ଟାଣିବେ ମହିଳା ଭକ୍ତ

ଶ୍ରୀବାଣୀ କ୍ଷେତ୍ରରେ ମଧ୍ୟ ରଥଯାତ୍ରା ପାଇଁ ଶ୍ରୀଜୀଉଙ୍କ ତିନି ରଥ ପ୍ରସ୍ତୁତ କାମ ଆରମ୍ଭ ହୋଇଛି। ପୁରୁଣା ରଥକୁ ଭଙ୍ଗାଯାଇ ନୂତନ ନିର୍ମାଣ କାର୍ଯ୍ୟରେ କାରିଗରମାନେ ଲାଗିପଡ଼ିଛନ୍ତି। ଏହାପରେ ରଙ୍ଗକାମ କରାଯାଇ ରଥକୁ ସଜ୍ଜିତ କରାଯିବ। ଶ୍ରୀବାଣୀକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ ରଥଯାତ୍ରା ଅନୁଷ୍ଠିତ ହେବ। ତେବେ ଏଠାକାର ବିଶେଷତ୍ୱ ହେଉଛି ମାଆ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି। ଏହି ନଅ ଦିନରେ ପ୍ରତ୍ୟେକ ଦିନ ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

ସେହିପରି ଚନ୍ଦ୍ରଶେଖରପୁରସ୍ଥିତ ଆରସିଏମ୍ ପରିସରରେ ଏଥର ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହେବ ଘୋଷଯାତ୍ରା। ମନ୍ଦିରରୁ ବାହାରି ରଥ ନାଲ୍କୋ ଛକ ଦେଇ ଗଜପତି ନଗରସ୍ଥିତ ଦକ୍ଷିଣକାଳୀ ମନ୍ଦିର ନିକଟ ମାଉସୀ ମା’ ମନ୍ଦିରକୁ ଯିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ରାଜଧାନୀର ସବୁଠୁ ପୁରୁଣା ଜଗନ୍ନାଥ ମନ୍ଦିର ଭାବେ ଓୟୁଏଟି କଲୋନୀ ଜଗନ୍ନାଥ ମନ୍ଦିରରେ ଆରମ୍ଭ ହୋଇଥିଲା ପ୍ରଥମ ରଥଯାତ୍ରା ମହୋତ୍ସବ। ତିନି ଠାକୁର ଝାଡ଼େଶ୍ୱରୀ ମନ୍ଦିରସ୍ଥିତ ମାଉସୀମା ମନ୍ଦିରକୁ ଯିବେ। ଏଠାରେ ରଥଯାତ୍ରାର ସମସ୍ତ କାର୍ଯ୍ୟ ପୁରୀ ଶ୍ରୀମନ୍ଦିର ରୀତି ନୀତିରେ କରାଯାଇଥାଏ। ଓୟୁଏଟି କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିରରୁ ରଥ ବାହାରି ଓୟୁଏଟି ଗେଷ୍ଟ ହାଉସ୍, ଗୋପବନ୍ଧୁ ଛକ, ସିରିପୁର ଛକ ଦେଇ ଝାଡ଼େଶ୍ୱରୀ ମାଉସୀମା ମନ୍ଦିରକୁ ଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଜାଗମରା, କୋଳଥିଆ, ୟୁନିଟ୍ ୫ ସ୍ଥିତ ଏଜି ଅଫିସ ପଛ ପାଖ ଜଗନ୍ନାଥ ମନ୍ଦିର, ପଟିଆ, ଗାଡକଣ, ଡୁମଡୁମା ଫେଜ-୨, ଏକାମ୍ର ଶ୍ରୀକ୍ଷେତ୍ର, ସଚିବାଳୟ ଭିତରେ ଥିବା ଜଗନ୍ନାଥ ମନ୍ଦିର ପରିସର, ଡେଲ୍‌ଟା ଛକ, ବାଣୀବିହାର, ଭିଏସ୍‌ଏସ୍ ନଗର, ସହିଦ ନଗର, ବରମୁଣ୍ଡା ଓ ପୁରୁଣା ଭୁବନେଶ୍ୱର ଆଦି ବିଭିନ୍ନ ଅଞ୍ଚଳରେ ରଥଯାତ୍ରା ଉପଲକ୍ଷେ ପ୍ରସ୍ତୁତି ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି।

### ପୁରୁଣା ଫଟୋ: ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୫।୬(ସମିସ): ସମୟସହ ବଦଳିଛି ରାଜଧାନୀ ଭୁବନେଶ୍ୱରର ରୂପରେଖ। ପରିବର୍ତ୍ତନ ଆସିଛି ଏବଂ ଆଧୁନିକତାର ଛାପ ମଧ୍ୟ ଦେଖିବାକୁ ମିଳୁଛି। ହେଲେ କେମିତି ଦିଶୁଥିଲା ସେଦିନର ଭୁବନେଶ୍ୱର। ଆଜି ଭଳି କୋଳାହଳ ନା ଭରପୁର ଜଙ୍ଗଲ ନା ଅଲଗା କିଛି। ସେଦିନର କଥା ଆଉ ଆଜି ଭିତରେ ଗଢି ଉଠିଛି ପାର୍ଥକ୍ୟ ପରିବର୍ତ୍ତନର। ତଥାପି ଏ ସହର ଅନେକ ବର୍ଷର ସ୍ମୃତିକୁ ନିଜ ସହ ସାଇତି ରଖିଛି। ପୂର୍ବରୁ ଯେଉଁଠି ଶଗଡ଼ ଗାଡି ଚାଲୁଥିଲା, ପରେ ରିକ୍ସା ଆଉ ଏବେ ମାଳ ମାଳ ଗାଡି ମୋଟର। ଖାଲି ସେତିକି ନୁହଁ ଆଗରୁ ମୁଣ୍ଡ ଗୁଞ୍ଜିବାକୁ ଥିଲା କେବଳ ଚାଳଛପର ଘର। ସେସବୁ ଏବେ ଖାଲି ଗପ, କାହାଣୀ ଆଉ ସାଇତା ସ୍ମୃତିରେ ସିମୀତ। ସେହିଭଳି କିଛି ପୁରୁଣା କଥାକୁ ନେଇ ଆଜିର ଉପସ୍ଥାପନା।

ସାମାଜିକ ଗଣମାଧ୍ୟମରେ ୧୯୩୦ ମସିହାର ଏକ ପୁରୁଣା ଫଟୋ ଦେଖିବାକୁ ମିଳିଥିଲା। ଯେଉଁଥିରେ ପୁରୁଣା ଭୁବନେଶ୍ୱରର ସ୍ଥିତ ତିନିମୁଣ୍ଡିଆ ଛକ ନିକଟରେ ଥିବା କପାଳିଶ୍ୱରୀଙ୍କ ବୈତାଳ ଦେଉଳ ନିକଟର କିଛି ଦୃଶ୍ୟ। ଏଥିରେ ଦେଉଳ ପାର୍ଶ୍ୱସ୍ଥ ଦୋଳ ଦେବୀ ଏବଂ ଦାଣ୍ଡ ଓ ବଡୁ ସାହି ବୁଲାଣିଠାରୁ ରଥଦାଣ୍ଡ ସାହିର କିଛି ଝଲକ ପରିଲକ୍ଷିତ ହେଉଛି। ଏହାସହିତ ଆଖପାଖର ଚାଳ ଛପର ଘର ଏବଂ ଶଗଡ଼ ଗାଡି ମଧ୍ୟ ଦେଖିବାକୁ ମିଳୁଛି।

## କୁଶୁପଦା ଭୋଇ ସାହିରୁ ମୟୂର ଉଦ୍ଧାର

ଧଉଳି, ୨୫।୬(ସମିସ): ଧଉଳି ଥାନା କୁଶୁପଦା ଭୋଇ ସାହିରୁ ଏକ ମୟୂର ଉଦ୍ଧାର ହୋଇଛି। ମୟୁରଟି ନିକଟସ୍ଥ ଦୟାନଦୀର ବାଲିରେ ଆହତ ଅବସ୍ଥାରେ ବୁଲୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ସେମାନେ ବନବିଭାଗକୁ ଜଣାଇଥିଲେ। ବାଲିପାଟଣା ବନବିଭାଗ କର୍ମଚାରୀ ମାନେ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ମୟୂରକୁ ଉଦ୍ଧାର କରି ବାଳକାଟି ପ୍ରାଣୀଧନ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। ପରେ କାର୍ଯ୍ୟାଳୟରେ ରଖିଛନ୍ତି। ମୟୁରଟି ସୁସ୍ଥ ହେବାପରେ ତାକୁ ଭଅଁରା ଜଙ୍ଗଲରେ ଛଡ଼ାଯିବ ବୋଲି କର୍ମଚାରୀ କହିଛନ୍ତି। ସେହିପରି ମୟୂରଟି କେଉଁଆଡୁ ଉଡି ଉଡି ଦୟାନଦୀରେ ରହିଯାଇଥିଲା।



## ଏବିପି ପକ୍ଷରୁ ଦୟାନଦୀ ସଫେଇ



ଧଉଳି, ୨୫।୬(ସମିସ): ଚତୁର୍ଥ ଦିନରେ ପହଞ୍ଚିଛି ଆଞ୍ଚଳିକ ବିକାଶ ପରିଷଦ(ଏବିପି)ର ଚତୁର୍ଥ ଦୟାନଦୀ ସଫେଇ କାର୍ଯ୍ୟକ୍ରମ। ଦୟା ସେତୁ ତଳେ ଜମା ହୋଇଥିବା କୁଢ଼ କୁଢ଼ ଆବର୍ଜନାକୁ ସ୍ୱେଚ୍ଛାସେବୀ ମାନେ ସଫା କରିଥିଲେ। ଦୟାସେତୁ ଦେଇ ଯାଉଥିବା ପଥିକ ଏବଂ ନଦୀ ଗର୍ଭକୁ ଆବର୍ଜନା ଫିଙ୍ଗୁଥିବା ଲୋକଙ୍କୁ ‘ନଈ ଆମର ମା’, ତା’ ଜଳକୁ ଅପରିଷ୍କାର କରନ୍ତୁ ନାହିଁ ବୋଲି ବୁଝାଇଥିଲେ। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରରେ ପରିଷଦର ସଦସ୍ୟମାନଙ୍କ ସହ ସ୍ଥାନୀୟ ଅଞ୍ଚଳର ଶତାଧିକ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ପରିଷଦର ସଭାପତି ବୃନ୍ଦାବନ ସାହୁ, ଉପସଭାପତି ଅକ୍ଷୟ ସ୍ୱାଇଁ, ସମ୍ପାଦକ ଅରୁଣ ପୁରୋହିତ, ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ବରିଷ୍ଠ ସଦସ୍ୟ ପ୍ରଶାନ୍ତ ମିଶ୍ର, ସୁମନ୍ତ ସୁବୁଦ୍ଧି, ଜିତେନ୍ଦ୍ର ଜେନା, ଶରତ ବିଶ୍ୱାଳ, ବୁଲେଟ୍ ମାନସିଂ, ସାମାଜିକକର୍ମୀ ବିଜନ ସାମନ୍ତରାୟ, ପ୍ରକାଶ ସାହୁ, ନିରଞ୍ଜନ ନାୟକ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟଟି ସୁସମ୍ପାଦିତ ହୋଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ‘କ୍ଲିନ୍‌ଅପ ଭୁବନେଶ୍ୱର’ ଓ ‘ଆଞ୍ଚଳିକ ବିକାଶ ପରିଷଦ’ ମିଳିତ ଭାବେ ଦୟାନଦୀରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିଆସୁଛନ୍ତି।

## ଜାତୀୟ ମୂଲ୍ୟବୋଧ ପ୍ରତିଯୋଗିତାରେ ଓଡିଏମ୍ ପବ୍ଲିକ ସ୍କୁଲର ସଫଳତା

ଭୁବନେଶ୍ୱର, ୨୫।୬(ସମିସ): ଭଗବଦ୍‌ଗୀତା ଆଧାରିତ ଭାରତର ସର୍ବବୃହତ ମୂଲ୍ୟବୋଧ ଶିକ୍ଷା ପ୍ରତିଯୋଗିତାରେ ଓଡିଏମ୍ ପବ୍ଲିକ ସ୍କୁଲ, ଶିଶୁବିହାର ସଫଳତା ହାସଲ କରିଛି। ଆନ୍ତର୍ଜାତୀୟ କୃଷ୍ଣ ଭାବନାମୃତ ସଂଘ ପକ୍ଷରୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା, ବେଙ୍ଗାଲୁରୁ ଏବଂ ଆଇଆଇଟି ଦିଲ୍ଲୀର ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡିଏମ୍ ପବ୍ଲିକ ସ୍କୁଲରୁ ସର୍ବାଧିକ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୂଲ୍ୟବୋଧ ଶିକ୍ଷା ପ୍ରତି ସ୍କୁଲର ନିଷ୍ଠା ଏବଂ ଉତ୍କୃଷ୍ଟ ଅଂଶଗ୍ରହଣ ପାଇଁ ବିଦ୍ୟାଳୟର ଅଧ୍ୟକ୍ଷା ଡ଼. ସନ୍ଧ୍ୟାରାଣୀ ସ୍ୱାଇଁଙ୍କୁ ସ୍ୱତନ୍ତ୍ର ସ୍ମାରକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ରାଜ୍ୟସ୍ତରରେ ଚତୁର୍ଥ ଶ୍ରେଣୀର ଛାତ୍ର ରିସନ୍ଥ ମହାନ୍ତି ଜୁନିୟର ବର୍ଗରେ ଏବଂ ନବମ ଶ୍ରେଣୀର ଛାତ୍ରୀ ସାଇ ପ୍ରତିକ୍ଷା ସିନିୟର ବର୍ଗରେ ସମଗ୍ର ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଉଭୟ ବିଜେତାଙ୍କୁ ସେମାନଙ୍କ ଅସାଧାରଣ ପ୍ରଦର୍ଶନ ପାଇଁ ଟ୍ୟାବଲେଟ୍ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡା. ସତ୍ୟବ୍ରତ ମୀନକେତନଙ୍କ ସହ ଭୁବନେଶ୍ୱର ଇସ୍କନ ସୋସାଇଟିର ସଭାପତି ଶ୍ରୀପାଦ ସତପତି ଦାସ, ପ୍ରିନ୍ସିପାଲ ଡ଼. ସନ୍ଧ୍ୟାରାଣୀ ସ୍ୱାଇଁ ଓ ସିନିୟର୍ ପ୍ରିନ୍ସିପାଲ ଡ଼. ରାଜେଶ ପାଢ଼ୀ ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରି ସେମାନଙ୍କ ନିଷ୍ଠା, ଶୃଙ୍ଖଳା ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରତି ଆଗ୍ରହକୁ ପ୍ରଶଂସା କରିଥିଲେ।



## ସଡ଼କ ସୁରକ୍ଷା ସଚେତନତା କ୍ଷୁଦ୍ର ଚଳଚ୍ଚିତ୍ର ‘ସମୟ’ ଉନ୍ମୋଚିତ



ଭୁବନେଶ୍ୱର, ୨୫।୬(ସମିସ):ମାଷ୍ଟର ଗିରିଜା ମେମୋରିଆଲ (ଏମଜିଏମ୍) ରୋଡ ସେଫ୍ଟି ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ନିର୍ମିତ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର ‘ସମୟ’ ସ୍ଥାନୀୟ ରୋଟାରୀ ଭବନଠାରେ ଉନ୍ମୋଚିତ ହୋଇଯାଇଛି। ନିର୍ଦ୍ଦେଶକ ଆର୍ଯ୍ୟନ ରାୟଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ସମାଜରେ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି କରିବା ଏବଂ ଜୀବନର ମୂଲ୍ୟବୋଧକୁ ଉପଲବ୍ଧି କରାଇବା ଉଦ୍ଦେଶ୍ୟରେ ନିର୍ମିତ ଏହି ଚଳଚ୍ଚିତ୍ର ମାଧ୍ୟମରେ ସଡ଼କ ସୁରକ୍ଷା ପ୍ରତି ସମାଜକୁ ସଚେତନ କରିବା ଦିଗରେ ଏକ ସାମାଜିକ ବାର୍ତ୍ତା ପ୍ରଦାନ କରାଯାଇଛି। ଯାହାକି ଦୁର୍ଘଟଣା ରୋକିବା ନିମନ୍ତେ ଯୁବ ସମାଜକୁ ପ୍ରେରଣା ଯୋଗାଇବ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଚଳଚ୍ଚିତ୍ରର ପ୍ରଯୋଜିକା ତଥା ଏମଜିଏମ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଅମୀୟବାଳା ପରିଡ଼ା ଯୋଗଦେଇ କହିଛନ୍ତି ସ୍ୱର୍ଗତ ମାଷ୍ଟର ଗିରିଜାଙ୍କ ସ୍ମୃତିରେ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଏହା ମାଧ୍ୟମରେ ସଡ଼କ ଦୁର୍ଘଟଣା ସମ୍ପର୍କରେ ଏକ ସଶକ୍ତ ସାମାଜିକ ବାର୍ତ୍ତା ପ୍ରଦାନ କରିବାର ପ୍ରୟାସ କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଚେୟାରମ୍ୟାନ ଗୌରକିଶୋର ପରିଡ଼ା, ବରିଷ୍ଠ ସାମ୍ବାଦିକ ରାମଜୀବନ ଗେଚ୍ଛାୟତ, ସମାଜସେବୀ ଶୁଭଶ୍ରୀ ଦାସ, ରୋଟାରିଆନ ସବିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସତ୍ୟଜିତ୍, ସମ୍ବିତ୍, ରାଜ୍, ଓମ୍ ଓ ଶୁଭମ୍ ପ୍ରମୁଖ ସହଯୋଗ କରିଥିବା ବେଳେ ଟ୍ରଷ୍ଟି ସାଗର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଡାକ୍ତର ଇନ୍ଦ୍ରମଣି ଜେନାଙ୍କ ପ୍ରୟାସରେ ବୀଜରୋପଣ



ଭୁବନେଶ୍ୱର, ୨୫।୬(ସମିସ): ଡାକ୍ତର ଇନ୍ଦ୍ରମଣି ଜେନାଙ୍କ ଆହ୍ୱାନ କ୍ରମେ ହିଲସାଇଡ ନର୍ସିଂ ହୋମର କିଛି କର୍ମଚାରୀଙ୍କ ସହିତ ମିଳିତ ଭାବରେ ହଜାର ହଜାର ବିଭିନ୍ନ ପ୍ରକାରର ମଞ୍ଜି ଓ ଆମ୍ବଟାକୁଆ ଖଣ୍ଡଗିରି ପାହାଡର ମା ବାରଭୁଜିଙ୍କଠାରୁ ଆକାଶ ଗଙ୍ଗାର ସର୍ବୋଚ୍ଚ ଶିଖରରେ ଥିବାପଡ଼ିଆମାନଙ୍କରେପୋତାଯାଇଛି। ଏହାସହିତବିଭିନ୍ନପଡ଼ିଆରେମଞ୍ଜିପକାଯାଇଛି। ଏହି ମଞ୍ଜି ପୋତିବା ଓ ଫୋପାଡିବା ପାଇଁ ଡାକ୍ତର ଇନ୍ଦ୍ରମଣି ଜେନାଙ୍କ ପ୍ରଥମ ପ୍ରୟାସ ହୋଇଛି। ୧୫ ଦିନପରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ହେବ ଏବଂ ବର୍ଷା ଦିନରେ ପୁଣି ବୃକ୍ଷ ରୋପଣ ପାଇଁ ସୂଚନା ଦିଆଯାଇଛି। ଖଣ୍ଡଗିରି ସବୁଜିମା ଏବଂ ସେଠାରେ ରହୁଥିବା ପଶୁପକ୍ଷୀ, ତଥା ମାଙ୍କଡ଼ମାନଙ୍କର ଖାଦ୍ୟର ଅଭାବ ନହେଉ ଏହି ଉଦ୍ଦେଶ୍ୟରେ ବୃକ୍ଷରୋପଣ ଏବଂ ମଞ୍ଜି ସିଞ୍ଚନ ହୋଇଥିଲା। ସେହିପରି ଦୁଇ ବର୍ଷତଳେ କୁମ୍ଭ ମେଳାରେ ବାରଭୁଜୀଙ୍କ ସମ୍ମୁଖରେ ଅନେକ ସାଧୁସନ୍ଥମାନଙ୍କ ସହିତ ଗୋଟିଏ ରୁଦ୍ରାକ୍ଷ ଗଛ ରୋପଣ କରାଯାଇଥିଲା, ଯାହା ଆଜି ବି ସେଠାରେ ରହିଛି।

## ରଥଯାତ୍ରାରେ ୪୦ହଜାର ଅନ୍ନ ପ୍ରସାଦ ବାଣ୍ଟିବ ମିନିଟ୍ରକ୍ ସଂଘ

ଭୁବନେଶ୍ୱର, ୨୫।୬ (ସମିସ): ମଞ୍ଚେଶ୍ୱର ସ୍ଥିତି ନିଖିଳ ଓଡ଼ିଶା ମିନିଟ୍ରକ୍ ମାଲିକ ମହାସଂଘ ପକ୍ଷରୁ ରଥଯାତ୍ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର କର୍ମକର୍ତ୍ତାମାନେ ଚଳିତ ବର୍ଷ ରଥଯାତ୍ରାରେ ୪୦ରୁ ଉର୍ଦ୍ଧ୍ୱ ଅନ୍ନ ପ୍ରସାଦ ବଣ୍ଟନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏଥିରେ ସଂଘ ସଭାପତି ଗଣେଶ ମାହାରୀ, ସମ୍ପାଦକ ରୂପେଶ ପାଣିଗ୍ରାହୀ, କାର୍ଯ୍ୟାକାରୀ ସଭାପତି ରାଜେଶ କୁମାର ସ୍ୱାଇଁ, ଉପ ସଭାପତି ଚିନ୍ମୟ ଦେବତା, କୋଷାଧ୍ୟକ୍ଷ ଶ୍ରୀକାନ୍ତ ଜେନା, କଟକ ଜୋନ୍ ଅଧ୍ୟକ୍ଷ ନିରଞ୍ଜନ ମହାରଣା, ରଥ ପରିଚାଳନା କମିଟିର ମୁଖ୍ୟ ଅଧ୍ୟକ୍ଷ ସୁଶାନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ।

### ପୌର ଚିକିତ୍ସାଳୟର ଦୁରବସ୍ଥା ପ୍ରତିବାଦ

## ଭୀମେଶ୍ୱର ଉଦ୍ୟାନରେ ଧାରଣା



ଭୁବନେଶ୍ୱର, ୨୫।୬(ସମିସ): ପୌର ଚିକିତ୍ସାଳୟର ଦୁରବସ୍ଥା, ଡାକ୍ତର ଓ କର୍ମଚାରୀ ଅଭାବ, ବିଭିନ୍ନ ବିଭାଗ ବନ୍ଦ ହେବା ସହ ରୋଗୀସେବା ବ୍ୟବସ୍ଥାର ଅବନତି ପ୍ରତିବାଦରେ ଭୀମେଶ୍ୱର ଉଦ୍ୟାନରେ ସେବା ପ୍ରତିନିଧିମାନଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଅନୁଷ୍ଠିତ ହୋଇଯାଇଛି। ସେବା ପ୍ରତିନିଧିଙ୍କ ମୁଖ୍ୟ ସଂଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ଧାରଣାରେ ବିଭିନ୍ନ ବିଭାଗରୁ ଅବସରପ୍ରାପ୍ତ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଧାରଣାକାରୀମାନଙ୍କ ଅଭିଯୋଗ ଅନୁଯାୟୀ ୨୦୧୫ ମସିହାରୁ ପୌର ଚିକିତ୍ସାଳୟ ତାହାର ପୂର୍ବ ମାନ୍ୟତା ହରାଇଛି। ଆରଟିଆଇ ତଥ୍ୟ ଅନୁସାରେ ୪୧ ଜଣ ଡାକ୍ତରଙ୍କ ମଧ୍ୟରୁ ୨୨ ଜଣ ପଦୋନ୍ନତି ପାଇ ଅନ୍ୟତ୍ର ଯାଇଥିଲେ ମଧ୍ୟ ସେମାନଙ୍କ ସ୍ଥାନ ପୂରଣ କରାଯାଇନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମୟରେ ହୃଦରୋଗ ବିଭାଗ ଗୃହ ନିର୍ମାଣ କରାଯାଇଥିବା ବେଳେ ବର୍ତ୍ତମାନ ମଳ, ମୂତ୍ର, ଆଖି ଓ ଗଳା ପରୀକ୍ଷା କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଆଜିର ଧାରଣାରେ ବଳଭଦ୍ର ଲେଙ୍କା, ବୈଧର ପତ୍ର, ସୁରେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ‘ପରମ୍ପରା ମହୋତ୍ସବ’ରେ ଶ୍ରୀ ପୁରସ୍କାର ପ୍ରଦାନ



ଭୁବନେଶ୍ୱର, ୨୫।୬(ସମିସ): ପରିଚୟ ଫାଉଣ୍ଡେସନ୍ ପକ୍ଷରୁ ପିତୃଦିବସ ଅବସରରେ ‘ପରମ୍ପରା ମହୋତ୍ସବ ୨୦୨୬’ର ଦ୍ୱାଦଶ ସଂସ୍କରଣ ଏବଂ ‘୧୧ତମ ଶ୍ରୀ ପୁରସ୍କାର ସମାରୋହ’ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରତିଭା ପ୍ରହଲ୍ଲାଦ, ପଦ୍ମଶ୍ରୀ ରୁଟଗର କୋର୍ଟନହୋର୍ଷ୍ଟ, ସୁନୀଲ ସୋନି ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ସନ୍ଧ୍ୟା ଷ୍ଟାରଲାଇଟ୍ ମ୍ୟୁଜିକ ପକ୍ଷରୁ ସନ୍ତୋଷ ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ପ୍ରେମାନନ୍ଦ ସାହୁ ଓଡ଼ିଶୀ ନୃତ୍ୟ, କୋଲକାତାର ଅଭିରୂପ ସେନଗୁପ୍ତ ଏବଂ ତାଙ୍କ ଦଳ ଦ୍ୱାରା ଭକ୍ତିପୂର୍ଣ୍ଣ ବନ୍ଦନା ପରିବେଷଣ କରାଯାଇଥିଲା। ଏହି ଉପଲକ୍ଷେ ଫାଉଣ୍ଡେସନ୍ ର ପ୍ରତିଷ୍ଠାତା ସଭାପତି ଡ. ରୋଜାଲିନ୍ ପାଟ୍ଟଶାଣୀ ମିଶ୍ରଙ୍କ ଦ୍ୱାରା ‘ଓଡ଼ିଶା ଆମ ପରିବାର’ ଶୁଭାରମ୍ଭ ହୋଇଥିଲା। ଏହାସହ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ସାରା ଦେଶରୁ ୧୮ଙ୍କୁ ‘ଶ୍ରୀ ପୁରସ୍କାର’ ସମ୍ମାନ ପ୍ରଦାନ କରାଯାଇଥିଲା।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ଡିଜି ଅଫିସ୍ ଆଗରେ ବିକ୍ଷୋଭ

ଭୁବନେଶ୍ୱର, ୨୫।୬(ସମିସ)

ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ବଢୁଥିବା ଅପରାଧ, ଭିଡ଼ ହିଂସା, ସାମ୍ପ୍ରଦାୟିକ ଉତ୍ତେଜନା, ମହିଳା ଓ ଶିଶୁଙ୍କ ପ୍ରତି ଅତ୍ୟାଚାର, ସାଇବର ଅପରାଧ ଏବଂ ମାଫିଆରାଜ୍ ବିରୋଧରେ କଠୋର ପଦକ୍ଷେପ ଦାବି କରି ଗୁରୁବାର ସିପିଆଇ(ଏମ୍)ର ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକ(ଡିଜି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳୀୟ କର୍ମୀମାନେ ମାତାମଠରୁ ଏକ ଶୋଭାଯାତ୍ରାରେ ବାହାରି ଡିଜି ଅଫିସ୍ ପର୍ଯ୍ୟନ୍ତ ଯାଇଥିଲେ। ପରେ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ କୁହାଯାଇଛି ଯେ ଗତ ଦୁଇ ବର୍ଷ ଧରି ରାଜ୍ୟରେ ଅପରାଧ ବୃଦ୍ଧି ପାଇବା ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ଅସୁରକ୍ଷାର ଭାବନା ସୃଷ୍ଟି ହୋଇଛି। ଅପରାଧୀ, ଗୁଣ୍ଡା, ମାଫିଆ ଓ ସାମ୍ପ୍ରଦାୟିକ ଶକ୍ତିମାନେ ସକ୍ରିୟ ହେଉଥିବାବେଳେ ପୁଲିସ ପ୍ରଶାସନ ଅନେକ କ୍ଷେତ୍ରରେ ନିଷ୍କ୍ରିୟ ଓ ପ୍ରଭାବହୀନ ଥିବା ଅଭିଯୋଗ କରାଯାଇଛି। ଦଳ ପକ୍ଷରୁ ବାଲିଅନ୍ତାରେ ଜିଆର୍‌ପି କନେଷ୍ଟବଳଙ୍କ ହତ୍ୟା, କଲ୍ୟାଣସିଂପୁରରେ ଦୁଇ ଗବେଷକଙ୍କ ଉପରେ ଆକ୍ରମଣ ଏବଂ ଜଣେ ଯୁବତୀଙ୍କୁ ଅପମାନିତ କରାଯାଇଥିବା ଘଟଣାକୁ ଆଇନ ଶୃଙ୍ଖଳା ପରିସ୍ଥିତିର ଅତ୍ୟାନ୍ତ ଭୟଙ୍କର ରୂପକୁ ଦର୍ଶାଉଛି। ସିପିଆଇ(ଏମ୍) ଆହୁରି ଦାବି କରିଛି ଯେ ରାଜ୍ୟବ୍ୟାପୀ ଅପରାଧ ଓ ମାଫିଆରାଜ୍ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଉ, ଭିଡ଼ ହିଂସା ମାମଲାର ଫାଷ୍ଟ ଟ୍ରାକ୍ ତଦନ୍ତ କରାଯାଉ, ସାମ୍ପ୍ରଦାୟିକ ହିଂସା ଓ ଘୃଣା ପ୍ରଚାରକାରୀ ଶକ୍ତିଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯାଉ ଏବଂ ପୁଲିସ ବିଭାଗର ଖାଲି ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରାଯାଉ। ଏହି ଅବସରରେ ଆୟୋଜିତ ସଭାରେ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ବଦ୍ରି ନାରାୟଣ ଦାଶ ସଭାପତିତ୍ୱ କରିଥିଲେ। ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ନେତା ଜନାର୍ଦ୍ଦନ ପତିଙ୍କ ସମେତ ବିଭିନ୍ନ ଜିଲ୍ଲାର ନେତାମାନେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଶେଷରେ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଜନାର୍ଦ୍ଦନ ପତି, ବଦ୍ରି ନାରାୟଣ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାରଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ ଏବଂ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୁଧାରିବା ସହ ପୁଲିସର ନିରପେକ୍ଷ କାର୍ଯ୍ୟକଳାପ ସୁନିଶ୍ଚିତ କରିବାକୁ ଦାବି କରିଥିଲେ।



### ‘ସେତୁ ବନ୍ଧନ ଯୋଜନା’ରେ ମହାଘୋଟାଲା

# ଉଦ୍‌ଘାଟନ ପୂର୍ବରୁ ଫାଟିଲା ସେତୁର ସୁରକ୍ଷା ପ୍ରାଚୀର

ଦୋବଲ,୨୫।୬(ସମିସ): ବିକାଶ ନାଁରେ କିଭଳି ସରକାରୀ ଅର୍ଥର ହରିଲୁଟ୍ ଚାଲିଛି ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ଆଖି ସାମ୍ନାରେ କିପରି ଖୋଲାଖୋଲି ନିମ୍ନମାନର କାମ ହେଉଛି, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଧାମନଗର ବ୍ଲକ୍ ଖଡ଼ିପଦା ପଞ୍ଚାୟତରେ। ମୁଥାନଗର-ଖଡ଼ିପଦା ପଞ୍ଚାୟତ ଅଫିସ ରାସ୍ତାରେ ଭୋଳାନାଥ ବେହେରା ନାଳ ଉପରେ ନିର୍ମାଣାଧୀନ ସେତୁର କାର୍ଯ୍ୟ ଶେଷ ନ ହେଉଣୁ ଏହାର ଆପ୍ରୋଚ୍ ରୋଡ୍‌ର ଆବଟ୍‌ମେଣ୍ଟ ୱାଲ୍ ଭାଙ୍ଗି ଦୁଇ ଫାଳ ହୋଇଯାଇଛି। ସରକାରୀ କାର୍ଯ୍ୟାଦେଶ ଅନୁଯାୟୀ, ଏହି କାମ ପ୍ରାୟ ୧୫ ମାସ ପୂର୍ବରୁ ସରିବା କଥା, କିନ୍ତୁ ଏବେ ସୁଦ୍ଧା କାମ ଅଧପନ୍ତରିଆ ହୋଇ ପଡ଼ିଥିବାବେଳେ ଯେତିକି କାମ ହୋଇଛି ତାହା ମଧ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି ପ୍ରମାଣିତ ହୋଇଛି।

ରାଜ୍ୟ ସରକାରଙ୍କ ‘ସେତୁ ବନ୍ଧନ ଯୋଜନା’ ଅଧୀନରେ ୪ କୋଟି ୮୮ ଲକ୍ଷ ୩୩ ହଜାର ୩୮୪ ଟଙ୍କା ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ ହେଉଛି। ଏହି ସେତୁଟି ଖଡ଼ିପଦା ପଞ୍ଚାୟତ ଅଫିସ ସମେତ ବେଦପୁର, ମୁଥାନଗର ଏବଂ ବୈକୁଣ୍ଠି ଆଦି



ଗାଁକୁ ଯୋଡ଼ିବା ସହ ଦୋବଲ, ଧାମନଗର, ଭଦ୍ରକ ଏବଂ ଯାଜପୁର ଟାଉନକୁ ଯାତାୟାତ ପାଇଁ ଏକ ସୁବିଧାଜନକ ରାସ୍ତା ସୃଷ୍ଟି କରିବ। ଦୈନିକ ୫୦୦୦ରୁ ଅଧିକ ଲୋକ ନିର୍ଭର କରୁଥିବା ଏହି ସେତୁର ଅବସ୍ଥା ଏବେ ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ କରିଛି। ଗ୍ରାମ୍ୟ ନିର୍ମାଣ ବିଭାଜନ-୨, ଭଦ୍ରକର ଅଧୀକ୍ଷଣ ଯନ୍ତ୍ରୀଙ୍କ ତଦାରଖରେ ଏହି କାମ ହେଉଥିବାବେଳେ ସେମାନଙ୍କ ଦାୟିତ୍ୱହୀନତା ବର୍ତ୍ତମାନ ପଦାରେ ପଡ଼ିଛି। ପ୍ରକଳ୍ପ ନକ୍ସା ଅନୁଯାୟୀ, ୩୩.୭୧ ମିଟର ଲମ୍ବ ଏବଂ ୭.୫୦ ମିଟର ଚଉଡ଼ା ବିଶିଷ୍ଟ ଏହି ସେତୁ ନିର୍ମାଣରେ ଆର୍‌ସିସି ଏମ୍-୩୦ ଏବଂ ଏମ୍-୩୫ ଉଚ୍ଚ ଗ୍ରେଡ୍‌ର କଂକ୍ରିଟ୍ ମିକ୍ସ ବ୍ୟବହାର କରିବାକୁ ନିର୍ଦ୍ଦେଶ ରହିଛି। ହେଲେ କାନ୍ଥ ଫାଟିବାର ମୁଖ୍ୟ ବୈଷୟିକ କାରଣ ଖୋଜିଲେ ଠିକାଦାରଙ୍କ ଖାମଖିଆଲି ମନୋଭାବ ସାମ୍ନାକୁ ଆସୁଛି। ଆପ୍ରୋଚ୍ ରୋଡ୍ ନିର୍ମାଣବେଳେ ବାଲି ଫିଲିଂ ବଦଳରେ ଅର୍ଥ ବଞ୍ଚାଇବା ପାଇଁ ଠିକାଦାର କେବଳ ସାଧାରଣ ମାଟି ଭର୍ତ୍ତି କରିଦେଲେ। ମାଟିକୁ ସ୍ତର ସ୍ତର କରି ରୋଲିଂ ବା କମ୍ପାକ୍ସନ କରାଗଲାନାହିଁ। ବର୍ଷା ହେବା ଫଳରେ ଏହି ମାଟି ପାଣି ଶୋଷି ଓଜନଦାର ହେଲା ଏବଂ କାନ୍ଥ ଉପରେ ପ୍ରବଳ ପାର୍ଶ୍ୱବର୍ତ୍ତୀ ପକାଇଲା। କାନ୍ଥରେ ପାଣି ବାହାରିବା ପାଇଁ ଆବଶ୍ୟକୀୟ ୱିପ୍ ହୋଲ୍ ମଧ୍ୟ ନ ଥିବାରୁ, ଚାପ ସମ୍ଭାଳି ନ ପାରି ନିମ୍ନମାନର କଂକ୍ରିଟ୍‌ରେ ତିଆରି ଏହି କାନ୍ଥ ମୂଳ ଗଠନରୁ ଛିଣ୍ଡି ଆଡ଼େଇ ହୋଇଗଲା ବୋଲି କୁହାଯାଉଛି। ଏତେ ବଡ଼ ବୈଷୟିକ ତ୍ରୁଟି ଏବଂ ଖୋଲାଖୋଲି ଦୁର୍ନୀତି ହେଉଥିବାବେଳେ ବିଭାଗୀୟ ଦାୟିତ୍ୱପ୍ରାପ୍ତ ଯନ୍ତ୍ରୀମାନେ କିପରି ସବୁ ଜାଣିଶୁଣି ନଜର ଅନ୍ଦାଜ କଲେ, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିନା ଯାଞ୍ଚରେ ଠିକାଦାରଙ୍କୁ ବିଲ୍ କରାଇଦେବା ପାଇଁ ଏହା ଯନ୍ତ୍ରୀ ଓ ଠିକାଦାରଙ୍କ ଏକ

## ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରାରେ ପାଣିରେ ପଡ଼ିଲା କୋଟି କୋଟି ଟଙ୍କା

ମିଳିତ ଷଡ଼ଯନ୍ତ୍ର ବୋଲି ସାଧାରଣରେ ଅଭିଯୋଗ ହେଉଛି। ସାମାନ୍ୟ ମାଟି ଚାପରେ ଯଦି କାନ୍ଥ ଭାଙ୍ଗିଯାଉଛି, ତେବେ ପୋଲ ଉପରେ ଭାରୀଯାନ ଚାଲିଲେ ଲୋକଙ୍କ ଜୀବନ କେତେ ସୁରକ୍ଷିତ? ଏହି ଦୁର୍ନୀତିର ତୁରନ୍ତ ଏକ ଉଚ୍ଚସ୍ତରୀୟ ବୈଷୟିକ ତଦନ୍ତ କରାଯାଇ ଦୋଷୀ ଠିକାଦାର ଓ ନିରବଦ୍ରଷ୍ଟା ସାଜିଥିବା ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ଜୋର୍ ଧରିଛି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି ଯେ, ତଦନ୍ତ ପରେ ପଦକ୍ଷେପ ନିଆଯିବ।

### ■ ବର୍ଷେ ପୂରିଲା, କାମ ସରିଲାନି; ଚାଷୀଙ୍କ ଆଶା ଆଶାରେ ରହିଲା

# ୩ କୋଟିର ପ୍ରକଳ୍ପ; କେବଳ ଦୁଇ ଖମ୍ବରେ ସୀମିତ

ଅସୁରାଳି,୨୫।୬(ସମିସ): ସରକାରୀ ଅବହେଳା ଓ ବିଭାଗୀୟ ମାନ୍ଦାବସ୍ଥା ଯୋଗୁଁ ଭଦ୍ରକ ଜିଲ୍ଲା କୋଠାର ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପ ଅଧପନ୍ତରିଆ ହୋଇ ପଡ଼ିରହିଛି। କାଞ୍ଚି ନଦୀର ବାମପାର୍ଶ୍ୱ ବ୍ରାହ୍ମଣପାଳଠାରେ ଜଳପ୍ରବାହ ନିୟନ୍ତ୍ରଣକାରୀ ଫାଟକ ନିର୍ମାଣ ପାଇଁ ବର୍ଷେ ପୂର୍ବରୁ ଶୁଭ ଦିଆଯାଇଥିଲେ ମଧ୍ୟ କାର୍ଯ୍ୟ ଏବେ ବି ପ୍ରାଥମିକ ପର୍ଯ୍ୟାୟରେ ଅଟକି ରହିଛି। ଫଳରେ ସ୍ଥାନୀୟ ଉତସାହି ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କାମ ତୁରନ୍ତ ଶେଷ ନ ହେଲେ ଚାଷୀମାନେ ରାଜପଥକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ, ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୩ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଗତ ୨୦୨୫ ମେ' ୨ରେ ଧାମନଗର ବିଧାୟକ



ସୂର୍ଯ୍ୟବଂଶୀ ସୂରଜ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସ୍ଥାନୀୟ କୃଷକମାନେ ଆଶା କରିଥିଲେ ଯେ ଚଳିତ ବର୍ଷ ବର୍ଷାଋତୁ ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ମାତ୍ର ବର୍ଷେ ବିତିଯାଇଥିଲେ ବି କାର୍ଯ୍ୟ କେବଳ ‘ବୋରିଂ’ ମଧ୍ୟରେ ସୀମିତ ହୋଇ ରହିଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଚାଷୀ ଉପକୃତ ହୋଇଥା’ନ୍ତେ। ଉପକୃତ ହେବାକୁ ଥିବା ପ୍ରମୁଖ ଅଞ୍ଚଳ ଉତସାହି, ଧୂଷୁରୀ, ବମକୁରା, ସାହସପୁର, କୋଠାର, ନଦୀଗାଁ। ପ୍ରକଳ୍ପ ଅଧପନ୍ତରିଆ ଥିବାରୁ ବର୍ଷାଋତୁରେ ନଦୀର ବଳକା ପାଣି ଜମି ମଧ୍ୟକୁ ପଶିଯାଇ ଉଦ୍‌ବୃତ ଚାଷଜମି ନଷ୍ଟ କରିବା ଆଶଙ୍କା ଚାଷୀଙ୍କୁ ଘାରିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ, ସେ କାର୍ଯ୍ୟ ଅବଧି ସରିଯାଇଥିବା ସ୍ୱୀକାର କରିଛନ୍ତି। ସେ କହିଛନ୍ତି, କାର୍ଯ୍ୟ ଶେଷ କରିବା ପାଇଁ ଏକ୍ସଟେନ୍‌ସନ୍ ଆପ୍ଲିକେସନ ଦାଖଲ କରାଯାଇଛି। ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ବର୍ଷକ ଭିତରେ ହୋଇପାରି ନ ଥିବା ପ୍ରକଳ୍ପ କେମିତି ଅଳ୍ପଦିନ ଭିତରେ ସରିବ, ସେ ନେଇ ଚାଷୀକୂଳ ପ୍ରଶ୍ନ ଉଠାଇବା ସହ ତୁରନ୍ତ ପ୍ରକଳ୍ପ ଶେଷ କରିବାକୁ ଜୋରଦାର୍ ଦାବି କରିଛନ୍ତି।

## ଗାଁରେ ଚୋରି ଆତଙ୍କ; ପାଳିକରି ଜଗୁଛନ୍ତି ଗ୍ରାମବାସୀ

ବାରିକପୁର,୨୫।୬(ସମିସ): ଭଣ୍ଡାରିପୋଖରୀ ଥାନା ବାଲିପୋଖରୀ ପଞ୍ଚାୟତ ଜଗନ୍ନାଥ ପ୍ରସାଦ ଗ୍ରାମରେ କିଛିଦିନ ହେବ ଚୋରି ଆତଙ୍କ ଦେଖାଯାଇଛି। ପ୍ରାୟ ଏକମାସ ପୂର୍ବରୁ ଗ୍ରାମର ପ୍ରଭାତ ବେହେରାଙ୍କ ଘରୁ ଚୋରମାନେ କଳାକନା ବୁଲାଇ ଦେଇଥିଲେ। ବିଳମ୍ବିତ ରାତିରେ ଘରର କବାଟ, ଝରକା ଭାଙ୍ଗି ଡକାୟତ ଦଳ ସୁନା ଗହଣା ସମେତ ନଗଦ ଟଙ୍କା ଲୁଟି ନେଇଥିଲେ। ଏନେଇ ପୁଲିସ ତଦନ୍ତ ଜାରି ରହିଥିଲେ ମଧ୍ୟ ଏଯାଏଁ ଚୋରି କିମ୍ବା ଚୋରମାନଙ୍କ ସମ୍ପର୍କରେ କିଛି ଜଣାପଡ଼ିନାହିଁ। ଏହାରି ଭିତରେ ପ୍ରାୟତଃ ଦୈନିକ ରାତି ୧୨ଟାରୁ ୩ଟା ମଧ୍ୟରେ ଚୋର ଦଳ ଗାଁକୁ ଆସୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଜଣଙ୍କ ଘରୁ ଲୁଟ୍ ପରେ ପରବର୍ତ୍ତୀ ସମୟରେ ପାଖାପାଖି ତିନି ଚାରି ଜଣଙ୍କ ଘରୁ ଚୋରି ପାଇଁ ଉଦ୍ୟମ କରି ଡକାୟତ ଦଳ ଫେଲ୍ ମାରିଛନ୍ତି। କେତେଜଣ ଗ୍ରାମବାସୀ ଚୋରଙ୍କୁ ଧରିବା ପାଇଁ ଉଦ୍ୟମ କରିଥିଲେ ସୁଦ୍ଧା କୌଶଳ କ୍ରମେ ସେମାନେ ଖସି ଯାଇଥିଲେ। ଏବେ ବିଳମ୍ବିତ ରାତି ହେଲେ ଗାଁରେ ଚୋରମାନଙ୍କ ଆତଙ୍କ ଖେଳିଯାଉଛି। ଗ୍ରାମବାସୀମାନେ ଧନଜୀବନ ରକ୍ଷା ପାଇଁ ବାଧ୍ୟ ହୋଇ ପାଳିକରି ଚୋର ଜଗୁଛନ୍ତି। ପୂର୍ବରୁ କେବେ ବି ଗାଁରେ ଏଭଳି ଘଟି ନ ଥିବାବେଳେ ଏଇ କିଛି ମାସ ହେବ ଚୋର ଆତଙ୍କ ଯୋଗୁଁ ସମଗ୍ର ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି।

## ରମାପଦ ରଣାଙ୍କୁ ‘କବି ରତ୍ନ’ ସମ୍ମାନ



ଅସୁରାଳି,୨୫।୬(ସମିସ): ବିଶ୍ୱ ଯୋଗ ଦିବସ, ବିଶ୍ୱ ପିତୃ ଦିବସ ତଥା ବିଶ୍ୱ ମ୍ୟୁଜିକ୍ ଦିବସ ଅବସରରେ ଜିଲ୍ଲା ସଂସ୍କୃତି ଭବନରେ ସାଭ୍ ଫିଲ୍ମ ଷ୍ଟୁଡିଓ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବରେ ସାଧାରଣ ସଭା ଓ କବିତାପାଠ ଉତ୍ସବ ପାଳିତ ହୋଇଥିଲା। ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଯୋଜକ ସୁବୋଧ ଜେନା କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିବାବେଳେ ଭଦ୍ରକର ଲୋକପ୍ରିୟ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ବ୍ୟକ୍ତି ନିରୋଗ ରହିବା ସହିତ ସଦା ଚଳଚଞ୍ଚଳ ରହିଥାଏ। ପୌରାଧ୍ୟକ୍ଷା ଗୁଲ୍‌ମକି ହବିବ ବରେଣ୍ୟ ଅତିଥି, ଇଂ ଅଭୟ ସୂତାର ମୁଖ୍ୟବକ୍ତା, ଡ. ଅନୀଲ କୁମାର ଦାଶ ସ୍ୱତନ୍ତ୍ର ଅତିଥି ଏବଂ ରଶ୍ମିତା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଧୂଷୁରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଦର୍ଶ ପ୍ରଧାନଆଚାର୍ଯ୍ୟ କବି ରମାପଦ ରଣାଙ୍କୁ ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ “କବି ରତ୍ନ’ ସମ୍ମାନରେ ସମ୍ମାନିତ କରାଯାଇଥିଲା ବେଳେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୧ ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାୟ ୧୦୦ରୁ ଅଧିକ କବି ଓ କବୟିତ୍ରୀ ସ୍ୱରଚିତ କବିତାପାଠ କରିଥିବାବେଳେ ଅଧାପିକା ଉଷାରାଣୀ ଜେନା ଏବଂ ଆଦର୍ଶ ଶିକ୍ଷୟିତ୍ରୀ ସାବିତ୍ରୀ ସେଠୀ କବିତାଗୁଡ଼ିକୁ କାବ୍ୟିକ କୌଶଳରେ ସଂଯୋଜନା କରିଥିଲେ। ରଶ୍ମିତା ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଯୋଜକ ସୁବୋଧ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଏକାଦଶାହ କ୍ରିୟା ସ୍ମୃତିଚାରଣ ସଭା

ବନ୍ତ/ଆଗରପଡ଼ା,୨୫।୬(ସମିସ): ବନ୍ତ ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତର ଅନୁଷ୍ଠାନ ପ୍ରେମୀ, ପରୋପକାରୀ ତଥା ବିଶିଷ୍ଟ ସମାଜସେବୀ ସୁର ବାବାଙ୍କ ଏକାଦଶାହ କ୍ରିୟା ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପକ ସିଦ୍ଧେଶ୍ୱର ସାହୁଙ୍କ ମଞ୍ଚ ସଞ୍ଚାଳନରେ ରାମପୁର ସରପଞ୍ଚ ଗିରିଧାରୀ ସାହୁ, ରାମକୃଷ୍ଣପୁର ସରପଞ୍ଚ ହିରେନ୍ଦ୍ର ଖିଲାର, ଶିକ୍ଷାବିତ୍ ପଦ୍ମନାଭ ବିନ୍ଧାଣି, ଜଗନ୍ନାଥ ନାୟକ, ପ୍ରବଚକ ଖଗେଶ୍ୱର ପଣ୍ଡା, ଶତ୍ରୁଘନ ଖିଲାର, ମନୋରଞ୍ଜନ ମହାନ୍ତି, ମନୋଜ ବିଶ୍ୱାଳ, ନବ କିଶୋର ବଳ ସମେତ ବହୁ ସଂଖ୍ୟକ ଶୁଭେଚ୍ଛୁ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଯୋଗଦେଇ ସ୍ୱର୍ଗତ ସୁର ବାବାଙ୍କ ନିଷ୍ଠାପର ସମାଜସେବା, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟ ପ୍ରତି ତାଙ୍କର ଅବଦାନ ଏବଂ ମାନବିକ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଜୀବନବ୍ୟାପୀ ଲୋକଙ୍କ ସୁଖଦୁଃଖରେ ସାମିଲ୍ ହୋଇ ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିଥିବାରୁ ସମସ୍ତଙ୍କ ହୃଦୟରେ ଅମର ହୋଇ ରହିବେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସ୍ମୃତିଚାରଣ ସଭା ଆରମ୍ଭରେ ଦିବଂଗତ ସୁର ବାବାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସମୂହ ପ୍ରାର୍ଥନା କରାଯାଇଥିଲା। ଶେଷରେ ପରିବାର ପକ୍ଷରୁ ଉପସ୍ଥିତ ସମସ୍ତଙ୍କୁ କୃତଜ୍ଞତା ଜଣାଯାଇଥିଲା। ସୁର ବାବାଙ୍କ ବିୟୋଗ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



ଧର୍ମଶାଳା,୨୫।୬(ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ହେବାକୁଥିବା ପ୍ରକଳ୍ପ ଗୁଡ଼ିକର ଧର୍ମଶାଳା ବିଧାୟକଙ୍କ ଦ୍ୱାରା ମାରାଥନ ଶିଳାନ୍ୟାସ କରାଯାଇଛି। ଗତ ୧୧ ତାରିଖଠାରୁ ଅଦ୍ୟାବଧି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିବା ବେଳେ ଆଜି କୁମାରୀ ପଞ୍ଚାୟତ ଆର୍‌ଡି ରାସ୍ତାଠାରୁ ଜାମୁବଣିଆ ପର୍ଯ୍ୟନ୍ତ ୨କୋଟି ୭୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ରାସ୍ତାର ପ୍ରଶସ୍ତୀକରଣ ଓ ନବୀକରଣ ପାଇଁ ଆଜି ଶିଳାନ୍ୟାସ କରାଯାଇଛି। ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରଜେଶ୍ୱରୀ ଭୋଳ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିଥିଲେ। ବିଧାୟକଙ୍କ ସହିତ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ସାହୁ,ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର,ଜିଲ୍ଲାପରିଷଦ ସଦସ୍ୟା ସ୍ମୃତିରେଖା ବେହେରା, ବିଜେପି ଜୋନ ସଭାପତି ଶିବୁଲି ଧୀର, ଦେବଦତ ପଣ୍ଡା, ଜିତେନ୍ଦ୍ର ରାଉତ, ପ୍ରଭାରୀ ରାଜେଶ ପାଳ, ଅଭିଷେକ ରାଉତ, ବିଶ୍ୱଜିତ ପୃଷ୍ଟି, ଆତ୍ମାର ଅଧ୍ୟକ୍ଷ ଉପେନ୍ଦ୍ର କୁମାର କର, ଜାରକା ସରପଂଚ ସୁଦାମ ବେହେରା,ବିଜେପି ନେତା ତପନ ମାହୁନ୍ତ, ଆଲୋକ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ହଜାର ହଜାର ସଂଖ୍ୟାରେ ବିଜେପି ମହିଳା ଓ ପୁରୁଷ କର୍ମୀ ସେଠାରେ ଉପସ୍ଥିତ ରହି ବିଧାୟକ ଶ୍ରୀ ସାହୁଙ୍କୁ ଏକ ଖୋଲା ଜିପରେ ବସାଇ ବାଜା, ବାଣ ସହ ଶୋଭାଯାତ୍ରାରେ ଶିଳାନ୍ୟାସ ସ୍ଥଳକୁ ପାଛୋଟି ନେଇଥିଲେ।

# ନିଲୋକରେ ଗ୍ରାମ ପଞ୍ଚାୟତସ୍ତରୀୟ ସମ୍ମିଳନୀ

ବନ୍ତ/ଆଗରପଡ଼ା,୨୫।୬(ସମିସ): ବନ୍ତ ବ୍ଲକ୍ ନିଲୋକ ପଞ୍ଚାୟତରେ ଗ୍ରାମ ପଞ୍ଚାୟତସ୍ତରୀୟ ସମ୍ମିଳନୀ କାର୍ଯ୍ୟକ୍ରମ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଜିଆର୍‌ଏସ୍ ହରିହର ପୂର୍ତ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଜନୀ ସେଠୀ ସଭାପତିତ୍ୱ କରିଥିଲେ। ସମିତିସଭ୍ୟ ଉଦ୍ଧବ ଚରଣ ସେଠୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ଦାସ, ନାଏବ ସରପଞ୍ଚ ନିଧିରାମ ଜେନା, ରବୀନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଫଳରେ ଏହା ରାଜ୍ୟର ଖାଦ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ। ଯୋଗ୍ୟ ହିତାଧିକାରୀମାନଙ୍କୁ ନୂତନ କାର୍ଡ ବଣ୍ଟନ କରାଯାଇଥିଲା। ତୃତୀୟ ଦିବସରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ସୁନିଲ ବାରିକ୍ ଉପସ୍ଥିତ ରହି ସୋଲାର ସୂର୍ଯ୍ୟଘର ଯୋଜନା ବିଷୟରେ ପଞ୍ଚାୟତରେ ଅବଗତ କରାଯାଇଥିଲା। ଅହଲ୍ୟା ଶଙ୍ଖୁଆ, ଲୁଭା ଜେନା,



ବିଷୟରେ ଓ ପ୍ରିୟଦର୍ଶିନୀ ସାହୁ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ସୁଭଦ୍ରା ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ଏହି ତିନିଦିନ କାର୍ଯ୍ୟକ୍ରମରେ ଆୟୁଷ୍ମାନ କାର୍ଡ, ଗୋପବନ୍ଧୁ ବାର୍ଦ୍ଧକ୍ୟ ଭତ୍ତା, ଆଧାର ସଂଶୋଧନ, ଲେବର କାର୍ଡ, ରାସନ କାର୍ଡ ସମେତ ସରକାରଙ୍କ ବିଭିନ୍ନ ସଞ୍ଜୟ ନାୟକ, ପ୍ରତିଭା ଜେନା, ପ୍ରମିଳା ଜେନା, ଆନୁସୟା ଜେନା, ରମେଶ ମୁଦୁଲି, ଅନନ୍ତ ରାଉତ୍, ପ୍ରଶାନ୍ତ ଦାସ, ଆଲୋକ ମିଶ୍ର, ରମେଶ ବାରିକ୍‌ଙ୍କ ସମେତ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ବିଭିନ୍ନ ବିଭାଗୀୟ କର୍ମଚାରୀ ଏବଂ ବହୁ ସଂଖ୍ୟକ ହିତାଧିକାରୀ ଉପସ୍ଥିତ ଥିଲେ।

### ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ମାହାଙ୍ଗା ପଡ଼ିଲା

## ୧୪ ଜଣଙ୍କ ନାମରେ ମାମଲା ରୁଜୁ

ଦାନଗଦୀ,୨୫।୬(ସମିସ): ଦାନଗଦୀ ବ୍ଲକ ଦେଉଳକଣ ପଞ୍ଚାୟତ କାର୍ଯ୍ୟାଳୟରେ ବେଦାନ୍ତ କମ୍ପାନୀକୁ ପଞ୍ଚାୟତର ଜନପ୍ରତିନିଧି ସମର୍ଥନ ଦେବା ପ୍ରତିବାଦରେ ସ୍ଥାନୀୟ ପ୍ରଭାବିତ ଗ୍ରାମର ମହିଳା ଓ ପୁରୁଷମାନେ ମେଳିକରି ପଞ୍ଚାୟତ କାର୍ଯ୍ୟାଳୟକୁ ବୁଧବାର ଅପରାହ୍ଣରେ ତାଲା ପକାଇ ଦେଇଥିଲେ। ଘଟଣା ପରେ ସ୍ଥାନୀୟ ସରପଞ୍ଚ ବିଜୟ କୁମାର ଯେନା ଟମକା ଥାନାରେ ଅଭିଯୋଗ କରିବାପରେ ପ୍ରଶାସନ ତତ୍ପରତା ଦେଖାଇ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ପରେ ପଞ୍ଚାୟତର ମୁଖ୍ୟ ଗେଟ୍‌ର ତାଲା ଖୋଲିଥିଲେ। ସରପଞ୍ଚଙ୍କ ଅଭିଯୋଗ କ୍ରମେ ୧୪ ଜଣଙ୍କ ନାମରେ ପୁଲିସ ତରଫରୁ ମାମଲା ରୁଜୁ ହୋଇଛି। ଗୁରୁବାର ପୂର୍ବାହ୍ଣରେ ସ୍ଥାନୀୟ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତିରେ ଥାନାରେ ପଞ୍ଚାନନ ଜେନାଙ୍କ ଜାମିନ୍‌ରେ ସମସ୍ତ ୧୪ଜଣ ଥାନାରୁ ଆସିଥିଲେ। ରାଜନୈତିକ ମନ୍ଦ ଉଦ୍ଦେଶ୍ୟ ରଖି କିଛି ବ୍ୟକ୍ତି ସଂପୃକ୍ତ ଘଟଣାରେ ନଥିଲେ ମଧ୍ୟ ତାଙ୍କ ନାମରେ ମିଛ ଅଭିଯୋଗ କରାଯାଇଛି। ସେଥିପାଇଁ ପଞ୍ଚାୟତରେ ଜନ ଅସନ୍ତୋଷ ବଢିବାରେ ଲାଗିଛି। ପଞ୍ଚାୟତରେ ଉନ୍ନତି ମୂଳକ କାର୍ଯ୍ୟ ସଠିକ୍ ନ କରି ବେଦାନ୍ତ ପ୍ରୀତି ପଞ୍ଚାୟତର ଜନପ୍ରତିନିଧି କ’ଣ ପାଇଁ ରହୁଛି ତାହା ସାଧାରଣରେ ଆଶ୍ଚର୍ଯ୍ୟ କରିଛି। ଆଗାମୀ ଦିନରେ କମ୍ପାନୀ କର୍ତୃପକ୍ଷ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ‘ବିକାଶ ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମ

ବାରିକପୁର,୨୫।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବିଷ୍ଣୁପୁର ପଞ୍ଚାୟତଠାରେ ‘ବିକାଶ ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅମୂଲ୍ୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ବିଦ୍ୟାଧର ସେଠୀ, ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ଖିଲାର, ପୂର୍ବତନ ସମିତିସଭ୍ୟ ସୁରେଶ ସାମଲ, ନାଏବ ସରପଞ୍ଚ ରେବତୀ ପଣ୍ଡା, ପଞ୍ଚାୟତ ମହିଳା ସଂଘ ସଭାନେତ୍ରୀ ଶକୁନ୍ତଳା ସାମଲ, ସୁଜାତା ଦାସ, ଏମ୍‌ବିକେ ମିନତୀ ପଣ୍ଡା, ସୁଭଦ୍ରା ପାତ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା, ଏସ୍‌ଏଚ୍‌ଜି ସଦସ୍ୟା, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି କର୍ମୀ, କୃଷି କର୍ମଚାରୀଙ୍କ ସମେତ ଜନସାଧାରଣ ଯୋଗଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ସରସଦାଠାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁରୂପ ଭାବେ ରାମଚନ୍ଦ୍ରପୁର ଓ ନପଙ୍ଗ ପଞ୍ଚାୟତଠାରେ ମଧ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ନିଶାମୁକ୍ତ ଭଦ୍ରକ ଗଠନ ପାଇଁ ଜିଲ୍ଲାବ୍ୟାପୀ ସଚେତନତା

## ଛାତ୍ରଛାତ୍ରୀଙ୍କ ନିଶା ନିବାରଣ ଶୋଭାଯାତ୍ରା ଓ ଶପଥ

ଭଦ୍ରକ,୨୫।୬(ସମିସ): ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବାଧ ଚାଲାଣ ବିରୋଧୀ ଦିବସ ଅବସରରେ ଭଦ୍ରକ ଜିଲ୍ଲାରେ ଗୁରୁବାର ଏକ ବ୍ୟାପକ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତଥା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ



ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନିଶାମୁକ୍ତ ସମାଜ ଗଠନର ବାର୍ତ୍ତାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରାଯାଇଥିଲା। ସକାଳ ୮ଟା ୩୦ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ୨୫୦ରୁ ଅଧିକ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟଙ୍କୁ ନେଇ ଏକ ବିଶାଳ ନିଶା ନିବାରଣ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସହରର ବିଭିନ୍ନ ପ୍ରମୁଖ ରାସ୍ତା ପରିକ୍ରମା କରିଥିବା ଏହି ଶୋଭାଯାତ୍ରାରେ ଅଂଶଗ୍ରହଣକାରୀମାନେ ନିଶା ବିରୋଧୀ ସ୍ଲୋଗାନ ଦେବା ସହ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ପ୍ରଚାର ରଥ ମାଧ୍ୟମରେ ମଧ୍ୟ ଜନସାଧାରଣଙ୍କୁ ନିଶାଦ୍ରବ୍ୟ ସେବନର କ୍ଷତିକାରକ ପ୍ରଭାବ ସମ୍ପର୍କରେ ଅବଗତ କରାଯାଇଥିଲା। ପରେ ଟାଉନ୍ ହଲ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସଚେତନତା ସଭାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦତ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ସଭାରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଦତ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ନିଶା କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟକୁ ନୁହେଁ, ପରିବାର ଓ ସମାଜର ଶାନ୍ତି, ସୁରକ୍ଷା ଓ ଆର୍ଥିକ ସ୍ଥିତିକୁ ମଧ୍ୟ ପ୍ରଭାବିତ କରିଥାଏ। ଯୁବପିଢ଼ିଙ୍କୁ ନିଶାରୁ ଦୂରେଇ ରଖିବା ପାଇଁ ପରିବାର, ଶିକ୍ଷାନୁଷ୍ଠାନ, ପ୍ରଶାସନ ଓ ସମାଜର ସମସ୍ତ ବର୍ଗଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ହିଁ ସବୁଠାରୁ ବଡ଼ ଅସ୍ତ୍ର ବୋଲି ସେ ମତପ୍ରକାଶ କରିଥିଲେ। ସଭାରେ ଜିଲ୍ଲା ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ ପ୍ରହରାଜ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଏନ୍‌ଜିଓ ‘ଫେଲୋସିପ୍’ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ସିଆର୍‌ଏସ୍‌ଆର୍‌ର ସାଧାରଣ ସମ୍ପାଦକ ଭଗବାନ ପରିଡ଼ା ଓ ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ଅମର ପାଣିଗ୍ରାହୀ ଯୋଗଦେଇ ନିଶା ସେବନର ସାମାଜିକ, ଆର୍ଥିକ ଓ ସ୍ୱାସ୍ଥ୍ୟଗତ କୁପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

### ଅଙ୍ଗନବାଡ଼ି ଗୃହ ନିର୍ମାଣକୁ ନେଇ ଚିନ୍ତାରେ ଅଭିଭାବକ; ଅନ୍ଧାରରେ ଶିଶୁଙ୍କ ଭବିଷ୍ୟତ

# ୪୪ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

ବନ୍ତ/ଆଗରପଡ଼ା,୨୫।୬(ସମିସ): ଜନ୍ମରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତି ଶିଶୁଙ୍କୁ ଟିକାକରଣ, ସ୍ୱାସ୍ଥ୍ୟ, ପୃଷ୍ଟିହୀନତା ଦୂରୀକରଣ, ଶିକ୍ଷା, ପ୍ରାପ୍ତ ବୟସ୍କାଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ ଆଦି ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟ ରହିଛି। କିନ୍ତୁ ବହୁ କେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବାରୁ ଏହି ସବୁ କାର୍ଯ୍ୟର ସଫଳ ରୂପାୟଣ ହୋଇପାରୁ ନ ଥିବା ପରିଲକ୍ଷିତ ହେଉଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍‌ରେ। ଏହି ବ୍ଲକ୍‌ର ୨୫ଟି ପଞ୍ଚାୟତରେ ୨୩୮ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି। ୨୫ଟି ପଞ୍ଚାୟତକୁ ୧୧ଟି ସେକ୍ଟରରେ ଭାଗ କରାଯାଇଛି। ଉକ୍ତ ସେକ୍ଟରଗୁଡ଼ିକର ଦାୟିତ୍ୱ ସୁପରଭାଇଜରମାନଙ୍କୁ ନ୍ୟସ୍ତ କରାଯାଇଛି। ଏହି ବ୍ଲକ୍‌ର ୨୩୮ଟି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ହସ୍ତଗତ ତଥ୍ୟ ଅନୁଯାୟୀ, ଅଦ୍ୟାବଧି ୧୯୪ଟି କେନ୍ଦ୍ରର ଗୃହ ସମ୍ପୂର୍ଣ୍ଣ ହୋଇଥିବାବେଳେ ବାକି



୪୪ଟି କେନ୍ଦ୍ର ମଧ୍ୟରୁ ୧୬ଟି କେନ୍ଦ୍ରର ଗୃହ ନିର୍ମାଣାଧୀନ ରହିଛି। ୭ଟି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ସ୍ଥାନ ନିରୂପଣ ହୋଇପାରି ନ ଥିବାବେଳେ ୨୧ଟି କେନ୍ଦ୍ରର ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲେ ସୁଦ୍ଧା ଅର୍ଥ ଅଭାବରୁ ତାହା ଆରମ୍ଭ ହୋଇପାରି ନ ଥିବା ଜଣାପଡ଼ିଛି।

ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଏହି କେନ୍ଦ୍ରରେ ଅଧ୍ୟୟନରତ କୋମଳମତି ଶିଶୁମାନେ ବାରଦୁଆର ହେଉଛନ୍ତି। କେତେବେଳେ ସ୍କୁଲ ଗୃହରେ ତ କେତେବେଳେ ଖୋଲା ଆକାଶ ତଳେ ତ ଆଉ କେତେବେଳେ କାହା ଘର ବାରଣ୍ଡାରେ ଶିକ୍ଷା ଲାଭ କରୁଛନ୍ତି। ସେମାନଙ୍କ ପାଇଁ ଅସ୍ୱାସ୍ଥ୍ୟକର ପରିବେଶରେ ରୋଷେଇ କାର୍ଯ୍ୟ ସମ୍ପାଦନା କରାଯାଉଥିବା ଜଣାପଡ଼ିଛି। ଏହି କେନ୍ଦ୍ରଗୁଡ଼ିକର ଅନ୍ୟାନ୍ୟ କାର୍ଯ୍ୟ ଯେପରିକି ଶିଶୁଙ୍କୁ ଟିକାକରଣ, ସ୍ୱାସ୍ଥ୍ୟ, ପୁଷ୍ଟିହୀନତା ଦୂରୀକରଣ, ପ୍ରାପ୍ତ ବୟସ୍କାଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ ଆଦି କାର୍ଯ୍ୟ ମଧ୍ୟ ଠିକ୍ ଭାବେ ସମ୍ପାଦନା ହୋଇପାରୁନାହିଁ। ଏହି ସବୁକୁ ନେଇ ଅଭିଭାବକମାନଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଯାଇଛି। ଅଙ୍ଗନବାଡ଼ି କେନ୍ଦ୍ର ହେଉଛି ଗୋଟିଏ ଶିଶୁର ଶିକ୍ଷାକ୍ଷେତ୍ରର ମୂଳଦୁଆ ପଡ଼ିବାର ପ୍ରଥମ ସୋପାନ। ଏହିଠାରୁ ହିଁ ତା’ର ଶିକ୍ଷା ଆରମ୍ଭ ହୋଇଥାଏ। ମାତ୍ର ଏହି ଆରମ୍ଭ ବୟସରୁ ଅଙ୍ଗନବାଡ଼ି କେନ୍ଦ୍ରରେ ଅଧ୍ୟୟନ କରୁଥିବା ପିଲାମାନେ ଅଙ୍ଗନବାଡ଼ି କେନ୍ଦ୍ରର ବ୍ୟବସ୍ଥାକୁ ନେଇ ନିଜର ହତାଶାଭାବ ପ୍ରକାଶ କରୁଛନ୍ତି। ଅର୍ଥ ମଞ୍ଜୁର ହେଉଛି, କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କ କାର୍ଯ୍ୟ ପନ୍ଥା ଯୋଗୁଁ ସରକାରଙ୍କ ଯୋଜନା ଲକ୍ଷ୍ୟଚ୍ୟୁତ ହେବାକୁ ଯାଉଥିବାର ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ, ବୁଦ୍ଧିଜୀବୀ ତଥା ଅଭିଭାବକମାନେ ଦାବି କରିଛନ୍ତି।

### ■ ୨୩୮ ଅଙ୍ଗନବାଡ଼ି କେନ୍ଦ୍ରରୁ ସରିଛି ୧୯୪ କେନ୍ଦ୍ରର ଗୃହ ନିର୍ମାଣ
### ■ ୭ କେନ୍ଦ୍ରର ଗୃହ ପାଇଁ ହୋଇପାରୁନି ସ୍ଥାନ ନିରୂପଣ

# ମା' ଉଗ୍ରତାରାଙ୍କ ପ୍ରତିଷ୍ଠା ଉତ୍ସବ



ବାଲିକୁଦା,୨୫।୬(ସମିସ): ବାଲିକୁଦା ବ୍ଲକ୍ କୁସୁପୁର ପଞ୍ଚାୟତର ଖଡ଼ିକାଦଣ୍ଡା ଗ୍ରାମରେ ଗ୍ରାମଦେବତୀ ମା' ଉଗ୍ରତାରାଙ୍କ ପ୍ରତିଷ୍ଠା ଉତ୍ସବ ଓ ବାର୍ଷିକ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ତାପସ କୁମାର ସ୍ୱାଇଁ ଓ କର୍ତ୍ତୀ ଭାବେ ରଞ୍ଜିତା ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିଲେ। ବେଦମନ୍ତ୍ର ଓ ବିଧିବିଧାନ ଅନୁଯାୟୀ ପଣ୍ଡିତ ବାବୁ ଶତପଥୀ ଓ ଶିବ ଚରଣ ଶତପଥୀ ପୂଜାର୍ଚ୍ଚନା ଓ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପୂଜକ ଭାବେ ଜଗନ୍ନାଥ ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ଉତ୍ସବକୁ ସଫଳ କରିବା ପାଇଁ ଗ୍ରାମ୍ୟ କମିଟି ସଭାପତି ସୁରେନ୍ଦ୍ର ପ୍ରଧାନ, ଦାମୋଦର ପ୍ରଧାନ, ଦେବେନ୍ଦ୍ର ସ୍ୱାଇଁ, ଦୈତାରୀ ପ୍ରଧାନ, ଚକ୍ରଧର ପ୍ରଧାନ, ଦୁଃଶାସନ ପ୍ରଧାନ, ସୁବାସ ସ୍ୱାଇଁ, ସୁରେଶ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ପତିଙ୍କ ସମେତ ସମସ୍ତ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ। ଏହି ଅବସରରେ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ଶତାଧିକ ଶ୍ରଦ୍ଧାଳୁ ଯଜ୍ଞ ଓ ପୂଜାରେ ଯୋଗଦେଇ ମା' ଉଗ୍ରତାରାଙ୍କ ଆଶୀର୍ବାଦ ଲାଭ କରିଥିଲେ। ଧାର୍ମିକ ଓ ସାମାଜିକ ଏକତାର ପ୍ରତୀକ ଭାବେ ଏହି ବାର୍ଷିକ ଉତ୍ସବ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିଥିବା ଦେଖିବାକୁ ମିଳିଥିଲା।

# ବିଷ୍ଣୁ ମନ୍ଦିରର ଦ୍ୱାଦଶତମ ଯଜ୍ଞ ପୂର୍ଣ୍ଣାହୁତି

ରଘୁନାଥପୁର,୨୫।୬(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଗୁଆଳିପୁର ଗ୍ରାମପଞ୍ଚାୟତର ଖର୍ଦ୍ଦାସାହି ଗ୍ରାମରେ ଅବସ୍ଥିତ ବିଷ୍ଣୁ ମନ୍ଦିରର ଦ୍ୱାଦଶତମ ମହାଯଜ୍ଞ ପୂର୍ଣ୍ଣାହୁତି ହୋଇଯାଇଛି। ଖର୍ଦ୍ଦାସାହି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଆଜି ଏ ମନ୍ଦିର ବେଶ ସୁନାମ ଅର୍ଜନ କରିପାରିଛି। ରବିବାର ସକାଳୁ ଗ୍ରାମବାସୀଙ୍କ ଦ୍ୱାରା କଳସଯାତ୍ରା କରାଯାଇଥିଲା। ପରେ ଯଜ୍ଞ ଆରମ୍ଭ ହୋଇ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, କଳସ ସ୍ଥାପନ ଓ ଅଗ୍ନିସ୍ଥାପନ ହୋଇଥିବା ବେଳେ ବୁଧବାର ଦିନ ବହୁ ସଂଖ୍ୟକ ଭକ୍ତମାନଙ୍କ ଉପସ୍ଥିତିରେ ପୂର୍ଣ୍ଣାହୁତି ଶେଷ ହୋଇଥିଲା। ସେହି ସମୟରେ ମନ୍ଦିର ପରିବେଶରେ ଘଣ୍ଟ ହୁଳହୁଳି ଓ ହରିବୋଲ ଶବ୍ଦରେ ଫାଟିପଡୁଥିଲା।



ପାଞ୍ଚଦିନ ବ୍ୟାପି ହୋଇଥିବା ଏହି ଯଜ୍ଞ କାର୍ଯ୍ୟକ୍ରମରେ ପ୍ରବଚନ କାର୍ଯ୍ୟକ୍ରମ ଏକ ନିଆରା ଅନୁଭୂତି ସୃଷ୍ଟି କରିଥିଲା। ଏହି ପ୍ରବଚନ କାର୍ଯ୍ୟକ୍ରମର ମୁଖ୍ୟ ବିନ୍ଧାଣୀ ତଥା ରେଢୁଆସ୍ଥିତ ରଘୁନାଥଜିଉ ମନ୍ଦିରର ପ୍ରତିଷ୍ଠାତା ମଙ୍ଗଳ ଦାସ ମହାରାଜଙ୍କ ପ୍ରବଚନ ଭକ୍ତମାନଙ୍କୁ ବେଶ୍ ଆକର୍ଷିତ କରିପାରିଥିଲା। ଏହି ଯଜ୍ଞ ଅନୁଷ୍ଠାନରେ କର୍ତ୍ତା ଭାବେ ସରୋଜ ରାୟ ଓ ତାଙ୍କ ଧର୍ମପତ୍ନୀ ଜ୍ୟୋତ୍ସ୍ନା ରାୟ ଦାୟିତ୍ୱ ଗ୍ରହଣ କରିଥିବାବେଳେ ମନ୍ଦିର କମିଟି ପକ୍ଷରୁ ଯଜ୍ଞ ଆରମ୍ଭ ଦିନ ଠାରୁ ପୂର୍ଣ୍ଣାହୁତି ଶେଷ ପର୍ଯ୍ୟନ୍ତ ଦିନ, ରାତି ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ବୁଥ୍‌ସ୍ତରୀୟ ଏସ୍‌ଆଇ‌ଆର୍ ଜନଶୁଣାଣି ଶିବିର



ବାଲିକୁଦା,୨୫।୬(ସମିସ): ବୁଥ୍‌ସ୍ତରୀୟ ଏସ୍‌ଆଇ‌ଆର୍ ଜନଶୁଣାଣି ଶିବିର ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ପୋଦରୁଆଁସ୍ଥିତ ଦେବୀ ନଦୀ ଘାଟ ଗଙ୍ଗା ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁପରଭାଇଜର ସନ୍ତୋଷ କୁମାର ବିଶ୍ୱାଳ, ବିଏଲ୍‌ଓ ସନ୍ଧ୍ୟାରାଣୀ ବିଶ୍ୱାଳ ଉପସ୍ଥିତ ରହି ଭୋଟରଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ପ୍ରଶ୍ନର ଉତ୍ତର ରଖିଥିଲେ। କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ଅଜୟ କୁମାର ମହାନ୍ତି, ଶିକ୍ଷାବିତ୍ ପବିତ୍ର କୁମାର ସ୍ୱାଇଁ, ଧର୍ମାନନ୍ଦ ଜେନା, ରଞ୍ଜନ ନାୟକ, ବ୍ରହ୍ମାନନ୍ଦ ମହାନ୍ତି, ସନାତନ ଓଝା, ସରୋଜ ବିଶ୍ୱାଳ, ଗୋବିନ୍ଦ ବିଶ୍ୱାଳ, ଚହଲି ସେଠୀ, ସଞ୍ଜୟ ମହାନ୍ତି, ମନୋରଞ୍ଜନ ସେଠୀ, ବାନାମ୍ବର ମହାରଣା, ପୋକା ପଣ୍ଡା, କୈଳାସ ନାୟକ, ବିକାଶ ନାୟକଙ୍କ ସମେତ ଅନେକ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ



ଏରସମା,୨୫।୬(ସମିସ): ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ଫାଉଣ୍ଡେସନ ପକ୍ଷରୁ ଏରସମା ବ୍ଲକ୍ ଜପା ପଞ୍ଚାୟତର ବୋଡି ଗାଁ ନିବାସୀ ୧୭ ଜଣ ବରିଷ୍ଠ ନାଗରିକଙ୍କୁ ନୂତନ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଛି। ସମାଜରେ ବରିଷ୍ଠ ନାଗରିକଙ୍କ ପାଇଁ କିଛି କର୍ତ୍ତବ୍ୟ କରିବାର ଆଭିମୁଖ୍ୟ ନେଇ ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ସକ୍ରିୟ ସଦସ୍ୟା ସରୋଜିନୀ ଜୟସିଂଙ୍କ ସହଯୋଗରେ ଗ୍ରାମର ସର୍ବଶ୍ରୀ ମାଧବ ସେଠୀ, ସର୍ବେଶ୍ୱର ବେହେରା, ଭକ୍ତବନ୍ଧୁ ପାଇଟାଳ, ନିତ୍ୟାନନ୍ଦ ସାମଲ, ନାରାୟଣ ସ୍ୱାଇଁ, ବଳରାମ ସାମଲ, ଦୁର୍ଗା ଚରଣ ସ୍ୱାଇଁ, ସୀତାକାନ୍ତ ସ୍ୱାଇଁ, ବଟକୃଷ୍ଣ ପାଇଟାଳ, ରବୀନ୍ଦ୍ରନାଥ ବେହେରା, ଅଲେଖ ସ୍ୱାଇଁ, ରବୀନ୍ଦ୍ର ସାହୁ, ଅଲେଖ ବିଶ୍ୱାଳ, କେଳୁ ସ୍ୱାଇଁ, କୃଷ୍ଣଚନ୍ଦ୍ର ପାଇଟାଳ, ସନ୍ତୋଷ ପାଇଟାଳ ଓ ଦୀନବନ୍ଧୁ ସ୍ୱାଇଁ ପ୍ରମୁଖ ବରିଷ୍ଠ ନାଗରିକଙ୍କୁ ନୂତନ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଛି।

# ଡିଜେଲ ମୂଲ୍ୟ ବୃଦ୍ଧି ମାଛ ଧରାରେ ବାଧକ

ପାରାଦୀପ,୨୫।୬(ସମିସ):



ମାଛ ଧରାରେ ବାଧକ ସାଜିଛି ଡିଜେଲ ମୂଲ୍ୟ ବୃଦ୍ଧି। ଯାହାକୁ ନେଇ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଥିବାବେଳେ ଆଜି ସନ୍ଧ୍ୟାରେ ଓମ୍ଫା କାର୍ଯ୍ୟାଳୟରେ ଏକ ସାଧାରଣ ବୈଠକ ବସିଥିଲା। ଏହି ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୩ ତାରିଖରୁ ମାଛ ଧରିବାକୁ ଯିବେ ବୋଲି ଜଣାପଡ଼ିଛି। ଓମ୍ଫାର ସଭାପତି ଶ୍ରୀକାନ୍ତ ପରିଡ଼ା ଓ ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ଡିଜେଲ ମୂଲ୍ୟ ବୃଦ୍ଧି ପରେ ମାଛ ଧରା ବନ୍ଦର ଏବେ ଶୂନଶାନ ହୋଇ ପଡ଼ିଛି। ଯେଉଁ ଜାଗା ଦିନେ କୋଳାହଳରେ ଫାଟିପଡୁଥିଲା ଆଜି ସେହି ଜାଗାରେ କାଉ ଉଡୁଛି। ସବୁଆଡେ ଖାଁ ଖାଁ ଲାଗୁଛି। ଶହ ଶହ ବୋଟ୍ ଏବେ ବନ୍ଧାହୋଇ ମାଛ ଧରା ବନ୍ଦର ମଧ୍ୟରେ ଥୁଆ ହୋଇଛି। ଦି' ଓଳି ଦି ମୁଠା ଖାଇବା ପାଇଁ ସଂଘର୍ଷ କରୁଛନ୍ତି ବୋଟ୍ କର୍ମଚାରୀ। ବୋଟ୍ ଚାଲିଲେ ଏମାନଙ୍କର ଚୁଲି ଜଳେ। ଆଉ ବୋଟ୍ ବନ୍ଦ ହେଲେ ଚଳିବା ଏମାନଙ୍କ ପାଇଁ କଷ୍ଟକର ହୋଇପଡ଼େ। ଏ ନେଇ ବୋଟ ମାଲିକ ଓ କର୍ମଚାରୀ ଏବେ ଦୁର୍ଦ୍ଦିନରେ ଗତିକରୁଛନ୍ତି। ଏପ୍ରିଲ ୧୫ରୁ ଜୁନ୍ ୧୫ ଦୁଇମାସ ବୋଟ୍ ବନ୍ଦ ହେବା ପରେ ଗତ ୧୫ ତାରିଖରେ ସବୁ ବୋଟ୍ ପ୍ରସ୍ତୁତ ହେଉଥିଲେ ସମୁଦ୍ର ମଧ୍ୟକୁ ମାଛ ମାରିବାକୁ ଯିବାପାଇଁ। ହେଲେ ଡିଜେଲ୍ ଦର ଏମାନଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ମତ୍ସ୍ୟ ଶିଳ୍ପ ଉପରେ ସିଧାସଳଖ ପଡ଼ିଛି। ଅଧିକ ଟଙ୍କା ଦେଇ ଡିଜେଲ କିଣି ମାଛ ମାରିବା ସମ୍ଭବ ହେବ ନାହିଁ, ବରଂ ମାଛ ଧରିବାକୁ ସମୁଦ୍ରକୁ ନ ଯିବା ଉଚିତ ମଣୁଛନ୍ତି ବୋଟ୍ ମାଲିକ। ହିସାବ ଅନୁଯାୟୀ ଗୋଟିଏ ବୋଟ୍ ମାଛ ଧରିବା ପାଇଁ ସମୁଦ୍ରକୁ ବାହାରିଲେ ତାକୁ ପାଖାପାଖି ୭ ଲକ୍ଷ ଟଙ୍କାର ଆନୁଷଙ୍ଗିକ ଆବଶ୍ୟକ ପଡ଼ିଥାଏ। ତା ଭିତରେ ଡିଜେଲ ପାଖାପାଖି ୫ ହଜାର ଲିଟର ଓ ବରଫ ୧୦ ହଜାର କେଜି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ମିଶାଇଲେ ୭ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ତେବେ ବାହାର ଟାଙ୍କିରୁ ମିଳୁଥିବା ତେଲର ଦାମ ଯାହା ସୋସାଇଟି ମାଧ୍ୟମରେ ବୋଟ୍ ମାଲିକ ଯେଉଁ ତେଲ ମାଛ ଧରା ବନ୍ଦର ମଧ୍ୟରୁ କିଣିବାକୁ ଯାଉଛନ୍ତି ତାହା ପାଖାପାଖି ବାହାର ଅପେକ୍ଷା ୪୦ ଟଙ୍କା ଅଧିକ ଦେବାକୁ ପଡ଼ିବ। ତେବେ ମୋଟ ଫିସିଙ୍ଗରେ ଖର୍ଚ୍ଚ ହେଉଥିବା ୭ ଲକ୍ଷ ଟଙ୍କାରୁ ବର୍ଦ୍ଧିତ ତେଲର ମୂଲ୍ୟ ପାଇଁ ଅଧିକ ୨ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ତେବେ ସେତିକି ପରିମାଣର ମାଛ ନ ମାରିଲେ ବୋଟ୍‌ଗୁଡ଼ିକରେ ହେଉଥିବା ଖର୍ଚ୍ଚର ମୂଳ ଉଠି ପାରିବ ନାହିଁ। ଯାହା ଫଳରେ ମାଲିକଙ୍କର ହାତରୁ ହିଁ ଲକ୍ଷାଧିକ ଟଙ୍କା ବାଜିବ ବୋଲି ବୋଟ୍ ମାଲିକମାନେ କହିଛନ୍ତି। ପାରାଦୀପ ମାଛଧରା ବନ୍ଦର ଉପରେ ପାଖାପାଖି ପଚାଶ ହଜାରରୁ ଉର୍ଦ୍ଧ୍ୱ ଲୋକମାନେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ଯେଉଁ କେତେଜଣ କର୍ମଚାରୀ ବୋଟ୍‌କୁ ଜଗି ରହୁଛନ୍ତି, ସେମାନଙ୍କ ଦୁଃଖ କହିଲେ ନସରେ। ଯେଉଁ ମାଲିକ ସେମାନଙ୍କ ଅଭାବ ଅସୁବିଧାରେ ଛିଡ଼ା ହେଉଥିଲା ଏବେ ସେହି ମାଲିକ ନିଜେ ହାତ ଟେକିଦେଇଛନ୍ତି। ଏବେ ଘର ଚଳିବ କେମିତି ତାକୁ ନେଇ ଏବେ ଚିନ୍ତାରେ ବୋଟ କର୍ମଚାରୀ ଆଉ ମାଲିକ। ୧୧ ଦିନ ବନ୍ଦ ହେବା ଫଳରେ କୋଟି କୋଟି ଟଙ୍କା କ୍ଷତି ହେଲାଣି, ସେ କ୍ଷତିକୁ ଭରଣା କରିବ କିଏ ତାକୁ ନେଇ ଏବେ ପ୍ରଶ୍ନ କରିଛନ୍ତି। ୧୧ ଦିନ ଫିସିଙ୍ଗରେ ୨ ଲକ୍ଷ ଟଙ୍କା ପାଖାପାଖି ଲାଭ ହେବା କଥା, ହେଲେ ସମସ୍ତଙ୍କ ହାତ ଏବେ ବନ୍ଦ ହୋଇ ଯାଇଛି। ରାତି ପାହିଲେ ବିଭିନ୍ନ ପ୍ରଜାତିର ମାଛ, କଙ୍କଡ଼ା ଏବଂ ଚିଙ୍ଗୁଡ଼ି ଆଣି ବେପାର କରି ଦୁଇ ପଇସା ଲାଭ କରନ୍ତି ବୋଟ ମାଲିକ। ହେଲେ ଏବେ ଡିଜେଲଦର ଏମାନଙ୍କୁ ବାଧୁଛି। ଏପଟେ ଓମ୍ଫା ସଭାପତି ଶ୍ରୀକାନ୍ତ ପରିଡ଼ା ଓ ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ସ୍ପଷ୍ଟଭାବେ କହିଛନ୍ତି ଯେ ପର୍ଯ୍ୟନ୍ତ ଡିଜେଲ ଦର ନ କମିଛି ସେତେ ବେଳ ପର୍ଯ୍ୟନ୍ତ ଗୋଟିଏ ବି ବୋଟ ମାଛ ଧରିବାକୁ ସମୁଦ୍ରକୁ ଯିବେ ନାହିଁ ବୋଲି କହିଥିବା ବେଳେ ଆଜି ସ୍ୱର ବଦଳାଇବାକୁ ବାଧ୍ୟ ହୋଇଛନ୍ତି।

# ଜିଲ୍ଲାସ୍ତରୀୟ ମ୍ୟାଲେରିଆ ନିରୋଧ ମାସ

ଜଗତସିଂହପୁର,୨୫।୬(ସମିସ): ଜଗତସିଂହପୁର ଜିଲ୍ଲାରେ ମ୍ୟାଲେରିଆ ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ ଭେକ୍ଟର ବାହିତ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲା ସ୍ତରୀୟ ମ୍ୟାଲେରିଆ ନିରୋଧୀ ମାସ ପାଳନ ଏବଂ ଭେକ୍ଟର ବାହିତ ରୋଗର ଜିଲ୍ଲା ଟାସ୍କ ଫୋର୍ସ ବୈଠକ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ମ୍ୟାଲେରିଆ, ଡେଙ୍ଗୁ ଓ ଅନ୍ୟାନ୍ୟ ଭେକ୍ଟର ବାହିତ ରୋଗର ବର୍ତ୍ତମାନ ସ୍ଥିତି, ନିୟନ୍ତ୍ରଣ କାର୍ଯ୍ୟକ୍ରମର ଅଗ୍ରଗତି ଏବଂ ଆଗାମୀ ଦିନରେ ଗ୍ରହଣ କରାଯିବାକୁ ଥିବା କାର୍ଯ୍ୟ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଶ୍ରୀ ସୋନାଲ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଗ୍ରାମ ଓ ସହରାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ଜୋରଦାର କରିବା, ମଶାର ପ୍ରଜନନ ସ୍ଥଳ ନଷ୍ଟ କରିବା, ପରିବେଶ ପରିଷ୍କାର ରଖିବା



ଏବଂ ତୁରନ୍ତ ରୋଗ ଚିହ୍ନଟ ଓ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସମସ୍ତ ଲାଇନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସ୍ନିଗ୍ଧାମୟୀ ମହାନ୍ତି ଜିଲ୍ଲାର ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ଡା. ସନ୍ତୋଷ କୁମାର ବେହେରା, ଏଡିପିଏଚ୍‌ଓ (ଭିବିଡି), ଜିଲ୍ଲାରେ ଚାଲିଥିବା ମ୍ୟାଲେରିଆ ବିରୋଧୀ ମାସର ବିଭିନ୍ନ କାର୍ଯ୍ୟକ୍ରମ, ରୋଗ ନିରୀକ୍ଷଣ, ସଚେତନତା ଅଭିଯାନ ଓ ପ୍ରତିରୋଧ, ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଡା. ପ୍ରମୋଦ ବାରିକ, ଏଡିପିଏଚ୍‌ଓ (ଏଫ୍‌ଡବ୍ଲ୍ୟୁ), ଡା. ସରୋଜ ଜେନା, ଏଡିଏମ୍‌ଓ (ମେଡିକାଲ), ସୋନାଲି ପ୍ରିୟଦର୍ଶିନୀ ଡିପିଏମ ଏବଂ ଶ୍ରୀମତୀ ତୃପ୍ତିରାଣୀ ନାୟକ, ଜିଲ୍ଲା ଭିବିଡି ପରାମର୍ଶଦାତା, କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲ୍ଲାର ସମସ୍ତ ବିଭାଗ ଯଥା ପଞ୍ଚାୟତିରାଜ, ପୌରପାଳିକା, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଜଳ ଓ ପରିମଳ, ସୂଚନା ଓ ଲୋକସମ୍ପର୍କ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ଶେଷରେ ଭେକ୍ଟର ବାହିତ ରୋଗ ମୁକ୍ତ ଜଗତସିଂହପୁର ଗଠନ ପାଇଁ ସମସ୍ତ ବିଭାଗ ଓ ସାଧାରଣ ଜନତାଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।

# ବ୍ଲକ୍‌ସ୍ତରୀୟ ଯୁବ ସ୍ୱାବଲମ୍ବୀ ସମାବେଶ




ଏରସମା,୨୫।୬(ସମିସ) : ରାଜ୍ୟରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନ୍ତର୍ଗତ ଏରସମା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ ବୁଧବାର ଅନୁଷ୍ଠିତ ହୋଇଥିଲା। ସମାବେଶରେ ଏରସମା ବିଡିଓ ଦାଶରଥି ଜେନା, ସାଂସଦଙ୍କ ଏରସମା ବ୍ଲକ ପ୍ରତିନିଧି ଜଟାଧାରୀ ସ୍ୱାଇଁ, ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ମନୋରଞ୍ଜନ ବିଶୋଇ, ସିଡିପିଓ କ୍ରୀଷ୍ଣା କୁମାରୀ ରାଉତ, ଜିଲ୍ଲା କର୍ମନିୟୋଜନ ସଂସ୍ଥାର ଯୁବ ପ୍ରଫେସନାଲ ଦିବ୍ୟଜ୍ୟୋତି ମହାପାତ୍ର, ଶିଳ୍ପ ଅଧିକାରିଣୀ ସ୍ୱର୍ଣ୍ଣ ସାଗରୀକା ପଟ୍ଟନାୟକ, ସହକାରୀ ଶିଳ୍ପ ଅଧିକାରିଣୀ ଅଙ୍କିତା ବେହେରା ଏବଂ ବ୍ଲକ ଆକାଉଣ୍ଟସ୍ ଅଫିସର ପ୍ରତିମା କୁମାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ଗ୍ରାମାଞ୍ଚଳର ଯୁବକ-ଯୁବତୀ, ଆଇଟିଆଇ ଓ ଡିପ୍ଲୋମା ପାସ୍ କିମ୍ବା ଅଧ୍ୟୟନରତ ଛାତ୍ରଛାତ୍ରୀ, ଦିବ୍ୟାଙ୍ଗ ବ୍ୟକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ପଛୁଆ ବର୍ଗର ଶିକ୍ଷାର୍ଥୀଙ୍କୁ ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ଓ ଉଦ୍ୟୋଗୀ ବିକାଶ ସମ୍ପର୍କିତ ବିଭିନ୍ନ ଯୋଜନା ବିଷୟରେ ସଚେତନ କରିଥିଲେ। ସହାୟକ ଶିଳ୍ପ ଅଧିକାରୀ ଲଭ୍‌ଲିକାନ୍ତ ମଲ୍ଲିକ କାର୍ଯ୍ୟକ୍ରମର ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଦକ୍ଷତା ବିକାଶ କ୍ଷେତ୍ରରେ ସଫଳତା ହାସଲ କରିଥିବା ସନ୍ଧ୍ୟାରାଣୀ କୁଅଁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ସମ୍ମାନିତ କରାଯିବା ସହ ବ୍ଲକର ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ ଫୋନ୍ ବଣ୍ଟନ କରାଯାଇଥିଲା। ଏଥିସହିତ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଋଣ ଚେକ୍ ପ୍ରଦାନ କରାଯାଇଥିଲା। ଏହି ସମାବେଶ ମାଧ୍ୟମରେ ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ଏବଂ ରାଜ୍ୟରେ ଦକ୍ଷ ମାନବ ସମ୍ପଦ ଗଠନ ଦିଗରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

# ବ୍ଲକ୍‌ସ୍ତରୀୟ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ରଘୁନାଥପୁର,୨୫।୬(ସମିସ): ରାଜ୍ୟରେ ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ରଘୁନାଥପୁର ବ୍ଲକ୍‌ସ୍ତରୀୟ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାଛଡା ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ବିକେ, ସିଆର୍‌ପି, ଏସ୍‌ଏଚ୍‌ଜି ମହିଳା ଉପସ୍ଥିତ ଥିଲେ। ଏଥିରେ ବିଡିଓ ବିରେଞ୍ଚି ନାରାୟଣ ବେହେରା ପୌରୋହିତ୍ୟ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ତହସିଲଦାର ରାଜଲକ୍ଷ୍ମୀ ନାୟକ, ସିଡିପିଓ ତୃପ୍ତିଲତା ମହାନ୍ତି, ଡଃ ପ୍ରଭାସ କୁମାର ସ୍ୱାଇଁ, ଏବିଇଓ ଆଶୁତୋଷ ମୁଖାର୍ଜୀ ପ୍ରମୁଖ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା ଯୋଜନାରେ ନୂତନ ରାସନ୍ କାର୍ଡ ଧାରୀ ୪୫ଜଣଙ୍କୁ ରାସନ୍ କାର୍ଡ, ୩୫ ଜଣଙ୍କୁ ନୂତନ ଭତ୍ତା ବଣ୍ଟନ, ଅନ୍ତ୍ୟୋଦୋୟ ଗୃହ ଯୋଜନାରେ ୩୦ ଜଣଙ୍କୁ ଗୃହ ବଣ୍ଟନ, ଲକ୍ଷପତି ଦିଦି ଯୋଜନାରେ ଦୁଇ ଜଣଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଲୋନ୍ ଏବଂ ୭ଟି ଏସଏଚଜି ମହିଳା ଗ୍ରୁପକୁ ୫୫ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିପିଓ ବିଶ୍ୱଜିତ ମହାପାତ୍ର, ଇଂ ସୁବାସ ଚନ୍ଦ୍ର ପୃଷ୍ଟି, ସୁଚିତ୍ରା ନନ୍ଦ ପାଲ, ଭବେଶ ବେହେରା, ବ୍ଲକ୍ ଯୋଗାଣ ଅଧିକାରୀ ସନ୍ଦିପା ଦାସ, ଏପିଓ ମଧୁସ୍ମିତା ଲେଙ୍କା, ବିଏସ୍‌ଏସ୍‌ଓ ଜ୍ୟୋତିର୍ମୟୀ ସ୍ୱାଇଁ, ବିପିଓ ଆର୍‌ଏଚ୍ ଅନୀତା ମହାପାତ୍ର, ସ୍ମୃତି



ମହାରଣା ପ୍ରମୁଖ ପରିଚାଳନା କରିଥିବା ବେଳେ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ସର୍ଜନ ସିଂ, ମଧୁସ୍ମିତା ଭୋଇ, ମଧୁସ୍ମିତା ସେଠିଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ। ବିଏଲ୍‌ସି ମୀନାରାଣୀ ଦାସ ମଞ୍ଚ ପରିଚାଳନା କରିଥିଲେ।

# ଏମ୍‌ଏସ୍‌ଏମ୍‌ଇ ଦିବସ ପାଇଁ ପ୍ରସ୍ତୁତି ବୈଠକ

ପାରାଦୀପ,୨୫।୬(ସମିସ) : ଆସନ୍ତା ୨୭ ତାରିଖରେ ପାଳିତ ହେବାକୁ ଯାଉଛି ଅର୍ନ୍ତଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ। ଏହି ଉପଲକ୍ଷେ ପାରାଦୀପ ଇଫ୍‌କୋ ଅଡିଟୋରିୟମ୍ ପରିସରରେ ଏମ୍‌ଏସ୍‌ଏମ୍‌ଇ ଟିମ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି ବୋଲି ଆଜି ଅପରାହ୍ଣରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏନ୍‌ଆଇଏସି




ଭୁବନେଶ୍ୱର କାର୍ଯ୍ୟାଳୟ ଡେପୁଟି ଜେନେରାଲ ମ୍ୟାନେଜର ଏସ୍.କେ.ଶାହ। ବିଶ୍ୱ ବାଣିଜ୍ୟ କେନ୍ଦ୍ର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଏ. ରାଜ୍ୟଲକ୍ଷ୍ମୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ସୂକ୍ଷ୍ମ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କୁ ଡିଜିଟାଲ ବାଣିଜ୍ୟ ଏବଂ ଓନଡିସିର ସୁବିଧା ସମ୍ପର୍କରେ ସଚେନତା କରିବା, ଯାହା ଦ୍ୱାରା ସେମାନେ ନିଜ ବ୍ୟବସାୟ ବଢାଇ ପାରିବେ ଏବଂ ନୂତନ ବଜାରରେ ପହଞ୍ଚି ପାରିବେ। ଏହି ପଦକ୍ଷେପ ମାଧ୍ୟମରେ ଓଡିଶାର ଏମ୍‌ଏସ୍‌ଏମ୍‌ଇ ଗୁଡିକୁ ଉନ୍ନତ ବଜାର ସୁଯୋଗ, ଡିଜିଟାଲ ସେବାରେ ଅଧିକ ଅଂଶଗ୍ରହଣ ଏବଂ ନୂତନ ରୋଜଗାର ସୃଷ୍ଟି ଦ୍ୱାରା ସଶକ୍ତ କରାଯିବ ବୋଲି ଶ୍ରୀ ଶାହ କହିଥିଲେ। ଓଡିଶାର ଏମଏସଏମଇ ଉଦ୍ୟୋଗୀମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହେବାକୁ ଶ୍ରୀମତୀ ରାଜ୍ୟଲକ୍ଷ୍ମୀ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଧିକାରୀ, ଡିଆଇସି ଅଧିକାରୀଙ୍କ ସମେତ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# କଡ଼ା ସୁରକ୍ଷାରେ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସମ୍ପନ୍ନ

ବାଲିକୁଦା,୨୫।୬(ସମିସ):

ବାଲିକୁଦା ବ୍ଲକ୍ ବନ୍ଦର ସାମୁଦ୍ରିକ ଥାନା ଅଧୀନ ନହରଣା ପଞ୍ଚାୟତର ଫୁଲପାଟଣା ଗ୍ରାମରେ ପ୍ରାୟ ୧୫୦ ବର୍ଷ ପୁରୁଣା ଗ୍ରାମଦେବତୀଙ୍କ ନବନିର୍ମିତ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାକୁ କେନ୍ଦ୍ର କରି ଦେଖାଦେଇଥିବା ବିବାଦ ମଧ୍ୟରେ ପ୍ରଶାସନ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିଥିଲା। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ଭାରତୀୟ ନ୍ୟାୟସଂହିତା (ବିଏନ୍‌ଏସ୍) ଧାରା୧୬୩ ଜାରି କରାଯାଇଥିବା ବେଳେ ଦୁଇ ପ୍ଲାଟୁନ ପୁଲିସ ବଳ ସହ ବରିଷ୍ଠ ଅଧିକାରୀମାନେ ମୁତୟନ ହୋଇଥିଲେ। ତହସିଲଦାର ବିକାଶ ରଞ୍ଜନଙ୍କୁ ମଧ୍ୟ ପରିସ୍ଥିତି ଉପରେ ନଜର ରଖିବାର ଦାୟିତ୍ୱ ଦିଆଯାଇଥିଲା। ଗ୍ରାମବାସୀଙ୍କ ଏକ ବୃହତ୍ ଗୋଷ୍ଠୀର କହିବା ଅନୁଯାୟୀ, ଜୁନ ୨୧ରୁ ଆରମ୍ଭ ହୋଇଥିବା ପ୍ରତିଷ୍ଠା ମହୋତ୍ସବ ୨୪ ତାରିଖରେ ପୂର୍ଣ୍ଣାହୁତି ସହ ସମାପ୍ତ ହୋଇଛି। ସେମାନଙ୍କ ଦାବି ଅନୁସାରେ ଗ୍ରାମର ଅଧିକାଂଶ ପରିବାର



ଏହି ଧାର୍ମିକ କାର୍ଯ୍ୟକ୍ରମକୁ ସମର୍ଥନ କରୁଥିବା ବେଳେ କିଛି ପରିବାର ଏହାକୁ ବିରୋଧ କରୁଥିଲେ। ପୂର୍ବରୁ ଏହି ବିଷୟରେ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ତଦନ୍ତ ପରେ ସେହି ଅଭିଯୋଗ ଖାରଜ ହୋଇଥିବା ସମର୍ଥକ ଗୋଷ୍ଠୀ ପକ୍ଷରୁ କୁହାଯାଇଛି।

**ବିରୋଧୀ ଗୋଷ୍ଠୀଙ୍କ ଧାରଣା**

ଅନ୍ୟପକ୍ଷରେ, ବିରୋଧୀ ଗୋଷ୍ଠୀର ଅଭିଯୋଗ ହେଉଛି ଯେ ମନ୍ଦିର ପ୍ରତିଷ୍ଠା ପାଇଁ ଗଠିତ କମିଟି ସମସ୍ତ କାର୍ଯ୍ୟ ସ୍ୱଚ୍ଛତା ଓ ସର୍ବସମ୍ମତି ଭିତ୍ତିରେ ପରିଚାଳନା କରିନଥିଲା। ସେମାନେ କମିଟିର କାର୍ଯ୍ୟପ୍ରଣାଳୀ ନେଇ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ପୂଜା ପାଇଁ ଆଣାଯାଇଥିବା ଏକ ପ୍ରତିମୂର୍ତ୍ତିରେ କୁକୁର ଓ ଭଗବାନ ଶିବଙ୍କ ଚିତ୍ର ରହିଥିବାରୁ ତାହାକୁ ନେଇ ମଧ୍ୟ ଆପତ୍ତି ଉଠାଇଥିଲେ। ସେମାନଙ୍କ ମତରେ ଏହା ଧାର୍ମିକ ଭାବାବେଗକୁ ଆଘାତ ଦେଇଛି ଏବଂ ଏହି କାରଣରୁ ପୂଜା କାର୍ଯ୍ୟକ୍ରମ ସ୍ଥଗିତ ରଖିବାକୁ ଦାବି କରାଯାଇଥିଲା। ସମ୍ବେଦନଶୀଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ମାଇକ୍ ଓ ଘଣ୍ଟଘଣ୍ଟି ବ୍ୟବହାର ନକରିବା, ଭିଡ଼ ନଜମାଇବା ଏବଂ ଆଇନ-ଶୃଙ୍ଖଳା ମାନି ପୂଜା କାର୍ଯ୍ୟ ସମାପ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ବିବାଦ ମଧ୍ୟରେ କିଛି ଗ୍ରାମବାସୀ ଗତକାଲି ଜିଲ୍ଲା ପୁଲିସ ଅଧୀକ୍ଷକ (ଏସପି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଉପଜିଲ୍ଲାପାଳଙ୍କୁ ଭେଟି ନିଜ ଅଭିଯୋଗ ଜଣାଇଥିଲେ। ବୁଧବାର ମଧ୍ୟ ସେମାନେ ଦିନ ତମାମ ଓ ଖବର ଶେଷ ସୁଦ୍ଧା ମନ୍ଦିରଠାରୁ କିଛି ଦୂରରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ତହସିଲଦାର ବିକାଶ ରଞ୍ଜନ କହିଛନ୍ତି ଯେ, ଧାରଣାକାରୀ ଶାନ୍ତିପୂର୍ଣ୍ଣ ଭାବେ ନିଜ ମତ ପ୍ରକାଶ କରୁଛନ୍ତି ଏବଂ ଏପର୍ଯ୍ୟନ୍ତ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ପ୍ରଶାସନ ସମଗ୍ର ଘଟଣା ଉପରେ କଡ଼ା ନଜର ରଖିଛି। ପ୍ରତିଷ୍ଠା ମହୋତ୍ସବକୁ ନେଇ ଗ୍ରାମରେ ମତଭେଦ ଓ ବିରୋଧ ଥିଲେ ମଧ୍ୟ ପ୍ରଶାସନର ତତ୍ପରତା, ପୋଲିସ ମୁତୟନ ଓ ନିୟନ୍ତ୍ରଣମୂଳକ ପଦକ୍ଷେପ ଫଳରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଶାନ୍ତି ଓ ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ତେବେ ମନ୍ଦିର ପରିଚାଳନା, ପ୍ରତିମୂର୍ତ୍ତିର ଗଠନ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ନେଇ ଉଠିଥିବା ଅଭିଯୋଗଗୁଡ଼ିକ ଏବେ ମଧ୍ୟ ଗ୍ରାମର ଏକ ଅଂଶର ଅସନ୍ତୋଷର କାରଣ ହୋଇ ରହିଛି।

# ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ଉପଲକ୍ଷେ ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା

ପାରାଦୀପ,୨୫।୬ (ସମିସ) : ଆସନ୍ତା ୨୯ରେ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳନ କରାଯିବ। ଏହି ଉପଲକ୍ଷେ ଆଜି ପାରାଦୀପ ବେଥାନି ସ୍କୁଲରେ ଡ୍ରଗ୍ସ ଅପବ୍ୟବହାର ବିରୁଦ୍ଧରେ ଯୁଦ୍ଧ (ୱାଦା) ଅନୁଷ୍ଠାନ ସହଯୋଗରେ ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆନ୍ତଃଶ୍ରେଣୀ ବକ୍ତୃତା ଏବଂ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରି ସାମାଜିକ ପ୍ରତିବଦ୍ଧତାର ସହିତ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଅନ୍ତର୍ଜାତୀୟ ଦିବସ ପାଳନ କରାଯାଉଛି। ଉଭୟ ପ୍ରତିଯୋଗିତାର ବିଷୟବସ୍ତୁ ଥିଲା "ଡ୍ରଗ୍ ଅପବ୍ୟବହାର ବିରୁଦ୍ଧରେ ଛାତ୍ରଙ୍କ ଦାୟିତ୍ୱ"। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିଶା ସେବନର କ୍ଷତିକାରକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ନିଶାମୁକ୍ତ ସମାଜ ଗଠନରେ ଦାୟିତ୍ୱବାନ ନାଗରିକ ହେବା ପାଇଁ ସେମାନଙ୍କୁ ଉତ୍ସାହିତ କରିବା। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ଚିନ୍ତନାତ୍ମକ ଭାଷଣ ଏବଂ ପ୍ରଭାବଶାଳୀ ଚିତ୍ରକଳା ମାଧ୍ୟମରେ ସେମାନଙ୍କର ସୃଜନଶୀଳତା, ସଚେତନତା ଏବଂ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୱାଦାର ପରାମର୍ଶଦାତା କ୍ୟାପ୍ଟେନ ପ୍ରେମାନନ୍ଦ ରାଉତ ଏବଂ ସଂଯୋଜକ ଅମ୍ବିକା ପ୍ରସାଦ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବେଥାନୀ




ସ୍କୁଲର ପ୍ରିନ୍ସିପାଲ ରେଭରେଣ୍ଡ ଫାଦର ସୁନିଲ ଲାକ୍ରା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ଏବଂ ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ସମାବେଶକୁ ସମ୍ବୋଧିତ କରି, କ୍ୟାପ୍ଟେନ ରାଉତ ଯୁବପିଢ଼ି ମଧ୍ୟରେ ନିଶାଦ୍ରବ୍ୟ ଅପବ୍ୟବହାରର ଭୟଙ୍କର ପରିଣାମ ଉପରେ ଆଲୋକପାତ କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କୁ ସତର୍କ ରହିବାକୁ ଏବଂ ସୁଚିନ୍ତିତ ଜୀବନ ନିଷ୍ପତ୍ତି ନେବାକୁ ଅନୁରୋଧ କରିଥିଲେ। ଶ୍ରୀ ମହାପାତ୍ର ସମାଜରେ ନିଶାଦ୍ରବ୍ୟ ଅପବ୍ୟବହାର ବିରୁଦ୍ଧରେ ସଚେତନତା ପ୍ରସାର କରିବାରେ ପରିବର୍ତ୍ତନର ଦୂତ ଭାବରେ ଛାତ୍ରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଂଶଗ୍ରହଣକାରୀମାନେ ନିଶା ନିବାରଣରେ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ଉପରେ ସେମାନଙ୍କର ମତାମତ ସ୍ୱଷ୍ଟ ଭାବରେ ପ୍ରକାଶ କରିଥିଲେ। ବିଚାରକମାନେ ଯୁବ ଅଂଶଗ୍ରହଣକାରୀଙ୍କ ଦ୍ୱାରା ଆତ୍ମବିଶ୍ୱାସ, ମୌଳିକତା ଏବଂ ସଚେତନତାକୁ ପ୍ରଶଂସା କରିଥିଲେ। ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ନିଶା ସେବନର ବର୍ଦ୍ଧିତ ବିପଦ ପ୍ରତି ସଫଳ ଭାବରେ ସଚେତନ କରିଥିଲା ଏବଂ ଭବିଷ୍ୟତ ପିଢ଼ିକୁ ସୁରକ୍ଷା ଦେବା ପାଇଁ ସାମୂହିକ କାର୍ଯ୍ୟର ଗୁରୁତ୍ୱକୁ ଦୃଢ଼ କରିଥିଲା।

## ଆପ୍‌ର ବିଧାନସଭାସ୍ତରୀୟ ସାଂଗଠନିକ ବୈଠକ



ବରଗଡ଼,୨୫ ।୬(ସମିସ): ଅତାବିରା ଉଗ୍ରେସେନ ଭବନଠାରେ ଅତାବିରା ବିଧାନସଭାର ସଭାପତି ଜୟକ୍ରିଷ୍ଣା ଛୁରିଆଙ୍କ ସଭାପତିତ୍ୱରେ ଆମ୍‌ ଆଦମୀ ପାର୍ଟି ଅତାବିରା ବିଧାନସଭାସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡିଶା ରାଜ୍ୟ ସହପ୍ରଭାରୀ ଟିଙ୍କୁ ରାଜୋରା, ରାଜ୍ୟ ସଂଗଠନ ସମ୍ପାଦକ ଭବାନୀ ପ୍ରସାଦ ସାହୁ, ଜିଲ୍ଲା ସଭାପତି ଯଦୁମଣି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଦଳର ଆଗାମୀ କାର୍ଯ୍ୟକ୍ରମ ବାବଦରେ ରଣନୀତି ପ୍ରସ୍ତୁତ କରାଯାଇଥିଲା । ଏହି ସମାବେଶରେ ବିଜେପି, ବିଜେଡି, କଂଗ୍ରେସ ଛାଡି କେତେକ କର୍ମୀ ଆପ୍‌ରେ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତାବିରା ଯୁବ ସଭାପତି ଧର୍ମରାଜ ମେହେର, ବ୍ଲକ ସମ୍ପାଦକ ସୂର୍ଯ୍ୟ ନାରାୟଣ ଭୋଇ, ସୁବଳ କହର, ଗୌତମ ମହାନନ୍ଦ, ଚିତ୍ତ କହ୍ନେଇ, ନରୋତ୍ତମ ପଣ୍ଡା, ସୁଯୋଗ ପଧାନ, ସୁରେନ୍ଦ୍ର ବାଗ, ସାମନ୍ତ ଭୁଏ, ଆଦିତ୍ୟ ପେରା, ଦୀନବନ୍ଧୁ ରନବିଡ଼ା, ସୁଜିତ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ଭାରତ ମାତା ମନ୍ଦିର ଭୂମିପୂଜା ପାଇଁ ଦେବ ନିମନ୍ତ୍ରଣ



ବରଗଡ,୨୫ ।୬(ସମିସ): ଓଡ଼ିଶା ମାଟିର ସାଂସ୍କୃତିକ ଓ ରାଷ୍ଟ୍ରୀୟ ଜାଗରଣ ପାଇଁ "ଭାରତ ମାତା ସେବାନ୍ୟାସ' ତରଫରୁ ଚଳିତ ମାସ ୨୯ ତାରିଖରେ ଅତାବିରାରେ ଭାରତ ମାତା ମନ୍ଦିରର ଭୂମିପୂଜା ଉତ୍ସବ ଅନୁଷ୍ଠିତ ହେବ । ସେହି ସଂକଳ୍ପର ପ୍ରଥମ ଚରଣ ସ୍ୱରୂପ ଆଜି ନ୍ୟାସର ସଂସ୍ଥାପକ ମୁଖ୍ୟ ନ୍ୟାସୀଗଣ, ଉପଦେଷ୍ଟା ମଣ୍ଡଳୀ ଓ ସଭ୍ୟମାନଙ୍କ ସମେତ ବହୁ ସାମାଜିକ ସଂଗଠନମାନଙ୍କ ଉପସ୍ଥିତିରେ ପବିତ୍ର ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଥମେ ଅତାବିରା ଗଣେଶ ମନ୍ଦିର, ହନୁମାନ ମନ୍ଦିର, ଦୁର୍ଗା ମନ୍ଦିର, ମାଁ ସମଲେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର ଏବଂ ମାଁ ରାମଚଣ୍ଡୀ ମନ୍ଦିରରେ ହଳଦିଆ ଚାଉଳ, ଗୁଆ ଓ ନିମନ୍ତ୍ରଣ ପତ୍ର ଅର୍ପଣ କରାଯାଇଥିଲା । ଏହା ପରେ ନ୍ୟାସ ତରଫରୁ ଅତାବିରାର ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କୁ ନିମନ୍ତ୍ରଣ ପତ୍ର ଦିଆଯାଇଥିଲା । ୨୯ ତାରିଖ ଦିନ ମହାଯଜ୍ଞରେ ଆଖପାଖ ସମସ୍ତ ଅଞ୍ଚଳର ପ୍ରତିନିଧି, ଦେଶଭକ୍ତ ସଂଗଠନ ଏବଂ ପ୍ରମୁଖ ଯୋଗଦେଇ ଭୂମି ପୂଜନ କରିବେ ।

## ଭୋପାଲ ପ୍ରଧାନଙ୍କ ପରଲୋକ



ବରଗଡ,୨୫ ।୬(ସମିସ): ଅତାବିରା ବ୍ଲକ ହିର୍ଲିପାଲି ପଞ୍ଚାୟତ ଭୋଇଟିକିରା ଗ୍ରାମର ଭୋପାଲ ପ୍ରଧାନ(୯୦)ଙ୍କ ପରଲୋକ ହୋଇଯାଇଛି । ସେ ବହୁଦିନରୁ ଶଯ୍ୟାଶାୟୀ ଥିଲେ । ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ସରଳ, ନିଷ୍କପଟ, ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତି ଥିଲେ । ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା । ବଡପୁଅ ଅକ୍ଷୟ ମୁଖାଗ୍ନି ଦେଇଥିଲେ ।

## ଦୁର୍ନୀତିକୁ ପ୍ରଶୟ ଦେବି ନାହିଁ:- ସାଂସଦ ପ୍ରଦୀପ ପୁରୋହିତ



ବରଗଡ,୨୫ ।୬(ସମିସ): ଦୁର୍ନୀତିକୁ ମୁଁ କଦାପି ପ୍ରଶୟ ଦେବିନାହିଁ । ତା ସହିତ ନିଶା କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଶୟ ଦେବିନାହିଁ । ଆଜିକାଲି ନିଶା କାରବାରରେ ବିଶେଷ କରି ଯୁବକମାନେ ସମ୍ପୃକ୍ତ ରହୁଛନ୍ତି; ଯଦ୍ୱାରାକି ସମାଜ କଳୁଷିତ ହେଉଛି । ନିଶାଯୋଗୁଁ ପରିବାର ମଧ୍ୟରେ କଳହ ଲାଗି ରହୁଛି । ଗୋଡ଼ଭଗା ସମଲେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ହାନୁଆପାଟ ମନ୍ଦିର ପରିଚାଳନା କମିଟି ଦ୍ୱାରା ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ପ୍ରଦୀପ ପୁରୋହିତ ଏହା କହିଛନ୍ତି । ସେ ଆହୁରି କହିଥିଲେ ଯେ, ଲୋକମାନେ ଆମକୁ ୫ବର୍ଷ ପାଇଁ ଆଶୀର୍ବାଦ କରିଛନ୍ତି । ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଚାଲିଛି । ଲୋକଙ୍କ ଆଶା ଭରଷା ଭାଙ୍ଗିବାକୁ ଦିଆଯିବ ନାହିଁ । ହାନୁଆପାଟ ରାସ୍ତା କାମ ତ୍ୱରାନ୍ୱିତ କରିବେ । କମ୍ୟୁନିଟି ହଲ୍ ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କାର ଅନୁଦାନ ସହିତ ହନୁଆପାଟର ସୌନ୍ଦର୍ଯ୍ୟକରଣ ତଥା କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସେ ଅର୍ଥର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସଭାରେ ହନୁଆପାଟ ପରିଚାଳନା କମିଟିର ସଭାପତି ଦୁର୍ଲଭ ଗଡତିଆ, ସମ୍ପାଦକ ପଞ୍ଚାନନ ପ୍ରଧାନ, କଳାମାଟି ସରପଞ୍ଚ ସୁଷମା ସାହୁ, ସାଂସଦ ପ୍ରତିନିଧି ଲିପସିତ ମିଶ୍ର, କୁଶ କୁମ୍ଭାର, ଚିତ୍ତରଞ୍ଜନ ଭୋଇ, ରବୀନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ସେଠ ପ୍ରମୁଖ ମଞ୍ଚାସୀନ ଥିଲେ ।

# ଇଚ୍ଛାମୃତ୍ୟୁ ମାଗିଥିବା ଚାଷୀଙ୍କ ଘରେ ପହଞ୍ଚିଲା ପ୍ରଶାସନ

### ଅସୁସ୍ଥ ବୃଦ୍ଧା ମାଆଙ୍କ ଚିକିତ୍ସା ପାଇଁ ୨୦ ହଜାର ଟଙ୍କା ମିଳିଲା

ମେଲଛାମୁଣ୍ଡା,୨୫ ।୬(ସମିସ):



ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଗ୍ରାମର ଯୁବ ଚାଷୀ ଗୋପାଳ ସାହୁ ଏବେ ଚର୍ଚ୍ଚାରେ । ଟୋକନ ସମସ୍ୟା କାରଣରୁ ଧାନ ବିକ୍ରି କରିପାରୁ ନ ଥିବା ଏବଂ ଏଥି ଯୋଗୁଁ ଉପୁଜିଥିବା ଆର୍ଥିକ ଅଭାବରୁ ସେ ନିଜ ଅସୁସ୍ଥ ମାଆଙ୍କ ଚିକିତ୍ସା କରି ନ ପାରି ଇଚ୍ଛାମୃତ୍ୟୁ ପାଇଁ କରିଥିବା ଆବେଦନକୁ ଜିଲ୍ଲା ପ୍ରଶାସନ ଅତି ଗମ୍ଭୀରତାର ସହ ନେଇଛନ୍ତି । ବୃଦ୍ଧା ମାଆଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ପ୍ରାଥମିକତା ଦେଇ ପ୍ରଶାସନ ପକ୍ଷରୁ ତୁରନ୍ତ ସରକାରୀ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି । ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିର୍ଦ୍ଦେଶକ୍ରମେ ପଦ୍ମପୁର ତହସିଲଦାର ମାନସ ରଞ୍ଜନ ପଣ୍ଡା ଆଜି ମେଲଛାମୁଣ୍ଡାସ୍ଥିତ ଗୋପାଳ ସାହୁଙ୍କ ଘରେ ପହଞ୍ଚି ଅସୁସ୍ଥ ବୃଦ୍ଧା ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ମାଆଙ୍କ ଜରୁରୀକାଳୀନ ଚିକିତ୍ସା ଓ ଔଷଧ ଖର୍ଚ୍ଚ ତୁଲାଇବା ପାଇଁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ତତ୍କାଳ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ମଞ୍ଜୁର କରାଯାଇଛି । ତହସିଲଦାର ଶ୍ରୀ ପଣ୍ଡାଙ୍କ ସମେତ ଅତିରିକ୍ତ ତହସିଲଦାର ତପସ୍ୱିନୀ କୁର୍ଟୁର୍କା, ପଦ୍ମପୁର ସହକାରୀ ଯୋଗାଣ ଅଧିକାରୀ ସନ୍ତୋଷ ପ୍ରଧାନ ଗୋପାଳ ସାହୁଙ୍କ ମାଆଙ୍କୁ ସହାୟତା ଚେକ୍ ପ୍ରଦାନ କରିଛନ୍ତି । ଏହି ସମୟରେ ମେଲଛାମୁଣ୍ଡା ରାଜସ୍ୱ ନିରୀକ୍ଷକ ମଣିକର ବାଗ ଏବଂ ପ୍ୟାକ୍ସ ସମ୍ପାଦକ ରାଜନାରାୟଣ ସାହୁ ମଧ୍ୟ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନେଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି । ଯେକୌଣସି ଅଭାବୀ ଏବଂ ରୋଗାକ୍ରାନ୍ତ ନାଗରିକଙ୍କୁ ଜୀବନରକ୍ଷାକାରୀ ସହାୟତା ଯୋଗାଇଦେବା ପ୍ରଶାସନର ନୈତିକ ଦାୟିତ୍ୱ । ଏହି ସହାୟତା ରାଶି ସମ୍ପୂର୍ଣ୍ଣ ଭାବେ ଅସୁସ୍ଥ ମହିଳାଙ୍କ ଚିକିତ୍ସା ନିମନ୍ତେ ହିଁ ଉଦ୍ଦିଷ୍ଟ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ ସୂଚନା ଦେଇଛନ୍ତି । ଏହାସହିତ ଗୋପାଳଙ୍କ ପରିବାରର ଧାନ ବିକ୍ରି ସମ୍ବନ୍ଧୀୟ ଯେଉଁ ସବୁ ସମସ୍ୟା ରହିଛି ତାହାର ପ୍ରଶାସନିକ ନିୟମାନୁସାରେ ତୁରନ୍ତ ତଦନ୍ତ କରାଯାଇ ଖୁବ୍ ଶୀଘ୍ର ଉପଯୁକ୍ତ ସମାଧାନ କରାଯିବ ବୋଲି ପ୍ରଶାସନ ସୂଚନା ଦେଇଛନ୍ତି । ପ୍ରଶାସନର ଏହି ତତ୍କାଳ ଏବଂ ସମ୍ବେଦନଶୀଳ ପଦକ୍ଷେପ ଗୋଟିଏ ଅସହାୟ ପରିବାର ମନରେ ପୁଣି ଥରେ ଜୀବନ ଜୀଇଁବାର ଆଶା ସଞ୍ଚାର କରିପାରିଛି ।

## ଏଚ୍‌ଆଇଭି ସଚେତନତା ଆଲୋଚନା



ବରପାଲି,୨୫ ।୬(ସମିସ): ବରପାଲି ମହାବିଦ୍ୟାଳୟ ପରିସରରେ ଯୁବ ରେଡ଼କ୍ରସ ଶାଖା ଆନୁକୂଲ୍ୟରେ ଏଚଆଇଭି/ଏଡ୍ସ ସଚେତନତା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଜୟନ୍ତୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରପାଲି ଗୋଷ୍ଠୀ ଚିକିତ୍ସାଳୟର ପ୍ରଶାନ୍ତ ନନ୍ଦ, ଭିମସାରର ରାମଚନ୍ଦ୍ର ଭୋଇ, ଧୀରୋଜ ତ୍ରିପାଠୀ ଓ ଅଶୋକ ପଧାନ ଉପସ୍ଥିତ ଥିଲେ । ଯୁବ ରେଡ଼କ୍ରସ ପ୍ରକଳ୍ପ ଅଧିକାରିଣୀ ନତାସା ସିକନ୍ଦର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ବାଲକୃଷ୍ଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ବପରୁଆ ଗାଡ଼ି ଚାଳନା ଉପରେ ଅଙ୍କୁଶ ଲଗାଯାଉ

ବରଗଡ,୨୫ ।୬(ସମିସ): ବରଗଡ଼ ସହରରେ ଯୁବପିଢ଼ିଙ୍କ ଦ୍ୱାରା ବେପରୁଆ ଗାଡି ଚାଳନା ସମସ୍ୟା ବୃଦ୍ଧି ପାଉଛି । ଏ ସମ୍ପର୍କରେ ବରଗଡ଼ ମହିଳା ସମିତି ପକ୍ଷରୁ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସମିତିର ଏକ ପ୍ରତିନିଧି ଦଳ ଏସ୍‌ପି ରବୀନ୍ଦ୍ର ଶତପଥୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ଏହି ସମସ୍ୟାର ଗମ୍ଭୀରତା ଉପରେ ଆଲୋଚନା କରିଥିଲେ । ଅନେକ ଯୁବ ଚାଳକ ବିଶେଷକରି ସନ୍ଧ୍ୟା ସମୟରେ ରାସ୍ତାରେ ଅଧିକ ଗତିରେ, ଟ୍ରାଫିକ୍ ସିଗନାଲକୁ ଅଣଦେଖା କରି ଯେଭଳି ବିପଦପୂର୍ଣ୍ଣ କାର୍ଯ୍ୟକଳାପ କରୁଛନ୍ତି ତାହା କେବଳ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରେ ନାହିଁ ବରଂ ଦୁର୍ଘଟଣାର ଆଶଙ୍କା ମଧ୍ୟ ବୃଦ୍ଧି କରୁଛି । ଅନେକ ନିଶାଶକ୍ତ ହୋଇ ଦ୍ରୁତ ଗାଡ଼ି ଚାଳନା କରି ଦୁର୍ଘଟଣା ଘଟାଉଛନ୍ତି । ପ୍ରତ୍ୟହ ଏଭଳି ଘଟଣା ଘଟୁଛି ବୋଲି ମହିଳା ସମିତି ଏସ୍‌ପି ଦୃଷ୍ଟି ଆକର୍ଷଣ କରିଥିଲେ । ଏହାକୁ ତୁରନ୍ତ ରୋକିବା ବ୍ୟବସ୍ଥା ସ୍ୱରୂପ ସହରରେ ପାଟ୍ରୋଲିଂ ବୃଦ୍ଧି କରିବା ଏବଂ ବେପରୁଆ ଭାବରେ ଗାଡି ଚାଳନା କରୁଥିବା ଲୋକଙ୍କ ବରୋଧରେ କଠୋର



କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମିତି ପକ୍ଷରୁ ଦାବି କରାଯାଇଛି । ଏହା ସହ ଯୁବ ଚାଳକମାନଙ୍କ ପାଇଁ ସଡ଼କ ସୁରକ୍ଷା ବିଷୟରେ ସଚେତନତା ଅଭିଯାନ ଆୟୋଜନ ଦ୍ୱାରା ଏପରି ଘଟଣାକୁ ହ୍ରାସ କରାଯିବାକୁ ନିବେଦନ କରାଯାଇ ବରଗଡ଼ ସହରର ସମସ୍ତ ବାସିନ୍ଦାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ସମିତି ନିବେଦନ ଜଣାଇଛି । ସମିତିର ସମ୍ପାଦିକା ରିନୁ ପତି ଓ ଉପସଭାପତି ସସ୍ମିତା ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତିନିଧି ଦଳରେ ମମତା ମିଶ୍ର, ଅଞ୍ଜନା ଦାସ, କନକ ପ୍ରଧାନ, ସ୍ୱାଧିନି ଦାଶ, ଜୟନ୍ତୀ ପ୍ରଧାନ, ଡ. ସୁଜାତା ପଣ୍ଡା, ସଙ୍ଗୀତା ଗୁପ୍ତା, ଭାରତୀ ମିଶ୍ର, ବାସନ୍ତୀ ଗଡତିଆ, ସଂଘମିତ୍ରା ପଟେଲ ପ୍ରମୁଖ ସାମିଲ ହୋଇଥିଲେ ।

## ୨୫ ଅନାଥ ଶିଶୁଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ଶିକ୍ଷକଙ୍କ ପ୍ରୟାସ

ଝାରବନ୍ଧ,୨୫ ।୬(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ୍ ବୈତାଳି କ୍ଲଷ୍ଟରର ସିଆରସିସି ଦିବସ ସାହୁଙ୍କ ନିଃସ୍ୱାର୍ଥପର ସେବା ମନୋଭାବ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି । ବିଜେପୁର ବ୍ଲକର ଜୋଖିପାଲି ଗ୍ରାମର ବାସିନ୍ଦା ଶ୍ରୀ ସାହୁ ୨୦୧୧ ମସିହାରୁ ଝାରବନ୍ଧ ବ୍ଲକରେ ଶିକ୍ଷକତା କରିଆସୁଛନ୍ତି । ତାଙ୍କର ନିରନ୍ତର ପ୍ରୟାସ ଫଳରେ ଅନେକ ଅନାଥ ଶିଶୁ ମୁଖ୍ୟ ସ୍ରୋତରେ ସାମିଲ ହେବାର ସୁଯୋଗ ପାଉଛନ୍ତି । ଗତ ବୁଧବାର ବରଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଅନାଥ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର କ୍ୟାମ୍ପରେ ଶ୍ରୀ ସାହୁଙ୍କ ଉଦ୍ୟମରେ କ୍ଲଷ୍ଟର ଅଧୀନ ୧୦ଟି ଗ୍ରାମର ପ୍ରାୟ ୨୫ ଜଣ ଅନାଥ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି ଶିଶୁମାନେ ପରବର୍ତ୍ତୀ ସମୟରେ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ଯଥା ଯଶୋଦା, ଗ୍ରୀନ ପାସେଜ ଆଦିରେ ସାମିଲ ହେବାକୁ ଯାଉଛନ୍ତି । ଝାରବନ୍ଧ ବ୍ଲକ୍ ବରଗଡ଼ ଜିଲ୍ଲାର ସୀମାନ୍ତ ଅଞ୍ଚଳ ହୋଇଥିବାରୁ ସଚେତନତାର ଅଭାବ ଯୋଗୁଁ ଅନେକ ଅନାଥ ଶିଶୁ ସରକାରୀ ସୁବିଧାରୁ ବଞ୍ଚିତ ରହିଆସୁଥିଲେ । ଏହାକୁ ହୃଦୟଙ୍ଗମ କରି ଶ୍ରୀ ସାହୁ କ୍ଲଷ୍ଟରର ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କଠାରୁ ଏଭଳି ଶିଶୁମାନଙ୍କ ତଥ୍ୟ ସଂଗ୍ରହ କରିଥିଲେ । ପରେ ସେମାନଙ୍କୁ କ୍ୟାମ୍ପରେ ଯୋଗଦେବା ପାଇଁ ଝାରବନ୍ଧକୁ ଆଣିବାର ବ୍ୟବସ୍ଥା ମଧ୍ୟ କରିଥିଲେ । କେବଳ ସେତିକି ନୁହେଁ; ସେ ଦିନତମାମ କ୍ୟାମ୍ପରେ ଉପସ୍ଥିତ ରହି ରାତି ୮ଟା ପର୍ଯ୍ୟନ୍ତ ଅସହାୟ ପରିବାରମାନଙ୍କୁ ଆବଶ୍ୟକ ପ୍ରକ୍ରିୟାରେ ସହଯୋଗ କରିଥିଲେ ।



## ଅନନ୍ତଙ୍କ ପୂଜା ମଣ୍ଡପ ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ

ଭେଡେନ,୨୫ ।୬(ସମିସ): ଭେଡେନସ୍ଥିତ ତଲିପଡାରେ ୨ଦିନ ଧରି ଅନୁଷ୍ଠିତ ଶ୍ରୀ ଶ୍ରୀ ଅନନ୍ତ ମହାପ୍ରଭୁ ପୂଜା ମଣ୍ଡପ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଜୟଚନ୍ଦ୍ର ମେହେର ଓ ବିନା ମେହେର, ଗୋପାଳ ମେହେର ଓ ବିଳାସିନୀ ମେହେର, ଟିକେଶ୍ୱର ମେହେର ଓ ସସ୍ମିତା ମେହେର, ସାଗର ମେହେର ଓ ଝରଣା ମେହେର, ଆନନ୍ଦ ସେନାପତି ଓ ପିଙ୍କି ସେନାପତି, ଧର୍ମରାଜ ମେହେର ଓ ବିଶ୍ୱାଶ୍ରୀ ମେହେର, ବୃନ୍ଦାବନ ମେହେର ଓ କମଳିନୀ ମେହେର ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଇଛନ୍ତି । ସନ୍ତୋଷ ଶତପଥୀ, ଅଶ୍ୱିନୀ ଦାଶ ପୂଜା କାର୍ଯ୍ୟ ତୁଲାଇ ଥିଲେ । ସୁଶ୍ରୀ ବୈଷ୍ଣବୀ ପୁରୋହିତଙ୍କ ଦ୍ୱାରା ଭଜନ ଓ ସୁନ୍ଦରକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା । ମାଁ ଚନ୍ଦଲିପାଟ ଓ ମାଁ ବ୍ରଜେଶ୍ୱରୀ ମହିଳା ସଂକର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ । ଜୟଦେବ ମେହେର, ଗଜାନନ ମେହେର, ଅନିରୁଦ୍ଧ ରଣା, ସୁନିଲ ଅଦାବର, ସୁବ୍ରତ ମେହେର, ରାଜେଶ ବେହେରା, ତେଜରାଜ ମେହେର, ତ୍ରିଲୋଚନ ମେହେର, କୃଷ୍ଣଚନ୍ଦ୍ର ମେହେର, ଚୈତନ୍ୟ ଖଟୁଆ, ବିଶିକେଶନ ପାଣ୍ଡେ, ଆର୍ତ୍ତତ୍ରାଣ ଦ୍ୱାରି, ଗୁଲସନ ମେହେର, ସଂଗ୍ରାମ ମେହେର, ବାବୁଲୁ ପଧାନ, ଅଶୋକ ଲହରିଆ, ଅସୀମ ଦ୍ୱାରି, ମୁକେଶ ବେହେରା, ପ୍ରେମାନନ୍ଦ ସେନାପତିଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ପଡ଼ାବାସୀ ସହଯୋଗ କରିଥିଲେ ।

## ଖେଲୋ ଇଣ୍ଡିଆ ପକ୍ଷରୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ

ଅମ୍ବାଭୋନା,୨୫ ।୬(ସମିସ): ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟରତ ମାଇଁ ଭାରତ କେନ୍ଦ୍ର, ବରଗଡ଼ ଏବଂ ଖେଲୋ ଇଣ୍ଡିଆ ପକ୍ଷରୁ ଅମ୍ବାଭୋନା ବ୍ଲକ୍ ରୁଚିଦା ଗ୍ରାମର ସ୍ୱାଧୀନ ଯୁବକ ସଂଘ (ଉପରପଡ଼ା)କୁ ବିଭିନ୍ନ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଛି । ଏହି ଅବସରରେ ମାଇଁ ଭାରତ କେନ୍ଦ୍ରର ଜିଲ୍ଲା ଅଧିକାରୀ କମଲ ସାଙ୍କ ହସ୍ତରେ କ୍ଲବ୍‌ର ପ୍ରତିନିଧିମାନଙ୍କୁ କ୍ରୀଡ଼ା ସାମଗ୍ରୀ ପ୍ରଦାନ କରାଯାଇଥିଲା । ସ୍ୱାଧୀନ ଯୁବକ ସଂଘର ମୁଖ୍ୟ ପିଣ୍ଟୁ ପୁରୋହିତ, ଫିରୋଜ ଭୋଇ, ଛନ୍ଦାଚରଣ ଭୋଇ ପ୍ରମୁଖ ଏହି ସାମଗ୍ରୀ ଗ୍ରହଣ କରିଥିଲେ । କ୍ରୀଡ଼ା ସାମଗ୍ରୀ ପାଇବା ପରେ ସଂଘର ଖେଳାଳିମାନଙ୍କ ମଧ୍ୟରେ ଖୁସିର ମାହୋଲ ସୃଷ୍ଟି ହୋଇଥିଲା । ଏହି ସହାୟତା ଗ୍ରାମାଞ୍ଚଳର ଯୁବ ଖେଳାଳିମାନଙ୍କୁ କ୍ରୀଡ଼ା ପ୍ରତି ଅଧିକ ଆକର୍ଷିତ କରିବା ସହ ସେମାନଙ୍କ ପ୍ରତିଭା ବିକାଶରେ ସହାୟକ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ବକ୍ତାମାନେ କହିଥିଲେ ଯେ, ଦେଶରେ କ୍ରୀଡ଼ାର ବିକାଶ ଏବଂ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଖେଲୋ ଇଣ୍ଡିଆ ଓ ମାଇଁ ଭାରତ ଭଳି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ଖେଳାଳିଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେଉଛି । ପରିଶେଷରେ ସ୍ୱାଧୀନ ଯୁବକ ସଂଘ ପକ୍ଷରୁ ମାଇଁ ଭାରତ କେନ୍ଦ୍ର, ବରଗଡ଼ ଏବଂ ଜିଲ୍ଲା କ୍ରୀଡ଼ା ଓ ଯୁବ ବ୍ୟାପାର ଅଧିକାରୀଙ୍କୁ ଏହି ସହଯୋଗ ପାଇଁ କୃତଜ୍ଞତା ଜଣାଯାଇଥିଲା । ଏହି ପଦକ୍ଷେପ ଦ୍ୱାରା ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି ପାଇବା ସହ ଭବିଷ୍ୟତରେ ଅଧିକ ସଫଳ ଖେଳାଳି ସୃଷ୍ଟି ହେବ ବୋଲି ଆଶା ପ୍ରକାଶ ପାଇଛି ।

## ଅଗ୍ରୱାଲ ମହିଳା ସମ୍ମିଳନୀ ପକ୍ଷରୁ ସେବା କାର୍ଯ୍ୟ

ବରଗଡ଼,୨୫ । ୬(ସମିସ): ପବିତ୍ର ନିର୍ଜଳା ଏକାଦଶୀ ଅବସରରେ ଅନ୍ତର୍ଜାତୀୟ ଅଗ୍ରୱାଲ ମହିଳା ସମ୍ମିଳନୀ, ବରଗଡ଼ ଶାଖା ପକ୍ଷରୁ ବରଗଡ଼ ସରକାରୀ ହସ୍ପିଟାଲରେ ଏକ ସେବା ଓ ପରୋପକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ବରଗଡ଼ ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀ ଓ ସେମାନଙ୍କ ପରିଜନମାନଙ୍କ ମଧ୍ୟରେ ବିସ୍କୁଟ, ବ୍ରେଡ୍, ଜୁସ୍, ଫଳ ଓ ମିଠା ବଣ୍ଟନ କରାଯାଇଥିଲା । ସମ୍ମିଳନୀର ସଦସ୍ୟାମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଖୋଜଖବର ନେବା ସହ ସେମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଥିଲେ । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ନିର୍ଜଳା ଏକାଦଶୀର ପବିତ୍ର ଅବସରରେ ସେବା, ଦାନ ଓ ମାନବିକତାର ବାର୍ତ୍ତାକୁ ସମାଜର ସବୁ ସ୍ତରରେ ପହଞ୍ଚାଇବା । ଏହି ଅବସରରେ ଅନ୍ତର୍ଜାତୀୟ ଅଗ୍ରୱାଲ ମହିଳା ସମ୍ମିଳନୀର ସଭାପତି ମଧୁ ଜୈନ, ସମ୍ପାଦିକା ଶ୍ୱେତା ଅଗ୍ରୱାଲ, କୋଷାଧ୍ୟକ୍ଷା ଶର୍ମିଳା ଅଗ୍ରୱାଲ, ରଶ୍ମି ଅଗ୍ରୱାଲ, କେଶବ ଅଗ୍ରୱାଲ, ଦୀପକ ଜୈନ, ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଏବଂ ନିକେଶ ଜୈନଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ସେବା କାର୍ଯ୍ୟରେ ସହଯୋଗ ପ୍ରଦାନ କରିଥିଲେ ।

# ସିୟୁଇଟି ପରୀକ୍ଷାରେ କ୍ରିଷ୍ଣା ବିକାଶର ୬୦ ଛାତ୍ରଛାତ୍ରୀଙ୍କ କୃତିତ୍ୱ

ବରଗଡ଼,୨୫ ।୬(ସମିସ):



ଚଳିତ ବର୍ଷ ପ୍ରକାଶିତ ସିୟୁଇଟି (କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ) ପରୀକ୍ଷାରେ କ୍ରିଷ୍ଣା ବିକାଶ ଅଧୀନ ବିକାଶ ଆବାସିକ ବିଦ୍ୟାଳୟ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି । ପରୀକ୍ଷାରେ ମୋଟ୍ ୬୦ ଜଣ ଛାତ୍ରଛାତ୍ରୀ ସଫଳ ହୋଇଛନ୍ତି ବୋଲି ଆବାସିକ ବିଦ୍ୟାଳୟ, ବରଗଡ଼ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ପ୍ରକାଶ କରିଛନ୍ତି । ଚଳିତ ବର୍ଷ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ରୁ ସିୟୁଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ବିଶେଷ ବିବରଣୀ ଦେଇ ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ଜଣାଇଛନ୍ତି ଯେ, ଜିଜ୍ଞାସା ଜ୍ୟୋତିର୍ମୟୀ ମହାପାତ୍ର (୯୦୮.୫ ମାର୍କ), ଶ୍ରୀପଣ୍ଡା ଦାଶ (୯୦୭.୫ ମାର୍କ), ସୁଶ୍ରୀ ରିୟା ଦାଶ (୮୯୭.୯ ମାର୍କ), ସମୀକ୍ଷା ସାହୁ (୮୫୨.୫ ମାର୍କ), ପ୍ରିୟଙ୍କା ଜାଲାନ (୭୭୮.୫ ମାର୍କ), ଆଶୀର୍ବାଦ ପଣ୍ଡା (୭୬୧.୨ ମାର୍କ), ରାଜ ଚୌଧୁରୀ (୭୫୭.୪ ମାର୍କ), ରୋନକ ରାଜ ପୁରୋହିତ (୭୫୨.୩ ମାର୍କ), ଜନ୍ନତ ପରୀ (୭୧୩.୩ ମାର୍କ), ନୈନା ସାହୁ (୭୦୨.୧ ମାର୍କ), ଆଦ୍ୟାତା ଖଟୁଆ (୭୦୧.୫ ମାର୍କ), ସମିକ୍ଷା ପାଣ୍ଡେ (୬୯୮.୩ ମାର୍କ), ଆଦ୍ୟାଶା ସାହୁ (୬୯୭.୪ ମାର୍କ), ସ୍ୱାତୀ ଦାଶ (୬୯୫.୭ ମାର୍କ), ଦିବ୍ୟା ରାଣୀ ଭରଦ୍ୱାଜ (୬୮୮.୫ ମାର୍କ ), ନିଳଞ୍ଜନା ପଣ୍ଡା (୬୭୬.୯ ମାର୍କ), ସ୍ୱପ୍ନିଲ ମୁଣ୍ଡ (୬୫୮.୪ ମାର୍କ), ଶୀତଲ ପାଢ଼ୀ (୬୫୪.୭ ମାର୍କ), ଶୁଭଙ୍କର ସାହୁ (୬୫୩.୧ ମାର୍କ), ତନ୍ମୟୀ ମେହେର (୬୪୯.୯ ମାର୍କ), ଆକାଂକ୍ଷା ପଟେଲ (୬୪୩.୭ ମାର୍କ), ଆର୍ଯ୍ୟନ ଖୁଣ୍ଟିଆ (୬୩୫.୪ ମାର୍କ), ପ୍ରତିକାଂଶୁ ଶତପଥୀ (୬୨୯.୭ ମାର୍କ), ନିରଞ୍ଜନ ଖୁଣ୍ଟିଆ (୬୨୯.୩ ମାର୍କ), ଜତିନ ଚୌଧୁରୀ (୬୨୬.୯ ମାର୍କ), ସନ୍ଦୀପ ନାୟକ (୬୨୩ ମାର୍କ), ଆର୍ଦ୍ରଶିକ୍ତା ମିଶ୍ର (୬୧୯.୫ ମାର୍କ), ଆଦ୍ୟାଶା ଖୁଣ୍ଟିଆ (୬୧୫.୧ ମାର୍କ), ମୋହିତ ରଞ୍ଜନ ଜୋଶୀ (୬୧୩.୨ ମାର୍କ), ଆର୍ଯ୍ୟନ ପଟେଲ (୬୦୫.୯ ମାର୍କ), ସଞ୍ଜନା ମାରାଣ୍ଡି (୬୦୪.୯ ମାର୍କ), ସ୍ଥିତି ମାହତୋ (୬୦୨.୫ ମାର୍କ) ରଖି ଦିଲ୍ଲୀ ୟୁନିଭର୍ସିଟି ପାଇଁ ଯୋଗ୍ୟ ବିବେଚିତ ଅଛନ୍ତି । କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି. ମୁରଲୀ କ୍ରିଷ୍ଣା ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥଙ୍କୁ ଅଭିନନ୍ଦନ ଓ ସାଧୁବାଦ ଜଣାଇଛନ୍ତି । କ୍ରିଷ୍ଣା ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ, ଟ୍ରଷ୍ଟି ଶ୍ରୀମତୀ ଦାଶରୀ ରାମ ତୁଳସୀ, ଡାଇରେକ୍ଟର ଟୁ ଚେୟାରମ୍ୟାନ୍ ଅଫିସ ଲୋକେଶ ଦାଶରୀ, କ୍ରିଷ୍ଣା ବିକାଶ ସମୂହର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା ସଫଳ ଛାତ୍ରଛାତ୍ରୀଙ୍କୁ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଏନ୍‌ଏସି ନିର୍ବାଚନ ପାଇଁ ବିଜେଡିର ସାଙ୍ଗଠନିକ ସଭା



ବିଜେପୁର,୨୫ ।୬(ସମିସ): ବରଗଡ଼ ଜିଲ୍ଲାର ବିଜେପୁରରେ ଆଜି ବିଜୁ ଜନତା ଦଳ ପକ୍ଷରୁ ଏକ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି । ଦଳକୁ ତୃଣମୂଳ ସ୍ତରରୁ ଅଧିକ ମଜବୁତ କରିବା ଏବଂ ଆଗାମୀ ଏନ୍‌ଏସି ନିର୍ବାଚନ ପାଇଁ ସଂଗଠନକୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହି ସଭା ଆୟୋଜନ କରାଯାଇଥିଲା । ପୂର୍ବତନ ମନ୍ତ୍ରୀ ରୀତା ସାହୁଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି ସଭାରେ ବହୁ ସଂଖ୍ୟକ ଦଳୀୟ କର୍ମୀ ଓ ନେତୃବୃନ୍ଦ ଯୋଗ ଦେଇଥିଲେ । ସଭାରେ ଆଗାମୀ ଏନ୍‌ଏସି ନିର୍ବାଚନରେ ବିଜେଡି କିପରି ଭଲ ପ୍ରଦର୍ଶନ କରିବ ଏବଂ ଲୋକଙ୍କ ନିକଟରେ ଦଳର ବାର୍ତ୍ତା କିପରି ପହଞ୍ଚାଯିବ ସେନେଇ ଆଲୋଚନା ହୋଇଥିଲା । ରୀତା ସାହୁ କର୍ମୀମାନଙ୍କୁ ସମ୍ବୋଧନ କରି କହିଥିଲେ ଯେ, ଦଳକୁ ଆହୁରି ସୁଦୃଢ କରିବା ପାଇଁ ଘରେ ଘରେ ପହଞ୍ଚି ଲୋକଙ୍କ ସହ ସମ୍ପର୍କ ବଢ଼ାଇବା ଆବଶ୍ୟକ । ସେ କହିଥିଲେ ଯେ, ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ କାର୍ଯକଳାପ, ଚାଷୀମାନଙ୍କ ସମସ୍ୟା ଏବଂ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକର ସ୍ଥିତି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଦରକାର । ସଭାରେ ଦଳର ସାଙ୍ଗଠନିକ ଶକ୍ତି ବୃଦ୍ଧି, ୱାର୍ଡ ସ୍ତରରେ କର୍ମୀଙ୍କୁ ସକ୍ରିୟ କରିବା ସହ ଦଳର ପ୍ରଭାବ ବଢ଼ାଇବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଉପସ୍ଥିତ କର୍ମୀ ଦଳ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଆଗାମୀ କାର୍ଯ୍ୟ ତଥା ଯୋଜନାକୁ ସ୍ୱାଗତ କରିଥିଲେ । ସଂଗଠନକୁ ଅଧିକ ମଜବୁତ କରିବା ପାଇଁ ସମସ୍ତେ ମିଳିତ ଭାବେ କାମ କରିବାକୁ ସଂକଳ୍ପ ନେଇଥିଲେ । ଏହି ସଭା ମାଧ୍ୟମରେ ଆଗାମୀ ଏନ୍‌ଏସି ନିର୍ବାଚନକୁ ନେଇ ବିଜେଡି କର୍ମୀମାନଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି । ଦଳୀୟ ନେତୃତ୍ୱ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ସଂଗଠନକୁ ଶକ୍ତିଶାଳୀ କରିବା ଦିଗରେ ଆଗେଇ ଯିବାକୁ ଆହ୍ୱାନ ଜଣାଇଛନ୍ତି । ଏହି ସାଙ୍ଗଠନିକ ସଭାରେ ବିଜେଡି ବ୍ଲକ୍ ସଭାପତି ସୁରେନ୍ଦ୍ର ପଧାନ, ପୂର୍ବତନ ସରପଞ୍ଚ ଭୋଜରାଜ ମେହେର, ବରିଷ୍ଠ ନେତା ଦେବାନନ୍ଦ ଗଡତିଆ, ଏନ୍‌ଏସି ସଭାପତି ସଞ୍ଜୟ ପଧାନ, ମନୋଜ ଭୋଏ, ନାରୀନେତ୍ରୀ ଶକୁନ୍ତଳା ମହାପାତ୍ର, ଏନ୍‌ଏସି ସଭାନେତ୍ରୀ ଧନେଶ୍ୱରୀ ଭୋସାଗର, ସୀତା ବାରିକ, ରଙ୍ଗିନୀ ମାହାଣାଙ୍କ ସମେତ ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କାଉନସିଲର ଉପସ୍ଥିତ ଥିଲେ ।

## ମା' ଲକ୍ଷ୍ମୀଙ୍କ ବିଗ୍ରହର ପ୍ରାଣ ପ୍ରତିଷ୍ଠା ଉତ୍ସବ



**ରାଉରକେଲା, ୨୫।୬(ସମିସ):** ଆଜି ସେକ୍ଟର - ୩ ସ୍ଥିତ ପ୍ରାଚୀନ ଦେବପୀଠ ଅହିରାବନ୍ଧ ଜଗନ୍ନାଥମନ୍ଦିରରେ ପବିତ୍ର ନିର୍ଜଳା ଏକାଦଶୀ ତଥା ରୁକ୍ମିଣୀ ବିବାହ ଅବସରରେ ମା'ଲକ୍ଷ୍ମୀଙ୍କ ବିଗ୍ରହର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ବୈଦ୍ୟନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟପକ୍ଷରୁ ଏହି ଉତ୍ସବ ନେଇ ପୂର୍ବରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅହିରାବନ୍ଧ ଜଗନ୍ନାଥ ମନ୍ଦିର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଯଥା ସମ୍ଭବ ସମସ୍ତ ନୀତି କାନ୍ତି ଓ ପରମ୍ପରାକୁ ଅନୁସରଣ କରି ପୂଜାର୍ଚ୍ଚନା କରାଯାଇଥାଏ। ମା'ଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ଜଗନ୍ନାଥ ମନ୍ଦିରରୁ ନିଆଯାଇ ଲକ୍ଷ୍ମୀ ନାରାୟଣ ଭେଟ ଓ ହେରାପଞ୍ଚମୀ ଆଦି ବିଧି ପାଳନ ହୋଇଥାଏ। ମାତ୍ର ପୁରୀଶ୍ରୀମନ୍ଦିର ଅନୁସାରେ ମା' ଲକ୍ଷ୍ମୀଙ୍କ ମନ୍ଦିରରୁ ବିଗ୍ରହ ଯିବା କଥା। ଏହାକୁ ଗୁରୁତ୍ୱ ଦେଇ ଆଜି ପବିତ୍ର ତିଥିରେ ମନ୍ଦିର ପରିସରରେ ଥିବା ମା' ଲକ୍ଷ୍ମୀଙ୍କ ମନ୍ଦିରରେ ନୂତନ ବିଗ୍ରହର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଟ୍ରଷ୍ଟରସଭାପତି ଗିରିଜା ଶଙ୍କର ଦ୍ୱିବେଦୀ, ଜଗନ୍ନାଥ ମନ୍ଦିରର ପୂଜକ ତ୍ରିନାଥ ପାଢ଼ୀ ସାଂସ୍କୃତିକ ସଂଯୋଜକ ଜ୍ୟୋର୍ତିମୟ ଆଚାର୍ଯ୍ୟ ଷ୍ଟିୟରିଂ କମିଟି ସଦସ୍ୟ ସଞ୍ଜୀବ କୁମାର ନାୟକ ସେବାୟତ ସଂଘର ସଭାପତି ପ୍ରକାଶ ଦାସ ଓ ସାଧାରଣ ସମ୍ପାଦକ କିଶୋର ନାୟକ ପ୍ରମୁଖ ଉପସ୍ଥିତିରେ ଏହି ପୂଜା ଆୟୋଜନ ହୋଇଥିଲା। ଏଥିରେ ସେବାୟତମାନେ ସକ୍ରିୟ ସହଯୋଗ କରିଥିଲେ। ପ୍ରାଣପ୍ରତିଷ୍ଠା ଉତ୍ସବ ସମାପନ ସହ ମା'ଙ୍କ ବିଗ୍ରହ ଲକ୍ଷ୍ମୀ ମନ୍ଦିରରେ ସ୍ଥାପିତ କରାଯାଇଥିଲା।

## ଲୁଆକେରାରୁ ଜୁଆଡ଼ି ଗିରଫ ଘଟଣା; ଆଉ ଜଣେ ଗିରଫ





**ରାଉରକେଲା, ୨୫।୬ (ସମିସ):** ସ୍ଥାନୀୟ ସେକ୍ଟର - ୧୫ ଥାନା ଅଧୀନ ଲୁଆକେରାରେ ଗତ ୮ ତାରିଖ ଚାଲିଥିବା ଏକ ବଡ଼ଧରଣର ଜୁଆ ଆଡ୍ଡା ଉପରେ ଚଢ଼ଉ କରି ପୁଲିସ ୨ ଜଣ କୁଖ୍ୟାତ ଜୁଆଡିଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୨୮ ଲକ୍ଷ ୩୯ ହଜାର ୪୦୦ ଟଙ୍କା ଜବତ୍ କରିଥିଲା। ଏହି ଘଟଣାରେ ଫେରାର ହୋଇଯାଇଥିବା ଆଉ ଜଣେ ଅଭିଯୁକ୍ତ ପାନପୋଷ ବସ୍ତି ଅଞ୍ଚଳର ବିକି ସାହୁ(୩୬)କୁ ଆଜି ସେକ୍ଟର-୧୫ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ତାଙ୍କ ନିକଟରୁ ୨ଟି ମୋବାଇଲ ଫୋନ ଓ ଦେଢ଼ ଲକ୍ଷ ଟଙ୍କା ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତ ୮ ତାରିଖ ଦିନ ସେକ୍ଟର-୧୫ ଥାନା ଅଧୀନ ଲୁଆକେରା ଗାଁର ବାହାନ କଂସାରୀ(୪୮) ଏବଂ ଦିଲୀପ କଂସାରୀ(୫୯)ଙ୍କୁ ପୁଲିସ ଗିରଫ କରିଥିଲା। ସେମାନଙ୍କ ନିକଟରୁ ପୁଲିସ ୨୭, ୩୯, ୪୦୦ ଟଙ୍କା ନଗଦ ଜବତ କରିଥିଲା। ଏହା ସହ ଚଢ଼ଉକାରୀ ଦଳ ଜୁଆଡିମାନଙ୍କର ୩ ଟି ଦାମୀ କାର୍, ୪ଟି ବାଇକ୍, ଏକ ଟଙ୍କା ଗଣା ମେସିନ, ୪ଟି ମୋବାଇଲ ଫୋନ୍, ଜୁଆ ଖେଳରେ ବ୍ୟବହୃତ ୬୮ଟି ଡାଏସ୍, ୪ଟି ବାଉଁଶ ବାସ୍କେଟକୁ ଜବତ କରିଥିଲା। ଗିରଫ ବାହାନ ଓ ଦିଲୀପ ଓଡ଼ିଶା ସୀମାନ୍ତ ଓ ଝାଡ଼ଖଣ୍ଡ ସୀମାନ୍ତରେ ସଂଗଠିତ ଭାବେ ବଡ଼ ବଡ଼ ଜୁଆ, କୁକୁଡ଼ା ପଡ଼ା ଏବଂ ଘୁଡୁଘୁଡ ପଟି ଖେଳ କରାଉଥିଲେ।

## ଦେଓଗାଁ ସ୍କୁଲ୍ ପରିସରରେ ଥଣ୍ଡାପାନୀୟ ଫ୍ରିଜ୍ ଉଦ୍‌ଘାଟିତ



**ରାଉରକେଲା, ୨୫।୬(ସମିସ):** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଦେଓଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଯୋଗ ଶିବିର ହୋଇଯାଇଛି। ଏଥିରେ ଲଳିତ କୁମାର ଜେନା ଓ ପ୍ରଶାନ୍ତ କୁମାର ପାଢ଼ୀ ଯୋଗ ଶିକ୍ଷା ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ସୁଧୀର କୁମାର ହରିଚନ୍ଦନଙ୍କ ଦ୍ୱାରା ତାଙ୍କ ଧର୍ମ ପତ୍ନୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଲଗାଯାଇଥିବା ଏକ ଶୁଦ୍ଧ ଥଣ୍ଡ ପାନୀୟ ଜଳ ଯନ୍ତ୍ରକୁ ବିଶିଷ୍ଟ ସମାଜସେବୀ ପୀତବାସ ଛୋଟରାୟ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପଙ୍କଜିନୀ କିଶାନ, ପୂର୍ବତନ ଶିକ୍ଷକ ଶାନ୍ତନୁ ମୁଦାଲି, ସନ୍ତୋଷ କୁମାର ବେହେରା, ପୂର୍ବତନ ଛାତ୍ର ରଞ୍ଜିତ୍ ପାତ୍ର, ରାଜେନ୍ଦ୍ର ସାହୁ, ସୁରେନ୍ଦ୍ର କୁମାର ଶତପଥୀ, ରଞ୍ଜିତ୍ କୁମାର ରାଉତ, ଦେବାଶିଷ ମହାନ୍ତି, ସୂର୍ଯ୍ୟକାନ୍ତି ମତଗଜସିଂ, ରମେଶ ହରିଚନ୍ଦନ, ସୁଶାନ୍ତ ପାତ୍ର, ନରୋତ୍ତମ ସାମଲ, ପ୍ରତାପ ଦାସ ଉପସ୍ଥିତ ଥିଲେ।

### ଆକାଶବାଣୀ ରାଉରକେଲା କେନ୍ଦ୍ରର ଦିବସ

# ସୂଚନା ଓ ଶିକ୍ଷା ମାଧ୍ୟମରେ ପ୍ରଭାବିତ କରିଆସିଛି ଆକାଶବାଣୀ

**ରାଉରକେଲା, ୨୫।୬(ସମିସ)**

ଆକାଶବାଣୀ ରାଉରକେଲା କେନ୍ଦ୍ରର ୩୧ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ଯାନ୍ତ୍ରିକ ବିଭାଗର ମୁଖ୍ୟ, ଆସିଷ୍ଟାଣ୍ଟ ଇଞ୍ଜିନିୟର ହରିହର ନାୟକଙ୍କ ସଭାପତିତ୍ୱ ଓ ଉଦ୍‌ଘୋଷକ ଅଶୋକ ରାଉତଙ୍କ ମଞ୍ଚ ସଞ୍ଚାଳନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ, ରାଉରକେଲା ବନଖଣ୍ଡ ଅଧିକାରୀ ରବିକାନ୍ତ ମୀନା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପାନପୋଷ ରେଞ୍ଜ ଅଫିସର ଶୁଚିସ୍ମିତା ଦାସ, ଆକାଶବାଣୀ ରାଉରକେଲାର କାର୍ଯ୍ୟକ୍ରମ ନିଷ୍ପାଦକ ବିନୀତ କୁମାର ଠାକୁର, ପ୍ରସାରଣ ନିଷ୍ପାଦକ ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟଅତିଥି ଶ୍ରୀ ମୀନା ଆକାଶବାଣୀ ରାଉରକେଲାର ୩୧ ତମ ପ୍ରତିଷ୍ଠା ଦିବସପାଳନ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଆକାଶବାଣୀ ସୂଚନା, ଶିକ୍ଷା, ମନୋରଞ୍ଜନ ମାଧ୍ୟମରେ ଜନଜୀବନକୁ କିଭଳି ଭାବରେ ପ୍ରଭାବିତ କରିଆସିଛି ଏବଂ ବରିଷ୍ଠ ବ୍ୟକ୍ତିବିଶେଷ ଏହା ଦ୍ୱାରା କିପରି ଭାବରେ ଉପକୃତ ହୋଇପାରୁଛନ୍ତି ସେ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ରେଞ୍ଜ ଅଫିସର ଶୁଚିସ୍ମିତା ଦାସ, ଆକାଶବାଣୀର ଭୂମିକା ବିଷୟରେ ସୂଚନା ଦେବା ସହିତ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଚାଲିଥିବା ଚାରାରୋପଣ କାର୍ଯ୍ୟକ୍ରମ 'ଏକ ପେଡ୍ ମା' କେ ନାମ-୩. ୦'ବିଷୟରେ ଅବଗତ କରାଇ, ଚାରାରୋପଣ ଓ ଏହାର ଉପକାରିତା ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଯାନ୍ତ୍ରିକ ବିଭାଗର ମୁଖ୍ୟ ତଥା ଆସିଷ୍ଟାଣ୍ଟ



ଇଞ୍ଜିନିଅର ଶ୍ରୀ ନାୟକ ନିଜର କହିଥିଲେ, ଯାନ୍ତ୍ରିକ ବିଭାଗ, କାର୍ଯ୍ୟକ୍ରମ ବିଭାଗ ସହିତ ସମନ୍ୱୟ ରଖି, ପ୍ରସାରଣର ମାନବୃଦ୍ଧିକୁ ଗୁରୁତ୍ୱ ଦେଇ, ଶ୍ରୋତାମାନଙ୍କୁ ଶ୍ରୁତିମଧୁର ତଥା ଉନ୍ନତମାନର ପ୍ରସାରଣ ସେବା ଯୋଗାଇ ଦେବାପାଇଁ, ସବୁବେଳେ ଚେଷ୍ଟା କରିଆସିଛି ଏବଂ ଆଗକୁ ମଧ୍ୟ ଏହା ଜାରି ରହିବ। ସୁନିତା ପଟ୍ଟନାୟକ, ମମତାଞ୍ଜଳି ଦାସ, ଜ୍ୟୋତ୍ସ୍ନାରାଣୀ ସାହୁ, ଶୁଚିସ୍ମିତା ପ୍ରଧାନ, ବିନୟ କୁଲୁ, ରୀନା ଦୀପ, ସୁନୀତା ସିଂହ, ବୀରେନ୍ଦ୍ର ପ୍ରତାପ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ବସନ୍ତ କୁମାର ସ୍ୱାଇଁଙ୍କ ପ୍ରଯୋଜନା ଏବଂ ଅଶୋକ କୁମାର ରାଉତ ଓ ଶୁଚିସ୍ମିତା ପ୍ରଧାନଙ୍କ ଉପସ୍ଥାପନାରେ, ଆମନ୍ତ୍ରିତ ଅତିଥି, ବିଭିନ୍ନ ବିଭାଗୀୟ ଅଧିକାରୀ, ପ୍ରାକ୍ତନ ଉଦଘୋଷକ, କାର୍ଯ୍ୟରତ ଉଦଘୋଷକ, ଉଦଘୋଷିକା, ଉପସ୍ଥାପକ, ଉପସ୍ଥାପିକାଙ୍କ ଶୁଭେଚ୍ଛା ବାର୍ତ୍ତା ପ୍ରସାର କରାଯାଇଥିଲା। ପରିଚାଳନାରେ ଆକାଶବାଣୀ ରାଉରକେଲାର କାର୍ଯ୍ୟକ୍ରମ ବିଭାଗର କର୍ମଚାରୀଙ୍କ ସମେତ ଯାନ୍ତ୍ରିକ ବିଭାଗର ଗିରିଶଚନ୍ଦ୍ର ନାୟକ, ବିକ୍ରମ ସାହୁ, ମିନାକ୍ଷୀ ନାୟକ, ଦିଲୀପ ଖଡ଼ିରତ୍ନ, ଦେବାଶିଷ ଚକ୍ରବର୍ତ୍ତୀ, ବିକାଶ ଚନ୍ଦ୍ର ସାମଲ, ସତ୍ୟ ସୁନ୍ଦର ସାହୁ, ବିଲିୟମ ବାଡା, ଶ୍ୟାମ ହାଁସଦା, ଭକ୍ତୁ କିସାନ, ଅଜିତ କୁମାର ସାହୁ, ସୁରେଶ ସିଂହ ଏବଂ ବିତ୍ତ ବିଭାଗର ରମେଶ ବାଡ଼ାଇକ୍, ନିରଞ୍ଜନ ମୁଣ୍ଡାରୀ ଏବଂ ସୁରକ୍ଷା ବିଭାଗ କର୍ମଚାରୀଙ୍କ ସମେତ ଏଞ୍ଜେଲ ଡୁଙ୍ଗଡୁଙ୍ଗ, ପୁଲକ ସାହୁ, ଲଳିତା, ଯସ୍ମିତା ପ୍ରମୁଖ ସହଯୋଗ କରିଥିଲେ।

## ମାଦକଦ୍ରବ୍ୟର ଦୁରୁପଯୋଗ ଓ ଅବୈଧ ଚାଲାଣ ବିରୋଧୀ ଦିବସ

**ରାଉରକେଲା, ୨୫।୬(ସମିସ):** 'ନିଶା ମୁକ୍ତ ଭାରତ ଅଭିଯାନ - ବିକଶିତ ଭାରତର ପରିଚୟ' ଥିମ୍‌କୁ ଆଧାରକରି ପାନପୋଷ ଉପଖଣ୍ଡରେ ଅନ୍ତର୍ଜାତୀୟ ମାଦକଦ୍ରବ୍ୟ ଦୁର୍ବ୍ୟବହାର ଓ ଅବୈଧ ଚୋରାଚାଲାଣ ବିରୋଧୀ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଉପଜିଲ୍ଲାପାଳ ଚାନ୍ଦିନୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଉଦିତନଗର ହାଇସ୍କୁଲରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ




ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ, ଉପଖଣ୍ଡ କ୍ଷୁଦ୍ର ସଞ୍ଚୟ ଅଧିକାରୀ ପ୍ରକାଶ କୁମାର ଦାଶ, ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସୁପ୍ରତିକ ବେହେରା, ଉଦିତ ନଗର ଉଚ୍ଚ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ପ୍ରବନ୍ଧ ଲେଖନ ଓ ବକ୍ତୃତା ପ୍ରତିଯୋଗିତା ସହିତ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଉତ୍ସାହର ସହିତ ଏହି ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ କରିଥିଲେ। ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାର ଆରମ୍ଭରେ ମିନୁ ତାଣ୍ଡିଆ ସଭାର ଶୁଭାରମ୍ଭ କରିଥିଲେ। ପରେ ତାଣ୍ଡିଆ ନିଶାଦ୍ରବ୍ୟ ଦୁର୍ବ୍ୟବହାରର ଗୁରୁତର କୁପ୍ରଭାବ, ଯୁବପିଢ଼ିର ଭବିଷ୍ୟତ ଉପରେ ଏହାର ଧ୍ୱଂସାତ୍ମକ ପରିଣାମ ଏବଂ ଏକ ନିଶାମୁକ୍ତ ସମାଜ ଗଠନର ଆବଶ୍ୟକତା ସମ୍ପର୍କରେ ସବିସ୍ତାର ଆଲୋକପାତ କରିଥିଲେ। ଉପଖଣ୍ଡ କ୍ଷୁଦ୍ର ସଞ୍ଚୟ ଅଧିକାରୀ ପ୍ରକାଶ କୁମାର ଦାଶ ମାଦକଦ୍ରବ୍ୟର ଅପବ୍ୟବହାର ଓ ଅବୈଧ ପାଚାରର ଭୟାବହ ପ୍ରଭାବ ଉପରେ ଜୋର ଦେଇ ସମାଜର ସଂଯୁକ୍ତ ଦାୟିତ୍ୱ ମାଧ୍ୟମରେ ଏହାକୁ ପ୍ରତିହତ କରିବାକୁ ଆହ୍ୱାନ ଜଣାଇଥିଲେ। ବିଶ୍ରା ବ୍ଲକ ଶିକ୍ଷାଧିକାରୀ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ନିଶାଦ୍ରବ୍ୟ ବିରୋଧରେ ସଚେତନ ରହିବା ସହ ସମାଜରେ ସଚେତନତା ବିସ୍ତାର କରିବାକୁ ପ୍ରେରିତ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ନିଶାମୁକ୍ତ ଯୁବପିଢ଼ି ହିଁ ବିକଶିତ ଭାରତ ଗଠନର ଦୃଢ଼ ଭିତ୍ତିସ୍ତମ୍ଭ। ମିନୁ ତାଣ୍ଡିଆ ଉପସ୍ଥିତ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।

## 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ

**ବଣାଇଁ, ୨୫।୬(ସମିସ):** ରାଜ୍ୟ ସରକାରଙ୍କ ଦୁଇବର୍ଷର ସଫଳତା ଓ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭାଲୁପାଣି ଓ ପିଠାଚୋର ଗ୍ରାମ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାଲୁପାଣି ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ବଣାଇଁଗଡ଼ ବିଡିଓ ଦିବ୍ୟଶଙ୍କର ଜୟପୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସରପଞ୍ଚ ଶିବ ନାରାୟଣ ସିଂ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୋମିଓ ରଞ୍ଜନ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଗୌତମ ନାୟକ, କନିଷ୍ଠ ଯନ୍ତ୍ରୀ ନରେନ୍ଦ୍ର ମାଝୀ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପିଠାଚୋରଗ୍ରାମ ପଞ୍ଚାୟତରେ ସରପଞ୍ଚ ସୁନିକା ହେମ୍ବ୍ରମ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୋମିଓ ରଞ୍ଜନ ପ୍ରଧାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମହୋଇଥିଲା। ଏହି ଅବସରରେ ଛେଳିପାଳନ ଯୋଜନା, ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କୁ ମୋବାଇଲ ବଣ୍ଟନ, ଅନ୍ତ୍ୟୋଦୟ ଗୃହ ଯୋଜନା, ପଟ୍ଟା ବଣ୍ଟନ ଏବଂ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସହାୟତା ଓ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ବିଭିନ୍ନ ବିଭାଗ ପକ୍ଷରୁ ସରକାରୀ ଯୋଜନା ଓ ସେବା ସମ୍ବନ୍ଧୀୟ ଷ୍ଟଲ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।



## ପୋଖରୀରେ ବୁଡ଼ି ନାବାଳିକା ମୃତ

**ଲହୁଣୀପଡ଼ା, ୨୫।୬(ସମିସ):** ଲହୁଣୀପଡ଼ା ଥାନା ସିଆଳିକୁଦର ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ନାବାଳିକାର ମୃତ୍ୟୁ ଘଟିଛି। ମୃତ ବାଳିକା ହେଉଛନ୍ତି ବୀନତି ମୁଣ୍ଡା (୧୨)। ବୀନତି ଏବଂ ତାଙ୍କ ମାଆ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ମାଆ ଗାଧୋଇ ସାରି ବନ୍ଧ ହୁଡାକୁ ଉଠି ପଳାଇଥିବାବେଳେ ଝିଅ ପୋଖରୀ ଭିତରକୁ ଗାଧୋଇବା ପାଇଁ ଯାଇ ବୁଡିଯାଇଥିଲେ। କିଛି ସମୟ ପରେ ମଧ୍ୟ ଝିଅ ପାଣିରୁ ନବାହାରିବାରୁ ମାଆ ପାଟି କରି ଲୋକଙ୍କୁ ଡାକି ଥିଲେ। ଲୋକ ପହଞ୍ଚି ତାକୁ ଉଦ୍ଧାର କରିଥିଲେ ହେଁ ଡେରି ହେବା କାରଣରୁ ପାଣିରେ ବୁଡ଼ି ତାର ମୃତ୍ୟୁ ହୋଇଥିଲା। ଲହୁଣୀପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଜବତ କରି ବ୍ୟବଚ୍ଛେଦ ତରାଇବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ନିଶାମୁକ୍ତ ଅଭିଯାନ ଓ 'ବିକଶିତ ଭାରତ କି ପେହେଚାନ୍' କାର୍ଯ୍ୟକ୍ରମ

**ବଣାଇ, ୨୫।୬(ସମିସ):** ବଣାଇଗଡ଼ସ୍ଥିତ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟ ପରିସରରେ ନିଶାମୁକ୍ତ ଅଭିଯାନ ଓ 'ବିକଶିତ ଭାରତ କି ପେହେଚାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଣାଇ ଉପଜିଲ୍ଲାପାଳ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଡେପୁଟି ଜିଲ୍ଲାପାଳ ସ୍ୱାଗତିକା ଦଳପତି ଓ ଶିବାଙ୍ଗି ଆନନ୍ଦ, ସହକାରୀ ଉପଜିଲ୍ଲାପାଳ କୂଳମଣି ଧଳ, ବିକ୍ରାନ୍ତ ପାତ୍ର ଓ ନବକିଶୋର ପାତ୍ର, ଗୋଷ୍ଠୀ ଶିକ୍ଷାଧିକାରୀ ସୁନୀଲ ମୁଣ୍ଡୁ, ବଣାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜେନାମଣି ସାହୁଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ କୁମାର ସାହୁଙ୍କ ସମେତ କର୍ମଚାରୀ ଦେବଜ୍ୟୋତି ପ୍ରଧାନ, ରଞ୍ଜନ ପ୍ରଧାନ ସହଯୋଗ କରିଥିଲେ। ଯୋଗ ଶିକ୍ଷକ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ଉପକାରିତା ବିଷୟରେ ବିସ୍ତୃତ ଶିକ୍ଷା ପ୍ରଦାନ କରିଥିଲେ।



## 'ଆର୍‌ଏସ୍‌ପି ସମଗ୍ର ସେଲ୍‌ର ଗର୍ବ ଓ ଗୌରବ'

**ରାଉରକେଲା, ୨୫।୬(ସମିସ):** ରାଉରକେଲା ଇସ୍ପାତ କାରଖାନା ହେଉଛି ସମଗ୍ର ସେଲ୍‌ର ଗର୍ବ ଏବଂ ଗୌରବ। ବର୍ତ୍ତମାନ ସେଲ୍‌ର ସର୍ବୋତ୍ତମ ଇସ୍ପାତ କାରଖାନା ଭାବେ ଆର୍‌ଏସ୍‌ପିକୁ ବିବେଚନା କରାଯାଉଛି ଏବଂ ଆପଣମାନଙ୍କୁ ସେହି ସ୍ଥିତିବଜାୟ ରଖିବାକୁ ହେବବୋଲି ଗୁରୁବାର ଆର୍‌ଏସ୍‌ପିର ଗୋପବନ୍ଧୁ ପ୍ରେକ୍ଷାଳୟରେ




ସେଲ୍‌ଫର ଅଧ୍ୟକ୍ଷ ତଥା ମ୍ୟାନେଜିଂ ଡିରେକ୍ଟର (ସିଏମଡି) ଡ. ଅଶୋକ କୁମାର ପଣ୍ଡା ଆହ୍ୱାନ ଦେଇଛନ୍ତି। ମଞ୍ଚରେ ତାଙ୍କ ସହ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉପସ୍ଥିତ ଥିବାବେଳେ ସମସ୍ତ ନିର୍ବାହୀ ନିର୍ଦ୍ଦେଶକ, ସିଜିଏମ୍, ବିଭାଗୀୟ ମୁଖ୍ୟ ଏବଂ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ନିଜ କର୍ମ ଜୀବନର ପ୍ରାରମ୍ଭିକକାଳ ଆରଏସପିରେ ବିତାଇଥିବା ଦୀର୍ଘ ୨୬ ବର୍ଷର ସମୟକୁ ସ୍ମରଣ କରି ଡ. ପଣ୍ଡା କହିଥିଲେ ଯେ, ରାଉରକେଲାକୁ ଫେରିବା ତାଙ୍କ ପାଇଁ ସର୍ବଦା ଏକ ଭାବପ୍ରବଣ ପ୍ରସଙ୍ଗ। ଆଲୋଚନାର ମୁଖ୍ୟ ବିଷୟବସ୍ତୁ, ଚଳିତ ଆର୍ଥିକ ବର୍ଷରେ ୧୦, ୦୦୦ କୋଟିରୁ ଅଧିକ ଟଙ୍କାର (କର୍‌ପୂର୍ବ) ଲାଭ ଅର୍ଜନ କରିବା ଉପରେ ଆଲୋକପାତ କରି ଡ. ପଣ୍ଡା କାରଖାନାର କାର୍ଯ୍ୟକାରିତାର ୬ ଗୋଟି ବିଭିନ୍ନ ଦିଗ, ଯଥା - ସୁରକ୍ଷା, ଯନ୍ତ୍ରପାତିର ସୁସ୍ଥତା, ବ୍ରେକଡାଉନ୍‌ର ନିରାକରଣ, ନେଟ୍ ସେଲ୍ସ ରିଆଲାଇଜେସନ୍, ଗ୍ରାହକଙ୍କ ଅର୍ଡର ଭିତ୍ତିକ ଉତ୍ପାଦନ ଏବଂ ମୂଲ୍ୟଯୁକ୍ତ ଉତ୍ପାଦର ଉତ୍ପାଦନ ବୃଦ୍ଧି ଉପରେ ବିଶ୍ଳେଷଣ କରିଥିଲେ। ଏହି କାର୍ଯ୍ୟକ୍ରମର ଅନ୍ୟ ଏକ ଆକର୍ଷଣ ଥିଲା ଏକ ମୁକ୍ତ ଆଲୋଚନା, ଯେଉଁଥିରେ ବିଭିନ୍ନ ବିଭାଗର କର୍ମଚାରୀମାନେ ସେମାନଙ୍କର ସଫଳତାର କାହାଣୀ, ସମ୍ମୁଖୀନ ହୋଇଥିବା ବାଧାବିଘ୍ନ ଏବଂ କାରଖାନାର ଉନ୍ନତି ପାଇଁ ସେମାନଙ୍କର ଯୋଜନା ବିଷୟରେ ଜଣାଇଥିଲେ। ଆର୍‌ଏସ୍‌ପିର ମୁଖ୍ୟ ମହାପ୍ରବନ୍ଧକ ସର୍ଭିସେସ୍ ଅତିଶ ଚନ୍ଦ୍ର ସରକାର ସମବେତଙ୍କୁ ସ୍ୱାଗତକରି କହିଥିଲେ ଯେ ଡ. ପଣ୍ଡା ଆର୍‌ଏସ୍‌ପିର ପ୍ରଥମ ମ୍ୟାନେଜମେଣ୍ଟ ଟ୍ରେନିଂ ଭାବେ କାର୍ଯ୍ୟ ଆରମ୍ଭ କରି ସେଲ୍‌ଫର ସର୍ବୋଚ୍ଚ ସିଏମ୍‌ଡି. ପଦରେ ପର୍ଯ୍ୟନ୍ତ ପହଞ୍ଚିବା, ଆର.ଏସ.ପି.ର ସମସ୍ତ ଯୁବ ଓ ମହତ୍ତ୍ୱାକାଂକ୍ଷୀ କର୍ମଚାରୀଙ୍କ ପାଇଁ ଏକ ଅନୁକରଣୀୟ ଉଦାହରଣ ସୃଷ୍ଟି କରିଛି। ଅଶୋକ ଜେନା, ଅନିଲ ଝା, ଦୀପକ ମହାନ୍ତି, ଆସିଷ୍ଟାଣ୍ଟ ମ୍ୟାନେଜର (ଏସ ଏମଏସ-୨)ଙ୍କ ଦ୍ୱାରା ଏକ ପ୍ରେଜେଣ୍ଟେସନ ଉପସ୍ଥାପନ କରାଯାଇଥିଲା। ଜୟଦେବ ମଜୁମଦାର ସଞ୍ଚାଳନ କରିଥିଲେ।

## ସେଲ ଅଧ୍ୟକ୍ଷଙ୍କ ସହ ଆର୍‌ଏସ୍‌ଏସ୍ ପ୍ରତିନିଧିଙ୍କ ଆଲୋଚନା

**ରାଉରକେଲା, ୨୫।୬(ସମିସ):** ଆଜି ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧିମଣ୍ଡଳୀ ଆର୍‌ଏସ୍‌ପି ଡିଆଇସି ସମ୍ମିଳନୀକକ୍ଷରେ ସେଲ୍‌ଫ ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡାଙ୍କୁ ସ୍ୱାଗତକରିବା ସହ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଇସ୍ପାତ ଶ୍ରମିକମାନଙ୍କ ୩୯ ମାସର ଏରିୟର ପ୍ରଦାନ କରିବା, ଦୀର୍ଘଦିନ ଧରି ଝୁଲି ରହିଥିବା ପୂର୍ଣ୍ଣାଙ୍ଗ ମଜୁରୀ ଚୁକ୍ତିନାମା ଶୀଘ୍ର ସମ୍ପାଦନ



କରିବା, ବିଗତ ତିନି ବର୍ଷ ମଧ୍ୟରେ ଥରେ ମଧ୍ୟ ଏନ୍‌ଜିଏସ୍‌ଏସ୍ ବୈଠକ ନ ଡକାଯିବା ପ୍ରସଙ୍ଗରେ ତୁରନ୍ତ ବୈଠକ ଡକାଯିବା, ୨୦ ବର୍ଷ ପୁରୁଣା ଇନ୍‌ସେଟିଭ ରିୱାର୍ଡ ସ୍କିମ୍‌ର ସଂଶୋଧନ ଓ ଅନୁମୋଦନ କରିବା, ବିସ୍ଥାପିତ ଆଧାରରେ ନିଯୁକ୍ତ କର୍ମଚାରୀଙ୍କ ଟ୍ରେନିଂ ପିରିୟଡ୍‌କୁ ଚାକିରି ଅବଧିରେ ଅନ୍ତର୍ଭୁକ୍ତ କରିବା।, ବିସ୍ଥାପିତ କର୍ମଚାରୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଆଧାରରେ ଗ୍ରେଡ୍ ପ୍ରଦାନ କରାଯିବା, ଆଇଜିଏଚ ଓ ଇସ୍ପାତ ଟାଉନସିପର ଘରୋଇକରଣକୁ ବନ୍ଦ ରଖିବା, ଇସ୍ପାତ ଶ୍ରମିକମାନଙ୍କ ପାଇଁ ହାଉସିଂ ପ୍ରକଳ୍ପ ଜରିଆରେ ବାସଗୃହ ଯୋଗାଇ ଦେବା, ଲାଇସେନ୍ସ କ୍ୱାର୍ଟର, ରିଟେନସନ ସ୍କିମ୍, ଡବଲ କ୍ୱାର୍ଟର୍ସ ଏବଂ ଖାଲି ପଡ଼ିଥିବା ୩୦୦୦ ରୁ ଅଧିକ କ୍ୱାର୍ଟର୍ସ ଆବଣ୍ଟନ ଆଦି ସମସ୍ୟାର ସମାଧାନ କରିବା, ଇସ୍ପାତ ଶ୍ରମିକଙ୍କୁ ଟାଉନସିପରୁ ପ୍ଲାଣ୍ଟକୁ ହେଉଥିବା ବେଆଇନ ବଦଳିକୁ ବନ୍ଦ କରିବା, ଠିକା ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ କାର୍ଯ୍ୟକାରୀ କରିବା ପାଇଁ ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଦାବୀ ଉପସ୍ଥାପନ କରାଯାଇଥିଲା। ଏହି ପ୍ରତିନିଧିମଣ୍ଡଳୀରେ ଉପସାଧାରଣ ସମ୍ପାଦକ ଚକ୍ରଧର ପ୍ରଧାନ, ଉପସଭାପତି ସୁରେଶ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଦତ୍ତ, ବୀରକିଶୋର ଶେଖର ଦେଓ, ସତ୍ୟ ସାହୁ, ନିହାର ଦାସ, ଦୁଃଶାସନ ନାୟକ, ବିକାଶ ବେହୁରିଆ, ପଦ୍ମାଳୟା ଧର, ମନୋଜ କିଶାନ ଓ ପ୍ରତାପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଖିତ ପ୍ରତିଶ୍ରୁତି ପରେ 'ସିମୁ'ର ଧାରଣା କାର୍ଯ୍ୟକ୍ରମ ସ୍ଥଗିତ

**ରାଉରକେଲା, ୨୫।୬(ସମିସ)**

ରାଉରକେଲା ଇଏସ୍‌ଆଇ ଡିସପେନସେରୀର ଅବ୍ୟବସ୍ଥା ବିରୁଦ୍ଧରେ ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜୁଦୁର ୟୁନିୟନ(ସିମୁ) ପକ୍ଷରୁ ୧ ଜୁଲାଇ ଠାରୁ ଜେଲ ରୋଡ୍‌ସ୍ଥିତ ଇଏସ୍‌ଆଇ ଡିସପେନସେରୀ ସମ୍ମୁଖରେ ନିରନ୍ତର ଧାରଣା ସଙ୍ଗଠିତ କରିବା ଡାଇରେକ୍ଟର ଇଏସ୍‌ଆଇ(ସ୍କିମ)ଙ୍କୁ ଗତ ୧୩ ତାରିଖରେ ୟୁନିୟନ ପକ୍ଷରୁ ଚିଠି କରାଯାଇଥିଲା। ତେବେ ଆଜି ଡେପୁଟି ଡାଇରେକ୍ଟର ତଥା ସୁପରିଟେଣ୍ଡେଣ୍ଟ ଡାକ୍ତର ଜଗତଜୀବନ ପତି କାଂସବାହାଲ ହସ୍ପିଟାଲ ଠାରେ ୟୁନିୟନ ସହିତ ଆଲୋଚନା ପାଇଁ ସ୍ଥିର କରିବା ସହିତ ସମସ୍ୟାର ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତ ଦେଇଥିଲେ। ପ୍ରକାଶଯୋଗ୍ୟ କି ସୁନ୍ଦରଗଡ଼ ଜିଲ୍ଲାରେ ଇଏସ୍‌ଆଇ ଡିସ୍‌ପେନସେରି ମାନଙ୍କରେ ନାହିଁ ନଥିବା ସମସ୍ୟା ଦେଖାଦେଇଛି। ଯାହା ଫଳରେ ବୀମାଭୁକ୍ତ ଶ୍ରମିକ ଓ ତାଙ୍କ ପରିବାର ବର୍ଗମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ଜିଲ୍ଲାରେ ଥିବା ସମସ୍ତ ଡିସ୍‌ପେନସେରୀ ମାନଙ୍କରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାଁନ୍ତି, ବହୁ ଲଢେଇ ଫଳରେ ବଣାଁଇ ଓ କୋଇଡା ଠାରେ ଇଏସ୍‌ଆଇ ଡିସପେନସେରୀ ଖୋଲାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମାନେ ଯାଉନାହାଁନ୍ତି, ଯେଉଁ ଡିସ୍‌ପେନ୍‌ସେରୀରେ ଡାକ୍ତର ଅଛନ୍ତି, ସେମାନେ ନିୟମିତ ଓ ଠିକ୍ ସମୟରେ ଡିସପେନସେରୀ ରେ ଯୋଗ ଦେଉନାହାନ୍ତି। ରାଜଗାଙ୍ଗପୁର ଡିସପେନସରୀରେ ଡ୍ରେସ୍‌ର ନାହାଁନ୍ତି ଏବଂ କୌଣସି ଡିସପେନସେରୀରେ ରୋଗୀଙ୍କୁ ନେବା ଆଣିବା ବା ଅଧିକ ଚିକିତ୍ସାର ସ୍ଥାନାନ୍ତରିତ ପାଇଁ ଆମ୍ବୁଲାନ୍ସ ନାହିଁ। ଗତ ଅକ୍ଟୋବର ଠାରୁ ସେକେଣ୍ଡାର ହେଥ୍ କେୟାର ପାଇଁ ଜୟ ପ୍ରକାଶ ହସ୍ପିଟାଲ, ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ, ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ସହିତ ଟାଇଅପ ହୋଇଥିବା ବେଳେ ବିଭିନ୍ନ ଡିସପେନସେରୀମାନଙ୍କରୁ ରୋଗୀଙ୍କୁ ରେଫର କରିବାରେ ସମସ୍ୟା ଦେଖାଦେଉଛି। ଏହି ଆଲୋଚନାରେ ସିମୁ ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ, ସମ୍ପାଦିକା ତାଜମୁନ ନେହାର, ସମ୍ପାଦକ ଯଯାତୀ କେଶରୀ ସାହୁ, ଅଜିତ ଏକ୍କା, ଅଜିତ କୁମାର ଦାଶ, ଯୀରୋଦ ବେହେରା, ସମ୍ବିତ ସ୍ୱାଇଁ, ଶୁଧାଂଶୁ ଜେନା, ରଞ୍ଜନ ବେହେରା, ବିଜୟ ମଲ୍ଲିକ, ସରୋଜ ବାର୍ଲା, ଭବାନୀ ସାହୁ, ରାଜନ ନାଗ ପ୍ରମୁଖ ଇଏସ୍‌ଆଇ ଡିସପେନସେରୀ ର ସମସ୍ୟା ଉପରେ ଆଲୋଚନା କରିଥିଲେ। ଡେପୁଟି ଡାଇରେକ୍ଟର ତଥା ସୁପରିଟେଣ୍ଡେଣ୍ଟ ଡାକ୍ତର ଜଗତ ଜୀବନ ପତି ଏ ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରାଯିବ ନେଇ ଏକ ଲିଖିତ ପ୍ରତିଶ୍ରୁତ ଦେଇଥିଲେ। ତେଣୁ ସିମୁ ପକ୍ଷରୁ ଧାରଣାକୁ ସ୍ଥଗିତ ରଖାଯାଇଛି ଏବଂ ସମସ୍ତ ସମସ୍ୟାର ସମାଧାନ ନହେଲ ପରେ ପୁଣି ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।

### ପୁଣି ବୁଡ଼ିବ ସମ୍ବଲପୁର !

# ଆସୁଛି ବର୍ଷା; ସରିନି ତିନି ମୁଖ୍ୟନାଳା ସଫେଇ

**ସମ୍ବଲପୁର, ୨୫।୬ (ସମିସ)**

ପୁଣି ଜଳାର୍ଣ୍ଣବ ହେବ ସମ୍ବଲପୁର। ତଳି ଅଞ୍ଚଳରେ ଘର ମାନଙ୍କରେ ପାଣି ପଶିବ। ମୌସୁମୀ ବର୍ଷା ଆରମ୍ଭ ହେବା ପରଠାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗୋଟିଏପଟେ କେତେକ ଅଞ୍ଚଳରେ ନାଳ ନଥିବା କିମ୍ବା ସଂକୁଚିତ ନାଳ ପାଇଁ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରି ରାସ୍ତା ଉପରେ ବହିବା ସହ ଘର ମାନଙ୍କରେ ପଶୁଛି। ଅନ୍ୟପଟେ ସମ୍ବଲପୁରର ତିନୋଟି ପ୍ରମୁଖ ନାଳ - ଧୋବିଜୋର୍ ନାଳା, ଟାଙ୍ଗନା ନାଳା ଓ ହରଡ଼ଜୋର୍ ନାଳା ସଫେଇ ଆରମ୍ଭ ହୋଇ ପାରିନାହିଁ। ପୂର୍ବରୁ ଧୋବି ଜୋର୍ ନାଳାରେ ସ୍ୱଚ୍ଛଜଳ ପ୍ରବାହିତ ହେବାସହ ଡଙ୍ଗା ଚାଲୁଥିଲା ବୋଲି ବୟୋଜ୍ୟେଷ୍ଠ ମାନେ କହନ୍ତି। ବର୍ତ୍ତମାନ ସବୁଗୁଡ଼ିକ ଆବର୍ଜନା ଜଳ ପଡୁଛି। ତାହା ମଧ୍ୟ ଜଗଲ (ଦଳ), ଲଟା, ବୁଦା ଓ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ପଚାରିଲେ ଏହି ତିନୋଟି ନାଳା ଜଳସେଚନ ବିଭାଗ ଅଧିନରେ ରହିଥିବା କହୁଛନ୍ତି। ଜଳସେଚନ ବିଭାଗ ଏହାର ସଫେଇକୁ ନେଇ ଉଦାସୀନ ରହୁଥିବା ଦେଖାଯାଉଛି। ପ୍ରବଳ ବର୍ଷା ହେଲେ ନାଳା ଗୁଡ଼ିକରେ ଆବର୍ଜନା ଏବଂ ଜଳ ଗତିପଥ ଅବରୋଧ ଯୋଗୁଁ ନିକଟସ୍ଥ ବସ୍ତି ଅଞ୍ଚଳରେ ପାଣି ପଶିବା ଆଶଙ୍କା ରହିଛି।

ଗତ ମେ' ୩୦ ତାରିଖର ମାତ୍ର ଘଣ୍ଟାକର ଝଡ଼ବର୍ଷାରେ ସମ୍ବଲପୁର ସହରର ସମସ୍ତ ନାଳ ଜାମ୍ ହୋଇ ରାସ୍ତା ଉପରେ ପାଣି ବୋହିଲା। ବିଭିନ୍ନ ସ୍ଥାନରେ ଘର ମାନଙ୍କରେ ପାଣି ପଶିଲା। ପୁଣି ଦୁଇଦିନ ତଳେ ସନ୍ଧ୍ୟାରେ ପ୍ରବଳ ବର୍ଷା ଯୋଗୁଁ



ରାସ୍ତାଘାଟରେ ନାଳପାଣି ବୋହିବାସହ ସମ୍ବଲପୁରର ଅନେକ ସ୍ଥାନରେ ଜଳାର୍ଣ୍ଣବ ହେବା ଦେଖାଯାଇଥିଲା। ମହାନଗର ନିଗମର ପ୍ରସ୍ତୁତି ଫସରଫାଟି ଯାଉଛି। ଆଗାମୀ ଦିନରେ ପ୍ରବଳବର୍ଷା ହେଲେ ପୁଣି ବୁଡ଼ିବ ସମ୍ବଲପୁର। ୨୦୧୮ ମସିହା ଜୁଲାଇ ୨୩ ତାରିଖ ଭଳି ବାଦଲଫଟା ବର୍ଷାହେଲେ ବୁଡ଼ିଯିବ ସମ୍ବଲପୁର। ଏପର୍ଯ୍ୟନ୍ତ ସମ୍ବଲପୁର ସହର ସକାଶେ ବର୍ଷା ଜଳ ନିଷ୍କାସନ ପାଇଁ ଠୋସ୍ ଯୋଜନା ହୋଇପାରିନାହିଁ। ସମ୍ବଲପୁର ସହରାଞ୍ଚଳରେ ନାଳ ଗୁଡ଼ିକ ଅଙ୍କାବଙ୍କା ଓ ସଂକୁଚିତ ହୋଇ ରହିଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୫୪୮.୨୩ କିଲୋମିଟର ଦୀର୍ଘ ନାଳ ରହିଛି। ବର୍ଷା ଋତୁ ଆସିବା ପୂର୍ବରୁ ତାହାର ମାଟିକାଢ଼ିବା କାର୍ଯ୍ୟ ଏବଂ ନିୟମିତ ସଫେଇ କାର୍ଯ୍ୟ ଯୋଜନାବଦ୍ଧ ଭାବେ କରାଯାଉନାହିଁ।

ସମ୍ବଲପୁର ସହରର ତିନୋଟି ମୁଖ୍ୟ ନାଳା ଧୋବିଯୋର, ଟାଙ୍ଗନା ନାଳା ଓ ହରଡ଼ଯୋର ସମ୍ବଲପୁର ସହର ଦେଇ ଗତି କରିଛି। ସହରର ଘର ମାନଙ୍କରୁ ଉଦ୍‌ବୃତ୍ତ ଜଳ, ବର୍ଷା ଜଳ ଆଦି ଏହି ତିନୋଟି ନାଳାରେ ପ୍ରବାହିତ ହୋଇଥାଏ। ଏହି ତିନୋଟି ନାଳା ଜଳସେଚନ ବିଭାଗ ଅଧୀନରେ ରହିଛି। ସେଗୁଡ଼ିକ ଏବେ ଦଳ, ଲଟାବୁଦା, ଆବର୍ଜନା ଓ ମାଟି ଭର୍ତ୍ତି ହୋଇ ରହିଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଟେଣ୍ଡର ହୁଏ କିନ୍ତୁ ବର୍ଷାଋତୁ ଶେଷ ପର୍ଯ୍ୟନ୍ତ ମଧ୍ୟ ସଫେଇ କାମ ଶେଷ ହୁଏନାହିଁ। ବର୍ଷାଋତୁରେ ଜଳ ନିଷ୍କାସିତ ହୋଇ ନ ପାରି ଘରଗୁଡ଼ିକରେ ପଶିଥାଏ। ପୁଣି ପ୍ରବଳ ବର୍ଷା ହେଲେ, ହୀରାକୁଦ ଡ୍ୟାମ୍‌ର ଫାଟକ ବନ୍ୟାଜଳ ନିଷ୍କାସନ ପାଇଁ ଖୋଲାଯାଏ, ଏହି ସମୟରେ ନାଳା ଗୁଡ଼ିକର ସ୍ଲୁଇସ୍ ଗେଟ୍ ବନ୍ଦ ଯୋଗୁଁ ପଛୁଆପାଣି ସମ୍ବଲପୁରରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଥାଏ। ବର୍ଷତମାମ ନାଳା ଗୁଡ଼ିକର ସଫେଇ ଜରୁରୀ ଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଉଦାସୀନ ରହୁଛନ୍ତି ଏବଂ ଜିଲ୍ଲା ପ୍ରଶାସନ ମଧ୍ୟ ମନିଟରିଂ ଓ ତାଗିଦ୍ କରୁ ନ ଥିବା ସଚେତନ ମହଲରେ ଅଭିଯୋଗ ହେଉଛି।

ମହାନଗର ନିଗମ ଉପାୟୁକ୍ତ (ପରିମଳ) ସୁଶାନ୍ତ କୁମାର ସାହୁ କହିଛନ୍ତି, ସମ୍ବଲପୁର ମହାନଗର ନିଗମର ବିଭିନ୍ନ ଅଞ୍ଚଳରେ ଡ୍ରେନ୍ ଗୁଡ଼ିକ ଉପରେ ଥିବା ଦୋକାନ ତଥା ବର୍ଷାଜଳ ଅବରୋଧ ହେଉଛି ତାହାକୁ ତୁରନ୍ତ ଉଚ୍ଛେଦ କରାଯାଉଛି। ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ମୁଖ୍ୟ ଡ୍ରେନ୍ ଗୁଡ଼ିକର ଥରେ ଲେଖାଏ ସଫଇ ସରିଥିବାବେଳେ ପୁଣି ଆବଶ୍ୟକସ୍ଥଳେ ସଫେଇ କରାଯାଉଛି। ଧୋବିଜୋର୍, ହରଡ଼ଜୋର ଓ ଟାଙ୍ଗନା ନାଳା ଜଳସେଚନ ବିଭାଗ ଅଧିନରେ ଥିବାରୁ ସମ୍ପୃକ୍ତ ବିଭାଗକୁ ଏନେଇ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

## ଅଙ୍ଗନବାଡ଼ି କର୍ମୀଙ୍କୁ ମିଳିପାରିବନି ଇଏସ୍‌ଆଇ ସୁବିଧା

### ସ୍ପଷ୍ଟକଲେ କର୍ମଚାରୀ ରାଜ୍ୟ ବୀମା ନିଗମ

**ସମ୍ବଲପୁର, ୨୫।୬ (ସମିସ) :** ପଶ୍ଚିମ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ଅଙ୍ଗନବାଡ଼ି କର୍ମୀ, ସହାୟିକା ଓ ଆଶା କର୍ମୀମାନଙ୍କ ସାମାଜିକ ସୁରକ୍ଷା ଏବଂ ନିୟମିତକରଣ ପାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶ୍ରମ ମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗକୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଅଙ୍ଗନବାଡ଼ି କର୍ମୀ ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ସମାନ କାମକୁ ସମାନ ଦରମା ପ୍ରଦାନ କରିବା, ଅଙ୍ଗନବାଡ଼ି କର୍ମୀଙ୍କୁ ଉଚ୍ଚ-ଦକ୍ଷ କର୍ମଚାରୀ (ହାଇ ସ୍କିଲ୍‌ଡ କ୍ୟାଟେଗୋରୀ) ଭାବେ ଗ୍ରହଣ କରି ମାସିକ ୨୬ ହଜାର ଟଙ୍କା ସର୍ବନିମ୍ନ ମଜୁରି ପ୍ରଦାନ, ସାମାଜିକ ସୁରକ୍ଷା କୋଡ୍ ଅଧୀନରେ ଇପିଏଫ୍ ଓ ଇଏସଆଇ ସୁବିଧା ଯୋଗାଇବାକୁ ଦାବି କରାଯାଇଥିଲା। ଏହାର ସ୍ପଷ୍ଟୀକରଣ ଭାରତ ସରକାରଙ୍କ ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ ଅନ୍ତର୍ଗତ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ମୁଖ୍ୟାଳୟ ପକ୍ଷରୁ ସଂଘକୁ ପ୍ରେରଣ କରାଯାଇଛି। ଏଥିରେ ବୀମା ନିଗମ ସ୍ପଷ୍ଟ କରିଛି ଯେ, ସାମାଜିକ ସୁରକ୍ଷା କୋଡ୍ ୨୦୨୦ର ବ୍ୟବସ୍ଥା ଅନୁଯାୟୀ ଆଶା କର୍ମୀ କିମ୍ବା ଅଙ୍ଗନବାଡି କେନ୍ଦ୍ରଗୁଡ଼ିକ କୌଣସି 'ପ୍ରତିଷ୍ଠାନ' (ଏଷ୍ଟାବ୍ଲିସମେଣ୍ଟ) ପରିସରଭୁକ୍ତ ନୁହନ୍ତି। ଏଥିସହିତ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଏହି ସୁବିଧା ପ୍ରଦାନ କରିବା ପାଇଁ କୌଣସି ସ୍ୱତନ୍ତ୍ର ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇନାହିଁ। ତେଣୁ ବର୍ତ୍ତମାନର ସଂହିତା ଆଧାରରେ ସାରା ଦେଶର ଅଙ୍ଗନବାଡ଼ି କର୍ମୀ, ସହାୟିକା ଓ ଆଶା କର୍ମୀମାନଙ୍କୁ ଇଏସଆଇ ସୁବିଧା ଯୋଗାଇ ଦିଆଯାଇପାରିବ ନାହିଁ। ଭବିଷ୍ୟତରେ ଇଏସ୍‌ଆଇ ସ୍କିମ୍ ଯୋଗାଇ ଦେବାକୁ ହେଲେ ସମ୍ପୃକ୍ତ ସରକାରଙ୍କୁ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିବାକୁ ପଡ଼ିବ ବୋଲି ଇଏସ୍‌ଆଇସି ପକ୍ଷରୁ କୁହାଯାଇଛି।

## ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରର ପ୍ରତିଷ୍ଠା ଦିବସ




**ସମ୍ବଲପୁର, ୨୫।୬ (ସମିସ) :** ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରର ୧୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ, ପୁଲିସ ଉପ-ନିରୀକ୍ଷକ ସଞ୍ଜୟ କୁମାର ସିଂହ ସହିଦ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ କ୍ୱାର୍ଟରଗାର୍ଡରେ ଅଭିବାଦନ ଗ୍ରହଣ କରିଥିଲେ। ସେ ଗ୍ରୁପ୍ ସେଣ୍ଟର, ସିଆର୍‌ପିଏଫ୍, ସମ୍ବଲପୁରର ସଫଳତା ଉପରେ ମଧ୍ୟ ଆଲୋକପାତ କରିଥିଲେ। ପ୍ରତିଷ୍ଠା ଦିବସକୁ ସ୍ମରଣ କରିବା ପାଇଁ, ଶିବିର ପରିସରରେ ଭଲିବଲ୍, ଫୁଟବଲ୍ ଏବଂ ଯୋଗ ସମେତ ବିଭିନ୍ନ କ୍ରୀଡ଼ା ଏବଂ ଶାରୀରିକ କାର୍ଯ୍ୟକଳାପ ଆୟୋଜନ କରାଯାଇଥିଲା। ଏହି ଅବସରରେ, ପୁଲିସ ଉପନିରୀକ୍ଷକ ଜେନେରାଲ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ସୈନିକ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ସୈନିକମାନଙ୍କୁ ବାହିନୀର ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ଅବଗତ କରାଯାଇଥିଲା। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## 'ପାଠଶାଳା'ର ଦ୍ୱିତୀୟ ବାର୍ଷିକ ଉତ୍ସବ



**ସମ୍ବଲପୁର, ୨୫।୬ (ସମିସ) :** ବସୁନ୍ଧରା କମ୍ୟୁନିଟି ସେଣ୍ଟର, 'ପାଠଶାଳା'ର ଦ୍ୱିତୀୟ ବାର୍ଷିକେ ଉତ୍ସବ ଡ. ବିଜୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟଅତିଥି, ସମାଜସେବୀ ସୁଧୀର ପୂଜାରୀ ସମ୍ମାନିତ ଅତିଥି ଏବଂ ବରିଷ୍ଠ ସାମ୍ବାଦିକ ଶିବ ଶଙ୍କର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ଗୁଣରଞ୍ଜନ ସାଲିମା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ତ୍ରିପାଠୀ ପାଠଶାଳାର ଛାତ୍ରଛାତ୍ରୀ ମାନଙ୍କୁ ସର୍ବଗୁଣ ସମ୍ପନ୍ନ ହୋଇ ଜଣେ ଭଲ ମଣିଷ ଭାବେ ନିଜକୁ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ଆବଶ୍ୟକ ହେଲେ ବିଶ୍ୱବିଦ୍ୟାଳୟରୁ ଅଧ୍ୟାପକ, ଅଧ୍ୟାପିକା ମାନେ ପାଠଶାଳାର ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସର୍ବଂସ୍ୱାହା ସୂପକାରଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନରେ ଶିକ୍ଷାଦାନ କରୁଥିବା ରୋଜା ଆଚାରୀ, ଜ୍ୟୋତି ମୁଣ୍ଡା, ମନିଷା ନାଏକ, ଅଳକା ମହାପାତ୍ର, କୈଳାସ ଘିବେଲା, ଦେବେନ୍ଦ୍ର ନାଥ, ପ୍ରଶାନ୍ତ ମହାକୁଡ଼, ଜ୍ଞାନେନ୍ଦ୍ର ମିଶ୍ର, ଦେବେନ୍ଦ୍ର ପାଣିଗ୍ରାହୀ, ଜୟନ୍ତ ପାଣ୍ଡେ, ଆଶୁତୋଷ ନାଏକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବେ ଅନିଲ କୁମ୍ଭାର ଓ ବନ୍ଦିତା ମହାନନ୍ଦଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଉପସଭାପତି ଝୁନୁ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୟଲକ୍ଷ୍ମୀ ଜିଲ୍ଲା ମହିଳା କଂଗ୍ରେସ ସଭାପତି

**ସମ୍ବଲପୁର, ୨୫।୬(ସମିସ):** ସମ୍ବଲପୁର ଜିଲ୍ଲା ମହିଳା କଂଗ୍ରେସର ସଭାପତି ହେଲେ ବିଜୟଲକ୍ଷ୍ମୀ ବେହେରା। ଏଥିପାଇଁ ସେ



ଅଲ୍ ଇଣ୍ଡିଆ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲାଲୁ, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ଅଲ୍ ଇଣ୍ଡିଆ ମହିଳା ସଭାପତି ଅଲକା ଲମ୍ବା, ଅଲ୍ ଓଡ଼ିଶା ମହିଳା ସଭାପତି ମିନାକ୍ଷୀ ବାହିନୀ ପତି, ସମ୍ବଲପୁର ଜିଲ୍ଲା ସଭାପତି ଇଂ ଅମିତ୍ କୁମାର ଗୁରୁଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀଙ୍କ ବିୟୋଗରେ ଶୋକ

**ସମ୍ବଲପୁର, ୨୫।୬ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ପ୍ରକାଶ ପଣ୍ଡାଙ୍କ ବିୟୋଗରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସଂଘ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଆଭାସୀ ଜରିଆରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେ ଜଣେ କର୍ମଠ, ମେଳାପୀ ଓ ଅମାୟିକ ବ୍ୟକ୍ତି ଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ପ୍ରଫେସର ନକୁଳ କୁମାର ଚୌଧୁରୀ, ପ୍ରଫେସର ଆଶୁତୋଷ ନାଏକ, ପ୍ରଫେସର ଅନ୍ତର୍ଯ୍ୟାମୀ ପଣ୍ଡା, ପ୍ରଫେସର ଅଜୟ ବେହେରା, ପ୍ରଫେସର ସୂର୍ଯ୍ୟନାରାୟଣ ନାଏକ, ବାସନ୍ତୀ ବିଶ୍ୱାଳ, ପଦ୍ମାବତୀ ଗହଣ, ରତ୍ନଭୂଷଣ ପୁରୁଷୋତ୍ତମ, ସାଧାରଣ ସମ୍ପାଦକ ନୀଳକଣ୍ଠ ମହାପାତ୍ର, ମହେନ୍ଦ୍ର ମିଶ୍ର, ଭବାନୀ ପ୍ରସାଦ ସିଂହ, ସନ୍ତୋ କାନୁନଗୋ, ଅଶ୍ୱିନୀ କୁମାର ମିଶ୍ର, ତ୍ରିବିକ୍ରମ ମିଶ୍ର ପ୍ରମୁଖ ବହୁ ସଦସ୍ୟ ସ୍ମୃତିଚାରଣ କରିବାସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଏନ୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତା ଅଧିକାରୀଙ୍କ ସମୀକ୍ଷା ବୈଠକ

**ସମ୍ବଲପୁର, ୨୫।୬(ସମିସ):** ଏନ୍‌ଏସ୍‌ଏସ୍ ବ୍ୟୁରୋ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ପକ୍ଷରୁ ମିନି ଅଡିଟୋରିୟମରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ କୁଳପତି ପ୍ରଫେସର ଡ.ବିଧୁଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ରାଜ୍ୟ ଆଞ୍ଚଳିକ ନିର୍ଦ୍ଦେଶିକା ଏନ.ଏସ.ଏସର ଡ. ସରିତା ପଟେଲ, ଏସ.ଏନ. ଓ ଡ଼. ରମେଶ ଚନ୍ଦ୍ର ବେହେରା, ରାଜ୍ୟ ଯୁବ ଅଧିକାରୀ ଏ. ଏସ କବିର, ସଂଯୋଜକ ଡ଼. ବୀରେନ୍ଦ୍ର କୁମାର ବେହେରା ଯୋଗଦେଇ ଥିଲେ। ଡ. ଏସ ରାମାଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନ ସମୟରେ ଏନ.ଏସ. ଏସ ପରାମର୍ଶଦାତା ସମିତିର ସମସ୍ତ ସଭ୍ୟସଭ୍ୟା ମାନଂକୁ ନେଇ କୁଳପତି ସମ୍ମିଳନୀ କକ୍ଷଠାରେ ବିଗତ ଓ ଚଳିତ ବର୍ଷର ସମସ୍ତ ବିବରଣୀ ଉପରେ ଆଲୋଚନା ହୋଇଥିଲା। ବିଭାଗର ଲଳିତ କୁମାର ରାଉଳ ଓ ନିର୍ମଳ କୁମାର ବଗର୍ତି ସହଯୋଗ କରିଥିଲେ।



## ଭିମସାର୍‌ରେ ନିଶାମୁକ୍ତ ଭାରତ ଅଭିଯାନ ଓ ସଚେତନତା

**ସମ୍ବଲପୁର, ୨୫।୬ (ସମିସ) :** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର୍) ଠାରେ ନିଶାମୁକ୍ତ ଭାରତ ଅଭିଯାନ



ଅନ୍ତର୍ଗତ ଏକ ସଚେତନତା ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଇଣ୍ଡିଆନ୍ ପବ୍ଲିକ ହେଲ୍‌ଥ ଆସୋସିଏସନ୍ (ଆଇପିଏଚ୍‌ଏ) ଓଡ଼ିଶା ଶାଖା ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ମିଳିତଭାବେ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ପ୍ରଫେସର ଉଦୟନ ନାୟକ ଛାତ୍ରଛାତ୍ରୀଙ୍କୁ ନିଶାଦ୍ରବ୍ୟର ଅବୈଧ ବ୍ୟବହାର ଓ ଚୋରାଚାଲାଣର କୁପ୍ରଭାବ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ମୁଖ୍ୟବକ୍ତା ଆଇପିଏଚ୍‌ଏ, ଓଡ଼ିଶାର ସଧାରଣ ସମ୍ପାଦକ ଡାକ୍ତର ସଞ୍ଜୀବ କୁମାର ମିଶ୍ର ନିଶାଦ୍ରବ୍ୟ ସେବନ କିପରି ଶାରୀରିକ, ମାନସିକ, ସାମାଜିକ ଓ ଆର୍ଥିକ କ୍ଷତି ସୃଷ୍ଟିକରେ, ତାହା ଉପରେ ଆଲୋକପାତ କରିଥିଲେ। ଏହାସହିତ ଦେଶରେ ବଢୁଥିବା




ନିଶାଦ୍ରବ୍ୟ ସେବନର ହାର, ଯୁବପିଢ଼ି ଉପରେ ଏହାର ପ୍ରଭାବ ଏବଂ ଭବିଷ୍ୟତରେ ଏହାଯୋଗୁଁ ସୃଷ୍ଟି ହେଉଥିବା ସାମାଜିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ନିଶାମୁକ୍ତ ଜୀବନଶୈଳୀ ଗ୍ରହଣ କରିବା, ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ଏବଂ ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ପୁନର୍ବାସ ଓ ନିଶାମୁକ୍ତି ସେବାସହ ଯୋଡ଼ିବା ଦ୍ୱାରା 'ବିକଶିତ ଭାରତ' ଗଠନ ଦିଗରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କାର୍ଯ୍ୟକ୍ରମକୁ ବରିଷ୍ଠ ଡାକ୍ତର ରଞ୍ଜନ କୁଜୁର, ଡାକ୍ତର ଦୀପକ ପଲ, ଡାକ୍ତର ସିପନ୍ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରେସ୍ କ୍ଲବ୍ ପକ୍ଷରୁ ନବକିଶୋର ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ରେଢ଼ାଖୋଲ ୨୫।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ପ୍ରେସ୍ କ୍ଲବ୍ ଠାରେ ଗୁରୁବାର ଦିନ ପ୍ରେସ କ୍ଲବ୍ ପକ୍ଷରୁ ସ୍ୱର୍ଗତ ନବ କିଶୋର ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଶଙ୍କର ପୃଷ୍ଟିଙ୍କ ସଭାପତିତ୍ୱରେ ନବ କିଶୋର ମହାପାତ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ



ନିରବ ପ୍ରାର୍ଥନା କରାଯାଇଥିଲା। ଅଶି ଦଶକରେ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ନିଜ ଧର୍ମପତ୍ନୀଙ୍କୁ ହରାଇଥିଲେ। ଯାହା ଛବିରାଣୀ ହତ୍ୟାକାଣ୍ଡ ସମ୍ପର୍କରେ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ସେ ଜଣେ ସ୍ୱାଭିମାନୀ, ନିର୍ଭୀକ, ସଚ୍ଚୋଟ ସାମ୍ବାଦିକତା କରି ସାମ୍ବାଦିକ ଜଗତର ଗର୍ବ ଓ ଆଦର୍ଶ ପାଲଟିଥିଲେ। ତାଙ୍କର ସ୍ୱଭାବ ଜୀବନୀ ସମ୍ପର୍କରେ ସଂଘର ବରିଷ୍ଠ ସାମ୍ବାଦିକ ମାନେ ଆଲୋକପାତ କରିଥିଲେ। ଏହି ସଭାରେ ପ୍ରେସ୍ କ୍ଲବର ସମ୍ପାଦକ ତପନ କୁମାର ବିଶ୍ୱାଳ, ମୁଖ୍ୟ ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ଜୟନ୍ତ ଖଡିରତ୍ନ, ସୁଶାନ୍ତ ନାଗ, ସରୋଜ କୁମାର ସାହୁ, ସରୋଜ ରାଉତ, ଅନିଲ ପୃଷ୍ଟି, ସୁଧୀର ସୁନା, ଗଜାନନ ଭେଷରା ପ୍ରମୁଖ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଅସହାୟ ବୃଦ୍ଧ ଦମ୍ପତିଙ୍କୁ 'ସ୍ୱାଭିମାନ' ପକ୍ଷରୁ ସହାୟତା

**ସମ୍ବଲପୁର, ୨୫।୬(ସମିସ):** ଅସହାୟ ବୃଦ୍ଧ ଦମ୍ପତିଙ୍କୁ ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ତାଲଭଟ୍ଟପଡ଼ାର ଅସହାୟ ବୃଦ୍ଧା ଚନ୍ଦ୍ରମା ସାହୁ ଓ ତାଙ୍କ ସ୍ୱାମୀ ଦୟନୀୟ ଜୀବନଯାପନ କରୁଛନ୍ତି।



ଏ ସମ୍ପର୍କରେ ଖବରକାଗଜରେ ଖବର ପ୍ରକାଶ ପରେ 'ସ୍ୱାଭିମାନ' ସହାୟତାର ସାହାର୍ଯ୍ୟ ବଢ଼ାଇଛି। ମାନବିକତା ଓ ସାମାଜିକ ଦାୟିତ୍ୱବୋଧରୁ ପ୍ରେରିତ ହୋଇ ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ସେମାନଙ୍କ ଘରକୁ ଯାଇ ତିନି ମାସର ଭତ୍ତା ବାବଦକୁ ୩, ୦୦୦ ଟଙ୍କା ସହିତ ଚାଉଳ ଓ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛି। ଏହା ସହିତ ଆଗାମୀ ଦିନରେ ମଧ୍ୟ ସମ୍ଭବପର ସହଯୋଗ ଜାରି ରଖିବାକୁ ଅନୁଷ୍ଠାନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ୱାଭିମାନ ସମ୍ବଲପୁରର ସମ୍ପାଦକ ଶିଶିର ବହିଦାର, ସଭାପତି ସଞ୍ଜୀବ କଂସାରୀଙ୍କ ସମେତ କୁନ୍ଦନ ପ୍ରଧାନ, ଯାମିନି ବହିଦାର, ସତ୍ୟବାନ ବାଗ, ରାଜେନ୍ଦ୍ର ଦାସ, ଚିନ୍ମୟ ଦାସ, କୁନାଲ ପ୍ରଧାନ, ଦେବେନ୍ଦ୍ର ନାୟକ, କଲ୍ୟାଣୀ ବାରିକ, ଶ୍ରିୟାଶୁ ରାଉତ, ସିବା ଜାଲ, ବାବୁଲ ଷଣ୍ଢ, ସମିର ହୋତା ଓ ଉପେନ୍ଦ୍ର ରାଉତ, ଦେବନ୍ତ ବେହେରା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ସ୍ୱାଭିମାନ ସମ୍ବଲପୁର ସଦାସର୍ବଦା ସମାଜର ଅସହାୟ, ଦୁର୍ବଳ ଓ ଅବହେଳିତ ଲୋକଙ୍କ ପାଖରେ ରହିବାକୁ ପ୍ରତିବଦ୍ଧ ରହିଛି। ଆଗାମୀ ଦିନରେ ମଧ୍ୟ ଏଭଳି ମାନବିକ ଓ ଜନହିତକର କାର୍ଯ୍ୟ ଜାରି ରଖି ସମାଜ ସେବା କ୍ଷେତ୍ରରେ ନିଜର ଭୂମିକାକୁ ଅଧିକ ସୁଦୃଢ଼ କରିବ ବୋଲି ଅନୁଷ୍ଠାନ ପକ୍ଷରୁ ପ୍ରକାଶ କରାଯାଇଛି।

### ମହାନଗର ଅଞ୍ଚଳରେ ଶ୍ରମ ବିଭାଗର ଚଢ଼ଉ

## ଢାବାରୁ ଶିଶୁ ଶ୍ରମିକ ଉଦ୍ଧାର

**ସମ୍ବଲପୁର, ୨୫।୬ (ସମିସ)**

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଏବଂ ଓଡ଼ିଶା ସରକାରଙ୍କ ଶ୍ରମ ଓ ସଂସ୍ଥାନ ବିଭାଗ ଆନୁକୂଲ୍ୟରେ ଗତ ୨୩ ତାରିଖ ଶିଶୁ ଓ କିଶୋର ଶ୍ରମିକ (ନିଷେଧ ଓ ନିୟନ୍ତ୍ରଣ) ଆଇନ ସମ୍ପର୍କିତ ଜିଲ୍ଲାସ୍ତରୀୟ ଓରିଏଣ୍ଟେସନ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁରକୁ 'ଶିଶୁ ଶ୍ରମ-ମୁକ୍ତ ଜିଲ୍ଲା' ଭାବେ ଗଢ଼ିବାକୁ ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ବବିତା ପାତ୍ର ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ମଧ୍ୟ ହଜାର ହଜାର ଶିଶୁ ହୋଟେଲ, ଗ୍ୟାରେଜ ଆଦିରେ କାମ କରୁଛନ୍ତି, ସେମାନଙ୍କୁ କେବଳ ଉଦ୍ଧାର କଲେ ହେବନାହିଁ ଥଇଥାନ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କର୍ମଶାଳାକୁ ଦିନଟିଏ ନ ବିତୁଣୁ ଆଜି ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଜଣେ ଶିଶୁ ଶ୍ରମିକ ଓ



ଜଣେ କିଶୋର ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି)ରେ ଉପସ୍ଥାପନ କରାଯାଇଛି। ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରମ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଶିଶୁ ଶ୍ରମ ନିରାକରଣ ପାଇଁ ଚାଲୁଥିବା ୧୫ ଦିନିଆ ଅଭିଯାନର ଅଂଶସ୍ୱରୂପ ଆଜି ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ଓ ଆଖପାଖ ଅଞ୍ଚଳର ହୋଟେଲ, ଗ୍ୟାରେଜ, ଢାବା ଓ ଅନ୍ୟ ପ୍ରତିଷ୍ଠାନ ମାନଙ୍କରେ ଚଢ଼ଉ କରାଯାଇଥିଲା। କଟକ ରୋଡ, ମାନେଶ୍ୱର ଆଦି ବିଭିନ୍ନ ଅଞ୍ଚଳର ୪୦ରୁ ୫୦ଟି ସ୍ଥାନରେ ଚଢ଼ଉ ହୋଇଥିବାବେଳେ ଏକ ଢାବାରୁ ଜଣେ ଶିଶୁ (୧୨) ଏବଂ ଏକ ଗ୍ୟାରେଜରୁ ଜଣେ କିଶୋର (୧୫)ଙ୍କୁ ଉଦ୍ଧାର କରାଯାଇଛି। ଶିଶୁଟିକୁ ଶ୍ରମିକ ଭାବେ କାର୍ଯ୍ୟ କରାଉଥିବା ଢାବା ମାଲିକଙ୍କୁ ୨୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଜୋରିମାନା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉଭୟଙ୍କୁ ଶିଶୁ କଲ୍ୟାଣ ସମିତିରେ ଉପସ୍ଥାପନ କରାଯାଇଛି। ଏହାସହ ଧନୁପାଲି ଥାନାରେ ମଧ୍ୟ ଏକ ରିପୋର୍ଟ କରାଯାଇଥିବା ସୂଚନା ମିଳିଛି। ଏହି ଅଭିଯାନର ନେତୃତ୍ୱ ଜିଲ୍ଲା ଶ୍ରମ ଅଧିକାରୀ (ଏନ୍‌ଫୋର୍ସମେଣ୍ଟ) ଶତ୍ରୁଜିତ ସାହୁ ଏବଂ ଡିଏସ୍‌ପି ତାରାବତୀ ପ୍ରଧାନ ନେଇଥିଲେ। ଚଢ଼ଉରେ ଶ୍ରମ ବିଭାଗ, ସମ୍ବଲପୁରର ସହକାରୀ ଶ୍ରମ ଅଧିକାରୀ ପୁଷ୍ପା ମିଞ୍ଜ୍, ବ୍ରଜେଶ କୁମାର ହୋତା, ଲିପ୍ସା ପ୍ରଧାନ, ତାନିୟା ଠାକୁର, ନିଖିଳେଶ ଦାସ, ମୀନକେତନ ସୁନାନୀ, ଡୋଳେଶ୍ୱରୀ ନାଗ, ପୁଲିସ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ 'ଆଦର୍ଶ'ର କାର୍ଯ୍ୟକ୍ରମ ପରିଚାଳକ ରଞ୍ଜନ ନାୟକ ଅଂଶଗ୍ରହଣ କରିଥିଲେ।

# ସୁଜାତାଙ୍କ ଏଣ୍ଟ୍ରି; ବଢ଼ିଲା ନେତା ଓ କର୍ମୀଙ୍କ ଉତ୍ସାହ

ବ୍ରହ୍ମପୁର,୨୫।୬(ସମିସ): ବିଜୁ ଜନତା ଦଳରେ ସାମିଲ ହେଲେ ସୁଜାତା ରାଉତ। ଏନେଇ ଦଳୀୟ ଶିବିରରେ ନୂଆ ଉତ୍ସାହ, ଉଦ୍ଦୀପନା ଦେଖାଦେଇଛି। କର୍ମୀମାନେ ଏହାକୁ ସ୍ୱାଗତ କରିଛନ୍ତି। ସୁଜାତାଙ୍କ ଉଦ୍ୟମରେ ଦଳ ଆହୁରି ସଶକ୍ତ ଓ ସଂଗଠିତ ହେବ ବୋଲି କହିଛନ୍ତି।

ସୁଜାତାଙ୍କ ଭଳି ଜଣେ ଦକ୍ଷ ବ୍ୟକ୍ତିତ୍ୱ ବିଜେଡି ସହ ଯୋଡ଼ି ହେବା ଦଳର କର୍ମୀମାନଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଦେଇଛି। ଏହା ଦଳର ଭିତ୍ତିକୁ ଆହୁରି ସୁଦୃଢ଼ କରିବ। ରାଜ୍ୟର ବିକାଶ ଓ ଲୋକଙ୍କ ସେବାକୁ ନେଇ ସୁଜାତାଙ୍କ



ଚିନ୍ତାଧାରା ବିଜେଡିର ଆଦର୍ଶ ସହ ସମଞ୍ଜସ୍ୟ। ତାଙ୍କ ଯୋଗଦାନ ଦଳକୁ ନୂଆ ଶକ୍ତି ଦେବ। ସୁଜାତାଙ୍କ ବିଜେଡିରେ ସାମିଲ ହେବା କେବଳ ଏକ ରାଜନୈତିକ ଘଟଣା ନୁହେଁ, ବରଂ ଦଳର ଆଗାମୀ ସଂଗଠନାତ୍ମକ ବିସ୍ତାର ପାଇଁ ଏକ ଶୁଭ ସଙ୍କେତ। ବିଜୁ ଜନତା ଦଳର ସରାକର ସମୟରେ ସେ ପ୍ରଶାସନିକ ଅଧିକାରୀ ଭାବେ କାମ କରିବା ବେଳେ ମିଶନ ଶକ୍ତି ଭଳି ଯୋଜନା ସରକାରଙ୍କୁ ଅଧିକ ଲୋକାଭିମୁଖୀ କରିଥିଲା। ସେହି ଉଦ୍ୟମ ଏବେ ଦଳକୁ ଅଧିକା ମଜବୁତ କରିବାରେ ସହାୟକ ହେବ।

**-ଚନ୍ଦ୍ର ଶେଖର ସାହୁ, ପୂର୍ବତନ ସାଂସଦ, ବ୍ରହ୍ମପୁର**

ବିକାଶ ପୁରୁଷ ନବୀନ ବାବୁଙ୍କ ନେତୃତ୍ୱରେ ଓଡ଼ିଶା ବିକାଶ ଦେଖିଥିଲା। ବିଶ୍ୱକର୍ମା ପୂର୍ବେ ଶ୍ରୀ ପାଣ୍ଡିଆନ୍ ଦମ୍ପତିଙ୍କ ଅବଦାନ ଓଡ଼ିଶା ମାଟି ପ୍ରତି



ଯଥେଷ୍ଟ ରହିଛି। ଆଜି ବିଜୁ ଜନତା ଦଳରେ ସୁଜାତାଙ୍କ ଯୋଗଦେବା ଖୁସିର ବିଷୟ। ତାଙ୍କ ଉଦ୍ୟମରେ ଦଳ ଆହୁରି ଶସକ୍ତ ହେବ। ତାଙ୍କ ପ୍ରଶାସନିକ ଅଭିଜ୍ଞତା ଓ ଦକ୍ଷତା ଦଳକୁ ଆଗକୁ ନେବାରେ ବିଶେଷ ସହାୟକ ହେବ।

**-ସୁଭାଷ ବେହେରା, ପୂର୍ବତନ ବିଧାୟକ ଛତ୍ରପୁର**

ସୁଜାତା ରାଉତଙ୍କ ବିଜେଡିରେ ଯୋଗଦାନ ଦଳ ପାଇଁ ଏକ ସକାରାତ୍ମକ ପଦକ୍ଷେପ। ତାଙ୍କ ଅଭିଜ୍ଞତା



ଓ ସଂଗଠନ କୌଶଳ ଦଳକୁ ଆହୁରି ମଜଭୁତ କରିବ। ବିଜେଡିରେ ସେ ସାମିଲ ହେବା ଦ୍ୱାରା ମହିଳା ନେତୃତ୍ୱକୁ ଅଧିକ ପ୍ରୋତ୍ସାହନ ମିଳିବ। ଏହା ଦଳର ସାମାଜିକ ଆଧାରକୁ ବିସ୍ତାର କରିବ। ଦଳର ନୂଆ ସଂଗଠନ ଗଠନରେ ସୁଜାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ତାଙ୍କ ଯୋଗଦାନ କର୍ମୀମାନଙ୍କ ମନୋବଳ ବଢ଼ାଇଛି।

**-ସଂଘମିତ୍ରା ଦଳେଇ, ମେୟର ବ୍ରହ୍ମପୁର**


ବିଜେଡି ଏକ ଜନ ଆନ୍ଦୋଳନ ଭିତ୍ତିକ ଦଳ।



ସୁଜାତାଙ୍କ ଯୋଗଦାନ ଦଳର ଭବିଷ୍ୟତ ରଣନୀତିକୁ ନୂଆ ଦିଗ ଦେବ ବୋଲି ଆଶା କରୁଛୁ। ସୁଜାତାଙ୍କ ଆଗମନ ଦଳୀୟ ଶିବିରରେ ନୂଆ ଉତ୍ସାହ ସୃଷ୍ଟି କରିଛି। ତାଙ୍କ ନେତୃତ୍ୱରେ ଯୁବ ଓ ମହିଳା କର୍ମୀମାନେ ଅଧିକ ସକ୍ରିୟ ହେବେ। ରାଜ୍ୟର ବିକାଶ ଓ ଲୋକସେବାକୁ ଆଗରେ ରଖି ବିଜେଡି କାମ କରୁଛି। ସୁଜାତାଙ୍କ ଯୋଗଦାନ ସେହି ପ୍ରୟାସକୁ ଆହୁରି ଗତିଶୀଳ କରିବ।

**-ଇ ବିବେକ ରେଡ୍ଡୀ, ଡ଼େପୁଟି ମେୟର ବ୍ରହ୍ମପୁର**

ସୁଜାତାଙ୍କ ବିଜେଡିରେ ଯୋଗଦାନ ଦଳ ପାଇଁ



ଏକ ବଡ଼ ଶକ୍ତି। ତାଙ୍କ ଅଭିଜ୍ଞତା ଓ ଦୂରଦର୍ଶିତା ଦଳକୁ ନୂଆ ଦିଗ ଦେବ ବୋଲି ଆମର ବିଶ୍ୱାସ। ଦୀର୍ଘ ଦିନ ଧରି ଲୋକଙ୍କ ସହ ଜଡ଼ିତ ଥିବା ସୁଜାତାଙ୍କ ଆଗମନ ବିଜେଡି ସଂଗଠନକୁ ଆହୁରି ମଜଭୁତ କରିବ। ଆମେ ତାଙ୍କୁ ସ୍ୱାଗତ କରୁଛୁ। ବିଜେଡି ସଦା ନୂଆ ଚିନ୍ତାଧାରା ଓ ଦକ୍ଷ ନେତୃତ୍ୱକୁ ଗୁରୁତ୍ୱ ଦେଇଆସିଛି। ସୁଜାତାଙ୍କ ଯୋଗଦାନ ଦଳ ପାଇଁ ଏକ ସକାରାତ୍ମକ ସନ୍ଦେଶ।

**-ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ**

● ପାଠ୍ୟପୁସ୍ତକରେ ଗୁରୁତର ତ୍ରୁଟି

## ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବ୍ରହ୍ମପୁର,୨୫।୬(ସମିସ): ଛାତ୍ରଛାତ୍ରୀରଙ୍କ ପାଠ୍ୟପୁସ୍ତକରେ ଦେଖାଦେଉଥିବା ଗୁରୁତର ଭୁଲ୍ ଓ ତ୍ରୁଟି ବିଚ୍ୟୁତିକୁ ନେଇ ରାଜ୍ୟ ବଦନାବ ହୋଇଛି। ଏହା ସହ କୋମଳମତି ଶିକ୍ଷାର୍ଥୀଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଇଛି। ତେଣୁ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଦାବି କରିଛି। ପୁସ୍ତକ ପ୍ରଣୟନ ଏବଂ ସଂଶୋଧନ ଦାୟିତ୍ୱରେ ଥିବା ବିଶେଷଜ୍ଞ ଓ ଅଧିକାରୀମାନଙ୍କ କାର୍ଯ୍ୟକରେ କାରଣରୁ ଶ୍ରେଣୀ ଗୃହରେ ଶିକ୍ଷକମାନଙ୍କ ଅପଦସ୍ଥ ହେବାକୁ ପଡୁଛି। ତେଣୁ ପାଠ୍ୟପୁସ୍ତକ ଗୁଡ଼ିକର ତ୍ରୁଟି ସଂଶୋଧନ କରିବା ସହ ଶତପ୍ରତିଶତ ଭୁଲମୁକ୍ତ କରି ପୁସ୍ତକ ମୁଦ୍ରଣ ଓ ବଣ୍ଟନ ପାଇଁ ଅନୁମତି ଦିଆଯାଉ ବୋଲି ମହାସଂଘ ଦାବି କରିଛି। ସେହିପରି ପ୍ରଶ୍ନପତ୍ର ପ୍ରସ୍ତୁତିରେ କେବଳ ଶିକ୍ଷକଙ୍କୁ ସାମିଲ କରାଯାଉ, କୌଣସି ଉଚ୍ଚ ପଦାଧିକାରୀଙ୍କୁ ଏହି କାର୍ଯ୍ୟରେ ସାମିଲ ନକରିବାକୁ ଦାବି ହୋଇଛି। ବିଜ୍ଞାନ ଭିତ୍ତିକ ପାଠ୍ୟକ୍ରମକୁ ଗୁରୁତ୍ୱ ସହ ଶିକ୍ଷା ବିଭାଗ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ସମଗ୍ର ରାଜ୍ୟରେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବା ବୋଲି ମହାସଂଘର ରାଜ୍ୟ ଅଧକ୍ଷ କାମରାଜୂ ମହାରଣା, ଗଞ୍ଜାମ ଜିଲ୍ଲା ସଭାପତି ସଞ୍ଜୟ କୁମାର ଷଡ଼ଙ୍ଗୀ ଓ ଜିଲ୍ଲା ସମ୍ପାଦକ ଅଶୋକ କୁମାର ଦଳେଇ ସୂଚନା ଦେଇଛନ୍ତି।

## ଥାନା ଭିତରେ ପୁଲିସ ଅଧିକାରୀଙ୍କୁ ଧମକ ଦେଲେ ରାଣୀ ପଣ୍ଡା

ବ୍ରହ୍ମପୁର,୨୫।୬(ସମିସ): ବଡ଼ ବଜାର ଥାନା ଭିତରେ ଏକାଧିକ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ବିଭିନ୍ନ ଧମକ ଦେଲେ ରାଣୀ ପଣ୍ଡା ଓରଫ ରାଜେଶ ପାଣିଗ୍ରାହୀ । ଗତ ରବିବାର ରାଣୀ ପଣ୍ଡାଙ୍କୁ ପୁଲିସ ଏକ ମାମଲାରେ ଥାନାକୁ ଡାକି ପଚାରଉଚରା କରିବା ବେଳେ ରାଣୀ ଉପସ୍ଥିତ ପୁଲିସ ଏସଆଇ କୃତିବାସ ନାୟକଙ୍କ ସମେତ ଅନ୍ୟ



ପୁଲିସ କର୍ମଚାରୀଙ୍କୁ ବିଭିନ୍ନ ଧମକ ଦେଇଛନ୍ତି । ଏପରିକି ଥାନାରେ ମୁଣ୍ଡ ପିଟି ନିଜେ ମରିବି ଏବଂ ସମସ୍ତ ପୁଲିସ କର୍ମଚାରୀଙ୍କୁ ହତ୍ୟା ମାମଲାରେ ଫସାଇବି ବୋଲି ଧମକ ଦେଇଥିବା ନେଇ ଏଏସଆଇ ପ୍ରସାଦ ବିଡ଼ିକା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଛି। ସେପଟେ ଅନ୍ୟ ଏକ ମାମଲାରେ ପୁଲିସ ରାଣୀଙ୍କୁ ଗତ ରବିବାର ସନ୍ଧ୍ୟାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା ।ଗତକାଲି ବଡ଼ ବଜାର ଥାନା ପୁଲିସ ଅଭିଯୁକ୍ତ ରାଣୀଙ୍କ ନାଁରେ ପୁଲିସ ଅଧିକାରୀଙ୍କୁ ଧମକ ଦେବା ମାମଲା କୋର୍ଟରେ ଯୋଡ଼ିଥିଲା। ଏସଡ଼ିଜେଏମ କୋର୍ଟ ଉଭୟ ମାମଲାରେ ରାଣୀଙ୍କୁ ଜାମିନ ପ୍ରଦାନ କରିଥିବା ତାଙ୍କ ଓକିଲ ଚକ୍ରପାଣି ନାହାକ ସୂଚନା ଦେଇଛନ୍ତି। ମାତ୍ର ୪ଦିନରେ ସେ ଦୁଇଟି ମାମଲାରେ ଜାମିନ ପାଇଁ ଜେଲରୁ ମୁକୁଲିଥିବା ବେଳେ ରାଣୀଙ୍କୁ ପୁଲିସ ବାରମ୍ବାର ମିଥ୍ୟା ମାମଲାରେ ଗିରଫ କରିବାର ଭୟ ଦେଖାଇବା ସହ ହଇରାଣ କରୁଥିବା ତାଙ୍କ ଓକିଲ ଚକ୍ରପାଣି କହିଛନ୍ତି।

## ଯୁବକଙ୍କୁ ମାଡ଼ମାରି ଟଙ୍କା ଲୁଟ୍; ୮ ଗିରଫ



ବ୍ରହ୍ମପୁର,୨୫।୬(ସମିସ)

ଗୋପାଳପୁର ଥାନା ଅନ୍ତର୍ଗତ ପଥରା ଛକରୁ ଜଣେ ଯୁବକଙ୍କୁ ବୁଧବାର ଭୋର ସକାଳୁ କିଛି ଦୁର୍ବୃତ୍ତ ମାରପିଟ ସହ ଟଙ୍କା ଛଡେଇ ନେବା ମାମଲାରେ ପୁଲିସ ୮ଜଣକୁ ଧରିଛି। ସେମାନଙ୍କ ମଧ୍ୟରେ ୨ ନାବାଳକ ରହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ହିଲପାଟଣା ଅଂଚଳର ରାଜା ଦାସ, ଲାଞ୍ଜିପଲ୍ଲୀ ଅଂଚଳର ବିକାଶ ସାହୁ, ରଞ୍ଜନ ସ୍ୱାଇଁ, ରାଜେଶ ବେହେରା, ବିକାଶ ବେହେରା, ବ୍ୟାଙ୍କ କଲୋନୀ ଅଂଚଳର ଲିଙ୍କନ ବୀରା। ଗୋଇଲୁଣ୍ଡି ଅଂଚଳର ୨ନାବାଳକକୁ ଜେଜେବିରେ ହାଜର କରି ବାଳ ସୁଧାର ଗୃହକୁ ପଠାଇଛି। ସେମାନଙ୍କ ନିକଟରୁ ପୁଲିସ ୧୦ଟି ମୋବାଇଲ, ୪ ସ୍କୁଟି ସହ ୩ ହଜାର ୮ ଶହ ଟଙ୍କା ଜବତ କରିଛି।

ସୂଚନା ପ୍ରକାରେ ବୁଧବାର ଭୋର ସକାଳ ସମୟରେ ଖୋଡାସିଙ୍ଗି ଅଂଚଳର ଜି.କୃଷ୍ଣଚନ୍ଦ୍ର ଦୋରା ପଥରା ଛକରେ ବସରୁ ହୋଲେଇ ଥିଲେ। ସେହି ସମୟରେ କିଛି ଦୁର୍ବୃତ୍ତ ଆସି ତାଙ୍କୁ ମାରପିଟ କରି ପାଖରେ ଥିବା ୬ ହଜାର ଟଙ୍କା ଲୁଟି ନେଇ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ଏନେଇ କୃଷ୍ଣଚନ୍ଦ୍ର ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଅଞ୍ଚଳରେ ଲାଗିଥିବା ସିସି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କାଙ୍କ ସମେତ ଏକ ଟିମ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖୋଜା ଖୋଜି କରିଥିଲେ। କୌଣସି ସୂତ୍ରରୁ ଅଭିଯୁକ୍ତ ମାନଙ୍କ ଠିକଣା ବାହାର କରି ଗତକାଲି ରାତିରେ ସମସ୍ତ ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣି ପଚରା ଉଚରା କରିବା ସହ ସେମାନଙ୍କ ମୋବାଇଲ,ଟଙ୍କା ଓ ସ୍କୁଟି ଜବତ କରି ଆଜି କୋର୍ଟଚାଲାଣ କରିଥିବା ଏବଂ ଏମାଙ୍କ ନାମରେ ଅନ୍ୟ ଥାନାରେ ମାମଲା ରହିଥିବା ପୁଲିସ କହିଛି। ଆଜି ଗିରଫ ୬ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

## ବିଭିନ୍ନ ଦାବି ନେଇ ସିପିଏମ୍‌ର ବିକ୍ଷୋଭ




ବ୍ରହ୍ମପୁର,୨୫।୬(ସମିସ): ବିଭିନ୍ନ ଦାବି ନେଇ କୁକୁଡ଼ା ଖଣ୍ଡି ବ୍ଲକ ଅଫିସ ସମ୍ମୁଖରେ ସିପିଏମ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବୃଦ୍ଧ, ବୃଦ୍ଧା ଓ ବିଧବା ଭତ୍ତା ୩ ହଜାରକୁ ବୃଦ୍ଧି, ନିୟମିତ ଭତ୍ତା ଟଙ୍କା ପ୍ରଦାନ, ନୂଆ ଆବେଦନ କାରୀଙ୍କୁ ଭତ୍ତା ପ୍ରଦାନ, ସମସ୍ତଙ୍କୁ ରେସନ କାଡର୍ ବଣ୍ଟନ, ପାନୀୟ ଜଳ ଯୋଗାଣ, ମନଇଚ୍ଛା ବିଦ୍ୟୁତ କାଟ ବନ୍ଦ, ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଓ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ଭଳି ବିଭିନ୍ନ ଦାବି ନେଇ ପାର୍ଟି ପକ୍ଷରୁ କୁକୁଡ଼ାଖଣ୍ଡି ବିଡ଼ିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ସର୍ବ ନିମ୍ନ ଭତ୍ତା ଦେବାରେ ବିଫଳ, ଭତ୍ତା ୩ ହଜାର ଦେବାକୁ ଘୋଷଣା କରିଥିବା ସରକାର ହଜାର ଟଙ୍କା ଲେଖାଏଁ ଭତ୍ତା ଦେଇ ପାରୁନାହିଁ। ୩ ମାସର ଭତ୍ତା ନ ମିଳିବା ଯୋଗୁଁ ଜିଲ୍ଲାର ଜଣେ ଭତ୍ତା ଧାରୀ ବିଧବାଙ୍କ ମୃତ୍ୟୁ ହୋଇଥିବା ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ଦାବି କରିଛନ୍ତି। ବିକ୍ଷୋଭରେ ବରିଷ୍ଠ ନେତା ବିଦ୍ୟାଧର ଜେନା, ଗୋପାଳ ପାଣିଗ୍ରାହୀ, ବିଜୟ ବିଶୋଇ, ବିଷ୍ଣୁ ପ୍ରିୟା ସାହୁ, ବିପିନ ବିହାରୀ ନାୟକ, ପ୍ରଶାନ୍ତ ବିଶୋଇ, ଅଜିତ ପାଣିଗ୍ରାହୀ ଓ ମଙ୍ଗଳା ଗୌଡ଼ ଉପସ୍ଥିତ ଥିଲେ।

## କେଏଟିଏସ୍ ଆୟୁର୍ବେଦ କଲେଜ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ବ୍ରହ୍ମପୁର,୨୫।୬(ସମିସ): ହରିହର ନଗର ସ୍ଥିତ ହରିହର ମନ୍ଦିର ଠାରେ କେ.ଏ.ଟି.ଏସ୍ ଆୟୁର୍ବେଦ କଲେଜ ଓ ଚିକିତ୍ସାଳୟ ସୌଜନ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଠାରେ ୩୦୦ରୁ ଅଧିକ ରୋଗୀ ଉପସ୍ଥିତ ରହି ବିଭିନ୍ନ ରୋଗର ସଚେତନକ୍ଷ ଓ ମାଗଣା ଚିକିତ୍ସା ପାଇଥିଲେ। ଚିକିତ୍ସା ସେବା ଯୋଗାଇବା ପାଇଁ ଡା. ନକୁଳ ସାହୁ, ଡା. ଚିନ୍ମୟ ଭବାନୀ ପ୍ରସାଦ, ଡା. ରୋହିତ କୁମାରଛତ୍ରିୟା, ଡା. ସୁବ୍ରତ କୁମାର ଜୟସିଂହ, ଡା. ନିବେଦିତା ମହାପାତ୍ର, ଡା. ନିରୋଜ କୁମାର ମିର୍ଦ୍ଧା, ଡା. ରାଜେଶ କୁମାର ଧାରୁଆ, ଡା. ରିକ୍ ସୁନ୍ଦର ନ. ଡା. ଶୁଭ୍ରଜିତ ମହାନ୍ତି, ଡା. ସୁଦନଲାଲ, ଡା. ଅଦିତି ନାୟକ ଓ ଡା. ରସମାଞ୍ଜଲି ଉପସ୍ଥିତ ରହି ଚିକିତ୍ସା ସେବା ଯୋଗାଇଥିଲେ। ଗଣ୍ଠିବାତ, ସ୍ତ୍ରୀ ରୋଗ, ଅମ୍ଳପିତ୍ତ, ମଧୁମେହ, ରକ୍ତଚାପ, ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିର ପରିଚାଳନାରେ ସହଯୋଗ କରିଥିଲେ ବାଳକୃଷ୍ଣ ପାତ୍ର, ମନୋଜ କୁମାର ମହାପାତ୍ର, ଏବଂ ମନ୍ଦିର କର୍ମକର୍ତ୍ତା।

**ଅଷ୍ଟମ ବେତନ କମିସନ ରିପୋର୍ଟକୁ ନେଇ ସୋସିଆଲ ମିଡିଆରେ ବିଭ୍ରାନ୍ତିକର ତଥ୍ୟ**

## ଅପପ୍ରଚାରକୁ ଗୁରୁତ୍ୱ ନ ଦେବାକୁ ବିକାଶ ମଞ୍ଚର ଅପିଲ

ବ୍ରହ୍ମପୁର,୨୫।୬(ସମିସ)

ଚଳିତ ବର୍ଷ ଜାନୁଆରୀ ପରେ ଅବସର ନେଉଥିବା କର୍ମଚାରୀ କେବଳ ଅଷ୍ଟମ ବେତନ କମିଶନ ପାଇଁ ହକଦାର ହେବେ। ଏହା ପୂର୍ବରୁ ପେନସନର୍ସ ମାନେ କେଉଁ ହାରରେ ପେନସନ ପାଇବେ ତାହାର ସ୍ପଷ୍ଟତା ପ୍ରକାଶ କରିନାହାନ୍ତି। ଏ ସମ୍ପର୍କରେ ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାରିତ ହେଉଛି। ଏଭଳି ଅପ ପ୍ରଚାରକୁ ଗୁରୁତ୍ୱ ନଦେବାକୁ ବିକାଲ ମଞ୍ଚ ପକ୍ଷରୁ ଅପିଲ କରାଯାଇଛି। କେନ୍ଦ୍ର ସରକାରଙ୍କ ଅର୍ଥବିଲ ସହ ଅଷ୍ଟମ ବେତନ କମିଶନ ସମ୍ପର୍କୀୟ ଏକ ଭାଲିଡେସନ ଏକ୍ଟ ପାରିତ କରାଇ ଲକ୍ଷ ଲକ୍ଷ ପେନସର ଭୋଗୀଙ୍କର ପେନସନର ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେଇ ଥିବା ମଞ୍ଚ ଦାବି କରିଛି। କେନ୍ଦ୍ର ସରକାରଙ୍କ ଉକ୍ତ ଅଗଣତାନ୍ତ୍ରିକ ନିଷ୍ପତ୍ତି ପ୍ରତ୍ୟାହାର କରିବା ପାଇଁ ସମଗ୍ର ଦେଶର ପ୍ରତି ଜିଲ୍ଲାପାଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଛି। କିନ୍ତୁ ଅଷ୍ଟମ ବେତନ କମିଶନ ରିପୋର୍ଟ ପ୍ରକାଶ ପାଇବା ପୂର୍ବରୁ ବିଭିନ୍ନ ସୋସିଆଲ ମେଡିଆରେ ସର୍ବନିମ୍ନ ବେତନ ୬୦ହଜାର ହେବ, ମଜୁରୀ ବେତନରେ ଶତକଡ଼ା ୫୦ଭାଗ ମାହାଙ୍ଗାଭତ୍ତା ବୃଦ୍ଧି ହେବ ବୋଲି ବିଭିନ୍ନ ବିଭ୍ରାନ୍ତି ମୂଳକ ପ୍ରଚାର ହେଉଛି। ଏଭଳି ଅସତ୍ୟ ଖବର ବିଶ୍ୱାସ ନକରିବା ପାଇଁ ଓଡିଶା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ରାଜ୍ୟ ସମ୍ପାଦକ ଶ୍ୟାମାସୁନ୍ଦର ଖାଡ଼ଙ୍ଗା, ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ରାଜ୍ୟ ଅଧକ୍ଷ କାମରାଜୂ ମହାରଣା, ଜିଲ୍ଲା ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ଅଶୋକ କୁମାର ଦଳେଇ, ଶିକ୍ଷକ ନେତା ରାଜେନ୍ଦ୍ର କୁମାର ପଣ୍ଡା ଓ ବିଭୁତି ଭୂଷଣ ଜେନା ପ୍ରମୁଖ ସଚେତନ କରାଇଛନ୍ତି।

## ପୁରୀ ପୁଲିସ ସ୍କାନର୍‌ରେ ନମସ୍ତେ ଗ୍ରୁପ ମୁଖ୍ୟ ଶୀତୁର ଏକାଧିକ ସହଯୋଗୀ

ବ୍ରହ୍ମପୁର,୨୫।୬(ସମିସ): ପୁରୀ ସାଇବର ଥାନା ପୁଲିସ ବ୍ରହ୍ମପୁରରୁ ବୁକି ତଥା ନମସ୍ତେ ଗ୍ରୁପର ମୁଖ୍ୟ କ୍ରିଷ୍ଣା ପ୍ରସାଦ ତ୍ରିପାଠୀ ଓରଫ ଶୀତୁକୁ ଉଠାଇ ନେଇ ବହୁ ତଥ୍ୟ ହାସଲ କରିଛି। ସ୍କାଏ ଏକ୍ସଚେଞ୍ଜ୍ ମୋବାଇଲ୍ ଆପ୍ଲିକେସନ୍‌ରେ ବେଟିଂ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିଲେ ଶୀତୁ। ଯେଉଁମାନେ ଶୀତୁ ଠାରୁ ବେଟ ନେଉଥିଲେ ସେମାନେ ଜିତିଲେ ଶୀତୁଙ୍କୁ ଲାଭାଂଶ କମ୍ ମିଳେ ଆଉ ଯଦି ସେମାନେ ହାରନ୍ତି ତେବେ ମୋଟା ଅଙ୍କର ଟଙ୍କା ଲାଭ ମିଳିଥାଏ। ଶୀତୁ ଜଣେ ହୋଟେଲ ମାଲିକ ହୋଇଥିବା ହେତୁ ପୁଲିସ ତାଙ୍କ ସହଯୋଗୀଙ୍କୁ ଧରିବାରେ ବିଳମ୍ବ କରିପାରେ। ଶୀତୁଙ୍କୁ ଶତାଧିକ ଲୋକେ ଫୋନ କରନ୍ତି। କିଏ ବେଟିଂ ପାଇଁ ଫୋନ କରିଥାଏ ତାହା ଜାଣିବା ପାଇଁ ପୁଲିସକୁ ଟିକେ ସମୟ ଲାଗିବ। ତଥାପି ଶୀତୁଙ୍କ ବ୍ୟାଙ୍କ ଆକାଉଣ୍ଟରୁ ମିଳିଛି ବହୁ ସହଯୋଗୀଙ୍କ ତଥ୍ୟ। ସେହି ତଥ୍ୟକୁ ନେଇ ପୁଲିସ ନୋଟ କରି ରଖିଛି। ଶୀତୁ ଓ ତାଙ୍କର କିଛି ସହଯୋଗୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଟ୍ରାଞ୍ଜେକ୍ସନର ତଥ୍ୟ ପୁଲିସ ହାତରେ ଲାଗିଛି । ଶୀତୁଙ୍କ ପରିବାର ଜଣେ ମହିଳା ସଦସ୍ୟଙ୍କ ଆକାଉଣ୍ଟକୁ ମଧ୍ୟ କିଛି ଟଙ୍କା ନେଣଦେଣ ହୋଇଛି । ଶୀତୁଙ୍କର କେତଟି ବ୍ୟାଙ୍କ ଆକାଉଣ୍ଟ ରହିଛି । ଶୀତୁ କାହା କାହା ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ନେଣଦେଣ କରୁଥିଲେ ତାହାର ତଦନ୍ତ ଜାରି ରଖିଛି ପୁଲିସ । ବର୍ତ୍ତମାନ ପୁଲିସ ହାତରେ ଲାଗିଛି ଶୀତୁଙ୍କ କଲ୍ ଡ଼ିଟାଲସ୍ ବା ସିଡିଆର୍ । ଶୀତୁଙ୍କ ମୋବାଇଲ ଯାଞ୍ଚ ବେଳେ ହ୍ୱାଟସାପରେ ହଜାର ହଜାର ଟଙ୍କାର ସ୍କ୍ରୀନ ସର୍ଟ ପୁଲିସ ହାତରେ ଲାଗିଛି । ତେବେ ଟଙ୍କା କିଏ ଓ କାହିଁକି ଶୀତୁଙ୍କୁ ପଠାଇଥିଲେ ତାହାର ତଦନ୍ତ କରିବ ପୁଲିସ । ଶୁଣିବାକୁ ମିଳୁଛି ଲାଞ୍ଜିପଲ୍ଲୀ, ଆଙ୍କୁଲି, ରାମ ନଗର, କୃଷ୍ଣ ନଗର, ଗୋଶାଣୀନୂଆଁଗାଁ, ଖୋଡ଼ାସିଙ୍ଗି ଓ ବଡ଼ ବଜାର ସମେତ ଗଞ୍ଜାମ ଜିଲ୍ଲା ଓ ବାହାର ରାଜ୍ୟରେ ଶୀତୁଙ୍କ ସହଯୋଗୀମାନେ ରହିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି । ପୁରୀ ସାଇବର ଥାନା ପୁଲିସ ଗତ ଏପ୍ରିଲ ୨୯ ତାରିଖରେ ପୁରୀ ମାର୍କେଣ୍ଡେଶ୍ୱର ସାହିର ପ୍ରସନ୍ନ ପୃଷ୍ଟି, କୁମ୍ଭରପଦା ବଡ଼ ଶଙ୍ଖ ସାହିର ବି ନାଗେଶ୍ୱର ରାଓ, ବାସେଲିସାହିର ବିଶ୍ୱଜିତ ଲେଙ୍କା ଓ ଚନ୍ଦନପୁର ରମାକାନ୍ତ ସାହୁଙ୍କୁ ଗିରଫ କରିଥିଲା। ଗିରଫ ବେଳେ ସମ୍ପଚକ୍ତ ଅଭିଯୁକ୍ତଙ୍କ ସହ ବୁକି ଶୀତୁଙ୍କ ସମ୍ପୃକ୍ତି ରହିଥିବା ଜାଣିବାପରେ ମଙ୍ଗଳବାର ରାତିରେ ବୁକି ଶୀତୁଙ୍କୁ ତାଙ୍କ ଘରୁ ଉଠାଇନେଇ ପ୍ରାୟ ୧୧ଲକ୍ଷ ଟଙ୍କା ଜବତ କରିଥିଲା। ଶୀତୁଙ୍କ କିଛି ସହଯୋଗୀ ଏବେ ସହର ଛାଡି ଚାଲିଯାଇଥିବା ବେଳେ ଆଉ କିଛି ମୋବାଇଲରୁ ସିମ ବାହାର କରି ସହରରେ ରହିଥିବା ଜଣାପଡ଼ିଛି।

## ଗୋକୁଳଧାମରେ ରୁକ୍ମଣୀ ବିବାହ

ବ୍ରହ୍ମପୁର,୨୫।୬(ସମିସ): ସ୍ଥାନୀୟ ଗୋକୁଳଧାମରେ ରୁକ୍ମଣୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈଦିକ ରୀତିନୀତିରେ ପୂଜାର୍ଚ୍ଚନା ପରେ ଶ୍ରୀକୃଷ୍ଣଙ୍କ ବରଯାତ୍ରୀ ଦଳ ଅଞ୍ଚଳ ପରିକ୍ରମା କରିଥିଲେ। ପରେ ବାଟବରଣ, ଶ୍ରୀକୃଷ୍ଣ ଏବଂ ରୁକ୍ମଣୀଙ୍କ ହସ୍ତଗଣ୍ଠି ପଡି ବିବାହ ସମ୍ପର୍ଣ୍ଣ ହୋଇଥିଲା। ପିତା ଭାବେ ତ୍ରିଲୋଚନ ପାଢ଼ୀ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମାତା ଭାବେ ଝୁନୁ ପାଢୀ କନ୍ୟାଦାନ କରିଥିଲେ। ସେହିପରି ବରପକ୍ଷର ପିତା ମାତା



ଭାବେ ଓମ୍‌କାର ପଣ୍ଡା ଏବଂ ରୁନୁ କୁମାରୀ ପଣ୍ଡା କାର୍ଯ୍ୟ ନିର୍ବାହ କରିଥିଲେ। ବିବାହ ଉତ୍ସବ ଆକାଶ ଚୌଧୁରୀ ଶଳାବିଧା ମାରିଥିବା ବେଳେ ରିତାଞ୍ଜଳୀ ପାଣିଗ୍ରାହୀ ହସ୍ତଗଣ୍ଠି ଫିଟାଇ ଥିଲେ। ପୁରୋହିତ ଭାବେ ପ୍ରସନ କୁମାର ରଥ, ପ୍ରଦୀପ କୁମାର ପାତ୍ର ଏବଂ ଜଗନ୍ନାଥ ଦାସ ବିବାହ କରାଇଥିଲେ। କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠାତା ଜଗନ୍ନାଥ ରାଉତ, ମମିତା ରାଉତ, କୈଳାସ ମହାନ୍ତି, ପଞ୍ଚାନନ ଚୌଧୁରୀ, ଜଗନ୍ନାଥ ଚୌଧୁରୀ, ଭଗବାନ ପଢିଆରି, ଲଳିତ ମଙ୍ଗରାଜ, କେଦାରନାଥ ଚୌଧୁରୀ, ପ୍ରସନ କୁମାର ନାୟକ, ବଟକୃଷ୍ଣ ଦଳାଇ, ବିରଜା ପ୍ରସାଦ ପାତ୍ର, ଦୁର୍ଗା ପ୍ରସାଦ ପାତ୍ର, ସୁବାଷ ପାତ୍ର ଓ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ

ବ୍ରହ୍ମପୁର,୨୫।୬(ସମିସ)

ସ୍ଥାନୀୟ ୟୁସିପି ଇଂଜିନିୟରିଂ ସ୍କୁଲ ଖେଳପଡିଆରେ ୪ର୍ଥ ଅନ୍ତର୍ଜାତୀୟ ବାଣିଜ୍ୟିକ ମେଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଅବସରରେ ଅତିଥି ଭାବେ ବିଜେପି ଜାତୀୟ ରାଜ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି, ବ୍ରହ୍ମପୁର ପ୍ରେସ କ୍ଲବ ସଭାପତି ଅଶୋକ କୁମାର ବ୍ରହ୍ମା, ବରିଷ୍ଠ ସାମ୍ବାଦିକ ତଥା ଦୈନିକ 'ସକାଳ'ର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ସମାଜସେବୀ ସୁଶାନ୍ତ ସାବତ, ସାମ୍ବାଦିକ ସମୀର ଆଚାର୍ଯ୍ୟ, ବିଶ୍ୱନାଥ ମାଲଣା, ଗୋପାଳ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗୁପ୍ତା ଇଭେଣ୍ଟ ମେନେଜମେଣ୍ଟ ପକ୍ଷରୁ ବ୍ରହ୍ମପୁରରେ ପ୍ରତିବର୍ଷ ଭଳି ଚଳିତ ଥର ଏହି ମେଳା ଆଜିଠାରୁ ଆରମ୍ଭ ହୋଇ ଦିର୍ଘ ୧୨ଦିନ ଧରି ଅର୍ଥାତ୍ ଜୁଲାଇ ୬ତାରିଖ ପର୍ଯ୍ୟନ୍ତ ଚାଲିବ।


ଏହି 'ଟ୍ରେଡ ଫେୟାର'ରେ ଦେଶର ୨୨ଟି ରାଜ୍ୟରୁ ଏବଂ ୧୦ଟି ଦେଶରୁ ବ୍ୟବସାୟୀମାନେ ପ୍ରାୟ ଏକ ଲକ୍ଷରୁ ଉଦ୍ଧ୍ୱର୍ ବିଭିନ୍ନ ସାମଗ୍ରୀ ଓ ଉତ୍ପାଦ ସହିତ ମେଳାରେ ସାମିଲ ହୋଇଛନ୍ତି। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ପାଭିଲିୟନ ଭିତରେ ମେଳା ଆୟୋଜିତ ହୋଇଛି। ମେଳାରେ ଦେଶବିଦେଶର ବିଭିନ୍ନ ସାମଗ୍ରୀ ସହିତ ଏଠାକାର ଫୁଡଜୋନର ସ୍ୱାଦିଷ୍ଟ ଖାଦ୍ୟ ଦର୍ଶକ ଓ ଗ୍ରାହକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ରହିବ। ମେଳାରେ ମୁଖ୍ୟତଃ ଦେଶର ବିଭିନ୍ନ ସ୍ଥାନରୁ ଫାର୍ଣ୍ଣିଚର ସହିତ କାଶ୍ମୀରର କାରୁକାର୍ଯ୍ୟ ପୂର୍ଣ୍ଣ ଫର୍ଣ୍ଣିଚର, ଝୁଲା ସାଜସଜ୍ଜା ସାମଗ୍ରୀ, ଆଫଗାନୀସ୍ଥାନର ଶହେରୁ ଉଦ୍ଧ୍ୱର୍ କିସମର ଶୁଖିଲା ଫଳ, ବାଂଲାଦେଶର ଜାମଦାନୀ ଶାଢୀ, ଇରାନର ଖଜୁର, ଅଳଙ୍କାର ଓ ହର୍ବାଲ ତେଲ, ଦୁବାଇରୁ ଅତର, ଥାଇଲ୍ୟାଣ୍ଡର ଅଳଙ୍କାର, ପାଦୁକା ଓ ପୋଷାକ, କୋରିଆରୁ ମହିଳାଙ୍କ ସୌନ୍ଦର୍ଯ୍ୟ ସାମଗ୍ରୀ, ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ, ପ୍ରାଚୀନ ଧାତୁ ଓ ଏଡି ପଥର ଅଳଙ୍କାର, ଉପରାଷ୍ଟ୍ରରୁ ଇରାନୀ, ପାରସ୍ୟ ଓ ଭାଦୋହୀ କାର୍ପେଟ, ପ୍ରାଚୀନ ପିତ୍ତଳ ଓ ତମ୍ବା ଉତ୍ପାଦ, ଦୁବାଇ ପୋଷାକ, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରୁ ଚମଡା ସାମଗ୍ରୀ, ସିଙ୍ଗାପୁର ଉତ୍ପାଦ, ମାଲେସିଆ ଫାଉଣ୍ଟେନ, ଖଦି ଓ କୁରେସିଆ ଉତ୍ପାଦ, ଭାଗଲପୁର, ପଞ୍ଜାବ, ବନାରସ, ଜୟପୁର, ଓଡିଶା ସମେତି ବାଂଲାଦେଶର ପୋଷାକ ଓ ଶାଢୀ, ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ଓ ମାର୍ବଲ ମୂର୍ତ୍ତି ସମେତ ବହୁ ସାମଗ୍ରୀ ମେଳାରେ ସ୍ଥାନ ପାଇଛି।



ମେଳାରେ ଦର୍ଶକ ଓ ଗ୍ରାହକଙ୍କ ସୁବିଧା ପାଇଁ ୪ଟି ସ୍ୱତନ୍ତ୍ର ପାର୍କିଂ ସ୍ଥଳର ବ୍ୟବସ୍ଥା କରାଯାଇଥିବା ବେଳେ ରିହାତି ମୂଲ୍ୟର ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ରହିଛି। ଉଦ୍‌ଘାଟନୀ ଅବସରରେ ଅତିଥିମାନଙ୍କ ସହିତ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା ଓ ନିର୍ଦ୍ଦେଶକ ବୀରଭଦ୍ର ସିଂ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ସିଟି

୨୫/୬/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୦୧,୯୪୨/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୬୩.୩୦୦ ଗ୍ରାମ୍



## ଯୁଦ୍ଧରେ ହାରିଲେ ଶିଶୁପାଳ

# ରୁକ୍ମିଣୀଙ୍କୁ ବିବାହ କଲେ ମହାପ୍ରଭୁ

ପୁରୀ,୨୫ା୬(ସମିସ)

ବିଦର୍ଭ ରାଜା ଭୀଷ୍ମକଙ୍କ କନ୍ୟା ରୁକ୍ମିଣୀ ମା' ବିମଳାଙ୍କ ଦର୍ଶନ ସାରି ଫେରୁଥିବାବେଳେ ମହାପ୍ରଭୁ ତାଙ୍କୁ ହରଣ କରି ନେଉଥିଲେ। ଏହି ସମୟରେ ବାଟ ଓଗାଳିଥିଲେ ଶିଶୁପାଳ। ଦୁହିଁଙ୍କ ମଧ୍ୟରେ ଯୁଦ୍ଧ ହେଲା। ଶେଷରେ ଶିଶୁପାଳଙ୍କୁ ପରାସ୍ତ କରି ରଥରେ ବାନ୍ଧି ରୁକ୍ମିଣୀଙ୍କୁ ବିବାହ କଲେ ମହାପ୍ରଭୁ। ଗୁରୁବାର ପବିତ୍ର ଜ୍ୟେଷ୍ଠ ଶୁକ୍ଳ ଏକାଦଶୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରୁକ୍ମିଣୀ ହରଣ ଓ ବିବାହ ନୀତି ସମ୍ପନ୍ନ ହୋଇଛି। ଏହି ଦିବସକୁ ରୁକ୍ମିଣୀ ହରଣ ଏକାଦଶୀ ମଧ୍ୟ କୁହାଯାଏ। ମହାପ୍ରଭୁଙ୍କ ବାହାଘର ପାଇଁ ଶ୍ରୀମନ୍ଦିରକୁ ଫୁଲରେ ସଜା ଯାଇଥିବାବେଳେ ସିଂହଦ୍ୱାରରେ ବାଜୁଥିଲା ଶୁଭ ଶଙ୍ଖ, ମହୁରି ଓ ତେଲିଙ୍ଗି ବାଜା।



ସକାଳ ଧୂପ ପୂଜା ବସିଥିବା ସମୟରେ ଦକ୍ଷିଣୀ ଘରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ (ଶ୍ରୀକୃଷ୍ଣ)ଙ୍କ ବେଶ ହୋଇଥିଲା। ପରେ ମଦନମୋହନ ରତ୍ନସିଂହାସନକୁ ବିଜେ ହୋଇଥିଲେ। ଭୋଗମଣ୍ଡପ ସରିବା ପରେ ମଦନମୋହନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଜୟ ବିଜୟ ଦ୍ୱାରକୁ ବିଜେ କରିଥିଲେ। ସକାଳ ଧୂପ ପୂଜା ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଶ୍ରୀଦେବୀ (ରୁକ୍ମିଣୀ)ଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ରୁକ୍ମିଣୀଙ୍କୁ ସାତପାହାଚଠାରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ମହାଲକ୍ଷ୍ମୀ ମନ୍ଦିରକୁ ନେଇଥିଲେ। ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ ପଡ଼ିଥିବା ଖଟରେ ରୁକ୍ମିଣୀ ବିଜେ ହୋଇଥିଲେ। ସେଠାରେ ରୁକ୍ମିଣୀଙ୍କ ପଞ୍ଚାମୃତ ମହାସ୍ନାନ, ମାଜଣା, ବନକଲାଗି ଏବଂ ଅଳଙ୍କାର ଲାଗି ହୋଇ ବେଶ ହୋଇଥିଲା। ଏହି ସମୟରେ ତଢ଼ାଉକରଣ ରୁକ୍ମିଣୀଙ୍କ ବିଶ୍ୱସ୍ତ ରୂପେ ତାଳପତ୍ର ଓ ଲେଖନୀ ନେଇ ଉପସ୍ଥିତ ଥିଲେ। ଭିତରଛ ମହାପାତ୍ର ଉକ୍ତ ତାଳପତ୍ର ଓ ଲେଖନୀ ନେଇ ରୁକ୍ମିଣୀଙ୍କ ଶ୍ରୀହସ୍ତ ଛୁଆଁ କରି ତଢ଼ାଉକରଣଙ୍କୁ ଦେଇଥିଲେ।

- ଫୁଲରେ ଝଲସୁଛି ଶ୍ରୀମନ୍ଦିର
- ସିଂହଦ୍ୱାରରେ ବାଜିଲା ମହୁରି, ତେଲିଙ୍ଗି ବାଜା

ତଢ଼ାଉକରଣ ରୁକ୍ମିଣୀଙ୍କ ମନୋଭାବକୁ ନେଇ ମହାପ୍ରଭୁଙ୍କ ନିକଟକୁ ଚିଟାଉ ଲେଖିଥିଲେ। ଲେଖା ସରିବା ପରେ ଭିତରଛ ମହାପାତ୍ର ଉକ୍ତ ଚିଟାଉ ନେଇ ରୁକ୍ମିଣୀଙ୍କ ଶ୍ରୀହସ୍ତ ମୁଦ କରାଇଥିଲେ। ପରେ ବିପ୍ର ବ୍ରାହ୍ମଣ ରୂପରେ ଜଣେ ସେବକ ଚିଟାଉ ନେଇ ଜୟ ବିଜୟ ଦ୍ୱାରଠାରେ ଥିବା ମହାପ୍ରଭୁଙ୍କ ନିକଟକୁ ଯାଇଥିଲେ। ସେଠାରେ ପୁରାଣ ପଣ୍ଡା, ପୂଜାପଣ୍ଡା ଓ ପାଳିଆ ଖୁଣ୍ଟିଆ ଥାଇ ବଚନିକା ହୋଇଥିଲା। ଏହାପରେ ମଦନମୋହନ ସାତପାହାଚଠାରେ ଥିବା ରଥରେ ବିଜେ କରି ବିମଳା ମନ୍ଦିର ନିକଟକୁ ଯାଇ ରୁକ୍ମିଣୀଙ୍କୁ ଅପେକ୍ଷା କରିଥିଲେ। ମହାଲକ୍ଷ୍ମୀ ମନ୍ଦିରରୁ ରୁକ୍ମିଣୀ ପାଲିଙ୍କିରେ ବିଜେ ହୋଇ ଦର୍ଶନ ପାଇଁ ବିମଳା ମନ୍ଦିରକୁ ଆସିଥିଲେ। ଦର୍ଶନ ସାରି ବାହାରକୁ ଆସିବା ସମୟରେ ମହାପ୍ରଭୁ ମନ୍ଦିର ଦ୍ୱାର ନିକଟରୁ ହରଣ କରି ରଥରେ ବସାଇ ନେଇଥିଲେ। ସରସ୍ୱତୀଙ୍କ ଦେଉଳ ସମ୍ମୁଖରେ ଶିଶୁପାଳ ପ୍ରତିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ମହାପ୍ରଭୁ ଶିଶୁପାଳଙ୍କୁ ପରାସ୍ତ କରି ରଥରେ ବାନ୍ଧି ଦେଇଥିଲେ। ଦକ୍ଷିଣୀଘରୁ ବଳଦେବ ବିମାନରେ ବିଜେ ହୋଇ ଆସି ଶିଶୁପାଳଙ୍କୁ ବନ୍ଧନମୁକ୍ତ କରିଥିଲେ। ପରେ ବଳଦେବ ଦକ୍ଷିଣୀ ଘରକୁ ଏବଂ ମଦନମୋହନ ଓ ରୁକ୍ମିଣୀ ବିବାହ ମଣ୍ଡପକୁ ବିଜେ କରିଥିଲେ। ସନ୍ଧ୍ୟାଧୂପ ପୂଜା ବସିବା ସମୟରେ ବିବାହ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଚନ୍ଦନ ଲାଗି ହୋଇଥିଲା।

## ରଥଖଳାରୁ... ତିନିରଥ ଦୁଆରବେଢ଼ା କାର୍ଯ୍ୟ ଜାରି



ପୁରୀ,୨୫ା୬(ସମିସ): ରଥ ନିର୍ମାଣ ୬୬ତମ ଦିବସରେ ପହଞ୍ଚିଛି। ତିନିରଥର ବେଦୀ ସିଂହାସନ ପ୍ରସ୍ତୁତି ପାଇଁ ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ୫ଟି ଜଗତପୃଷ୍ଠ ଶେଣୀ ପଡ଼ି କଣ୍ଟାବାଡ଼ିଆ କାର୍ଯ୍ୟ ଶେଷ ହୋଇଥିଲା। ବେଦୀ ପରିସରକୁ ବଢ଼ାଇବା ପାଇଁ ଗୁରୁବାର ତିନିରଥର ମହାରଣା ସେବକମାନେ ଶେଣୀ ପତନରେ ବେଦୀ ଉଭୟ ପାଶ୍ୱର୍ରେ ୩ଟି ଲେଖାଏଁ ୬ଟି ବାହୁଟ ଫାଳିଆ ସଂଯୋଗ କରାଯାଇଛି। ମହାରଣା ସେବକମାନେ ତିନିରଥର କନକମୁଣ୍ଡି ବସିବା ପାଇଁ ତା'ର ପୂର୍ବ ପ୍ରସ୍ତୁତି ସ୍ୱରୂପ ତିନିରଥ ୬ କାଠି ତଳ ଚାରି ପାଶ୍ୱର୍ରେ ଗୋଟିଏ ଗୋଟିଏ ୧୨ ଫୁଟିଆ ଓସାରିଆ ପଟା ବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ତିନିରଥର କନକମୁଣ୍ଡି ସେଟିଂ ପାଇଁ ଚାରି ପାଶ୍ୱର୍ରେ ୪ଟି ଲେଖାଏଁ ୧୬ଟି କାଣ୍ଡ ସେଟିଂ କରାଯାଇ କନକମୁଣ୍ଡି ସ୍ଥାପନ କରାଯିବ। ମୁଖ୍ୟ ରୂପକାର ସେବକ ଏବଂ ସହଯୋଗୀ ରୂପକାର ସେବକମାନେ ମିଶି ତିନିରଥର ପ୍ରଭାରେ ଗ୍ରୁପ୍ ଖୋଦେଇ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ତିନିରଥର ୪ଟି ଲେଖାଏଁ ୧୨ଟି ଦୁଆରବେଢ଼ାରେ ଧଳା ପ୍ରାଇମର ଦେବା କାର୍ଯ୍ୟ ଶେଷ କରି ସେଥିରେ ମୁଖ୍ୟ ଚିତ୍ରକାର ସେବକମାନେ ରାହୁ ମୁଖ ସହ ଛାୟା, ମାୟା ଚିତ୍ର ଅଙ୍କନ ଜାରି ରଖିଛନ୍ତି। ନାଟଗୋଡ଼ଗୁଡ଼ିକରେ ରଙ୍ଗ କାର୍ଯ୍ୟ ଶେଷ ହେବା ପରେ ତିନିରଥ ଦୁଆରବେଢ଼ା ରଥ ଉପରକୁ ଉଠିବ। ଚିତ୍ରକାର ସେବକମାନେ ତିନିରଥର ୨୪ଟି ନାଟ ଗୋଡ଼ରେ ରୂପ ଖୋଦେଇରେ ରଙ୍ଗ କାର୍ଯ୍ୟ ସହ ରଥ ପାଶ୍ୱର୍ ଦେବଦେବୀ ପ୍ରତିମା, ସଖୀ, ଅଁଳା, କନ୍ୟା ପଟା ଇତ୍ୟାଦିର ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ଅଂଶଗୁଡ଼ିକର ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନି ରଥର ପ୍ରଭା କଣ୍ଟା, ବେଦୀ କଣ୍ଟା ସହ ଘୋଡ଼ାବାଗିଆ, ସାରଥୀ ବାଗିଆ କଣ୍ଟା ସହ ଦୁଆରବେଢ଼ା ପାଇଁ ଚଉରସ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ପାହି ମହାରଣାମାନେ ରଥଯାତ୍ରାରେ ସେବା ପୂଜା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।

## ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଆଲୋଚନା

ପୁରୀ,୨୫ା୬(ସମିସ): ଶ୍ରୀକ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିର୍ବାସ୍ତୁ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ସମ୍ପର୍କରେ ଏକ ଆଲୋଚନାଚକ୍ର ନେବଳ ଦାସ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାମଣ୍ଡଳେଶ୍ୱର ମହନ୍ତ ରାମକୃଷ୍ଣ ଦାସ ମହାରାଜ ପାପୁଡ଼ିଆ ମଠ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ବିଶ୍ୱବିଦ୍ୟାଳୟର



କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ କହିଥିଲେ ଯେ, ସ୍ନାନଯାତ୍ରା ମହାପ୍ରଭୁଙ୍କ ଜନ୍ମ ଦିବସ ଓ ପ୍ରଥମ ଯାତ୍ରା ଭାବେ ଗ୍ରହଣ କରାଯାଇଛି। ମୁଖ୍ୟବକ୍ତା ଡ. ରାମ ଚରଣ ଦାସ କହିଥିଲେ, ଭଗବାନ ବିଷ୍ଣୁଙ୍କ ଏକ ଲୋମରୁ ମହାଦାରୁ ପ୍ରକଟ ହୋଇ ଯାହା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଭାବେ ପ୍ରକଟିତ ହୋଇଥିଲେ। ସମ୍ମାନିତ ଅତିଥି ତଳୁଛ ନୀଳକଣ୍ଠ ମହାପାତ୍ର କହିଲେ ଯେ, ସମସ୍ତ ତୀର୍ଥମାନଙ୍କରୁ ଜଳ ସଂଗୃହୀତ କରି ସ୍ନାନ ହେବା ଆବଶ୍ୟକ। ପ୍ରାରମ୍ଭରେ ପ୍ରତିଷ୍ଠାନର ସମ୍ପାଦକ ପଣ୍ଡିତ ଦୟାନିଧି ପଣ୍ଡା ଅତିଥି ପରିଚୟ, ସ୍ନାନଯାତ୍ରାର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ଡ. ବଳରାମ ଦାଶ ଗଜ ବେଶର ମହତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ମହନ୍ତ ଅଭିରାମ ଦାସ, ଡ. ଦୟାନିଧି ତ୍ରିପାଠୀ, ଅନାମ ଚନ୍ଦ୍ର ସାହୁ, ମନୋଜ ରଥ, ଭଗବାନ ସୁଆର, ପଦ୍ମନାଭ ତ୍ରିପାଠୀ ଯୋଗଦେଇ ୧୦୮ ଗଡୁ ଜଳର ମହତ୍ୱ, ମହାସ୍ନାନ, ସୁନା କୂଅର ମହତ୍ୱ ଉପରେ ବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ 'ଭାବମନ୍ଥନ' ପୁସ୍ତକର ଶୁଭ ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମକୁ ଶିବ ସୁନ୍ଦର ମିଶ୍ର ସଂଯୋଜନା କରିଥିବାବେଳେ ଶ୍ୟାମସୁନ୍ଦର ହାଲ୍‌ଦାର୍, ଘନଶ୍ୟାମ ସାହୁ, ପ୍ରଶାନ୍ତ ପାତ୍ର, ଜ୍ୟୋତି ଶଙ୍କର ଓ ପ୍ରାତଃ ଭଜନ ମଣ୍ଡଳୀ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ। ଅନୁଷ୍ଠାନ ସମ୍ପାଦକ ପଣ୍ଡିତ ଦୟାନିଧି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୀ ସହରରେ ବୋମା ଆତଙ୍କ

ପୁରୀ,୨୫ା୬(ସମିସ): ଆଗକୁ ମହାପ୍ରଭୁଙ୍କ ରଥଯାତ୍ରା। ପୁରୀରେ ଲକ୍ଷ ଲକ୍ଷର୍କ୍ଙ୍କ ସମାଗମ ହେବ। ଆଇନଶୃଙ୍ଖଳା ଏବଂ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବାବେଳେ ଗୁରୁବାର ପୁରୀ ସହରରେ ବୋମା ଆତଙ୍କ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ରାସ୍ତାକଡ଼ରେ ପଡ଼ିଥିବା ବ୍ୟାଗ୍‌କୁ କଡ଼ାକଡ଼ି ଯାଞ୍ଚ କଲା ଟାଉନ୍ ଥାନା ପୁଲିସ।

ଟାଉନ୍ ଥାନା ଅନ୍ତର୍ଗତ ଜଟିଆବାବାଜୀ ଛକ ନିକଟରେ ଅନେକ ବ୍ୟାଗ୍ ପଡ଼ିବାର ପୁଲିସ ନଜରକୁ ଆସିବା ପରେ ବ୍ୟାଗ୍ ଖୋଲି ଛାନ୍‌ଭିନ୍ କରିଥିଲା ଟାଉନ୍ ଥାନା ପୁଲିସ। ବ୍ୟାଗ୍ ଭିତରୁ ଆଧାର କାର୍ଡ, କିଛି କପଡ଼ା, କିଛି ଜୁଏଲାରୀ ଜିନିଷ, ଖାଇବା ସାମଗ୍ରୀ ଇତ୍ୟାଦି ପୁଲିସ ଦେଖିବାକୁ ପାଇଥିଲା। ତେବେ ଆଗକୁ ରଥଯାତ୍ରା ଆସୁଥିବାରୁ ଏବେଠାରୁ ପୁରୀରେ ପ୍ରବଳ ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ, ତୀର୍ଥଯାତ୍ରୀଙ୍କ ଭିଡ଼ ପରିଲକ୍ଷିତ ହେଲାଣି। ତେବେ ଜନଗହଳି ସ୍ଥାନରେ କିଏ ଏଭଳି ଏତେ ଗୁଡ଼ାଏ ବ୍ୟାଗ୍ ଛାଡ଼ିଲା ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ତେବେ ଯେକୌଣସି ଅଘଟଣର ମୁକାବିଲା ପାଇଁ ପୁରୀ ପୁଲିସ ସଦାସର୍ବଦା ପ୍ରସ୍ତୁତ ଥିବାବେଳେ ଟାଉନ୍ ଥାନା ପୁଲିସ ପାଇଥିବା ବ୍ୟାଗ୍‌କୁ ନେଇ ତଦନ୍ତ ଆରମ୍ଭ କରିଛି। ତେବେ କିଛି ବଞ୍ଜାରା ରାସ୍ତାରେ ଏହି ବ୍ୟାଗ୍ ଧରି ବସିଥିବାବେଳେ ପିସିଆର୍ ଭ୍ୟାନ୍ ଦେଖି ଦୌଡ଼ି ପଳାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

■ ଦେବଦୂତ ସାଜିଲେ ଲାଇଫ୍‌ଗାର୍ଡ

## ସମୁଦ୍ରରୁ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଉଦ୍ଧାର କଲେ

ପୁରୀ,୨୫ା୬(ସମିସ): ପୁଣିଥରେ ଲାଇଫ୍‌ଗାର୍ଡମାନଙ୍କ ତତ୍ପରତା ଜଣେ ପର୍ଯ୍ୟଟକଙ୍କ ଜୀବନ ବଞ୍ଚାଇଦେଇଛି। ରିପ୍ କରେଣ୍ଟ ଓ ଉଚ୍ଚ ଲହଡ଼ି ମାଡ଼ରେ ଗଭୀର ସମୁଦ୍ର ଭିତରକୁ ଟାଣି ହୋଇ ଯାଉଥିବା ଜଣେ ୫୧ ବର୍ଷୀୟ ପର୍ଯ୍ୟଟକଙ୍କୁ ଲାଇଫ୍‌ଗାର୍ଡମାନେ ଉଦ୍ଧାର କରିଛନ୍ତି। ଗୁରୁବାର ସକାଳେ ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣାର ସୁଜିତ୍ ସେନ୍ ସେକ୍ଟର-୯ ଅର୍ଥାତ୍ ଚୈତନ୍ୟ ଛକ ସମ୍ମୁଖ ବେଳାଭୂମିରେ ସ୍ନାନ କରୁଥିଲେ। ହଠାତ୍ ରିପ୍ କରେଣ୍ଟ ସହ ବଡ଼ ଲହଡ଼ି ମାଡ଼ରେ ଭାରସାମ୍ୟ ହରାଇ ଗଭୀର ସମୁଦ୍ର ଭିତରକୁ ଚାଲି ଯାଇଥିଲେ। ଅନ୍ୟ ପର୍ଯ୍ୟଟକମାନେ ତାଙ୍କୁ ଭିତରକୁ ଟାଣି ହୋଇଯାଉଥିବା ଦେଖି ତୁରନ୍ତ ଉଦ୍ଧାର ପାଇଁ ଲାଇଫ୍‌ଗାର୍ଡଙ୍କୁ ଡାକ ପକାଇଥିଲେ। ନିକଟରେ ଥିବା ଲାଇଫ୍‌ଗାର୍ଡ ଦେବଦୂତ ପରି ଗଭୀର ସମୁଦ୍ର ଭିତରକୁ ଲମ୍ଫ ମାରିଥିଲେ। ପ୍ରବଳ ଲହଡ଼ି ସତ୍ତ୍ୱେ ଲାଇଫ୍‌ଗାର୍ଡମାନେ କିଛି ମିନିଟ୍ ଭିତରେ ସୁଜିତ୍‌ଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି କୂଳକୁ ଆଣିଥିଲେ। ଉଦ୍ଧାର ପରେ ତାଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା। ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡ଼ିଛି।

ପୁରୀ ବେଳାଭୂମିରେ ପ୍ରାୟ ଉଚ୍ଚ ଲହଡ଼ି ଓ ରିପ୍ କରେଣ୍ଟ ଯୋଗୁଁ ପର୍ଯ୍ୟଟକମାନେ ଗଭୀର ସମୁଦ୍ର ଭିତରକୁ ଟାଣି ହୋଇ ଯାଉଛନ୍ତି। ତେଣୁ ଲାଇଫ୍‌ଗାର୍ଡମାନେ ପର୍ଯ୍ୟଟକମାନଙ୍କୁ ନିର୍ଦ୍ଧାରିତ ସ୍ନାନ ଅଞ୍ଚଳ ଭିତରେ ହିଁ ସ୍ନାନ କରିବାକୁ, ମଦ୍ୟପାନ କରି ସମୁଦ୍ରକୁ ନ ଯିବାକୁ ଏବଂ ଲାଇଫ୍‌ଗାର୍ଡଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ ଅନୁରୋଧ କରିଛନ୍ତି। ଲାଲ୍ ପତାକା ଲାଗିଥିବା ଅଞ୍ଚଳକୁ ସମ୍ପୂର୍ଣ୍ଣ ବର୍ଜନ କରିବାକୁ ପରାମର୍ଶ ଦିଆଯାଇଛି।

### ସେବାୟତଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତାଙ୍କ ବୈଠକ

## ଶୃଙ୍ଖଳିତ ନୀତିକାନ୍ତି ଓ ଦର୍ଶନକୁ ଗୁରୁତ୍ୱ

ପୁରୀ,୨୫ା୬(ସମିସ)

ଆସନ୍ତା ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ପରେ ପରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏହା ପୂର୍ବରୁ ଗୁରୁବାର ସ୍ଥାନୀୟ ସର୍କିଟ୍ ହାଉସରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ମିଶ୍ରଙ୍କ ସହ ଶ୍ରୀମନ୍ଦିର ସେବାୟତମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ନାନଯାତ୍ରା ଓ ରଥଯାତ୍ରାକୁ ଅଘଟଣ ଓ ଦୁର୍ଘଟଣାବିହୀନ ଭାବେ ଶୃଙ୍ଖଳିତ ଢଙ୍ଗରେ ସମ୍ପନ୍ନ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ସ୍ନାନଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସୁବିଧା ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ସହ ମହାପ୍ରଭୁଙ୍କ ପହଣ୍ଡି ନୀତି ଯେପରି ଠିକ୍ ସମୟରେ ହେବ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ପରମ୍ପରା ଅନୁଯାୟୀ, ହାତୀବେଶକୁ ଅକ୍ଷୁଣ୍ଣ ରଖିବା ସହ ଚୂଡ଼ାନ୍ତ ହୋଇଥିବା ନୀତିନିର୍ଘଣ୍ଟ ଅନୁସାରେ ସମସ୍ତ ନୀତିକାନ୍ତି ସମ୍ପନ୍ନ କରିବାକୁ ସେବାୟତମାନଙ୍କୁ ପରାମର୍ଶ ଦିଆଯାଇଛି। ହାତୀବେଶରେ ଠାକୁର ସଜେଇ ହେବା ପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଯେପରି କେହି ଆଡ଼ କରି ଠିଆ ନ ହେବେ ଏହାକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଆଗାମୀ ରଥଯାତ୍ରା ପ୍ରତିବର୍ଷ ଭଳି ଏଥର ମଧ୍ୟ ବିପୁଳ ଭକ୍ତ ସମାଗମ ହେବ। ତେଣୁ କିଭଳି ଅଘଟଣ ଓ ଦୁର୍ଘଟଣାବିହୀନ ଭାବେ ଯାତ୍ରା ଶେଷ ହେବ ସେଥିପାଇଁ ସମସ୍ତ ସେବାୟତଙ୍କ ସହଯୋଗ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଶ୍ରୀ ମିଶ୍ର। ପରମ୍ପରାକୁ ସମ୍ମାନ ଦେବା ସହ ପ୍ରଶାସନର ଗାଇଡ୍‌ଲାଇନ୍ ମାନିବାକୁ ସେ ଅନୁରୋଧ କରିଛନ୍ତି।

## ଶ୍ୟାମ ସେନାପତିଙ୍କୁ ରୋଟାରୀ ସମ୍ମାନ

ପୁରୀ,୨୫ା୬(ସମିସ): ରୋଟାରୀ କ୍ଲବ୍ ଅଫ୍ ଜଗନ୍ନାଥ ଧାମର ରୌପ୍ୟ ଜୟନ୍ତୀ ସମାରୋହରେ ସାହିତ୍ୟ, ସଂସ୍କୃତି, ପରିବେଶ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାଂସ୍କୃତିକ ସଂଗଠକ ତଥା ସଫଳ ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତିଙ୍କୁ 'ରୋଟାରୀ ସମ୍ମାନ-୨୦୨୬'ରେ ସମ୍ମାନିତ କରାଯାଇଛି। ଅବସରପ୍ରାପ୍ତ ରାଷ୍ଟ୍ରଦୂତ, ବୈଦେଶିକ ବ୍ୟାପାର ବିଶେଷଜ୍ଞ ତଥା ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ପରାମର୍ଶଦାତା ଦୀପକ ଭୋରା ମୁଖ୍ୟଅତିଥି, ରୋଟାରୀ ୩୨୬୨ ଜିଲ୍ଲା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ସେନାପତିଙ୍କୁ ସମ୍ମାନିତ କରିଥିଲେ। ଉତ୍ସବରେ ବହୁ ବୁଦ୍ଧିଜୀବୀ, ରୋଟାରିଆନ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ୮୬ ଦିନରେ ପ୍ରତିବାଦ ପଦଯାତ୍ରା



ପୁରୀ,୨୫ା୬(ସମିସ): ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀବାସୀ। ପ୍ରାୟ ବର୍ଷେ ହେବ ଏଭଳି ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନ କି ସରକାର କେହି ଶୁଣୁନାହାନ୍ତି। ହେଲେ ସମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ଗୁରୁବାର ଏହି ପଦଯାତ୍ରା ୮୬ ଦିନରେ ପହଞ୍ଚିଛି। କିନ୍ତୁ ହକ୍ ହାସଲ ପାଇଁ ଥକି ପଡ଼ିନାହାନ୍ତି। ସନ୍ଧ୍ୟାରେ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ମନୋରଞ୍ଜନ ରଣସିଂହ, ବିଜୟ ମିଶ୍ର, ମମତା ସ୍ୱାଇଁ, ସରସ୍ୱତୀ ପାତ୍ର, ଅରୁଣା ପଟ୍ଟନାୟକ, ପ୍ରଣତି ରାୟ, ପବିତ୍ରା ନାୟକ, ନିହାରିକା ତ୍ରିପାଠୀ, ବନିତା ଦିକ୍ଷୀତ୍, ବର୍ଷା ଦାସ, ପ୍ରତିଭା ନାୟକ, ମମତା ଦାସ, ଶିବ ସୁନ୍ଦର ମିଶ୍ର, ଜାଦବାନନ୍ଦ ରାୟ, ସୂର୍ଯ୍ୟ ରଥ, ରାଜା ମହାନ୍ତି, ନୃସିଂହ ନାଥ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ଲିଙ୍ଗରାଜ ସାହୁ, ପ୍ରଫୁଲ୍ଲ ସାହୁ, ସନ୍ତୋଷ ସେନାପତି, ଜଗନ୍ନାଥ ମହାନ୍ତି, ବିଶ୍ୱନାଥ ମିଶ୍ର, ଶିଶିର କାନ୍ତ ସତପଥୀ, କିଶୋର ଚନ୍ଦ୍ର ଦାସ, ଦୀପା ବେହେରା, ଦୀନବନ୍ଧୁ ବେହେରା, ନିରଞ୍ଜନ ପ୍ରଧାନ, ଶୁଭଶ୍ରୀ ମହାରଣା ପ୍ରମୁଖ ସାମିଲ ଥିଲେ।

## ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ନୀତି

ପୁରୀ,୨୫ା୬(ସମିସ): ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହୋଇଛି। ଠାକୁରଙ୍କ ଯାତ ଭୋଗ ସରିବା ପରେ ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇଥିଲେ। ଏହାପରେ ଦେବଦେବୀଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ପାଲିଙ୍କିକୁ ବିମାନବଡୁ ସେବକମାନେ ବିମଳା ମନ୍ଦିର ସମ୍ମୁଖରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ନେଇଥିଲେ। ମହାଜନ ସେବକମାନେ ମଦନମୋହନ ଓ ଶ୍ରୀଦେବୀଙ୍କୁ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରାଇଥିଲେ। ପୂର୍ବରୁ ଜଳକୁ ପବିତ୍ର କରାଯାଇ କୁଣ୍ଡରେ ପୂର୍ଣ୍ଣ କରାଯାଇଥିଲା। ଠାକୁର ଠାକୁରାଣୀ ସେହି ଜଳ କୁଣ୍ଡରେ ସ୍ନାନ କରିଥିଲେ। ଜଳ କୁଣ୍ଡରେ ଥିବା ଅବସ୍ଥାରେ ତାଙ୍କ ନିକଟରେ ପଞ୍ଚୋପଚାର ବିଧିରେ ଶୀତଳଭୋଗ ମଣୋହି ଏବଂ ବନ୍ଦାପନା କରାଯାଇଥିଲା। ଏହାପରେ ଠାକୁର ଠାକୁରାଣୀଙ୍କୁ ଜଳ କୁଣ୍ଡରୁ ବାହାର କରାଯିବା ପରେ ବେଶ କରାଯାଇଥିଲା। ଏହି ସମସ୍ତ ନୀତି ସାରି ମଦନମୋହନ ଓ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଭିତର ଚନ୍ଦନ ଲାଗି କାଳୀନ ଏହା ହେଉଛି ଦଶମ ଜଳକ୍ରୀଡ଼ା।

■ ପୁଲିସର ଟିଏ ଦୁର୍ନୀତି ପ୍ରସଙ୍ଗ

## ସିବିଆଇ ତଦନ୍ତ ଦାବି କଲା ଆପ୍

ପୁରୀ,୨୫ା୬(ସମିସ): ପୁଲିସ ବିଭାଗରେ ଟିଏ ବାବଦରେ ହୋଇଥିବା ଦୁର୍ନୀତିକୁ ନେଇ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଏହା ଏକ ଗୁରୁତର ଆର୍ଥିକ ଅନିୟମିତତା ହୋଇଥିବାରୁ ଏହାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ସିବିଆଇ କରୁ ବୋଲି ଦଳ ଦାବି କରିଛି। ଗୃହ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବାରୁ ଏହି ଘଟଣା ଉପରେ ସରକାରଙ୍କ ସ୍ପଷ୍ଟ ଆଭିମୁଖ୍ୟ ଜନସାଧାରଣଙ୍କ ସମ୍ମୁଖରେ ରଖାଯିବା ଆବଶ୍ୟକ ବୋଲି ଗୁରୁବାର ପୁରୀ ଜିଲ୍ଲା ଆପ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛି ଦଳ। ଏଥିସହ ଦଳ ପକ୍ଷରୁ କୁହାଯାଇଛି, ରଥଯାତ୍ରା ପରିଚାଳନା ସମ୍ପର୍କିତ ଶେଷ ସମୀକ୍ଷା ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହା ଉପରେ ନିଜର ସ୍ପଷ୍ଟ ବିବୃତ୍ତି ପ୍ରଦାନ କରନ୍ତୁ। ସେହିପରି ଯେଉଁ ସମସ୍ତ ପୁଲିସ କର୍ମଚାରୀଙ୍କର ଟିଏ ବାବଦରେ ଟଙ୍କା ବକେୟା ରହିଛି, ରଥଯାତ୍ରା ବୈଠକ ପୂର୍ବରୁ ସେହି ଅର୍ଥ ତୁରନ୍ତ ଫେରସ୍ତ କରାଯାଉ। ଯଦି ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ନିରବ ରୁହନ୍ତି ଏବଂ ଦାବିଗୁଡ଼ିକ ଉପରେ ଉଚିତ୍ ପଦକ୍ଷେପ ନିଆ ନ ଯାଏ, ତେବେ ରଥଯାତ୍ରାର ଶେଷ ସମୀକ୍ଷା ବୈଠକରେ ଆପ୍ ଏହାର ଗଣତାନ୍ତ୍ରିକ ପ୍ରତିବାଦ ଜଣାଇବ।

### ଅଘଟଣବିହୀନ ରଥଯାତ୍ରା ପାଇଁ ପ୍ରଶାସନ ସତର୍କ

# ମକ୍‌ଡ୍ରିଲ୍ ସମ୍ପନ୍ନ, ରଥଯାତ୍ରା ଏସ୍‌ଓପି ପୁସ୍ତିକା ଉନ୍ମୋଚିତ

ପୁରୀ,୨୫ା୬(ସମିସ)

ରଥଯାତ୍ରାକୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପନ୍ନ ଲାଗି ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟର ପ୍ରଥମ ମକ୍‌ଡ୍ରିଲ୍ ଗୁରୁବାର ଟାଉନ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଚଳିତ ରଥଯାତ୍ରାରେ ଅଧିକ ଶ୍ରଦ୍ଧାଳୁଙ୍କ ଯୋଗଦାନ ଆଶା କରାଯାଉଛି। ତେଣୁ ଆମକୁ ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ପରସ୍ପର ମଧ୍ୟରେ ସୁସମନ୍ୱୟ ଓ ସହଯୋଗ ଦ୍ୱାରା ଆମେ ପ୍ରତ୍ୟେକ ପରିସ୍ଥିତିକୁ ସଫଳ ଭାବେ ମୁକାବିଲା କରିପାରିବା। ପୁଲିସ, ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ବେସାମରିକ ପ୍ରତିରକ୍ଷା ବାହିନୀ ପ୍ରଭୃତିଙ୍କ ସହଯୋଗ ରଥଯାତ୍ରାରେ ଆମ ସେବା କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବ ବୋଲି



ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଥିଲେ। ମକ୍‌ଡ୍ରିଲ୍ ମାଧ୍ୟମରେ କୌଣସି ପରିସ୍ଥିତି ପାଇଁ ଆମେ ଆମର ପ୍ରସ୍ତୁତିରେ କେତେ ସକ୍ଷମ ଓ ଦକ୍ଷ ଜାଣିପାରିବା। କେଉଁଠାରେ ସମସ୍ୟା ରହୁଛି ବା ତାହାକୁ କିପରି ଆହୁରି ଭଲ ଭାବେ କମ୍ ସମୟ ମଧ୍ୟରେ କରିପାରିବା ତାହା ମଧ୍ୟ ଆମକୁ ଶିକ୍ଷା ମିଳିବ। ଗୁରୁବାର ଏହା ପ୍ରଥମ ଓ ଜୁଲାଇ ୧୦ ତାରିଖରେ ଆଉ ଥରେ ଏହାର ପୂର୍ବାଭାସ କରିବା ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।

ଏସ୍‌ପି ପ୍ରତୀକ୍ ସିଂ କୌଣସି ଘଟଣା ଘଟିଲେ କେତେ କମ୍ ସମୟରେ, କେତେ ସଠିକ୍ ଭାବେ ଆମେ କାର୍ଯ୍ୟ ନିର୍ବାହ କରୁଛନ୍ତି ତାହା ଆମକୁ ଏହି ମକ୍‌ଡ୍ରିଲ୍‌ରୁ ଶିଖିବାକୁ ମିଳୁଛି। ଏହାଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲ ଭାବେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ଶ୍ରୀ ସିଂ କହିଥିଲେ। ଓସ୍‌ଡମାର ଡିଜିଏମ୍ ସୁନୀଲ କୁମାର ସାହୁ ମକ୍‌ଡ୍ରିଲ୍‌ର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିବା ସହ ମକ୍‌ଡ୍ରିଲ୍ ପରିଚାଳନା କରିଥିଲେ। ଏହି ଅବସରରେ



ରଥଯାତ୍ରାର ଏସ୍‌ଓପି ପୁସ୍ତିକା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ ପାଢ଼ୀ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ସଚିନ ପାଟିଲ, ସୁଶୀଲ କୁମାର ମିଶ୍ର, ଦେବୀ ପ୍ରସାଦ ପ୍ରତାପ, ଏନ୍‌ଡିଆର୍‌ଏଫ୍ ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହାନଙ୍କ ସମେତ ପ୍ରମୁଖ ଅଧିକାରୀ, ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ପରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ, ମେଡିକାଲ, ପୁଲିସ, ପରିବହନ, ଆମ୍ବୁଲାନ୍ସ, ପୌର ପ୍ରଶାସନ, ସୂଚନା ଇତ୍ୟାଦି ବିଭାଗର ସମ୍ମିଳିତ ମକ୍‌ଡ୍ରିଲ୍‌ର କାର୍ଯ୍ୟକୁ ଇଣ୍ଟିଗ୍ରେଟେଡ୍ ନିୟନ୍ତ୍ରଣ କକ୍ଷ ମାଧ୍ୟମରେ ପରିଚାଳନା କରାଯାଇଥିଲା। ରଥଯାତ୍ରା ସମୟରେ କୌଣସି ଘଟଣା ଘଟିଲେ କିପରି ତାହାର ସଫଳ ମୁକାବିଲା କରାଯାଇ ପାରିବ ତାହାର କୌଶଳ ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା।

## ବାରିପଦା ସହର ପ୍ରତି ବିପଦ ୱାଟକୋ

# ଦେଢ଼ ମାସ ହେଲା ଖୋଳାଯାଇଥିବା ଗାତ ଏବେ ମରଣଯନ୍ତା

ବାରିପଦା, ୨୫ ।୬ (ସମିସ)

ପାନୀୟଜଳ ଯୋଗାଣ କାମ ନାମରେ ବାରିପଦା ସହରର ଜନସାଧାରଣଙ୍କ ଜୀବନ ସହ ଖେଳ। ୱାଟକୋର ଅବହେଳା ପାଇଁ ପାଇପ ଜଳଯୋଗାଣ ନିମନ୍ତେ ଖୋଳାଯାଇଥିବା ଗାତ ଏବେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ପାଇଁ ନାହିଁ ନ ଥିବା ଅସୁବିଧା ସୃଷ୍ଟି କରୁଛି। ଏଭଳି ଏକ ସଂଗୀନ ଚିତ୍ର ବାରିପଦା ପୌରାଞ୍ଚଳର ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ମଙ୍ଗଳା ମନ୍ଦିର ଛକ ନିକଟରେ ଦେଖିବାକୁ ମିଳିଛି। ଦେଢ଼ ମାସ ଧରି ଏହି କାର୍ଯ୍ୟ ଅଧପନ୍ତରିଆ ହୋଇପଡିଛି। ଅଭିଯୋଗ କଲେ ନା ୱାଟକୋ ଶୁଣୁଛି, ନା ବାରିପଦା ପୌରପାଳିକା ବୁଝୁଛି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଜନଗହଳିପୂର୍ଣ୍ଣ ମଙ୍ଗଳା ମନ୍ଦିର



ରାସ୍ତାରେ ପାଣି ପାଇପ୍ କାମ ପାଇଁ ପ୍ରାୟ ଦେଢ଼ ମାସ ହେବ ଏକ ବିରାଟ ଗାତ ଖୋଳି ସେମିତି ଛାଡ଼ି ଦିଆଯାଇଛି। କାମ ସରିବା ପରେ ଗାତକୁ ସୁରକ୍ଷିତ ଭାବେ ବନ୍ଦ କରିବା କଥା, କିନ୍ତୁ ଏଠାରେ ସ୍ଥିତି ସମ୍ପୂର୍ଣ୍ଣ ଓଲଟା। ରାସ୍ତାର ଠିକ୍ ବଙ୍କାଣି ସ୍ଥାନରେ ଏହି ଗାତ ଥିବାରୁ ଓ ରାସ୍ତା ଉପରେ ମାଟି ଗଦା ହୋଇଥିବାରୁ ଏହା ଯାତ୍ରୀ ଓ ଚାଳକଙ୍କ ପାଇଁ ମରଣଯନ୍ତା ପାଲଟିଛି। ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଏବେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ମଝିରେ ବ୍ୟାରିକେଡ୍ କିମ୍ବା କୋନ୍ ରଖାଯାଇଥିଲେ ସୁଦ୍ଧା ରାତି ସମୟରେ ଏହି ଅନ୍ଧାରୁଆ ବଙ୍କାଣି ରାସ୍ତାରେ ଯାତାୟାତ କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏଠାରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବିଶେଷକରି ବାଇକ୍ ଚାଳକ ଓ ପଥଚାରୀ ଅଧିକ ବିପଦର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ କୌଣସି ବଡ଼ଧରଣର ଅଘଟଣକୁ ଅପେକ୍ଷା କରିଛି କି ବୋଲି ସ୍ଥାନୀୟ ଲୋକେ କ୍ଷୋଭର ସହ ପ୍ରଶ୍ନ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯାଉ ଓ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗାତକୁ ସଠିକ୍ ଭାବେ ପୋତି ରାସ୍ତା ମରାମତି କରାଯାଉ। ଯଦି ଆଗାମୀ ଦିନରେ ଏଠାରେ କୌଣସି ଅଘଟଣ ଘଟେ, ତେବେ ଏଥିପାଇଁ ସମ୍ପୃକ୍ତ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ୱାର୍ଡବାସୀ ଚେତାବନୀ ଦେଇଛନ୍ତି।

## କଣ୍ଟିପାଳ-ରଙ୍ଗାମାଟିଆ ଜଙ୍ଗଲରୁ ମୋରମ୍ ଲୁଟ୍

ଆନନ୍ଦପୁର, ୨୫।୬(ସମିସ): ମନଇଚ୍ଛା ବିଭିନ୍ନ ସ୍ଥାନରୁ ଜେସିବି ମେସିନ ଲଗାଇ ଦିନ ଦ୍ୱିପ୍ରହରରେ ମୋରମ ଲୁଟି ନେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଆନନ୍ଦପୁର ତହସିଲ ଅନ୍ତର୍ଗତ କଣ୍ଟିପାଳର କୁଆମରା ହୁଡ଼ି ଓ ହାତୀ ନଳାରୁ ଦିନରାତି ମୋରମ ଚାଲାଣ ହେଉଛି। ପୂର୍ବରୁ ରାଇପାଳରୁ ହେଉଥିବା ପଥର ଚୋରିକୁ ପ୍ରଶାସନ ରୋକ ଲଗାଇବାରୁ ଏବେ ବେଧଡକ ଭାବେ ମୋରମ ଚାଲାଣ ହେଉଛି। ସେହିପରି ଘସିପୁରା ତହସିଲ ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମ ନିକଟ ଜଙ୍ଗଲରୁ ଆଜି ଦିନତମାମ ଜେସିବି ମେସିନ ଲଗାଇ ମୋରମ ଉତ୍ତୋଳନ କରାଯିବା ପରେ ଟ୍ରାକ୍ଟରଯୋଗେ ଚାଲାଣ କରାଯାଇଛି। ଆଜି ପୂର୍ବାହ୍ନରେ ଜେସିବି ମେସିନ ଲଗାଇ ବେଧଡ଼କ ମୋରମ ଉତ୍ତୋଳନ କରାଯାଇଥିଲା। ୬ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ଯୋଗେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିର୍ମାଣ ହେବାକୁ ଥିବା ଫାର୍ମହାଉସ୍ ପାଇଁ ପଠାଯାଇଥିଲା। ମୋରମ ଉତ୍ତୋଳନ



ପାଇଁ କୌଣସି ଅନୁମତି ନିଆଯାଇ ନଥିବା ଅଭିଯୋଗ ହୋଇଛି। ପ୍ରତିବାଦ କରିବାରୁ ସ୍ଥାନୀୟ ଗ୍ରାମବାସୀଙ୍କୁ ପରୋକ୍ଷରେ ଧମକ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ସେହିପରି ମୋରମ ଚାଲାଣ ବେଳେ ଶାଳ, କେନ୍ଦୁଗଛକୁ ନଷ୍ଟ କରାଯାଉଛି। ମୋରମ ଉତ୍ତୋଳନ ପରେ ବିରାଟ ଖାଲ ସୃଷ୍ଟି ହୋଇଥିବାରୁ ଏହା ବନ୍ୟଜନ୍ତୁ ଓ ଗୃହପାଳିତ ପଶୁଙ୍କ ପାଇଁ ବିପଦ ସୃଷ୍ଟି କରୁଥିବାରୁ ରାଜସ୍ୱ ଓ ଲଘୁଖଣିଜ ବିଭାଗ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜ୍ୟୋତିପୁରରେ ଆପ୍ ସମାବେଶ



ତୁରୁମୁଙ୍ଗା, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜ୍ୟୋତିପୁର ବୈତରଣୀ ନଦୀ କୂଳରେ ଥିବା ମନ୍ଦିରରେ ଗୁରୁବାର ଆମ ଆଦମୀ ପାର୍ଟିର ଏକ ସାଙ୍ଗଠନିକ ସମାବେଶ ରାଜ୍ୟ ସଙ୍ଗଠନ ସମ୍ପାଦକ ଶ୍ରୀକାନ୍ତ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ସହପ୍ରଭାରୀ ପ୍ରଭିନ୍ କବ୍ୟା ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂ, ସହପ୍ରଭାରୀ ସରୋଜ ନାଏକ, ସାଧାରଣ ସମ୍ପାଦକ ଶୁଭଙ୍କର ମହାନ୍ତି, ଜୟକୃଷ୍ଣ ନାଏକ, ଦିପୁକୁମାର ମହାନ୍ତ, ପ୍ରିୟବ୍ରତ ଆରୁକ ଅରୁଣ କୁମାର ନାଏକ, ବରଦାକାନ୍ତ କର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜ୍ୟୋତିପୁର ପଞ୍ଚାୟତ ଅଞ୍ଚଳର ୪୦ରୁ ଅଧିକ ଲୋକ ଆମ ଆଦମୀ ପାର୍ଟିରେ ସାମିଲ ହୋଇଥିଲେ। ଅଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯାଇ ନିର୍ବାଚନ ଲଢ଼ିବେ ବୋଲି ରାଜ୍ୟ ସଙ୍ଗଠନ ସମ୍ପାଦକ ଶ୍ରୀ ପାଣି କହିଛନ୍ତି।

## ଶ୍ରୀଜଗନ୍ନାଥ ଓ ହନୁମାନ ମନ୍ଦିର ପ୍ରତିଷ୍ଠା

ଆନନ୍ଦପୁର, ୨୫।୬ (ସମିସ): ବହୁ ବର୍ଷର ପ୍ରତୀକ୍ଷା, ଅଗଣିତ ଭକ୍ତଙ୍କ ଆସ୍ଥା ଏବଂ ସମସ୍ତ ଗ୍ରାମବାସୀଙ୍କ ସମ୍ମିଳିତ ଉଦ୍ୟମରେ ଘଷିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡା ପଞ୍ଚାୟତର କଇଁଶିଆରୀ ଗ୍ରାମର ନବନିର୍ମିତ ଶ୍ରୀଜଗନ୍ନାଥ ଓ ହନୁମାନ ମନ୍ଦିରର ପ୍ରତିଷ୍ଠା ତଥା ବିଜେ ମହୋତ୍ସବ ଅତ୍ୟନ୍ତ ଭକ୍ତିମୟ ଏବଂ ଆଧ୍ୟାତ୍ମିକ ପରିବେଶରେ ମହାସମାରୋହରେ ସମ୍ପନ୍ନ ହୋଇଛି। ପତିତପାବନ ଟ୍ରଷ୍ଟର ସହଯୋଗରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆଶୀର୍ବାଦ ପ୍ରାର୍ଥନା କରିବା ସହିତ ସାଧୁ ଦର୍ଶନ ବିଦ୍ୟାର୍ଥୀଙ୍କ



ତତ୍ତ୍ୱାବଧାନରେ ଚାରଣ ଗୋଷ୍ଠୀର ପୂଜ୍ୟ ସାଧୁ-ସନ୍ଥଙ୍କ ସମାବେଶ ହୋଇଥିଲା। ପୂଜ୍ୟ ସାଧୁକବୀନ୍ଦ୍ରବାବାଶରତଚନ୍ଦ୍ରସ୍ୱାଇଁପ୍ରମୋଦକୁମାରସ୍ୱାଇଁ, ଭୀମସେନବିଶ୍ୱାଳଦେବାଶିଷ ମହାନ୍ତି ମନୋରଞ୍ଜନ ନାଥ, ସୁଶାନ୍ତ କୁମାର ସ୍ୱାଇଁ ମିହିର ରଞ୍ଜନ ସ୍ୱାଇଁ, ପ୍ରେମାନନ୍ଦ ଦାସ ରାଜେଶ ସ୍ୱାଇଁ, ବୈଶାଳୀ ସ୍ୱାଇଁ, ଅନୁରାଧା ସ୍ୱାଇଁ, ଜୟନ୍ତୀ ରାଉତ, ରୀନାରାଣୀ ସ୍ୱାଇଁ, ମମତା ସ୍ୱାଇଁଙ୍କ ସମେତ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

## କଂଗ୍ରେସର 'ଶିକ୍ଷା ବଞ୍ଚାଅ, ଭବିଷ୍ୟତ ବଞ୍ଚାଅ' କାର୍ଯ୍ୟକ୍ରମ

ଆନନ୍ଦପୁର, ୨୫।୬ (ସମିସ): ଦେଶରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ନଷ୍ଟ ହେଉଛି। ଏନେଇ ଜନମତ ସୃଷ୍ଟି କରିବା ପାଇଁ କଂଗ୍ରେସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ 'ଶିକ୍ଷା ବଞ୍ଚାଅ, ଭବିଷ୍ୟତ ବଞ୍ଚାଅ' ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ମୁନିସିପାଲିଟି କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ନଗର କଂଗ୍ରେସ ସଭାପତି ହାଡିବନ୍ଧୁ ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ଏଥିରେ ବରିଷ୍ଠ ନେତା ଜୟଦେବ ଜେନା ବିଜେପି ଶାସନ କାଳରେ ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ରାହୁଲ ଗାନ୍ଧୀ କୋଟାରୁ ଆରମ୍ଭ କରିଥିବା ଶିକ୍ଷା ସଚେତନତା ଅଭିଯାନର ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଆନନ୍ଦପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଓ ବୁଥସ୍ତରୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ବିଶ୍ୱରଞ୍ଜନ ପାଣିଗ୍ରାହୀ, ରମେଶ ବାରିକ ସନ୍ତୋଷ ସାମଲ, ଅକ୍ଷୟ ମହାନ୍ତି, ନିତ୍ୟାନନ୍ଦ ସାମଲ, ଚିତ୍ତରଞ୍ଜନ ପାତ୍ର, ବିକାଶ ବଳ, ଲୀଳାବତୀ ନାଇକ, ମୁରଲୀ ବେହେରା, ଶଶି ଦାଶ, ମନ୍ମଥ ଜେନା, ବିଭୁତି ଘଡେଇ, ମଧୁସୂଦନ ମହାନ୍ତ, ଆଲୋକ ଜେନା, ସେକ ଜାକିର ଯୋଗ ଦେଇଥିଲେ।

## ଷ୍ଟ୍ରିଟ ଲାଇଟ୍ ଦୁର୍ନୀତିର ତଦନ୍ତ ଦ୍ୱିତୀୟ ଦିନରେ

ତୁରୁମୁଙ୍ଗା, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଓ ସାହାରପଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଲାଗିଥିବା ଷ୍ଟ୍ରିଟ ଲାଇଟ୍ ଦୁର୍ନୀତିର ତଦନ୍ତ ଚାଲିଛି। ଭୁବନେଶ୍ୱରରୁ ଆସିଥିବା ୨ଟି ଭିଜିଲାନ୍ସ ଟିମ ଗାଁକୁ ଗାଁ ବୁଲି ଏହି ଦୁର୍ନୀତିର ତଦନ୍ତ କରୁଛନ୍ତି। ୫ମ ଅର୍ଥ କମିଶନରୁ ଡିଆରଡିଏଙ୍କୁ ପ୍ରତି ପଞ୍ଚାୟତରୁ ୯୧ହଜାର ଲେଖାଏଁ ସେୟାର ନେଇ ଯାଜପୁରର ଏକ ଠିକାସଂସ୍ଥା ପ୍ରତି ପଞ୍ଚାୟତରେ ୧୦ଟି ଲେଖାଏ ଲାଇଟ୍ ଲଗାଇଥିଲା। ଗୁରୁବାର ପାଟଣା ବ୍ଲକର ଚାକୁଣ୍ଡାପାଳ ପଞ୍ଚାୟତ ଜହ୍ନେଇପଶି, ଖିରେଇଟାଙ୍ଗିରୀ ପଞ୍ଚାୟତର ତାଳପଦା ଗ୍ରାମ ସହ ଯମୁନାପଶି, ପଞ୍ଚାୟତର ପଦ୍ମକେଶରପୁର ଚେମଣା, ରାଜନଗର, ତୁରୁମୁଙ୍ଗା, ମୁରୁସୁଆଁ, ବୁଢ଼ିକାପୁଡି, କଣ୍ଟିଆପଡା ପଞ୍ଚାୟତ ସହ ସାହାରପଡା ବ୍ଲକ ଡାଳପକା ପଞ୍ଚାୟତର ସୁନାପଶି ଗ୍ରାମ ଓ ଦାମାହୁଦା ପଞ୍ଚାୟତର ବେଲ ସରେଇ ଗ୍ରାମରେ ତଦନ୍ତ କରିଥିବା ଜଣାପଡ଼ିଛି। ତଦନ୍ତ ସମୟରେ ବ୍ୟାପକ ଅନିୟମିତତା ଏବଂ ଟେଣ୍ଡର ନିର୍ଦ୍ଦେଶାବଳୀର ଉଲ୍ଲଂଘନର ହୋଇଥିବା ଜଣାପଡ଼ିଛି। ସରକାରୀ ପାଣ୍ଠିର ଅପବ୍ୟବହାର କରାଯାଇଥିବା ନେଇ ବୈଷୟିକ ତଦନ୍ତ ଏବଂ ଯାଞ୍ଚ କରାଯାଇଛି।

## ନୂତନ ବିଇଓଙ୍କ ଯୋଗଦାନ

କପ୍ତିପଦା,୨୫।୬ (ସମିସ): କପ୍ତିପଦା ବ୍ଲକରେ ନୂତନ ଭାବେ ପାନମଣି ବେଶ୍ରା ଯୋଗଦେଇଛନ୍ତି। ନୂତନ ବିଇଓଙ୍କୁ କପ୍ତିପଦା ପ୍ରାଥମିକ ଶିକ୍ଷକ ସଙ୍ଘ ପକ୍ଷରୁ ସ୍ୱାଗତ କରାଯାଇଛି। ନୂତନ ବିଇଓଙ୍କୁ ଶିକ୍ଷକଙ୍କ ସମସ୍ୟା ଓ ଶିକ୍ଷା କ୍ଷେତ୍ରରେ ସୁଧାର ଆଣି ବ୍ଲକର ଗୌରବ ବୃଦ୍ଧି ପାଇଁ ଉପସ୍ଥିତ ଶିକ୍ଷକ ପ୍ରତିନିଧି ଜଣାଇଥିଲେ। ଉକ୍ତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ ସଂଗଠନ ଓ ଗଣମାଧ୍ୟମ ସଂଯୋଜକ ଚକ୍ରପାଣି ଦଲେଇ, ମୟୂରଭଞ୍ଜ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ସୁବଳ କୁମାର ଶଙ୍ଖୁଆ, ସାଧାରଣ ସମ୍ପାଦକ ବିରଞ୍ଚିନାରାୟଣ ଆଚାର୍ଯ୍ୟ, ସାଙ୍ଗଠନିକ ସମ୍ପାଦକ ଶିଶିର କୁମାର ପାଢ଼ୀ, ଶିକ୍ଷକ ଚନ୍ଦନେଶ୍ୱର ମହାନ୍ତି, ନବୀନ ସେଠୀ, ପ୍ରଶାନ୍ତ ବେହେରା, ଶିକ୍ଷୟିତ୍ରୀ ପ୍ରିୟତମା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



## ଅନ୍ୟ ଧର୍ମରେ ବିବାହକୁ ବିରୋଧ ଧର୍ମକୁ ଫେରିବା ପରେ ହେଲା ବିବାହ

କପ୍ତିପଦା,୨୫।୬ (ସମିସ): ମାଙ୍କଡପଡ଼ା ପଞ୍ଚାୟତ ମହିଷିଡୁବା ଗ୍ରାମରେ ଅନ୍ୟ ଧର୍ମର ଝିଅକୁ ପ୍ରେମ ବିବାହକୁ ଗ୍ରାମବାସୀ ବିରୋଧ କରି ବାସନ୍ଦ କରିଥିଲେ। ତେବେ ଧର୍ମକୁ ଫେରିବା ପରେ ଆଦିବାସୀ ପରମ୍ପରା ଅନୁସାରେ ବିବିଧ ସମ୍ପନ୍ନ ହୋଇଛି। ମଝିଗଡ଼ିଆ ପଞ୍ଚାୟତ ମହିଷିଡୁବା ଗ୍ରାମର ପାଣ୍ଡୁ ସେନଙ୍କ ପୁଅ ରତ୍ନ ସୋରେନ (୨୫) ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସେଠାରେ ଜାନକୀ ହାଁସଦାଙ୍କ ସହିତ ତାଙ୍କର ପ୍ରେମ ହୋଇଥିଲା ଓ ପରେ ସେମାନେ ବିବାହ କରିବାକୁ ଗାଁରେ ପହଞ୍ଚିଥିଲେ। ଗାଁରେ ପହଞ୍ଚିବା



ପରେ ଜଣାପଡିଥିଲା କି ଜାନକୀ ଖ୍ରୀଷ୍ଟିଆନ ପରିବାରର। ତେଣୁ ଧର୍ମ ପରିବର୍ତ୍ତନ ନ କଲେ ବିବାହ ଅସମ୍ଭବ। ଗାଁ ମୁଖିଆଙ୍କ ନିର୍ଦ୍ଦେଶରେ ବିଧି ବ୍ୟବସ୍ଥା ଅନୁଯାୟୀ ଏକ ବିରାଟ ଉଇହୁଙ୍କାରୁ ପୁନଃ ଜନ୍ମ ନେବାକୁ ପଡିବ। ହଳଦୀ ଓ ଗଙ୍ଗା ଜଳରେ ସ୍ନାନକରି ପବିତ୍ର ହେବାପରେ ୪ଟି କୁକୁଡ଼ା, ଗୋଟିଏ ବୋଦା, ୨ଟି ହାଣ୍ଡିଆ ପୂଜା କଲେ ସ୍ୱଜାତିକୁ ଫେରିବ। ଗ୍ରାମ ମୁଖିଆ ଭୋଳାନାଥ ହାଁସଦା, ରମେଶ ହାଁସଦା, ସାଲୋ ମାରାଣ୍ଡି, ଜଗଦୀଶ ମୁର୍ମୁ ଓ ଗ୍ରାମବାସୀଙ୍କ କଥାନୁଯାୟୀ ପରିବାର ଏ ସମସ୍ତ କାମ କରିବା ପରେ ପ୍ରେମୀ ଯୁଗଳଙ୍କ ବିବାହ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି।

## ବଡ଼ଡାଲିମାରେ ଭଞ୍ଜସେନାର ମଶାଲ ଶୋଭାଯାତ୍ରା



ରାଇରଙ୍ଗପୁର, ୨୫ ।୬(ସମିସ): ରତ୍ନଗର୍ଭା ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ କରାଯିବା ଲକ୍ଷ୍ୟ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଇବା ନିମନ୍ତେ 'ଦାଦନ ହଟିବ ମୟୂରଭଞ୍ଜ ହସିବ' ସ୍ଲୋଗାନ ନେଇ ଚଳିତ ମାସ ୧୭ରୁ ଜୁଲାଇ ୧୨ ପର୍ଯ୍ୟନ୍ତ ଜିଲ୍ଲା ତମାମ ପର୍ଯ୍ୟାୟକ୍ରମେ ଅଣରାଜନୈତିକ ସଂଗଠନ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ଖିଚିଂସ୍ଥ ମା' କିଚକେଶ୍ୱରୀ ଦେବୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇସାରିଥିବା ସ୍ଥଳେ ଆଜି ତିରିଙ୍ଗ ବ୍ଲକସ୍ଥ ବଡ଼ଡାଲିମାଠାରେ ଭଞ୍ଜସେନା ବ୍ଲକ୍ ସଭାପତି ସୁନୀଲ ପାତ୍ର, ବ୍ଲକ ସାଧାରଣ ସମ୍ପାଦକ ଠାକୁର ଦାସ ମାରାଣ୍ଡିଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ଜିଲ୍ଲା କର୍ଯ୍ୟକାରୀ ସଭାପତି ଇଂ ରମଜାନ୍ ବେଗ, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦରମୋହନ ଟୁଡୁ, ଭଗବତ ହେମ୍ବ୍ରମ, ବିଘ୍ନେଶ୍ୱର୍ ବାସ୍କେ, ମହମ୍ମଦ ଅଲି ଖାନ୍, ମଧୁସୂଦନ ହେମ୍ବ୍ରମ, ଗୋବିନ୍ଦ ମୁର୍ମୁ, ଭାଗମାତ ସୋରେନ, ଶ୍ରୀରାମ ମୁର୍ମୁ, ରଜ ମୁର୍ମୁ, ସାନ ସୋରେନ, ସମୁରାମ ହେମ୍ବ୍ରମ ପ୍ରମୁଖଙ୍କ ସହିତ ସଂଗଠନର ଶତାଧିକ ଯୁବ ଛାତ୍ର ସଂଗଠକ ସାମିଲ ଥିଲେ।

## କୃଷକ କ୍ଷେତ୍ର ଦିବସ ପାଳିତ




ମହୁଲଡିହା,୨୫।୬(ସମିସ): ଠାକୁରମୁଣ୍ଡା ଟସର ସମବାୟ ସମିତିରେ କୃଷକ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ରେଶମ ବୋର୍ଡ ଅଧୀନରେ ଆଞ୍ଚଳିକ ରେଶମ ଗବେଷଣା କେନ୍ଦ୍ର ବାରିପଦା ଦ୍ୱାରା ଆୟୋଜିତ ଠାକୁରମୁଣ୍ଡା ଟସର ସମବାୟ ସମିତି ପରିସରରେ ଆୟୋଜିତ କୃଷକ କ୍ଷେତ୍ର ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଯୋଗଦେଇ ଟସର ଚାଷର ଉପକାରିତା, ଟସର ଚାଷ ହେଉଥିବା ଅସନ, ଅର୍ଜୁନ ଗଛମୂଳ ସଫାସୁତୁରା, ଚାଷ ହେଉଥିବା ଗଛଡାଳ ସାତ ଫୁଟ ଉଚ୍ଚତାରେ ସଫା କରିବାକୁ ଚାଷୀଙ୍କୁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ଡଃ ସବୁଜ ଗାଙ୍ଗୁଲି ଯୋଗଦେଇ ଚାଷୀ କିପରି ରୋଗମୁକ୍ତ ଅଣ୍ଡା ବିହନ ନେଇ ଚାଷ କରି ବିଶେଷ ଭାବେ ଉପକୃତ ହେବେ, ସେ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ବୈଜ୍ଞାନିକ ଡଃ ସ୍ୱାତିଗା ଜି ଯୋଗଦେଇ ଟସର ଚାଷର ନୂତନ ପ୍ରଣାଳୀ ଓ ଜଙ୍ଗଲି କିଟ ଦାଉରୁ ଟସର ପୋକକୁ କିପରି ରକ୍ଷା କରିପାରିବା ସେ ବିଷୟରେ ଆଲୋଚନା କରିଥିଲେ। ଠାକୁରମୁଣ୍ଡା ଟସର ସମବାୟ ସମିତିର ସମ୍ପାଦକ ପ୍ରଦୀପ ପ୍ରଧାନ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନାରେ ଚାଷୀ କିପରି ଲାଭବାନ ହୋଇପାରିବେ, ସେ ବିଷୟରେ ଆଲୋଚନା କରିଥିଲେ। ୧୧୫ ଜଣ ଟସର ଚାଷୀ ଅଂଶଗ୍ରହଣ କରିଥିବାବେଳେ ବସନ୍ତ କୁମାର ମହାନ୍ତ ସହଯୋଗ କରିଥିଲେ। ବରିଷ୍ଠ ସହାୟକ ଭାରତୀ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ତ୍ରୀକୁ ହତ୍ୟା; ସ୍ୱାମୀ ଗିରଫ

ଯୋଡ଼ା, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଗୁରୁଡ଼ା ଗ୍ରାମରେ ଜଣେ ସ୍ୱାମୀ ନିଜ ସ୍ତ୍ରୀକୁ ହତ୍ୟା କରିଛି। ବାମେବାରୀ ଥାନାଧିକାରୀ ଝସକେତନ ଭୋଇଙ୍କ ସୂଚନା ଅନୁଯାୟୀ, ଗୁରୁଡ଼ା ଗ୍ରାମର ରାଉତ ମୁଣ୍ଡା ନିଜ ସ୍ତ୍ରୀ ପଉଡି ମୁଣ୍ଡାକୁ ପାରିବାରିକ କଳହରୁ ପିଟି ପିଟି ହତ୍ୟା କରିଛି। ଏନେଇ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ରାସ୍ତା ଜାମ୍‌କୁ ଅଭିଭାବକଙ୍କ ଅଭିଯୋଗ; ବୈଠକରେ ସମାଧାନର ପ୍ରତିଶ୍ରୁତି

ଯୋଡ଼ା, ୨୫।୬ (ସମିସ): ଜିନ୍ଦଲ ପ୍ଲାଣ୍ଟ ଅଞ୍ଚଳ ସମୀପରେ ଦୀର୍ଘଦିନ ଧରି ଲାଗିରହିଥିବା ରାସ୍ତା ଜାମ ସମସ୍ୟାକୁ ନେଇ ସ୍ଥାନୀୟ ଅଭିଭାବକ ଓ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଶେଷ କରି ବିଲେଇପଡାଠାରୁ ଜିନ୍ଦଲ ପ୍ଲାଣ୍ଟ ପର୍ଯ୍ୟନ୍ତ ରାସ୍ତାରେ ଲାଗି ରହୁଥିବା ଜାମ ଯୋଗୁଁ ସାଧାରଣ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେଉଛି। ସ୍କୁଲ ବସ ଯାଇପାରୁ ନଥିବାରୁ ଅଭିଭାବକମାନେ ଅଧିକ କ୍ଷୁବ୍ଧ ହୋଇପଡିଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ଅଭିଭାବକମାନେ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ଅନୁରୋଧ କରିଥିଲେ। ଘଟଣାକୁ ଗୁରୁତ୍ୱର ସହ ନେଇ ଦେଓଝର ଓ ବିରିକଳା ପଞ୍ଚାୟତର ପ୍ରତିନିଧି ଏବଂ ସ୍ଥାନୀୟ ବାସିନ୍ଦାମାନେ ଜିନ୍ଦଲ କମ୍ପାନୀର ୟୁନିଟ୍ ହେଡଙ୍କ ସହ ବୈଠକ କରିଥିଲେ। ବୈଠକରେ ସ୍ଥାନୀୟ ଲୋକମାନେ ରାସ୍ତା ଜାମ ଯୋଗୁଁ ଉପୁଜୁଥିବା ନାନା ସମସ୍ୟା, ବିଶେଷ କରି ସ୍କୁଲ ବସ ଚଳାଚଳରେ ବାଧା, ଜରୁରୀ ସେବା ପ୍ରଭାବିତ ହେବା ଓ ସାଧାରଣ ଲୋକଙ୍କ ଦୈନନ୍ଦିନ ଯାତାୟାତରେ ଅସୁବିଧା ବିଷୟ ଉଠାଇଥିଲେ। ବୈଠକରେ କମ୍ପାନୀର ୟୁନିଟ୍ ହେଡ୍ ସମସ୍ତ ଅଭିଯୋଗ ଓ ଦାବିକୁ ଧୈର୍ଯ୍ୟର ସହ ଶୁଣିଥିବା ସହ ରାସ୍ତା ଜାମ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। ଭବିଷ୍ୟତରେ ଏପରି ସମସ୍ୟା ପୁନରାବୃତ୍ତି ନ ହେବା ପାଇଁ କମ୍ପାନୀ ପକ୍ଷରୁ ସମନ୍ୱିତ ପଦକ୍ଷେପ ନିଆଯିବ




ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ, ସ୍ଥାନୀୟ ଲୋକମାନେ ସ୍ପଷ୍ଟ କରିଛନ୍ତି ଯେ ଯଦି ଯୁକ୍ତିସଙ୍ଗତ ସମୟ ମଧ୍ୟରେ ରାସ୍ତା ଜାମ ସମସ୍ୟାର ସମାଧାନ ନ ହୁଏ, ତେବେ ଦେଓଝର ଓ ବିର୍କଳା ପଞ୍ଚାୟତର ଲୋକମାନେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧ୍ୟ ହେବେ। ବର୍ତ୍ତମାନ କମ୍ପାନୀ ପକ୍ଷରୁ କେବେ ଓ କିପରି ସ୍ଥାୟୀ ସମାଧାନ କାର୍ଯ୍ୟକରୀ ହେଉଛି, ତାହାକୁ ନେଇ ସମସ୍ତଙ୍କ ନଜର ରହିଛି।

## ରିଲିଭ ହେବା ପରେ ବି ବଦଳି ସ୍ଥାନକୁ ଯାଉନାହାନ୍ତି ବିଡିଓ


ଉଦଳା,୨୫।୯ (ସମିସ): କପ୍ତିପଦା ବ୍ଲକ ବିଡିଓ ତାଙ୍କ ବଦଳି ହୋଇଥିବା ସ୍ଥାନରେ ଯୋଗ ଦେଉନାହାନ୍ତି। ଯାହାକୁ ନେଇ ପୂର୍ବରୁ ଜିଲ୍ଲାପାଳଙ୍କୁ କପ୍ତିପଦା ଜନସାଧାରଣଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିବାବେଳେ ଆଜି କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କପ୍ତିପଦାବାସୀଙ୍କ ସହିତ ବିଜେଡି ମଧ୍ୟ ସାମିଲ ହୋଇ ଦାବିପତ୍ର ପ୍ରଦାନ କରିଛି। କପ୍ତିପଦା ବ୍ଲକର ନୂତନ ବିଡିଓ ଭାବେ ସଲମା ସୋରେନ ଯୋଗଦାନ କରିବା ପାଇଁ ମେ ୨୭ ତାରିଖରେ ଅର୍ଡର ବାହାରିଥିଲା। ଫଳରେ କପ୍ତିପଦା ବିଡିଓ ରେଶମା ଟେଟେ ରିଲିଭ ମଧ୍ୟ ହୋଇଛନ୍ତି। ହେଲେ ସେ ବ୍ଲକ ଛାଡି ଯାଉନାହାନ୍ତି ଓ ନୂତନ ବିଡିଓ ଯୋଗ ଦେଇପାରୁନାହାନ୍ତି। ଫଳରେ କପ୍ତିପଦା ବ୍ଲକରେ ଉନ୍ନୟନ କାମ ବାଧାପ୍ରାପ୍ତ ହେଉଛି। ସେହିପରି ଆସିଷ୍ଟାଣ୍ଟ ଇଞ୍ଜିନିୟର ସଦାଶିବ ବେହେରା ମଧ୍ୟ ବଦଳି ପରେ ଯାଉନାହାନ୍ତି। ତେଣୁ ଉଭୟଙ୍କୁ ତୁରନ୍ତ ବ୍ଲକ୍‌ରୁ ବଦଳି କରିବା ଦାବି ନେଇ କପ୍ତିପଦା ଜନସାଧାରଣ ଓ ବିଜେଡି ପକ୍ଷରୁ ଆଜି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୧୦ ଦିନ ମଧ୍ୟରେ ଯଦି ଏହାର ସମାଧାନ ନ ହୁଏ, ତେବେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସ୍ଲରି ପାଇପ୍ ଫାଟି କ୍ଷୟକ୍ଷତି; ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ



ଯୋଡ଼ା, ୨୫।୬(ସମିସ)

ସୁଲଭ ଦର ଓ ସୁରକ୍ଷିତ ଭାବେ ଖଣିଜ ପରିବହନ ନିମନ୍ତେ ଯୋଡ଼ା ଖଣି ମଣ୍ଡଳରୁ ଅନେକ ଖଣି ଓ ଶିଳ୍ପ କମ୍ପାନୀ ସ୍ଲରି ପାଇପକୁ ଆପଣେଇଥିବା ବେଳେ ଯୋଡ଼ା ବ୍ଲକ କାଳିମାଟି ଅଞ୍ଚଳରେ ସ୍ଲରି ପାଇପ୍ ଫାଟି ଅନେକ କ୍ଷୟକ୍ଷତି ସୂଚନା ମିଳିଛି। ପାଇପ୍‌ଲାଇନ ବିଛାଇ ସାରିବା ପରେ ଏହାକୁ ପରୀକ୍ଷା କରୁଥିବା ବେଳେ କିଛି ସ୍ଥାନରେ ଛିଦ୍ର ହୋଇଯିବା ଦ୍ୱାରା ପାଣି ମିଶ୍ରିତ ଖଣିଜ ଛିଟିକି ପଡିଥିଲା। ଯ'ଦ୍ୱାରା ଅଞ୍ଚଳ ପୁରା କାଦୁଅ ଓ ଧୂଳିରେ ଭର୍ତ୍ତି ହେବା ଦ୍ୱାରା କିଛି ସମୟ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଛିଦ୍ରରୁ ବିଦ୍ୟୁତ ବ୍ୟାଗରେ ନିର୍ଗତ ହେଉଥିବା ଲୁହା ଗୁଣ୍ଡ ବାହାରି ନିକଟରେ ଥିବା, ଗାଡି, ଘର, ଜନସାଧାରଣ ମଧ୍ୟ ଏଥିରେ ଆଘାତ ପାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଆର୍ସେଲର ମିତ୍ତଲ କମ୍ପାନୀର ସାଗାସାହିଠାରେ ଥିବା ଖଣିରୁ ସ୍ଲରି ପାଇପ ଯୋଗେ ଦୁବୁନାସ୍ଥିତ ପ୍ଲାଣ୍ଟକୁ ଖଣିଜ ପରିବହନ କରିବାକୁ ସ୍ଲରି ପାଇପ ବିଛାଇବା କାର୍ଯ୍ୟ ସାରି ଦେଇଥିବା ବେଳେ ଏହାକୁ ପ୍ରଥମ ଥର ପରୀକ୍ଷା କରିବା ପାଇଁ ଖଣିଜ ପରିବହନ ହେଉଥିଲା। ତେବେ କାଳିମାଟି ଅଞ୍ଚଳରେ ଗୁରୁବାର ଅପରାହ୍ନ ୩ଟା ସମୟରେ ହଠାତ ପାଇପରୁ ଛିଦ୍ର ହେବା ଦ୍ୱାରା ବିଦ୍ୟୁତ ବେଗରେ ଖଣିଜ ବାହାରକୁ ଛିଟିକି ପଡିଥିଲା। ରାସ୍ତା ଦେଇ ଯାଉଥିବା ଲୋକ ଆହତ ହେବା ସହ ଭୟଭୀତ ହୋଇ



ପଡ଼ିଥିଲେ। ଏକ ଅଟୋ ଚାଳକ ଆହତ ହେବା ସହ କିଛି ଦୂରକୁ ଅଟୋ ସହ ଛିଟିକି ପଡିଥିଲା। ଅଟୋଟି କ୍ଷତିଗ୍ରସ୍ତ ହୋଇଛି। ନିକଟରେ ଥିବା ଏକ ଗ୍ୟାରେଜରେ ଏକ ଡମ୍ପର ମରାମତି ନିମନ୍ତେ ଛିଡା ହୋଇଥିବା ବେଳେ ଡମ୍ପରଟି ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ଗ୍ୟାରେଜ ବି ନଷ୍ଟ ହୋଇଯାଇଛି। ଘଟଣା ଘଟିବା ଦ୍ୱାରା ଗ୍ୟାରେଜ ଓ ନିକଟରେ ଥିବା ଲୋକ ଭୟରେ ଧାଁଦୌଡ଼ କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକ କହିଛନ୍ତି ଯେ କମ୍ପାନୀ ସ୍ଲରି ପାଇପ ପରୀକ୍ଷା କରିବା ପୂର୍ବରୁ ଲୋକଙ୍କୁ ଅବଗତି କରାଇବା ସହ ଏକ ସାଇରନର ବ୍ୟବସ୍ଥା କରିବାର ଥିଲା। ଯ'ଦ୍ୱାରା ଦୁର୍ଘଟଣା ଘଟିଲେ ମଧ୍ୟ ବିଶେଷ କ୍ଷତି ହେଇ ନଥାନ୍ତା କିମ୍ବା ସ୍ଥାନୀୟ ଲୋକ ଭୟଭୀତ ହୋଇ ନ ଥାନ୍ତେ। କମ୍ପାନୀ କର୍ତ୍ତୃପକ୍ଷଙ୍କ ଖାମଖିଆଲି ପାଇଁ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।